


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-283 ◆BHUBANESWAR ◆TUESDAY ◆9 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୮୩ ◆ଭୁବନେଶ୍ୱର ◆ମଙ୍ଗଳବାର ◆୯ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


## ମଝି ସମୁଦ୍ରରେ ବୁଡ଼ିଲା ଡଙ୍ଗା | ୯୬ ମୃତ



**ହଇଜାରୁ ବର୍ତ୍ତିବା ଲାଗି କରୁଥିଲେ ପଳାୟନ**

■ **ମାପୁତୋ, ୮।୪ (ଏଜେନ୍ସି):** ପୂର୍ବ ଆଫ୍ରିକୀୟ ଦେଶ ମୋଜାମ୍ବିକରେ ବଡ଼ ଦୁର୍ଘଟଣା ଘଟିଛି। ରବିବାର ବିଳମ୍ବିତ ରାତିରେ ନାମପୁଲା ପ୍ରଦେଶର ମୋଜାମ୍ବିକ ଦ୍ୱୀପ ନିକଟସ୍ଥ ସମୁଦ୍ରରେ ଏକ ଡଙ୍ଗା ବୁଡ଼ି ଯାଇଛି। ଏହି ଦୁର୍ଘଟଣାରେ ୯୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଅନେକ ଶିଶୁ ସାମିଲ ଅଛନ୍ତି। ଅନେକ ମଧ୍ୟ ନିଖୋଜ ଅଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ରିପୋର୍ଟ ଅନୁଯାୟୀ ଏବେ ମୋଜାମ୍ବିକରେ ହଇଜା ରୋଗ ବ୍ୟାପିବାରେ ଲାଗିଛି। ୧୩, ୭୦୦ ଲୋକ ଏହି ରୋଗରେ ସଂକ୍ରମିତ ହେଲେଣି। ୩୦ରୁ ଅଧିକ ପ୍ରାଣ ହରାଇଲେଣି। ନାମପୁଲା ପ୍ରଦେଶରେ ହଇଜା ଆତଙ୍କ ସୃଷ୍ଟି କରିଛି। ଏଥିରୁ ବର୍ତ୍ତିବା ଲାଗି ଲୋକେ ପଳାୟନ କରୁଛନ୍ତି। ତେଣୁ ଭୟରେ ରବିବାର ରାତିରେ ୧୩୦ ଜଣ ଲୋକ ଏକ ମାଛ ଧରା ଡଙ୍ଗାରେ ମୋସିରୁଲରୁ ମୋଜାମ୍ବିକ ଦ୍ୱୀପକୁ ଯାତ୍ରା କରୁଥିଲା। ଡଙ୍ଗାରେ କ୍ଷମତାଠାରୁ ଢେର ଗୁଣ ଅଧିକ ଲୋକ ଯାତ୍ରା କରୁଥିଲେ। ତେଣୁ ନିୟନ୍ତ୍ରଣ ହରାଇ ଡଙ୍ଗାଟି ବୁଡ଼ି ଯାଇଥିଲା। ଏମାନଙ୍କ ମଧ୍ୟରୁ ମାତ୍ର ୫ ଜଣଙ୍କୁ ଜୀବିତ ଉଦ୍ଧାର କରାଯାଇଥିଲା। ଏହି ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। କୂଳରେ ମୃତଦେହ ରଖାଯାଇଥିବା ଦେଖିବାକୁ ମିଳୁଛି।

---

**ବିଜେପିରେ ଅମୁନି ବିଦ୍ରୋହ**

# ଆମଦାନୀ ନେତା ଅଣନିଃଶ୍ୱାସୀ

## ବରିଷ୍ଠ ନେତାଙ୍କ ଅଭିଜ୍ଞତାକୁ ଉପଯୋଗ କରିପାରୁନାହିଁ ଦଳ

■ **ଭୁବନେଶ୍ୱର, ୮।୪ (ସମିସ):** ଗତ କିଛିଦିନ ହେବ ରାଜ୍ୟ ବିଜେପିର ଅନେକ ଟାଣୁଆ ନେତା ଏବଂ ନେତ୍ରୀ ଦଳ ଛାଡ଼ିଛନ୍ତି। ସିଟିଂ ବିଧାୟକଙ୍କଠାରୁ ଆରମ୍ଭ କରି ରାଜ୍ୟ ଉପସଭାପତିଙ୍କ ପର୍ଯ୍ୟନ୍ତ ବହୁ ନେତା ଦଳର କାର୍ଯ୍ୟକଳାପରେ କଡ଼ା ଅସନ୍ତୋଷ ପ୍ରକାଶ କରି ଇସ୍ତଫା ପ୍ରଦାନ କରି ଦଳ ଛାଡ଼ିଛନ୍ତି। ପ୍ରତିପକ୍ଷ ଶିବିରରେ ଯୋଗ ଦେଇଛନ୍ତି। କେବଳ ନିର୍ବାଚନ ସମୟ ନୁହେଁ, ଏହା ପୂର୍ବରୁ ଗତ କିଛି ବର୍ଷ ହେଲା ଏହି ପ୍ରକ୍ରିୟା ଜାରି ରହିଛି । ଅନ୍ୟ ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଥିବା ଅନେକ ବରିଷ୍ଠ ନେତାଙ୍କୁ ଦଳ ଉପଯୁକ୍ତ ଉପଯୋଗ କରିପାରି ନାହିଁ। ଦୀର୍ଘଦିନ କୋଣଠେସା ହୋଇ ରହିବା ପରେ ସେମାନେ ଦଳ ଛାଡ଼ି ଚାଲି ଯାଉଛନ୍ତି। ଯାହା ରାଜ୍ୟ ବିଜେପିକୁ ସାଙ୍ଗଠନିକସ୍ତରରେ ବେଶ୍ କ୍ଷତି ପହଞ୍ଚାଇଛି।

**ନେତାଙ୍କୁ ପସନ୍ଦ ଆସୁନାହିଁ ଦଳର ପରିଚାଳନା ଶୈଳୀ**

**ଦଳରେ ମିଳୁନି ଗୁରୁତ୍ୱ, ନାହିଁ ଅଭ୍ୟନ୍ତରୀଣ ଗଣତନ୍ତ୍ର**

ଗତ ନିର୍ବାଚନ ପୂର୍ବରୁ ବିଜେପିରେ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋ, ସ୍ୱର୍ଗତଃ ଦାମୋଦର ରାଉତ, ଜୟରାମ ପାଙ୍ଗୀ, ରବି ନାରାୟଣ ପାଣି, ରଘୁନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମାତ୍ର କିଛିଦିନ ମଧ୍ୟରେ ସେମାନଙ୍କର ମୋହଭଙ୍ଗ ଘଟିଛି ଓ ସେମାନେ ଦଳ ତ୍ୟାଗ କରିଛନ୍ତି। ପରିଚାଳନା ଶୈଳୀ, ଦିଗହରା ନେତୃତ୍ୱ, ଗୋଷ୍ଠୀକନ୍ଦଳ ହିଁ ରାଜ୍ୟର ଏହି ପୁରୁଖା ନେତାଙ୍କ ଦଳ ଛାଡ଼ିବାର ପ୍ରମୁଖ କାରଣ ବୋଲି ରାଜନୀତିକ ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି। ଅନୁରୂପ ଭାବରେ ଏକ ସମୟରେ ଦଳ ପାଇଁ ସମ୍ପଦ ସାବ୍ୟସ୍ତ ହୋଇଥିବା ବିଜୟ ମହାପାତ୍ର, ଦିଲ୍ଲୀପ ରାୟଙ୍କୁ ମଧ୍ୟ ଦଳ ଉପଯୁକ୍ତ ଭାବରେ ସମ୍ମାନ ଦେଇ ନାହିଁ ଓ ଉପଯୋଗ କରିପାରି ନାହିଁ। ଦଳରେ ଥାଇ ମଧ୍ୟ ବିଜୟ ଏକପ୍ରକାର ନିରବ, ଦିଲ୍ଲୀପ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଚର୍ଚ୍ଚା ହେଉଥିଲେ ହେଁ ତାଙ୍କ ସମର୍ଥକଙ୍କ ଶିବିର ରହସ୍ୟମୟ ଭାବରେ ନିରବତା ଅବଲମ୍ବନ କରୁଛନ୍ତି। ବିଜୟ ଓ ଦିଲ୍ଲୀପ ଦଳର ପାଣିପାଗ ସହ ଖାପ ଖୁଆଇ ନପାରି ଏହି ୨୦୧୮ ମସିହାରେ ଦଳ ଛାଡ଼ିଥିଲେ । ୨୦୧୯ରେ ବିଜୟଙ୍କୁ କୌଣସି ପ୍ରକାର ମନାଇ ଦଳ ବିଧାନସଭା ଟିକଟ ଦେଇଥିଲା। ମାତ୍ର ପରାଜୟ ପରେ ସେ ଏକପ୍ରକାର ନିରବ । ଏପରିକି ଦଳର ଜଣେ ବରିଷ୍ଠ ନେତା ହୋଇଥିବା ସତ୍ତ୍ୱେ ରାଜ୍ୟ କାର୍ଯ୍ୟାଳୟରେ ବିଭିନ୍ନ ସମାବେଶ, କାର୍ଯ୍ୟକ୍ରମ ଓ ଜାତୀୟ ନେତାଙ୍କ ଗସ୍ତ ସମ୍ପର୍କରେ ତାଙ୍କୁ ସାମାନ୍ୟତମ ସୌଜନ୍ୟ ସୂଚନା ବି ମିଳେ ନାହିଁ ବୋଲି ସେ ବିଭିନ୍ନ ସମୟରେ ବିଜୟ ଅଭିଯୋଗ କରିଥିବା ନଜିର ରହିଛି ।

କଂଗ୍ରେସରୁ ଇସ୍ତଫା ଦେବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗୋ ଓ ତାଙ୍କ ପୁଅ ଶିଶିର ଗମାଙ୍ଗ ରାଜ୍ୟ ବିଜେପିରେ ଯୋଗ ଦେଇଥିଲେ। ମାତ୍ର ଦଳରେ ଅଣନିଶ୍ୱାସୀ ଅନୁଭବ କରି ୨୦୨୩ରେ ଦଳ ଛାଡ଼ିଥିଲେ ଗମାଙ୍ଗୋ ବାପ-ପୁଅ। ଦଳରେ ଅଣଦେଖା କରାଯାଉଥିବାରୁ ସେମାନେ ଦଳ ଛାଡ଼ିଥିବା କହିଥିଲେ। ସେହିପରି ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚିତ ଏବଂ ଅଭିଜ୍ଞ ରାଜନେତା ଦାମୋଦର ରାଉତ ମଧ୍ୟ ୨୦୧୯ ସାଧାରଣ ନିର୍ବାଚନ ଅବ୍ୟବହିତ ▶ପୃଷ୍ଠା-୯

---

**ପରାଜୟ ଭୟରେ ରାଜ୍ୟ ବିଜେପିର ହୀନ ରାଜନୀତି**

# ନିର୍ବାଚନ ଡ୍ୟୁଟିରେ ଥିବା ଅଧିକାରୀଙ୍କୁ ଧମକ



**ବିଜେପିକୁ ସମର୍ଥନ ନ କଲେ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ଧମକ**

**ଗଣତନ୍ତ୍ରର ସୁରକ୍ଷା ପାଇଁ ଇସିଆଇ ନିକଟରେ ଫେରାଦ ହେଲା ବିଜେଡି**

■ **ଭୁବନେଶ୍ୱର, ୮।୪ (ସମିସ):** ପରାଜୟ ଭୟରେ ବିବ୍ରତ ରାଜ୍ୟ ବିଜେପି ନେତାଙ୍କର ବାହାରିଛି ପୁରୁଣା ଅଭ୍ୟାସ। ଅତୀତରେ ବିଭିନ୍ନ ନିର୍ବାଚନ ସମୟରେ ସରକାରୀ କଳ ବିରୋଧରେ ମିଥ୍ୟା ଅଭିଯୋଗ ଆଣିବା ପରି ଏବେ ତାହାର ପୁନରାବୃତ୍ତି କରିଛନ୍ତି। ଅତି ନିମ୍ନସ୍ତରର ରାଜନୀତି ଆରମ୍ଭ କରି ଅଧିକାରୀମାନଙ୍କ ମନୋବଳ ଭାଙ୍ଗିବାକୁ ଉଦ୍ୟମ ଚଳାଇଛନ୍ତି। ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରୁଥିବା ସରକାରୀ ଅଧିକାରୀଙ୍କ ବିରୋଧରେ ନିମ୍ନରୁଚିର ଟିପ୍ପଣୀ ସହ ମିଥ୍ୟା ଅଭିଯୋଗ ଆଣିଛନ୍ତି। ଅତୀତରେ ବିଧାନସଭା ଓ ଉପ ନିର୍ବାଚନରେ ଅନୁରୂପ ଘଟଣା ଦେଖିବାକୁ ମିଳିଥିଲାଓ ଏବେ ପୁଣି ସେଇ ଢାଞ୍ଚା ଆପଣେଇଛନ୍ତି। କର୍ତ୍ତବ୍ୟରତ ସରକାରୀ ଅଧିକାରୀଙ୍କୁ ଫୋନ୍ କରି ବିଜେପିକୁ ସମର୍ଥନ ନ କଲେ କାର୍ଯ୍ୟାନୁଷ୍ଠାନ ଧମକ ଦେଉଛନ୍ତି। ଏହାର ପ୍ରତିବାଦ କରିଛି ବିଜେଡି। ଓଡ଼ିଶା ବିଜେପି ନେତାଙ୍କର ଆଦର୍ଶହୀନ ଆଚରଣ ବିରୋଧରେ ବିଜେଡି ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ଆଜି ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡଃ ସସ୍ମିତ ପାତ୍ର କହିଛନ୍ତି, ଅବାଧ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ହେଉଛି ଆମ ସମ୍ବିଧାନ ପ୍ରଦତ୍ତ ଗଣତନ୍ତ୍ରର ମୂଳଦୁଆ। ସେଥିପାଇଁ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବିଜେଡି ▶ପୃଷ୍ଠା-୯

---

**ସୁନା, ରୁପା ମୂଲ୍ୟରେ ସର୍ବକାଳୀନ ରେକର୍ଡ**

# ୭୩ ହଜାର ଛୁଇଁବ ସୁନା



**ରୁପା କିଲୋ ୮୫ ହଜାର ଛୁଇଁଲା**

■ **ନୂଆଦିଲ୍ଲୀ, ୮।୪ (ଏଜେନ୍ସି):** ସମ୍ପ୍ରତି ଘରୋଇ ବଜାରରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ଉଭୟ ଧାତୁର ମୂଲ୍ୟରେ ଦୈନିକ ପ୍ରତିଷ୍ଠା ହେଉଛି ନୂଆ ରେକର୍ଡ। ଯାହାଫଳରେ ଚଳିତ ବିବାହ ଋତୁରେ ସୁନା ଓ ରୁପା ମୂଲ୍ୟ ଆକାଶଛୁଆଁ ହୋଇଛି। ଆଜି ରାଜଧାନୀ ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୨ କ୍ୟାରେଟ୍ ସୁନା ମୂଲ୍ୟ ୬୫,୪୫୦ ଟଙ୍କା ଛୁଇଁ ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି। ସେହିପରି ଭୁବନେଶ୍ୱରରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ଐତିହାସିକ ରେକର୍ଡ ସ୍ତର ୭୨,୭୭୦ ଟଙ୍କାରେ ପହଞ୍ଚିଛି। ନୂଆଦିଲ୍ଲୀରେ ୧୦ ଗ୍ରାମ ପିଛା ୨୨ କ୍ୟାରେଟ୍ ସୁନା ମୂଲ୍ୟ ୬୫,୪୯୦ ଟଙ୍କା ଓ ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ମୂଲ୍ୟ ୭୧,୪୩୦ ଟଙ୍କା ରହିଛି। ତେବେ ଏଥିରୁ ବାଦ୍ ପଡିନି ରୁପା ଦର। ଘରୋଇ ବଜାରରେ ରୁପା ଦରରେ ଯେଉଁଭଳି ବୃଦ୍ଧି ଘଟୁଛି ତାହା ଏବେ ସୁନା ଦରକୁ ବଳିଗଲାଣି। ରୁପା ମୂଲ୍ୟ କିଲୋଗ୍ରାମ ପିଛା ୮୫ ହଜାର ଟଙ୍କା ଛୁଇଁଛି, ଯାହାକି ଏହି ଧାତୁ ମୂଲ୍ୟକୁ ଆଉ ଏକ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚାଇଛି।

---

# ଷ୍ଟକ୍ ବଜାର ପୁଞ୍ଜି ୪୦୦ ଲକ୍ଷ କୋଟି ପାର୍



**ଘରୋଇ ପୁଞ୍ଜିବଜାରରେ ଐତିହାସିକ ରେକର୍ଡ**

■ **ମୁମ୍ବଇ, ୮।୪ (ଏଜେନ୍ସି):** ନୂଆ ଶିଖର ଛୁଇଁଛି ଘରୋଇ ଷ୍ଟକ୍ ବଜାର। ସପ୍ତାହର ପ୍ରଥମ କାରବାର ଦିବସରେ ଘରୋଇ ଷ୍ଟକ୍ ବଜାରରେ ସୃଷ୍ଟି ହୋଇଛି ନୂଆ ରେକର୍ଡ। କାରଣ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍ସେକ୍ସ ୭୫ ହଜାର ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) ୨୩ ହଜାର ପଏଣ୍ଟ ନିକଟତର ହୋଇ ବଜାର କାରବାରରେ ନୂଆ ସର୍ବକାଳୀନ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହା ସହିତ ବିଏସ୍ଇର ବଜାର ପୁଞ୍ଜି ପ୍ରଥମ ଥର ପାଇଁ ୪୦୦ ଲକ୍ଷ କୋଟି ଅତିକ୍ରମ କରିଛି, ଯାହାକି ଏକ ଐତିହାସିକ ରେକର୍ଡ। ଆଜି ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ସମସ୍ତ କମ୍ପାନୀର ମିଳିତ ବଜାର ପୁଞ୍ଜି ୪,୦୦,୮୮,୭୧୬.୦୪ କୋଟି ଟଙ୍କାରେ ପହଞ୍ଚିଛି। ଦିନର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସେନ୍ସେକ୍ସ ୪୯୪.୨୮ ପଏଣ୍ଟ ବୃଦ୍ଧି ଘଟି ୭୪,୭୪୨.୫୦ ପଏଣ୍ଟରେ କାରବାର ଶେଷ ହୋଇଥିଲା। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟିରେ ୧୫୨.୬୦ ପଏଣ୍ଟ ବୃଦ୍ଧି ଘଟି ୨୨,୬୬୦.୯୫ ପଏଣ୍ଟରେ କାରବାର ବନ୍ଦ ହୋଇଥିଲା।

---

# ଭିଭି ଯାଦବ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ



■ **ଭୁବନେଶ୍ୱର, ୮।୪ (ସମିସ):** ଆଇଏଏସ ବୀରବିକ୍ରମ ଯାଦବ ହୋଇଛନ୍ତି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ। ରାଜ୍ୟ ସରକାର ତାଙ୍କୁ ବର୍ତ୍ତମାନର ଦାୟିତ୍ୱ ସହିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ଏ ସଂକ୍ରାନ୍ତ ନିର୍ଦ୍ଦେଶନାମା ଆଇନ୍ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ୧୯୯୬ ମସିହାର ଏହି ଆଇଏଏସ୍ ଅଫିସର ପୂର୍ବରୁ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନ ଦାୟିତ୍ୱରେ ରହିସାରିଛନ୍ତି।

**ଦୁଇ ଆଇପିଏସ୍‌ଙ୍କୁ ନୂଆ ଦାୟିତ୍ୱ**

## ସାର୍ଥକ ବ୍ରହ୍ମପୁର ଏସ୍‌ପି

■ **ଭୁବନେଶ୍ୱର, ୮।୪ (ସମିସ):** ବ୍ରହ୍ମପୁର ଏସପି ଭାବେ ୨୦୦୭ ବ୍ୟାଚର ଆଇପିଏସ ସାର୍ଥକ ଷଡ଼ଙ୍ଗୀ ନୂଆ ନିଯୁକ୍ତି ପାଇଛନ୍ତି। ସମାନ ବ୍ୟାଚର ଅବିନାଶ କୁମାରଙ୍କୁ ଖୋର୍ଦ୍ଧା ଏସପି ଭାବେ ଦାୟିତ୍ୱ ଦିଆଯାଇଛି। ଏହି ନିଯୁକ୍ତିକୁ ଭାରତୀୟ ନିର୍ବାଚନ କମିଶନ ଅନୁମୋଦନ ▶ପୃଷ୍ଠା-୯

---

# ପୋଲ ତଳକୁ ଖସିଲା ସ୍କୁଟି; ତିନି ମୃତ



■ **ଜି.ଉଦୟଗିରି/ରାଇକିଆ, ୮।୪ (ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ଥାନା ଅନ୍ତର୍ଗତ ମଣ୍ଡାକିଆ ପଞ୍ଚାୟତର ବୁଡ଼ାମାହା ନିକଟରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ତଳକୁ ଖସି ପଡ଼ିବାରୁ ତିନି ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଭଞ୍ଜନଗର ବିରିକୋଟ ଅଞ୍ଚଳର ବସନ୍ତ ପଣ୍ଡା (୩୦), ରାଇକିଆ ଥାନା କାଜୁରିନାଜୁର ବ୍ରହ୍ମାନନ୍ଦ ଭୋଇ (୨୫) ଓ ବେରେଡିକିଆର କୁଶଳ ଦିଗାଳ (୨୫)। ସୂଚନା ଅନୁଯାୟୀ, ରବିବାର ରାତିରେ ଏମାନେ ଦଣ୍ଡନାଚ ଦେଖିବା ପାଇଁ ଏକ ସ୍କୁଟି ଯୋଗେ ପାବୁରିଆ ଯାଇଥିଲେ। ▶ପୃଷ୍ଠା-୯




## କେନ୍ଦ୍ର ବିରୋଧରେ ଆପ୍‌ର ନିର୍ବାଚନୀ ରଣନୀତି

# 'ଜେଲ୍ କା ଜବାବ ଭୋଟ୍ ସେ' ଅଭିଯାନ ଆରମ୍ଭ

ନୂଆଦିଲ୍ଲୀ,୮।୪(ଏଜେନ୍ସି)

୨୦୨୪ ଲୋକସଭା ନିର୍ବାଚନ ପାଖେଇ ଆସୁଛି। ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆରମ୍ଭ ହେବାକୁ ଯାଉଥିବା ବେଳେ ପ୍ରାୟସବୁ ରାଜନୈତିକ ଦଳଙ୍କ ପକ୍ଷରୁ ପ୍ରଚାର ଅଭିଯାନ ଜୋରଦାର କରାଯାଇଛି। କିନ୍ତୁ ଆମ ଆଦମୀ ପାର୍ଟି(ଆପ୍) ପ୍ରମୁଖ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବେ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଜେଲରେ ରହିଥିଲା ବେଳେ ଏହି ଦଳର ପ୍ରଚାର ଅଭିଯାନ ଏବଂ ନିର୍ବାଚନୀ ରଣନୀତି ପ୍ରସ୍ତୁତିରେ କିଛିଟା ବାଧକ ସୃଷ୍ଟି ହୋଇଛି। ଏହି ମାମଲାରେ ଜଣକ ପରେ ଜଣେ ଦଳୀୟ ନେତା ଇଡି ଦ୍ୱାରସ୍ଥ ହେଉଥିବାରୁ ନିର୍ବାଚନକୁ ନେଇ ଦଳୀୟ କାର୍ଯ୍ୟକ୍ରମ ଏକପ୍ରକାର ଫିକା ପଡ଼ିଛି। ତେବେ ଏହାମଧ୍ୟରେ ଦିଲ୍ଲୀ ଏବଂ ପଞ୍ଜାବର କିଛି ଆପ୍ ନେତା ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦ୍ର ବିରୋଧରେ ପ୍ରଚାର ଅଭିଯାନ ଚଳାଇବାକୁ ଅଣ୍ଟା ଭିଡିଛନ୍ତି। ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ସାଧାରଣ ନିର୍ବାଚନ ପୂର୍ବରୁ ଗିରଫ କରାଯିବାକୁ ବିରୋଧ କରି ଆପ୍ ପକ୍ଷରୁ ଦିଲ୍ଲୀର ଜନ୍ତରମନ୍ତର ଠାରେ ଦିନିକିଆ ଉପବାସ ଆନ୍ଦୋଳନ କରାଯାଇଥିଲା ବେଳେ ସୋମବାର ଠାରୁ 'ଜେଲ କା ଜବାବ ଭୋଟ୍ ସେ' ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ଏହି ପ୍ରଚାର ଅଭିଯାନ ଦିଲ୍ଲୀ ଏବଂ ପଞ୍ଜାବରୁ ଆରମ୍ଭ କରାଯାଇଥିଲା ବେଳେ ଦେଶବ୍ୟାପି କରାଯିବ ବୋଲି ଆପ୍ ପଞ୍ଜାବ ସାଂସଦ ସନ୍ଦୀପ ପାଠକ କହିଛନ୍ତି। ବିଜେପି ନେତୃତ୍ୱ କେନ୍ଦ୍ର ସରକାର ଇଡି ଏବଂ ସିବିଆଇ ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ହାତବାରିସି କରି ବିରୋଧୀ ଦଳଙ୍କ ବିରୋଧରେ ଦମନ ଲୀଳା ଚଳାଇଛନ୍ତି। ଦେଶରେ ସାଧାରଣ ନିର୍ବାଚନ ବେଳେ କୌଣସି ନିର୍ବାଚିତ ମୁଖ୍ୟମନ୍ତ୍ରୀଙ୍କୁ ଜେଲରେ ଭର୍ତ୍ତି କରାଯିବା ପ୍ରଥମ ଘଟଣା ବୋଲି ସେ କହିଛନ୍ତି। କିନ୍ତୁ ଦେଶବାସୀ ଚଳିତ ନିର୍ବାଚନରେ ଏହାର ଉଚିତ ଜବାବ ଦେବେ। ଦେଶରେ ଗଣତନ୍ତ୍ର ବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ବିଜେପି ସରକାର ଏକଛତ୍ରବାଦ ଶାସନ ଚଳାଇଥିଲା ବେଳେ ଆଗକୁ ଏହାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ପାଠକ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ମାର୍ଚ୍ଚ ୮ ତାରିଖରେ ଦଳ ପକ୍ଷରୁ 'ସଂସଦ ମେ ଭି କେଜ୍ରିୱାଲ' ଅଭିଯାନ ଆରମ୍ଭ କରାଯାଇଥିଲା।



## ଆପ୍ ବିଧାୟକ, କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବଙ୍କୁ ଇଡି ଜେରା

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆପ୍ ବିଧାୟକ ଦୁର୍ଗେଶ ପାଠକ ଏବଂ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବ ବୈଭବ କୁମାରଙ୍କୁ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜେରା କରିଛି। । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ଯେତିକି ଲୋକଙ୍କୁ ଇଡି ଅଭିଯୁକ୍ତ ତାଲିକାରେ ସାମିଲ ରହିଛନ୍ତି ସେମାନଙ୍କ ମଧ୍ୟରେ ଏହି ଦୁଇ ଜଣ ମଧ୍ୟ ରହିଛନ୍ତି। ଏହାପୂର୍ବରୁ ଇଡି ଦୁର୍ଗେଶ ଏବଂ ବୈଭବଙ୍କୁ ପଚରାଉଚରା କରିସାରିଛି ।ତେବେ ବର୍ତ୍ତମାନ ସେମାନଙ୍କ ବିରୋଧରେ କିଛି ନୂଆ ତଥ୍ୟ ଆସିଥିବାରୁ ଇଡି ସେମାନଙ୍କୁ ଡକାଇ ପଚରାଉଚରା କରିଥିବା ଜଣାପଡ଼ିଛି।

## କେ କବିତାଙ୍କୁ ମିଳିଲାନି ଜାମିନ

ଦିଲ୍ଲୀ ଅବକାରୀ ଦୁର୍ନୀତିରେ ଗିରଫ ହୋଇ ଜେଲରେ ଥିବା ବିଆରଏସ୍ ନେତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କେ କବିତାଙ୍କୁ ଜାମିନ ମିଳିନାହିଁ। କବିତାଙ୍କୁ ଇଡି ଗତ ମାର୍ଚ୍ଚ ୧୫ ତାରିଖରେ ଗିରଫ କରିଥିଲା ବେଳେ ସେ ସେବେ ଠାରୁ ଜେଲରେ ରହିଛନ୍ତି। ସୋମବାର ତାଙ୍କର ୧୪ ଦିନିଆ ରିମାଣ୍ଡ ଶେଷ ହେବା ପରେ ତାଙ୍କୁ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯାଇଥିଲା। ୪୬ ବର୍ଷୀୟା କବିତାଙ୍କ ୧୬ ବର୍ଷର ପୁଅର ଏବେ ପରୀକ୍ଷା ଚାଲୁଥିବାରୁ ମାନସିକ ସ୍ତରରେ ଆଶ୍ୱସ୍ତି ଦେବାକୁ କବିତାଙ୍କୁ ଅନ୍ତରୀଣ ଜାମିନ ଦିଆଯାଉ ବୋଲି ତାଙ୍କ ଓକିଲ ଅଦାଲତରେ ଯୁକ୍ତି କରିଥିଲେ। କିନ୍ତୁ କବିତାଙ୍କୁ ଜାମିନ ଦିଆଗଲେ ସେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିବା ସହିତ ଅନ୍ୟ ସାକ୍ଷମାନଙ୍କୁ ପ୍ରଭାବିତ କରିବାକୁ ପଛାଇବେ ନାହିଁ ବୋଲି ଇଡି ପକ୍ଷରୁ ଅଦାଲତଙ୍କୁ କୁହାଯାଇଥିଲା। ଉଭୟ ପକ୍ଷର ଶୁଣାଣି କରି ଅଦାଲତ କବିତାଙ୍କ ଜାମିନ ଆବେଦନ ନାମଞ୍ଜୁର କରିଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ କବିତାଙ୍କ ପ୍ରମୁଖ ଭୂମିକା ରହିବା ସହିତ ତାଙ୍କ ଦ୍ୱାରା ୧୦୦ କୋଟି ଟଙ୍କାର ଲାଞ୍ଚ କାରବାର ହୋଇଛି ବୋଲି ଇଡି ଅଭିଯୋଗ ଆଣିଛି।



**● ତାମିଲନାଡୁ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

## ନିର୍ବାଚନ ପୂର୍ବରୁ ଆଉ କେତେ ଜଣଙ୍କୁ ବାନ୍ଧିବ

ନୂଆଦିଲ୍ଲୀ,୮।୪(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦେଇ ଗିରଫ ହୋଇଥିବା ତାମିଲନାଡୁର ଜଣେ ୟୁଟ୍ୟୁବରଙ୍କୁ ଜାମିନ ଦେବା ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସୋସିଆଲ ମିଡିଆରେ ମତ ମନ୍ତବ୍ୟ ରଖୁଥିବା କିମ୍ବା ସରକାରଙ୍କ ବିରୋଧରେ ଅଭିଯୋଗ ଆଣୁଥିବା ସବୁ ଲୋକଙ୍କୁ ସରକାର ଗିରଫ କରିପାରିବେ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ନିର୍ବାଚନ ପୂର୍ବରୁ ଯଦି ସରକାରଙ୍କ ବିରୋଧରେ ବିଭିନ୍ନ ସୋସିଆଲ ମିଡିଆରେ ଅଭିଯୋଗ ଅଣାଯାଏ ତେବେ ତାମିଲନାଡୁ ସରକାର କେତେ ଲୋକଙ୍କୁ ବାନ୍ଧିବେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏ ଦୁରାଇମୁରୁଗାନ ସତାଇ ନାମକ ଜଣେ ବ୍ୟକ୍ତି ତାମିଲନାଡୁ ସରକାରଙ୍କ ବିରୋଧରେ ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ବିରୋଧରେ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଟିକା ଟିପ୍ପଣୀ କରିଥିଲେ। ଏହାକୁ ନେଇ ତାଙ୍କୁ ଗିରଫ କରାଯିବା ପରେ ସେ ସ୍ଥାନୀୟ ଅଦାଲତରୁ ଜାମିନ ପାଇଥିଲେ। କିନ୍ତୁ ଏହାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚ୍ୟାଲେଞ୍ଜ କରାଯିବାରୁ ହାଇକୋର୍ଟ ସତାଇଙ୍କ ଜାମିନ ଖାରଜ କରିଦେଇଥିଲେ। ଏହାପରେ ସତାଇ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ଜାମିନକୁ କାଏମ ରଖିବା ସହିତ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ସତାଇ ତାଙ୍କର ସାମ୍ବିଧାନିକ ମୌଳିକ ଅଧିକାରର କୌଣସି ଉଲ୍ଲଙ୍ଘନ କରିନାହାନ୍ତି ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି।


## ଇଡି, ସିବିଆଇ ମୁଖ୍ୟଙ୍କ ବଦଳି ପାଇଁ ଟିଏମ୍‌ସିର ଦାବି

ନୂଆଦିଲ୍ଲୀ,୮।୪(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ସିବିଆଇ, ଏନଆଇଏ ଏବଂ ଆୟକର ଭଳି କେନ୍ଦ୍ରୀୟ ଏଜେନ୍ସି ଏବେ କେନ୍ଦ୍ର ସରକାରଙ୍କ ହାତବାରିସି ସାଜିଛନ୍ତି। ଏହି ଏଜେନ୍ସିମାନଙ୍କ କ୍ଷମତା ଅପବ୍ୟବହାର କରି କେନ୍ଦ୍ର ସରକାର ବିରୋଧୀ ଦଳଙ୍କ ଉପରେ ଦମନ ଚଳାଇଛନ୍ତି। ତେଣୁ ଏହିସବୁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ମୁଖ୍ୟମାନଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଦାବି କରି ତୃଣମୂଳ କଂଗ୍ରେସ(ଟିଏମସି) ନେତାମାନେ ସୋମବାର ମୁଖ୍ୟ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟ ସମାନାରେ ବିକ୍ଷୋଭ କରିଛନ୍ତି। ଏହି ବିକ୍ଷୋଭରେ ଟିଏମସିର ବହୁ ସାଂସଦଙ୍କ ସମେତ ଅନ୍ୟ ବରିଷ୍ଠ ନେତା ସାମିଲ ରହିଥିବା ବେଳେ ସେମାନଙ୍କ ଏକ ପ୍ରତିନିଧି ଦଳ ନିର୍ବାଚନ କମିସନଙ୍କ ସ୍ୱତନ୍ତ୍ର ନିର୍ବାଚନ କମିଟିକୁ ଭେଟି ସେମାନଙ୍କ ଦାବିପତ୍ର ଦେଇଛନ୍ତି। ଟିଏମସି ସାଂସଦ ଡିରେକ୍ ଓ' ବ୍ରିଏନ, ସାକେତ ଗୋଖଲେ ଏବଂ ସାଗରିକା ଘୋଷଙ୍କ ସମେତ ଅନ୍ୟ ବହୁ ନେତା ନିର୍ବାଚନ କମିଟିକୁ ଭେଟି ଚଳିତ ନିର୍ବାଚନରେ ପ୍ରତ୍ୟେକ ରାଜନୈତିକ ଦଳଙ୍କୁ ସମାନ ସ୍ୱାଧୀନତା ସହ ନିର୍ବାଚନ ଲଢ଼ିବା ଲାଗି ନ୍ୟାର୍ଯ୍ୟ ଅଧିକାର ଦିଆଯିବା ଉଚିତ ବୋଲି କହିଛନ୍ତି।

## ୧୨୦୦ ଜିଲୋଟିନ୍ ଷ୍ଟିକ୍ ଜବତ

ବେଙ୍ଗାଲୁରୁ, ୮।୪ (ଏଜେନ୍ସି): ରାମେଶ୍ୱର କାଫେ ବିସ୍ଫୋରଣର କିଛି ଦିନ ପରେ ବେଙ୍ଗାଲୁରୁ ପୁଲିସକୁ ବଡ଼ ସଫଳତା ମିଳିଛି। କର୍ଣ୍ଣାଟକ-ଆନ୍ଧ୍ରପ୍ରଦେଶ ସୀମାର କୋଲାର ନଙ୍ଗଲୀ ଗ୍ରାମରୁ ସୋମବାର ଏକ କାର୍‌ରୁ ୧୨୦୦ ଜିଲୋଟିନ ଷ୍ଟିକ୍, ୭ଟି ୱାୟର ବାକ୍ସ ଏବଂ ୬ ଡେଟୋନେଟର ଜବତ କରିଛି। ଏହି ମାମଲାରେ କାର୍ ଡ୍ରାଇଭରକୁ ଗିରଫ କରାଯାଇଛି। ଅନ୍ୟ ଜଣଙ୍କୁ ମଧ୍ୟ ଅଟକ ରଖି ପଚରାଉଚୁରା କରାଯାଉଛି। କାଫେ ବିସ୍ଫୋରଣ ମାମଲାରେ ଉଭୟଙ୍କ ସମ୍ପୃକ୍ତି ଥିଲା କି ନାହିଁ ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଏହା ପୂର୍ବରୁ ମାର୍ଚ୍ଚ ୧ ତାରିଖରେ ରାମେଶ୍ୱରମ କାଫେରେ ଆଇଇଡି ବିସ୍ଫୋରଣ ଘଟି ୯ ଜଣ ଆହତ ହୋଇଥିଲେ। ଏହି ମାମଲାରେ ଏନ୍‌ଆଇଏ ହାତକୁ ଯାଇଛି।

## ସଞ୍ଜୟଙ୍କ ଆବେଦନ ସୁପ୍ରିମକୋର୍ଟରେ ଖାରଜ



ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଗ୍ରୀ ବିବାଦ ସମ୍ବନ୍ଧିତ ମାନହାନୀ ମାମଲାରେ ଆମ ଆଦମୀ ପାର୍ଟି (ଆପ୍) ନେତା ସଞ୍ଜୟ ସିଂଙ୍କ ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହି ମାମଲାରେ ଅହମଦାବାଦର ମେଟ୍ରୋପଲିଟାନ କୋର୍ଟ ତାଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଏହା ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ସୂଚନା ଅନୁଯାୟୀ ଆପ୍ ନେତା ପ୍ରଧାନମନ୍ତ୍ରୀଙ୍କ ଡିଗ୍ରୀକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଗୁଜରାଟ ୟୁନିଭର୍ସିଟି ତାଙ୍କ ବିରୋଧରେ ମାନହାନୀ ମାମଲା ରୁଜୁ କରିଥିଲା। ଟ୍ରାଏଲ କୋର୍ଟ ଏହି ମାମଲାରେ ସମନ ଜାରି କରିବା ସମୟରେ ସଞ୍ଜୟ ସିଂହ ମଦ ନୀତି ଦୁର୍ନୀତି ମାମଲାରେ ଜେଲ୍‌ରେ ଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କ କାର୍ ଧକ୍କାରେ ଜଣେ ମୃତ

ବେଙ୍ଗାଲୁରୁ, ୮।୪ (ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେଙ୍କ କାର୍ ଧକ୍କା ଦେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ବେଙ୍ଗାଲୁରୁର କେଆରପୁରମ ନିକଟରେ ସୋମବାର ସକାଳେ ଏହି ଦୁର୍ଘଟଣା ଘଟିଛି। ଏଥିରେ ପ୍ରାଣ ହରାଇଥିବା ବ୍ୟକ୍ତି ବିଜେପି କର୍ମୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ କେନ୍ଦ୍ରମନ୍ତ୍ରୀଙ୍କ କାର୍‌ର ଡୋର୍ ଖୋଲା ରହିଥିଲା। ଏହି ଡୋର୍ ସହ ବିଜେପି କର୍ମୀ ପ୍ରକାଶଙ୍କ ସ୍କୁଟି ମାଡ଼ ହୋଇଥିଲା। ଏହା ପରେ ଅନ୍ୟ ଏକ ଗାଡ଼ି ତାଙ୍କୁ ଚାପି ଚାଲି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। କେନ୍ଦ୍ରମନ୍ତ୍ରୀ ଏହାକୁ ଦୁର୍ଭାଗ୍ୟଜନକ କହିଛନ୍ତି। ପ୍ରକାଶଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ତାଙ୍କ ଯାହା କରାଯାଇପାରିବ ତାହା କରିବେ ବୋଲି କହିଛନ୍ତି।

**● ୯ ଲକ୍ଷ ଟଙ୍କା ପାଇଁ ବଇରୀ ସାଜିଲା ବନ୍ଧୁ**

## ଇଞ୍ଜିନିୟରିଂ ଛାତ୍ରୀଙ୍କୁ ହତ୍ୟା

ପୁନେ, ୮।୪ (ଏଜେନ୍ସି): ପୁଣେରୁ ଗତ ୩୦ ତାରିଖରେ ନିଖୋଜ ଥିବା ୨୨ ବର୍ଷୀୟ ଇଞ୍ଜିନିୟରିଂ ଛାତ୍ରୀ ଭାଗ୍ୟଶ୍ରୀ ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଛି। ଅହମଦନଗରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମହାରାଷ୍ଟ୍ର ପୁଲିସ ଏହି ମାମଲାରେ ରବିବାର ଶିବମ ଫୁଲୱାଲେ, ସାଗର ଯାଦବ ଏବଂ ସୁରେଶ ଇନ୍ଦୁରିକୁ ଗିରଫ କରିଛି। ଶିବମ ଭାଗ୍ୟଶ୍ରୀଙ୍କ କଲେଜ ବନ୍ଧୁ। ସମସ୍ତେ ଟଙ୍କା ପାଇଁ ତାଙ୍କୁ ଅପହରଣ କରି ଅହମଦନଗର ନେଇଥିଲେ। ଏଠାରେ ତାଙ୍କ ମାତାପିତାଙ୍କୁ ଫୋନ୍ କରି ୯ ଲକ୍ଷ ଟଙ୍କା ମାଗିଥିଲେ। ପରେ ତଣ୍ଟି ଚିପି ଭାଗ୍ୟଶ୍ରୀଙ୍କୁ ହତ୍ୟା କରି ପୋତି ଦେଇଥିଲେ। ହତ୍ୟାକାରୀ ଯୁବତୀଙ୍କ ଫୋନ୍‌ରୁ ସିମ୍‌କାର୍ଡ ବାହାର କରି ଦେଇଥିଲେ। ପରିବାର ଲୋକ ଯୁବତୀଙ୍କ ସହ ଯୋଗାଯୋଗ କରିପାରି ନ ଥିଲେ।

**ମୁସ୍‌ଲିମ୍ ଲିଗ୍‌କୁ ନେଇ ମୋଦୀଙ୍କ ଟିପ୍ପଣୀ**

## ଇସି'ଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

ନୂଆଦିଲ୍ଲୀ,୮।୪(ଏଜେନ୍ସି)

ନିକଟରେ କଂଗ୍ରେସ ଘୋଷଣା କରିଥିବା ଦଳୀୟ ନିର୍ବାଚନୀ ଇସ୍ତାହାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁସଲିମ ଲିଗ୍ ଚିନ୍ତାଧାରା ସହ ତୁଳନା କରିଥିଲେ। ବିଭିନ୍ନ ସଭା ସମିତିରେ ମୋଦୀ ଏହାକୁ ବର୍ଣ୍ଣନା କରିଥିଲା ବେଳେ ଏହାକୁ ନେଇ ବିବାଦ ତେଜିଛି। ପୂର୍ବରୁ କଂଗ୍ରେସ ମୋଦୀଙ୍କ ଟିପ୍ପଣୀକୁ ତୀବ୍ର ବିରୋଧ କରିଥିଲା ବେଳେ ସୋମବାର ଏହି ଘଟଣାକୁ ନେଇ ନିର୍ବାଚନ କମିସନ(ଇସି)ଙ୍କ ଦ୍ୱାରସ୍ଥ ହୋଇଛି। ମୋଦୀଙ୍କ ବୟାନ ପାଇଁ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କଂଗ୍ରେସ ଦାବି କରିଛି।

ଉଲ୍ଲେଖଯୋଗ୍ୟ ଯେ,ରାଜସ୍ଥାନରେ ଏକ ଜନସଭାରେ ମୋଦୀ ଗତ ୬ ତାରିଖରେ ନିଜ ବକ୍ତବ୍ୟରେ କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ମିଥ୍ୟାର ଗନ୍ତାଘର ବୋଲି କହିବା ସହିତ ଏଥିରେ ମୁସଲିମ୍ ଲିଗ୍‌ର ଛାପ ରହିଛି ବୋଲି କହିଥିଲେ। ଏହାର ପ୍ରତିଟି ପୃଷ୍ଠା ଭାରତକୁ ଭାଗ ଭାଗ କରିବା ପାଇଁ ପ୍ରସ୍ତୁତ ହୋଇଛି ବୋଲି କହିଥିଲେ। ମୋଦୀଙ୍କ ଏଭଳି ଟିପ୍ପଣୀକୁ ନେଇ କଂଗ୍ରେସ ତୀବ୍ର ବିରୋଧ କରିଥିଲା



ବେଳେ ବିଜେପି ଆଗାମୀ ନିର୍ବାଚନରେ ୧୮୦ ଆସନରେ ଜିତିବ କି ନାହିଁ ଦ୍ୱନ୍ଦ୍ୱରେ ଥିବାରୁ ମୋଦୀ ଭୟଭୀତ ହୋଇ ଦେଶବାସୀଙ୍କୁ ଭୁଲାଇବାକୁ ଉଦ୍ୟମ କରୁଛନ୍ତି ବୋଲି କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ କହିଛନ୍ତି।

**ମମତାଙ୍କ ଜମି କବ୍‌ଜା କରିବା ମାମଲା**

## କେନ୍ଦ୍ରମନ୍ତ୍ରୀ ଶାନ୍ତନୁଙ୍କ ବିରୋଧରେ ଏତଲା

କୋଲକାତା, ୮।୪ (ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କ ବିରୋଧରେ ପଶ୍ଚିମବଙ୍ଗ ପୁଲିସ ଏତଲା ରୁଜୁ କରିଛି। ତାଙ୍କୁ ଖୁଡ଼ି ତଥା ଟିଏମ୍‌ସି ସାଂସଦ ମମତା ବାଲା ଠାକୁରଙ୍କ ଅଭିଯୋଗ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବନଗାଁଓ ସ୍ଥିତି ଘରକୁ ଶାନ୍ତନୁ ଜୋର ଜବରଦସ୍ତ କବ୍‌ଜା କରିବାକୁ ପ୍ରୟାସ କରିଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଶାନ୍ତନୁ କହିଛନ୍ତି ଯେ ମମତାଙ୍କ ଅଭିଯୋଗ ଆଧାରହୀନ। ସେ ନିଜକୁ ଉକ୍ତ ଘରର ଆଇନଗତ ଉତ୍ତରାଧିକାରୀ କହିଛନ୍ତି। ଏହା ସତ୍ତ୍ୱେ ମମତା ଉକ୍ତ ଘରକୁ କବ୍‌ଜା କରି ରଖିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ରବିବାର ଶାନ୍ତନୁଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ସେ ଠାକୁରନଗର ସ୍ଥିତ ଘରର ତାଲା ଭାଙ୍ଗୁଥିବା ଦେଖା ଯାଇଥିଲା।

**ଚନ୍ଦ୍ରବାବୁଙ୍କ ବିଚିତ୍ର ନିର୍ବାଚନୀ ପ୍ରତିଶ୍ରୁତି**

## କ୍ଷମତାକୁ ଆସିଲେ ଲୋକଙ୍କୁ କମ୍ ଦାମରେ କ୍ୱାଲିଟି ମଦ

ବିଶାଖାପାଟନମ୍,୮।୪(ଏଜେନ୍ସି)

ସାଧାରଣ ନିର୍ବାଚନ ସମୟ ପାଖେଇ ଆସୁଥିବା ବେଳେ ଏବେ ସବୁ ରାଜ୍ୟରେ ରାଜନୈତିକ ମାହୋଲ ସରଗରମ ହେବା ସହିତ ପ୍ରଚାର ଅଭିଯାନ ଜୋରଦାର ହୋଇଛି। ବିଭିନ୍ନ ଦଳ ପକ୍ଷରୁ ନିର୍ବାଚନୀ ଇସ୍ତାହାର ଘୋଷଣା କରାଯାଇ ଭୋଟରଙ୍କୁ ପ୍ରତିଶ୍ରୁତିରେ ପୋତି ଦିଆଯାଉଛି। ଏହିକ୍ରମରେ ଆନ୍ଧ୍ର ପ୍ରଦେଶରେ ତେଲୁଗୁ ଦେଶମ ପାର୍ଟି ପକ୍ଷରୁ ପ୍ରଚାର ଆରମ୍ଭ କରାଯାଇଥିଲା ବେଳେ ଦଳୀୟ ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କ ଏକ ବିଚିତ୍ର ପ୍ରତିଶ୍ରୁତିକୁ ନେଇ ବିଭିନ୍ନ ମହଲରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଚନ୍ଦ୍ରବାବୁ ଆନ୍ଧ୍ରପ୍ରଦେଶର କୁପମ ଆସନରୁ ପ୍ରାର୍ଥୀ ହୋଇଛନ୍ତି । ସେ ସୋମବାର କୁପମରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରିବା ସମୟରେ ଭୋଟରଙ୍କୁ ଅନ୍ୟ କିଛି ନୁହେଁ, ବରଂ ମଦ ପାଇଁ ଲୋଭ ଦେଖାଇଛନ୍ତି । ସେ କହିଛନ୍ତି ଯେ, ତାଙ୍କ ଦଳ କ୍ଷମତାକୁ ଫେରିଲେ ତାଙ୍କ ସରକାର ଭୋଟର୍‌ଙ୍କୁ କ୍ୱାଲିଟି ବା ଉନ୍ନତମାନର ମଦ ଯୋଗାଇଦେବ ।ସେ ଆହୁରି କହିଛନ୍ତି, ଜଗନ ରେଡ୍ଡି ସରକାର ବେଳେ ମଦ ମୂଲ୍ୟ ୬୦ ଟଙ୍କାରୁ ୨୦୦ ଟଙ୍କା କୁ ବୃଦ୍ଧି ପାଇଛି । ଏହି ସରକାର ନିମ୍ନ ମାନର ମଦ ବିକ୍ରି କରି ଲୋକଙ୍କ ଠାରୁ ଅଧିକ ଦାମ୍ ନେଉଛି। ନିମ୍ନ ମାନର ମଦ ପିଇଲେ ଲୋକେ ଅସୁସ୍ଥ ହୋଇପଡ଼ିବେ। ତେଣୁ ତାଙ୍କ ସରକାର ଆସିଲେ ଲୋକଙ୍କୁ କମ୍ ଦାମରେ ଭଲ ମଦ ଯୋଗାଇ ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଚନ୍ଦ୍ରବାବୁଙ୍କ ଏଭଳି ପ୍ରତିଶ୍ରୁତିକୁ ନେଇ ବିଭିନ୍ନ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। କେବଳ ଚନ୍ଦ୍ରବାବୁ ନୁହନ୍ତି, ତାମିଲନାଡୁରେ ଜଣେ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ଭୋଟରଙ୍କୁ ମଦକୁ ନେଇ ପ୍ରତିଶ୍ରୁତି ଦେବା ସହିତ ମାସିକ ୧୦ ଲିଟର ମାଗଣା ମଦ ଯୋଗାଇ ଦେବାକୁ କହିଛନ୍ତି।



**ସିଜେଆଇଙ୍କ ଟିପ୍ପଣୀ**

## ବିନା ନିଷ୍ପତ୍ତିରେ ମାମଲା ସଂରକ୍ଷିତ ରଖିବା ଭୁଲ୍

ନୂଆଦିଲ୍ଲୀ, ୮।୪ (ଏଜେନ୍ସି)

ମାମଲା ଗୁଡ଼ିକୁ ମାସ ମାସ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖିବା ନେଇ ବିଚାରପତିଙ୍କ ଆଭିମୁଖ୍ୟ ଉପରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋମବାର ଏକ ମାମଲାର ଶୁଣାଣି ସମୟରେ ସିଜେଆଇ କହିଛନ୍ତି ଯେ ବିଚାରପତି ନିଷ୍ପତ୍ତି ନ ଶୁଣାଇ କୌଣସି ମାମଲାକୁ ୧୦ ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ସଂରକ୍ଷିତ କରି ରଖୁଛନ୍ତି। ଏହା ଚିନ୍ତାର ବିଷୟ। ଦୀର୍ଘ ସମୟ ପରେ ମାମଲାରେ ଶୁଣାଣି ହେଉଥିବାରୁ ପୂର୍ବଥର ଦିଆଯାଇଥିବା ମୌଖିକ ଟିପ୍ପଣୀର କୌଣସି ମୂଲ୍ୟ ରହି ନ ଥାଏ। ବିଚାରପତି ମଧ୍ୟ ଅନେକ କଥା ଭୁଲି ଯାଇଥାନ୍ତି। ଏହି ମାମଲାକୁ ନେଇ ସିଜେଆଇ ସମସ୍ତ ହାଇକୋର୍ଟଙ୍କୁ ଚିଠି ଲେଖିଛନ୍ତି। ଚିଠି ଲେଖାଯିବା ପରେ ଅନେକ ବିଚାରପତି ମାମଲାକୁ ଡି-ରିଜର୍ଭ କରି କରି ରଖୁଛନ୍ତି। ମାମଲାକୁ ତାଲିକାଭୁକ୍ତ କରି ଆଂଶିକ ଭାବେ ଶୁଣାଣି କରୁଛନ୍ତି। ଦେଶର ଅଧିକାଂଶ ହାଇକୋର୍ଟରେ ଏପରି ହେବନି ବୋଲି ସିଜେଆଇ, ଜଷ୍ଟିସ ଜେବି ପାରଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି। କୋର୍ଟ ଖୁବଶୀଘ୍ର ମାମଲାର ସମାଧାନ କରନ୍ତୁ। ସଂକ୍ଷିପ୍ତ ଶୁଣାଣି ପରେ ପୁଣିଥରେ ତାଲିକାଭୁକ୍ତ କରନ୍ତୁ।



**କେନ୍ଦ୍ରୀୟ ବିଦ୍ୟାଳୟର ନୂଆ ନିୟମ**

## ପ୍ରତି କ୍ଲାସ୍‌ରୁ ହ୍ରାସ ପାଇଲା ୮ଟି ଲେଖାଏଁ ସିଟ୍

ନୂଆଦିଲ୍ଲୀ, ୮।୪ (ଏଜେନ୍ସି)

ରାଜ୍ୟ ବଦଳାଇଲେ ଘରୋଇ କର୍ମଚାରୀଙ୍କ ଶିଶୁଙ୍କୁ ଟ୍ରାନ୍ସଫର ସୁବିଧା ମିଳିବନି

କେନ୍ଦ୍ରୀୟ ବିଦ୍ୟାଳୟ (କେଭି) ପ୍ରତି କ୍ଲାସ୍‌ରୁ ୮ଟି ଲେଖାଏଁ ସିଟ୍ କମ୍ କରିଦେଇଛି। କେଭି ପକ୍ଷରୁ ଜାରି ନାମଲେଖା ବିଜ୍ଞପ୍ତିରେ ୩୨ ସିଟ୍ ପାଇଁ ଆବେଦନ ମଗାଯାଇଛି। ଏ ପର୍ଯ୍ୟନ୍ତ ପ୍ରାଇମେରିରୁ ହାୟର ସେକେଣ୍ଡାରୀ (ପ୍ରାଥମିକରୁ ଉଚ୍ଚ ମାଧ୍ୟମିକ) ପର୍ଯ୍ୟନ୍ତ ସବୁ କ୍ଲାସରେ ୪୦ଟି ଲେଖାଏଁ ସିଟ୍ ରହୁଥିଲା। ସେହିପରି ଟ୍ରାନ୍ସଫର ନୀତିରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଘରୋଇ କ୍ଷେତ୍ରର କର୍ମଚାରୀଙ୍କ ପାଇଁ ନିୟମକୁ କଠୋର କରିଦିଆଯାଇଛି। ଏଭଳି କ୍ଷେତ୍ରରେ କାମ କରୁଥିବା ଅଭିଭାବକଙ୍କ ଅନ୍ୟ ରାଜ୍ୟକୁ ବଦଳି ହେଲେ ଶିଶୁକୁ ଅନ୍ୟ ରାଜ୍ୟକୁ ଟ୍ରାନ୍ସଫର କରିବାକୁ ଅନୁମତି ମିଳିବ ନାହିଁ। ମାତ୍ର ସରକାରୀ କର୍ମଚାରୀଙ୍କ ସନ୍ତାନଙ୍କୁ ଏହି ସୁବିଧା ମିଳିବା ଜାରି ରହିବ। ସୂଚନାଯୋଗ୍ୟ ଯେ କେନ୍ଦ୍ରୀୟ ବିଦ୍ୟାଳୟରେ ନାମ ଲେଖା ପାଇଁ ପ୍ରତି ବର୍ଷ ଅନେକ ଛାତ୍ରଛାତ୍ରୀ ଆବେଦନ କରିଥାନ୍ତି। ଏଭଳି ସ୍ଥିତିରେ ସିଟ୍ ହ୍ରାସ ପାଇଲେ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପାଇଁ ସମସ୍ୟା ସୃଷ୍ଟି ହେବ। ସୂଚନା ଅନୁଯାୟୀ ଅଧିକ ଛାତ୍ରଛାତ୍ରୀ ହେଉଥିବାରୁ ଶିକ୍ଷକ ତାଙ୍କ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଇପାରନ୍ତି ନାହିଁ। ତେଣୁ ଛାତ୍ରଛାତ୍ରୀଙ୍କ କ୍ଷମତା ହ୍ରାସ ଘଟିଥାଏ। ଏଥିପାଇଁ ସିଟ୍ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଏହାକୁ ନେଇ ଛାତ୍ରଛାତ୍ରୀ ଏବଂ ତାଙ୍କ ପରିବାର ସଦସ୍ୟ ନିରାଶ ହୋଇଛନ୍ତି।

କେଭିରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଆବେଦନ ୧ ତାରିଖରୁ ଆରମ୍ଭ ହୋଇଯାଇଛି। ୧୫ ତାରିଖ ପର୍ଯ୍ୟନ୍ତ ଏଥିପାଇଁ ଆବେଦନ କରିହେବ। ୧୯ ତାରିଖରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ପ୍ରଥମ ତାଲିକା ପ୍ରକାଶ ପାଇବ।




**● ଭାରତ ଜୈନ ବିଶ୍ୱର ଧନୀ ଭିକାରୀ**

## ୭ କୋଟି ଟଙ୍କାର ମାଲିକ

ମୁମ୍ବାଇ, ୮।୪ (ଏଜେନ୍ସି): ସାଧାରଣତଃ ଭିକ୍ଷା ବୃତ୍ତିକୁ ଗରିବୀ ଏବଂ ନିରାଶର ସଙ୍କେତ ଭାବେ ଦେଖା ଯାଇଥାଏ। ଅନେକ ଲୋକ ଭିକ ମାଗିବାକୁ ମଧ୍ୟ ହୀନ ଦୃଷ୍ଟିରୁ ଦେଖିଥାନ୍ତି। ତେବେ କିଛି ଲୋକ ଏହି ବୃତ୍ତିକୁ ଲାଭଜନକ ବ୍ୟବସାୟ ଭାବେ ଦେଖୁଛନ୍ତି। ଏମାନଙ୍କ ମଧ୍ୟରେ ମୁମ୍ବାଇର ଭାରତ ଜୈନ (୫୪) ସାମିଲ ଅଛନ୍ତି। ସେ ବିଶ୍ୱର ସବୁଠାରୁ ଧନୀ ଭିକାରୀ ହୋଇଛନ୍ତି। ଆଇଆଇଏମ କୋଲକାତାରୁ ପାଠ ପଢ଼ିଥିବା ଜୈନଙ୍କ ମୋଟ ସମ୍ପତ୍ତି ୭.୫ କୋଟି ଟଙ୍କା। ସେ ଭିକାରୀଙ୍କ ଏକ ବଡ଼ ସାମ୍ରାଜ୍ୟ ଛିଡ଼ା କରିଥିବା ମଧ୍ୟ ସୂଚନା ମିଳିଛି। ସେ ଅନେକ ଭିକାରୀଙ୍କୁ ନିଯୁକ୍ତି ଦେଇ ଦୈନିକ ଆୟର ୨୦ ପ୍ରତିଶତ ରାଶିକୁ କମିଶନ ଭାବେ ନେଉଛନ୍ତି। ସେ ୪୦ ବର୍ଷ ହେଲା ମୁମ୍ବାଇରେ ଭିକ ମାଗୁଛନ୍ତି। ସେ ଦିନକୁ ୨୫୦୦ରୁ ୩୦୦୦ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି। ମୁମ୍ବାଇରେ ତାଙ୍କର ବହୁମୂଲ୍ୟ ସମ୍ପତ୍ତି ରହିଛି। ପରେଲରେ ୧.୨ କୋଟି ଟଙ୍କାର ୨ ବିଏଚକେ ଫ୍ଲାଟ ରହିଛି। ସେ ସ୍ତ୍ରୀ, ପିଲାଛୁଆ, ଭାଇ ଏବଂ ବାପାଙ୍କ ସହ ଏଠାରେ ରହୁଛନ୍ତି। ଜୈନ ନିଜ ପିଲାଙ୍କୁ ବଡ଼ ଘରୋଇ ସ୍କୁଲ୍‌ରେ ପାଠ ପଢ଼ାଉଛନ୍ତି। କିନ୍ତୁ ଜୈନଙ୍କ ପରିବାର ସଦସ୍ୟ ପୁଅର ଏହି ବୃତ୍ତିକୁ ନେଇ ଅସନ୍ତୁଷ୍ଟ ଅଛନ୍ତି।

# ବିଜେଡିରେ ଯୋଗଦେଲେ ବୌଦ୍ଧ ବିଜେପି ଓ କଂଗ୍ରେସର ଶତାଧିକ କର୍ମୀ



**ଭୁବନେଶ୍ୱର, ୮ ।୪(ସମିସ):** ବୌଦ୍ଧ ଜିଲ୍ଲା ଅନ୍ତର୍ଗତ କଣ୍ଟାମାଳ ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ସୋମବାର ଶଙ୍ଖଭବନ ଠାରେ ଆୟୋଜିତ ମିଶ୍ରଣ ପର୍ବରେ କନ୍ଧମାଳ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତ, କଣ୍ଟାମାଳ ବିଧାୟକ ମହୀଧର ରଣା, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବୌଦ୍ଧ ଜିଲ୍ଲା ପର୍ଯ୍ୟବେକ୍ଷକ ଅମରେଶ ଜେନା ସମସ୍ତଙ୍କୁ ଦଳରେ ସ୍ୱାଗତ କରିଛନ୍ତି । ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ବିଜେଡିର ସଂଗଠନ ଆହୁରି ସୁଦୃଢ଼ କରିବ ଉପସ୍ଥିତ ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ଓ କଂଗ୍ରେସ ନେତାମାନେ ପ୍ରତିକ୍ରିୟାରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପାଇଁ ଓଡ଼ିଶା ଆଜି ଗର୍ବିତ । ସବୁ କ୍ଷେତ୍ରରେ ରୂପାନ୍ତରଣ ସୁନିଶ୍ଚିତ କରିଛନ୍ତି ମୁଖ୍ୟମନ୍ତ୍ରୀ । ସାମାଜିକ କଲ୍ୟାଣ, ଭିତ୍ତିଭୂମି ନିର୍ମାଣ ସବୁଠି ରାଜ୍ୟ ସରକାରଙ୍କ ଉତ୍କର୍ଷ ସ୍ପଷ୍ଟ ବାରିହୋଇ ପଡୁଛି । ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ କହିଛନ୍ତି ।

ଏହି ମିଶ୍ରଣ ପର୍ବରେ ଯୁବ ଆଇନଜୀବୀ ଭାଗ୍ୟରଥି ମଲ୍ଲିକ, ଆମ୍ ଆଦମୀ ପାର୍ଟିର ବୌଦ୍ଧ ଜିଲ୍ଲା ସଂଯୋଜକ ଆଶିଷ ଘିବିଲା, ପୂର୍ବତନ ସମବାୟ ସଭାପତି ଓ ଶଗଡ଼ା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଅଭିମନ୍ୟୁ ନାୟକ, ପୂର୍ବତନ ସମବାୟ ନିର୍ଦ୍ଦେଶକ ଓ ଅଇଁଲାପାଲି ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ପ୍ରସନ୍ନ ବକ୍ସି, ଭାରତୀୟ ଜନତା ପାର୍ଟିର ପୂର୍ବତନ ବାଉଁଶୁଣୀ ମଣ୍ଡଳ ସାଧାରଣ ସମ୍ପାଦକ ଦାମୋଦର ମିଶ୍ର, ଭାରତୀୟ ଜନତା ପାର୍ଟିର ବାଉଁଶୁଣି ମଣ୍ଡଳ ଯୁବମୋର୍ଚ୍ଚା ସମ୍ପାଦକ ସତ୍ୟନାରାୟଣ ଡାଙ୍ଗ, ପଦ୍ମନାଭ ପ୍ରଧାନ, ନିରଞ୍ଜନ ଦେହୁରୀ, ଶଙ୍କର ସେଠୀ, ଲିଜା ସିଂ, ନନ୍ଦନ ସିଂ, ବାବୁଲୁ ପ୍ରଧାନ, ରୋହିତ ମଲ୍ଲିକ, ଲକ୍ଷ୍ମଣ ସାହୁ, ବିଘ୍ନରାଜ ନାଏକ, ସୁମନ୍ତ ମଲ୍ଲିକ, ମହନ କର୍ଣ୍ଣ, ସୁଦର୍ଶନ ଭୋଇ, ଅନ୍ତ ପ୍ରଧାନ, ସୁଶାନ୍ତ ମଲ୍ଲିକ, ପୂର୍ଣ୍ଣ କର୍ଣ୍ଣ, ସୁଦାମ ପାଣ୍ଡେ, ଦୁର୍ଯ୍ୟୋଧନ କୁମ୍ଭାର, ମହେଶ୍ୱର ପ୍ରଧାନଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିର୍ବାଚନ ଲଢ଼ିବାକୁ ଦିଲ୍ଲୀପଙ୍କ ପଥ ପରିଷ୍କାର

**ରାଉରକେଲା, ୮ ।୪ (ସମିସ):** ପୂର୍ବତନ କେନ୍ଦ୍ର କୋଇଲା ମନ୍ତ୍ରୀ ଦିଲ୍ଲୀପ ରାୟଙ୍କୁ ଦିଲ୍ଲୀ ହାଇକୋର୍ଟ ଆଶ୍ୱସ୍ତି ଦେଇଛନ୍ତି । କୋର୍ଟ ବହୁଚର୍ଚ୍ଚିତ କୋଇଲା ଦୁର୍ନୀତି ମାମଲା ଦଣ୍ଡାଦେଶ ଉପରେ ରୋକ୍ ଲଗାଇଛନ୍ତି । ଏଥରର ନିର୍ବାଚନ ଲଢ଼ିବା ପାଇଁ କୋଇଲା ଦୁର୍ନୀତି ମାମଲା ଦଣ୍ଡାଦେଶ ଉପରେ ରହିତାଦେଶ ଜାରି ପାଇଁ ନୂଆଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ଦିଲ୍ଲୀପ । ହାଇକୋର୍ଟଙ୍କ ଏହି ରାୟ ସୋମବାର ସନ୍ଧ୍ୟାରେ ପ୍ରକାଶିତ ହେବା ପରେ ଦିଲ୍ଲୀପ ନିର୍ବାଚନ ଲଢ଼ିବା ପାଇଁ ପଥ ପରିଷ୍କାର ହୋଇଛି । ତେବେ ସେ କେଉଁ ଦଳରୁ ଓ କେଉଁ ସ୍ଥାନରୁ ଲଢ଼ିବେ ବୋଲି କୌଣସି ପ୍ରତିକ୍ରିୟା ଦେଇ ନଥିବା ବେଳେ ରାଉରକେଲା ବିଧାନସଭା ଆସନରୁ ବିଜେପିରୁ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି । ଏହି ଆସନ ପାଇଁ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ପ୍ରାର୍ଥୀ ଘୋଷଣା କରିନଥିବାରୁ ଏପରି ଚର୍ଚ୍ଚା ହେଉଛି ।

ସୂଚନାଯୋଗ୍ୟ ଯେ ୧୯୯୯ ମସିହାରେ ଝାଡ଼ଖଣ୍ଡର ଗିରିଡ଼ିହସ୍ଥିତ ବ୍ରହ୍ମାଡ଼ିଆ କୋଇଲା ଖଣି ଆବଣ୍ଟନରେ ହୋଇଥିବା ଅନିୟମିତତା ମାମଲାରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ପୂର୍ବତନ କେନ୍ଦ୍ର କୋଇଲା ରାଷ୍ଟ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଥିଲେ । ଏଥିସହ ୧୦ଲକ୍ଷ ଟଙ୍କାର ଜରିମାନା ହୋଇଥିଲା । ଅଦାଲତ ଏହି ମାମଲାରେ ସେତେବେଳେ ଦୋଷୀ ସାବ୍ୟସ୍ତ ଅନ୍ୟ ଦୁଇ ପୂର୍ବତନ ସରକାରୀ ଅଧିକାରଙ୍କୁ ମଧ ୩ବର୍ଷ ଲେଖାଏଁ କାରାଦଣ୍ଡାଦେଶ ଓ ୧୦ ଲକ୍ଷ ଟଙ୍କାର ଜରିମାନାରେ ଦଣ୍ଡିତ କରିଥିଲେ । ଏହି ମାମଲାରେ ଅଦାଲତ କୋଇଲା ମନ୍ତ୍ରାଳୟର ଦୁଇ ପୂର୍ବତନ ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ବାନାର୍ଜୀ ଓ ନିତ୍ୟାନନ୍ଦ ଗୌତମ, କାଷ୍ଟ୍ରନ୍ ଟେକନୋଲୋଜି ଲିମିଟେଡର ନିର୍ଦ୍ଦେଶକ ମହେନ୍ଦ୍ର କୁମାର ଅଗ୍ରୱାଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଅଦାଲତ ମହେନ୍ଦ୍ର କୁମାର ଅଗ୍ରୱାଲଙ୍କ ମାଲିକାନାରେ ଥିବା ଦୁଇ କମ୍ପାନୀ ସିଟିଏଲ୍ ଓ



**କୋଇଲା ଦୁର୍ନୀତି ମାମଲା ଦଣ୍ଡାଦେଶ ଉପରେ ରୋକ୍ ଲଗାଇଲେ ନୂଆଦିଲ୍ଲୀ ହାଇକୋର୍ଟ**

ସିଏମଏଲକୁ ଯଥାକ୍ରମେ ୬୦ ଲକ୍ଷ ଓ ୧୦ ଲକ୍ଷ ଟଙ୍କା ଜରିମାନା କରିଥିଲେ । ସ୍ୱତନ୍ତ୍ର ସିବିଆଇ କୋର୍ଟ ସେତେବେଳେ ପୂର୍ବତନ କେନ୍ଦ୍ର କୋଇଲା ରାଷ୍ଟ୍ରମନ୍ତ୍ରୀ ଦିଲୀପ ରାୟ, କୋଇଲା ମନ୍ତ୍ରାଳୟର ଦୁଇ ପୂର୍ବତନ ବରିଷ୍ଠ ଅଧିକାରୀ ପ୍ରଦୀପ କୁମାର ବାନାର୍ଜୀ ଓ ନିତ୍ୟାନନ୍ଦ ଗୌତମ, କାଷ୍ଟ୍ରନ୍ ଟେକ୍ନୋଲୋଜି ଲିମିଟେଡର ନିର୍ଦ୍ଦେଶକ ମହେନ୍ଦ୍ର କୁମାର ଅଗ୍ରୱାଲଙ୍କୁ ଆଇପିସିର ଦଫା ୧୨୦(ଖ), ୪୨୦ ଓ ୪୦୯ ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଦଫାରେ ଦୋଷୀ ସାବ୍ୟସ୍ତ କରିଥିଲେ ।

ଉଲ୍ଲେଖଯୋଗ୍ୟ ଯେ ଅଟଳ ବିହାରୀ ବାଜପେୟୀ ସରକାରରେ ଦିଲୀପ ରାୟ କେନ୍ଦ୍ର କୋଇଲା ମନ୍ତ୍ରୀ ଥିଲା ବେଳେ ତାଙ୍କ ବିରୋଧରେ କୋଇଲା ଆବଣ୍ଟନ ନେଇ ଦୁର୍ନୀତି ଅଭିଯୋଗ ହୋଇଥିଲା । ସେ ଆଗାମୀ ଲୋକସଭା ଏବଂ ଓଡ଼ିଶା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଥିବାରୁ ତାଙ୍କ ଦୋଷୀ ସାବ୍ୟସ୍ତ ମାମଲାରେ ରହିତାଦେଶ ଦେବାକୁ ଶ୍ରୀ ରାୟ ଆବେଦନ କରିଥିଲେ । କାରଣ ସୁନ୍ଦରଗଡ଼ ତଥା ରାଉରକେଲାବାସୀଙ୍କ ସେବା ପାଇଁ ଏହା ସୁଯୋଗ ବୋଲି ସେ ପିଟିସିନରେ ଆବେଦନ କରିଥିଲେ । ମାତ୍ର ସିବିଆଇ ପକ୍ଷରୁ ବରିଷ୍ଠ ଆଇନଜୀବୀ ଆର୍.ଏସ୍ ଚିମା ଏବଂ ଓକିଲ ତାରନମ୍ ଖେମା ଏହି ନିବେଦନକୁ ବିରୋଧ କରିଥିଲେ । ଆବେଦନକାରୀ ଆଶ୍ୱସ୍ତି ପାଇବାକୁ ହକଦାର ନୁହଁନ୍ତି ବୋଲି ଅଦାଲତରେ ଦୃଢ଼ ଯୁକ୍ତି ବାଢ଼ିଥିଲେ । ଗତ ୫ତାରିଖରେ ଏହାର ଶୁଣାଣି ବେଳେ ଦିଲ୍ଲୀପ ତଥା ସିବିଆଇର ପରାମର୍ଶଦାତାଙ୍କଠାରୁ ଶୁଣାଣି ପରେ ଜଷ୍ଟିସ୍ ସ୍ୱର୍ଣ୍ଣାକାନ୍ତ ଶର୍ମା ଏହି ଆବେଦନକୁ ସଂରକ୍ଷିତ ରଖିଥିଲେ ।

# ମିଶ୍ରଣକୁ ନେଇ କଂଗ୍ରେସ ଭବନ ହୁଲସ୍ଥୁଲ

**ଭୁବନେଶ୍ୱର, ୮ ।୪(ସମିସ):** ହୁଲସ୍ଥୁଲ ହେଲା ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟ । ଜଟଣୀରୁ କଂଗ୍ରେସ ଟିକଟ ଆଶାୟୀ ସଂଗ୍ରାମ ରାଉତରାୟଙ୍କ ସମେତ ତାଙ୍କର ଶହ ଶହ ସମର୍ଥକ କଂଗ୍ରେସ ଭବନରେ ପଶି ଶକ୍ତି ପ୍ରଦର୍ଶନ କରିଛନ୍ତି । ଫଳରେ କଂଗ୍ରେସ ଭବନରେ ହେବାକୁ ଥିବା ଅନ୍ୟ ଏକ ମିଶ୍ରଣ ପର୍ବ ଭଣ୍ଡୁର ହୋଇଯାଇଛି । ସୋମବାର କଂଗ୍ରେସ ଭବନରେ କଂଗ୍ରେସ ବିଧାୟକ ସୁର ରାଉତରାୟଙ୍କ ପୁଅ ସିଦ୍ଧାର୍ଥ ରାଉତରାୟଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବାର ଥିଲା । ଜଟଣୀରୁ ଟିକଟ ଆଶାୟୀ ବିଜେପି ନେତା ସନ୍ତୋଷ ଜେନା ନିରାଶ ହେବା ପରେ କଂଗ୍ରେସରେ ଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଥିଲେ । ତାଙ୍କୁ ସିଦ୍ଧାର୍ଥ କଂଗ୍ରେସରେ ମିଶାଇବା ସହ ନିଜର ପତିଆରା ବୃଦ୍ଧି କରିବାକୁ ଯୋଜନା କରିଥିଲେ । ମାତ୍ର କଂଗ୍ରେସରୁ ଟିକଟ ଦାବିଦାର ସଂଗ୍ରାମ ରାଉତରାୟ ଏହାକୁ ବିରୋଧ କରିଥିଲେ । ସଂଗ୍ରାମ ଓ ତାଙ୍କ ସମର୍ଥକମାନେ କଂଗ୍ରେସ ଭବନରେ ହୋହଲ୍ଲା କରିଥିଲେ । ଘଟଣା ସମ୍ପର୍କରେ ଶ୍ରୀ ରାଉତରାୟ କହିଛନ୍ତି ଯେ ଜଟଣୀ କଂଗ୍ରେସକୁ ନଷ୍ଟ କରିବା ପାଇଁ ଯୋଜନା କରାଯାଉଛି । ଜଟଣୀ କଂଗ୍ରେସକୁ କ୍ଷତି ପହଞ୍ଚାଇବା ପାଇଁ ଚେଷ୍ଟା କରାଗଲେ ତାହାକୁ କେହି ବରଦାସ୍ତ କରିବେ ନାହିଁ । ସବୁ କଂଗ୍ରେସ କର୍ମୀ ଏହାର ଦୃଢ଼ ଜବାବ ଦେବେ । ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ । ସନ୍ତୋଷ ଜେନା ଜଣେ ଜମି ବ୍ୟବସାୟୀ । ତାଙ୍କୁ ଦଳରେ ମିଶାଇବାକୁ ସେ ବିରୋଧ କରୁଛନ୍ତି । ତାଙ୍କ ବ୍ୟତୀତ ଯଦି ଆଉ କାହାକୁ ଦଳ ଟିକଟ ଦିଏ ତେବେ ପରିସ୍ଥିତି ଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

**ସନ୍ତୋଷ ଜେନାଙ୍କ ଯୋଗଦାନକୁ ସଂଗ୍ରାମଙ୍କ ତୀବ୍ର ବିରୋଧ**




## ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକାର ଉଲ୍ଲଙ୍ଘନ

# ପ୍ରଚାରରେ ଛୋଟ ପିଲାଙ୍କୁ ବ୍ୟବହାର କରୁଛି ବିଜେପି

**ଭୁବନେଶ୍ୱର, ୮ ।୪(ସମିସ):** ନିର୍ବାଚନ ପ୍ରଚାର କାର୍ଯ୍ୟରେ ଛୋଟ ଛୋଟ ପିଲାଙ୍କୁ ବ୍ୟବହାର କରିବାକୁ ପଛାଇ ନାହିଁ ରାଜ୍ୟ ବିଜେପି । ନିର୍ବାଚନ ପ୍ରଚାର ରାଲିରେ ଛୋଟ ପିଲାମାନଙ୍କୁ ବ୍ୟବହାର କରୁଛନ୍ତି ବିଜେପି ପ୍ରାର୍ଥୀ । ଏହା ଶିଶୁ ଅଧିକାର ଆଇନ୍ ଏବଂ ଭାରତୀୟ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକାର ଉଲ୍ଲଙ୍ଘନ ବୋଲି ଅଭିଯୋଗ କରି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି ବିଜୁ ଜନତା ଦଳ ।

ଆଜି ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏହି ମର୍ମରେ ଦାବିପତ୍ର ପ୍ରଦାନ କରି ସମ୍ପୃକ୍ତ ବିଜେପି ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଦଳ ପକ୍ଷରୁ କୁହାଯାଇଛି ଯେ ୭ ତାରିଖ ଦିନ ଖୋର୍ଦ୍ଧା ଜିଲ୍ଲା ଜଟଣୀ ବିଧାନସଭା ନିର୍ବାଚନମଣ୍ଡଳୀରେ ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ଜଟଣୀ ବିଜେପି ବିଧାୟକ ପ୍ରାର୍ଥୀ ବିଶ୍ୱ ରଞ୍ଜନ ବଡ଼ଜେନା, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ପଦଯାତ୍ରା ଓ ପ୍ରଚାର କରୁଥିଲେ । ଏହି ନିର୍ବାଚନ ପ୍ରଚାର ରାଲିରେ ୧୫/୨୦ ଜଣ ଛୋଟ ପିଲାଙ୍କୁ ନିୟୋଜିତ କରାଯାଇଥିଲା । ଏହା ଅତ୍ୟନ୍ତ ସମ୍ବେଦନଶୀଳ ମାମଲା । ନିର୍ବାଚନ ପ୍ରଚାର କାର୍ଯ୍ୟରେ ପିଲାମାନଙ୍କୁ ବ୍ୟବହାର କରିବା ଦ୍ୱାରା ସେମାନଙ୍କ ଶୈଶବ ଏବଂ ବିକାଶ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ବିଶେଷକରି ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଛୋଟ ଛୋଟ ପିଲାଙ୍କୁ ରାଲିରେ ସାମିଲ ହେବା ପାଇଁ ବାଧ କରିବା ଅତ୍ୟନ୍ତ କ୍ଷୋଭର ବିଷୟ । ଏହା କୌଣସି ବିପଦଜନକ ଏବଂ ଅମାନବୀୟ କାର୍ଯ୍ୟ ଠାରୁ କିଛି କମ୍ ନୁହେଁ । ନିର୍ବାଚନ କମିଶନ ମଧ ପ୍ରଚାରରେ ସାନ ପିଲାଙ୍କୁ ନିୟୋଜିତ ନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ସମ୍ପୃକ୍ତ ବିଜେପି ନେତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ ବୋଲି ବିଜେଡି କହିଛି । ବିଜେଡି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ଡ଼ ସସ୍ମିତ ପାତ୍ର, ମୁଖପାତ୍ର ଡ଼ ଲେଲିନ୍ ମହାନ୍ତି, ତୁମ୍ବନାଥ ପଣ୍ଡା, ଡ଼ ପ୍ରିୟବ୍ରତ ମାଝୀ, ଅମିତ କୁମାର ମଲ୍ଲିକ୍, ଗୌତମବୁଦ୍ଧ ଦାସ, ମିହିର ରାୟ, ଓମ୍ ପ୍ରକାଶ ସାହୁ, ମଧୁସ୍ମିତା ନାୟକ, ମାହିକ୍ଷୀତା ମିଶ୍ର, ଡାକ୍ତର ହରିଶ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ ।



**ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡିର ଦାବି**

# ଆସୁଛି ନିର୍ବାଚନ: କେନ୍ଦ୍ରୀୟ ପ୍ରବର୍ତ୍ତନ ସଂସ୍ଥା ସକ୍ରିୟ

**ଭୁବନେଶ୍ୱର,୮ ।୪(ସମିସ):** ଆଗାମୀ ନିର୍ବାଚନରେ ବେଆଇନ୍ ଅର୍ଥ କାରବାର ରୋକିବା ଲାଗି ବିମାନବନ୍ଦରରେ ବ୍ୟାପକ ସୁରକ୍ଷାମୂଳକ ପଦକ୍ଷେପ ନିଆଯାଇଛି । ବ୍ୟୁରୋ ଅଫ୍ ସିଭିଲ୍ ଏଭିଏସନ୍, ଆୟକର, ଉତ୍ପାଦ ଶୁଳ୍କ, ସେଣ୍ଟ୍ରାଲ ଏକ୍ସାଇଜ୍ ଏବଂ ସିଆଇଏସ୍ଏଫ୍‌କୁ ନେଇ ଗଠିତ ମିଳିତ ଟିମ୍ ରାଜ୍ୟରେ କାର୍ଯ୍ୟକ୍ଷମ ଥିବା ବିମାନବନ୍ଦରରେ ସନ୍ଦିଗ୍ଧ ଗତିବିଧି ଉପରେ ନଜର ତୀକ୍ଷ୍ଣ ନଜର ରଖିଛନ୍ତି । ସମ୍ପୃକ୍ତ ବିଭାଗ ପକ୍ଷରୁ ବିମାନବନ୍ଦରରେ ଅଧିକ ମାନବସମ୍ବଳ ନିୟୋଜିତ କରାଯାଉଛି ।

ଚଳିତ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ଲକ୍ଷ୍ୟରେ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ବେଆଇନ୍ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ପଦକ୍ଷେପ ନିଆଯାଇଛି । ନିର୍ବାଚନ ଋତୁରେ ବିମାନବନ୍ଦର ଦେଇ ଯିବା ଆସିବା କରୁଥିବା ଯାତ୍ରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି । ସ୍ୱତନ୍ତ୍ର ଯାଞ୍ଚ ସହିତ ଗୁଇନ୍ଦା ରିପୋର୍ଟ ଉପରେ ପ୍ରବର୍ତ୍ତନ ସଂସ୍ଥା ନିର୍ଭର କରୁଛନ୍ତି । ବିଶେଷକରି ବାହାରୁ ଆସୁଥିବା ଚାଟାର୍ଡ ବିମାନ ଗୁଡିକୁ ସ୍କାନର୍‌ରେ ରଖାଯାଇଛି । ଚାଟାର୍ଡ ବିମାନ, ଘରୋଇ ବିମାନ ଏବଂ ହେଲିକପ୍ଟର ଯାତ୍ରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ଲିପିବଦ୍ଧ ହେବା ସହିତ ଓଡ଼ିଶାରେ ସେମାନଙ୍କ କାରବାର ସମ୍ପର୍କରେ ଅନୁସନ୍ଧାନ କରାଯାଉଛି । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଉଭୟ ଟର୍ମିନାଲରେ ଅଧିକ ସ୍କାନର୍ ଲଗାଯିବା ସହିତ ସନ୍ଧାନୀ କୁକୁରଙ୍କୁ ନିୟୋଜିତ କରାଯାଇଛି । ପ୍ରାୟ ସମସ୍ତ କେନ୍ଦ୍ରୀୟ ପ୍ରବର୍ତ୍ତନ ସଂସ୍ଥା ଗୁଡିକର ଡେସ୍କ ସ୍ଥାପନ କରାଯାଇ ଥିବା ବେଳେ ରାଜ୍ୟ ପ୍ରବର୍ତ୍ତନ ଏଜେନ୍ସିଙ୍କ ସହିତ ସମନ୍ୱୟ ରକ୍ଷା କରି କାମ କରୁଛନ୍ତି ।

- ବିମାନବନ୍ଦର, ଏୟାରଷ୍ଟ୍ରିପ୍‌ରେ ତୀକ୍ଷ୍ଣ ନଜର
- ସ୍କାନର୍‌ରେ କଳା ଟଙ୍କା, ସୁନା ଓ ମୂଲ୍ୟବାନ ସାମଗ୍ରୀ
- ଚାଟାର୍ଡ ଓ ଘରୋଇ ବିମାନର ଆଗୁଆ ସୂଚନା ଜରୁରୀ

ଏଏଆଇ ଅଧିକାରୀଙ୍କ କହିଛନ୍ତି, ଭାରତୀୟ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶୀକା ଅନୁସାରେ ଆମର ଉଭୟ ଟର୍ମିନାଲ-୧ ଓ ଟର୍ମିନାଲ-୨ରେ ପ୍ରତ୍ୟେକ ଗତିବିଧି ଉପରେ ନଜର ରଖାଯାଇଛି । ସୁରକ୍ଷାକର୍ମୀ ସିସିଟିଭିର ସହାୟତା ନେଉଥିବା ବେଳେ ଆଭ୍ୟନ୍ତରୀଣ ଗୁଇନ୍ଦା ରିପୋର୍ଟ ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ । ରାଜ୍ୟରେ ନିର୍ବାଚନକୁ ଆଉ ପ୍ରାୟ ଦେଢ଼ ମାସ ବାକି ଥିବା ବେଳେ କଳାଟଙ୍କା, ସୁନା, ମୂଲ୍ୟବାନ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଚାଲାଣ ଉପରେ ନଜର ରଖାଯାଉଛି । ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ବିମାନବନ୍ଦର ସହିତ ଯୋଗାଯୋଗ ରକ୍ଷା କରିବା ଉପରେ ମଧ ଗୁରୁତ୍ୱ ଦିଆଯାଉଛି । ବ୍ୟୁରୋ ଅଫ୍ ସିଭିଲ୍ ଏଭିଏସନ୍ ଆଣ୍ଡ ସିକ୍ୟୁରିଟିଜ୍ (ବିସିଏଏସ୍)ର ନିର୍ଦ୍ଦେଶ ଅନୁସାରେ ବିମାନବନ୍ଦର, ଏୟାରଷ୍ଟ୍ରିପ୍‌ରେ ଅଚାନକ ଯାଞ୍ଚ ପାଇଁ ପଦକ୍ଷେପ ନିଆଯାଇଛି । ଓଡ଼ିଶା ଦେଇ ଯାତାୟାତ କରୁଥିବା ବିମାନ, ଚାଟାର୍ଡ ବିମାନ, ହେଲିକପ୍ଟର ଓ ବ୍ୟକ୍ତିଗତ ବିମାନର ଗତିବିଧି ସମ୍ପର୍କରେ ପୂର୍ଣ୍ଣ ବିବରଣୀ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି) ପାଖରେ ଉପଲବ୍ଧ ରହୁଛି । ଏଥିରେ କେତେ ଏବଂ କେଉଁ ଲୋକ ଯା ଆସ କରିବେ, ସେମାନଙ୍କ ସାଥିରେ ଥିବା ସାମଗ୍ରୀର ବିବରଣୀ ଲିପିବଦ୍ଧ ହେଉଛି । ଯେହେତୁ ଯାଞ୍ଚ ଏବଂ ଅନୁସନ୍ଧାନ ପାଇଁ ସମୟ ଆବଶ୍ୟକ ସେଥିପାଇଁ ବିମାନ ଓ ହେଲିକପ୍ଟରର ଯିବା ଆସିବାର ଯଥେଷ୍ଟ ପୂର୍ବରୁ ତାଙ୍କର ସମୟ ସାରଣୀ ଚୂଡ଼ାନ୍ତ କରାଯାଉଛି । ତେବେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସାଧାରଣ ବିମାନରେ ଯିବା ଆସିବା କରୁଥିବା ଯାତ୍ରୀଙ୍କ ଉପରେ ନଜର ରଖିବା । ଭୁବନେଶ୍ୱର ଦେଇ ଉଭୟ ଅନ୍ତର୍ଜାତୀୟ ଓ ଘରୋଇ ବିମାନ ତଥା ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କ ଭିତରୁ ବେଆଇନ୍ କାରବାରରେ ଲିପ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି ।

## ଦିଲେଶ୍ୱର ରେଡ୍ଡୀ ଗଞ୍ଜାମ ବିଜେଡି କାର୍ଯ୍ୟକାରୀ ସଭାପତି

**ଭୁବନେଶ୍ୱର, ୮ ।୪(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ସିଏଚ୍ ଦିଲେଶ୍ୱର ରେଡ୍ଡୀଙ୍କୁ ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଛି । ବିଜେଡି ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।

## ୬ ଡିଗ୍ରୀ କମିଲା ତାପମାତ୍ରା

**ଭୁବନେଶ୍ୱର,୮ ।୪(ସମିସ):** ସାରା ରାଜ୍ୟରେ ତାପମାତ୍ରା ତଳମୁହାଁ ହୋଇଛି । କାଳବୈଶାଖୀ ବର୍ଷା ପବନ ଯୋଗୁଁ ତାପମାତ୍ରା ତଳକୁ ଖସିବା ସହ ସାରା ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି । ସୋମବାର ପାଣପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଆଜି ସୋମବାର ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ୧୭ ସହରରେ ଦିନର ତାପମାତ୍ରା ୩୩ ଡିଗ୍ରୀ କିମ୍ବା ଏହାଠାରୁ ତଳେ ରହିଛି । ତାପମାତ୍ରା କମିବା ଯୋଗୁଁ ରାଜ୍ୟବାସୀ ଆଶ୍ୱସ୍ତ ଅନୁଭବ କରିଛନ୍ତି । ଅନ୍ୟପଟେ ଆହୁରି ୨-୩ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଆଶଙ୍କା ରହିଥିବା ବେଳେ ମଙ୍ଗଳବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡ଼ାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି । ଅନ୍ୟପଟେ ମଙ୍ଗଳବାରଠାରୁ ରାଜ୍ୟରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବାର ସମ୍ଭାବନା ରହିଛି । ତେଣୁ ବର୍ତ୍ତମାନ ତୁଳନାରେ ସାମାନ୍ୟ ଗରମ ବଢ଼ିବ ବୋଲି ଆଶଙ୍କା ରହିଛି ।

## ଲୋକକଥା



ଟାଣୁଆ ନେତା ତ ଚାଲି ଯାଉଚନ୍ତି
'ଫୁଲ'କୁ ପାଦରେ ଦଳି,
ଅଳିଆ ଗୋଟେଇ ପଦୁଅଁ ବିଚରା
ଭର୍ତ୍ତି କରେ ଯାହା ଥଳି !
ଆଶଙ୍କା ମନରେ ଭାଳି,
ଗ୍ୟାରେଣ୍ଟିକୁ ରେଣ୍ଟି ପକେଇ ଭୋଟର
ଏଥରକ ଦେବେ ଟାଳି !!

# ତିନି ଦଳ ପ୍ରସ୍ତୁତ: ଗାଁ ମୁହାଁ ପ୍ରଚାର ଅଭିଯାନ

**ଭୁବନେଶ୍ୱର,୮ ।୪(ସମିସ):** ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିର୍ବାଚନ ପାଇଁ ମୈଦାନକୁ ଓହ୍ଲାଇଛନ୍ତି । ସବୁ ଦଳର ନେତା ମନ୍ତ୍ରୀ ଓ କର୍ମୀ ଏବେ ଗାଁ ଗାଁ ବୁଲି ଭୋଟ୍ ଭିକ୍ଷା ଆରମ୍ଭ କରି ଦେଇଛନ୍ତି । ପ୍ରତିଦିନ ରାଜ୍ୟର ପ୍ରାୟ ସବୁ ନିର୍ବାଚନ ମଣ୍ଡଳୀରେ ଦଳୀୟ କାର୍ଯ୍ୟକ୍ରମ ସାଙ୍ଗକୁ ବାଇକ୍ ରାଲି ଓ ଶୋଭାଯାତ୍ରା ଦେଖିବାକୁ ମିଳୁଛି । ତେବେ ଏ ସବୁ ଭିତରେ ଭୋଟ୍ ପୂର୍ବରୁ କିପରି ପ୍ରତ୍ୟେକ ଭୋଟରଙ୍କ ପାଖରେ ପହଞ୍ଚି ହେବ ଓ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ବଢ଼ିପାରିବ ସେ ନେଇ ସବୁ ଦଳ ପ୍ରୟାସ ଚଳାଇଛନ୍ତି । ନିଆରା ଢଙ୍ଗରେ ପ୍ରଚାର ପସାର କରି ଲୋକଙ୍କ ମନରେ ଛାପ ଛାଡ଼ିବା ପାଇଁ ସବୁ ରାଜନୈତିକ ଦଳ ଭିନ୍ନ ଭିନ୍ନ ପ୍ରୟାସ ଆରମ୍ଭ କରିଛନ୍ତି ।

ଏହି କ୍ରମରେ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଆନ୍ଧ୍ର ଓ ତେଲଙ୍ଗାନାରୁ ଆଣିଛି ଏଲ୍ଇଡି ଭ୍ୟାନ । ତେଲଙ୍ଗାନା ବିଧାନସଭା ନିର୍ବାଚନରେ ଦଳ ଦେଶ ନିର୍ମାଣରେ କଂଗ୍ରେସର ଭୂମିକା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଦଳ ପକ୍ଷରୁ ଏହି ଏଲ୍ଇଡି ଭ୍ୟାନ ବ୍ୟବସ୍ଥା କରାଯାଇଥିଲା । ସେହି ଏଲ୍ଇଡ଼ି ଭ୍ୟାନକୁ ଏବେ ଓଡ଼ିଶାର ଗାଁ ଗାଁରେ କଂଗ୍ରେସ ବୁଲାଇବ । ଦଳ ପକ୍ଷରୁ ଦିଆଯାଇଥିବା ଗ୍ୟାରେଣ୍ଟି ସମ୍ପର୍କରେ ଜନତାଙ୍କୁ ସଚେତନ କରିବ । ଏହି ଭ୍ୟାନ ରାଜ୍ୟ ରାଜଧାନୀରୁ ଆରମ୍ଭ କରି ପ୍ରତ୍ୟେକ ଜିଲ୍ଲା ସଦର ମହକୁମା, ବ୍ଲକ, ପଞ୍ଚାୟତ ଓ ୱାର୍ଡରେ ବୁଲି ଭୋଟ ପ୍ରଚାର କରିବ ।

ଅନ୍ୟପଟେ ରାଜ୍ୟ ବିଜେପି ପ୍ରଚାର ପାଇଁ ଉତ୍ତରପ୍ରଦେଶରୁ ୧୪୭ଟି ଇନୋଭା ଗାଡ଼ି ମଗାଇଛି । ଏହା ପୂର୍ବରୁ ଉତ୍ତରପ୍ରଦେଶ ନମ୍ବରର ପ୍ରାୟ ୮୦ଟି ମିନି ଭ୍ୟାନ୍ ଓଡ଼ିଶାରେ ପହଞ୍ଚି ସାରିଛି । ଦଳର ପ୍ରଚାର କାର୍ଯ୍ୟରେ ଏହି ଗାଡ଼ି ନିୟୋଜିତ ରହିବ । ଦଳ ପକ୍ଷରୁ ପୂର୍ବ ନିର୍ବାଚନଗୁଡ଼ିକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭିଡ଼ିଓ ବାର୍ତ୍ତା ପ୍ରଚାର ପ୍ରସାର କରାଯାଉଥିବା ବେଳେ ଚଳିତ ନିର୍ବାଚନରେ ମଧ ଦଳ ସମାନ ଢାଞ୍ଚାରେ ପ୍ରଚାର କରିବ ବୋଲି ଜଣାପଡ଼ିଛି । ଏହି ଦୁଇ ଦଳ କ୍ଷେତ୍ରସ୍ତରରେ ପ୍ରଚାରକୁ ଗୁରୁତ୍ୱ ଦେଉଥିବା ବେଳେ ବିଜେଡି ସାମାଜିକ ଗଣମାଧ୍ୟମରେ ପ୍ରଚାରକୁ ଜୋରଦାର କରିଦେଇଛି । ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ପ୍ରଚାରରେ ଗୁରୁତ୍ୱ ଦିଆଯାଉଛି । ଇନ୍‌ଷ୍ଟାଗ୍ରାମ, ଫେସବୁକ୍ ଓ ଟୁଇଟର୍ ଆଦିରେ ବିଜେଡିର ପ୍ରଚାର ଅଭିଯାନ ବେଶ୍ ଶକ୍ତିଶାଳୀ ରହିଛି । ରାଜ୍ୟ ସରକାରଙ୍କ ରୂପାନ୍ତରଣ କାର୍ଯ୍ୟଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟ ଜାରି ରହିଛି ।

- ଆନ୍ଧ୍ର-ତେଲଙ୍ଗାନାରୁ କଂଗ୍ରେସ ଆଣିଲା ଏଲ୍ଇଡି ଭ୍ୟାନ୍
- ଉତ୍ତରପ୍ରଦେଶରୁ ୧୪୭ ପ୍ରଚାର ଗାଡ଼ି ଆଣିବ ବିଜେପି
- ସୋସିଆଲ ମିଡିଆରେ ବିଜେଡି 'ନବୀନ ଓଡ଼ିଶା' କାହାଣୀ



## ଭଦ୍ରକ ଓ ଭଣ୍ଡାରିପୋଖରୀ ବିଧାନସଭା ଆସନ

# ଷଷ୍ଠଥର ପ୍ରଫୁଲ୍ଲ ଓ ଦ୍ୱିତୀୟଥର ସଞ୍ଜୀବ

**ଭଦ୍ରକ,୮।୪(ସମିସ):** ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ଆସନ ମଧ୍ୟରୁ ଭଣ୍ଡାରିପୋଖରୀ ଓ ଭଦ୍ରକ ବିଧାନସଭା ଆସନରେ ଏବେ ଲଢ଼େଇ ଜୋରଦାର ହେବାର ପୂର୍ବାନୁମାନ କରାଯାଉଛି। ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ରରୁ ଲଗାତାର ଭାବେ ତୃତୀୟଥର ବିଜୟୀ ହୋଇଥିବା ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କୁ ଦଳ ଏଥର ତାଙ୍କ ପୂର୍ବ ଆସନ ଭଦ୍ରକ ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ କରିଛି। ସାଧାରଣ ନିର୍ବାଚନରେ ଷଷ୍ଠଥର ବିଧାୟକ ହେବା ଲାଗି ବରିଷ୍ଠ ନେତା ଶ୍ରୀ ସାମଲ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ବେଳେ ତାଙ୍କୁ ବିଜେପିରୁ ଜଣେ ନବାଗତ ମୁକାବିଲା କରୁଛନ୍ତି। ଅନ୍ୟପକ୍ଷରେ ଭଦ୍ରକ ଆସନ ଲାଗି ଜାତୀୟ କଂଗ୍ରେସ ଏଯାଏଁ ପ୍ରାର୍ଥୀ ଘୋଷଣା କରିନାହିଁ। କଂଗ୍ରେସର ନିୟମିତ ପ୍ରାର୍ଥୀ ନରେନ୍ ପଲେଇ ଦଳ ଛାଡ଼ିଥିବାରୁ ଏଠାରେ କେହି ନବାଗତ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେଣୁ ଏଥର ଭଦ୍ରକ ଆସନରେ ପୁରଖା ବନାମ ନବାଗତଙ୍କ ମଧ୍ୟରେ ହେବ ଲଢ଼େଇ।

ପୂର୍ବ ନିର୍ବାଚନ ଫଳାଫଳକୁ ଅନୁଧ୍ୟାନ କଲେ ଜଣାଯାଏ, ଗତ ୨୦୧୯ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ଯୁବନେତା ସଞ୍ଜୀବ କୁମାର ମଲ୍ଲିକ ସର୍ବାଧିକ ୩୩, ୩୮୯ଖଣ୍ଡ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ଡାକ୍ତର ପ୍ରଦୀପ ନାୟକଙ୍କୁ ପରାସ୍ତ କରିଥିଲେ। ବିଜେଡି ପ୍ରାର୍ଥୀ ସଞ୍ଜୀବ ୯୩, ୬୬୮ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ଡାକ୍ତର ନାୟକ ୬୦,୨୭୯ଖଣ୍ଡ ଭୋଟ ପାଇଥିଲେ। ସେହିଭଳି ଜାତୀୟ କଂଗ୍ରେସ ପ୍ରାର୍ଥୀ ନଳିନୀକାନ୍ତ ମହାନ୍ତି ୨୨, ୬୩୦ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନ ଦଖଲ କରିଥିଲେ। ଅନୁରୂପ ଭାବେ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଯୁଗଳ କିଶୋର ପଟ୍ଟନାୟକ ୮୦, ୫୮୨ ଖଣ୍ଡ ଭୋଟ ପାଇ କଂଗ୍ରେସ ପ୍ରାର୍ଥୀ ନରେନ ପଲେଇଙ୍କୁ ୨୩ହଜାର ୫୮୭ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥଲେ। ୨୦୦୯ରେ ମଧ୍ୟ ବିଜେଡି ପ୍ରାର୍ଥୀ ଯୁଗଳ କିଶୋର ପଟ୍ଟନାୟକ ୭୫ହଜାର ୨୯୪ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ନରେନ



ପଲେଇଙ୍କୁ ୨୧ହଜାର ୪୨୮ ଖଣ୍ଡ ଭୋଟରେ ପରାସ୍ତ ହୋଇଥିଲେ। କହିବାକୁ ଗଲେ, ବିଜେଡି ପାଇଁ ସୁରକ୍ଷିତ ଏହି ଆସନରେ ଏଥର ଅଭିଜ୍ଞ ତଥା ପୁରୁଖା ନେତା ପ୍ରଫୁଲ୍ଲ ସାମଲ ପ୍ରାର୍ଥୀ ହେବା ପରେ ବିଜେଡି ଏମିତିରେ ଦୁଇପାଦ ଆଗରେ ରହିଛି ବୋଲି ରାଜନୈତିକ ବିଶେଷଜ୍ଞମାନେ କହିଛନ୍ତି। ଏହାଛଡ଼ା ଭଦ୍ରକ ବିଧାନସଭା ଆସନ ପ୍ରଫୁଲ୍ଲଙ୍କ ଲାଗି ପୁରୁଣା। କାରଣ ତାଙ୍କ ରାଜନୈତିକ କ୍ୟାରିୟର୍ ଭଦ୍ରକ ଆସନରୁ ଆରମ୍ଭ। ୧୯୯୦ ଓ ୧୯୯୫ରେ ଲଗାତାର ଭାବେ ଦୁଇଥର ଜନତା ଦଳରୁ ବିଜୟୀ ହୋଇଥିଲେ। ସେହିଭଳି ଭଣ୍ଡାରିପୋଖରୀଆସନରୁକ୍ରମାଗତଭାବେ୩ଥର ବିଜେଡିରୁ ବିଧାୟକ ହୋଇ ଜଣେ ପାରଙ୍ଗମ ରାଜନେତା ଭାବେ ସ୍ୱତନ୍ତ୍ର ପରିଚୟ ରଖିଛନ୍ତି।

ଅନ୍ୟପକ୍ଷରେ, ଭଦ୍ରକ ବିଧାନସଭାରୁ ପ୍ରଥମଥର ଲାଗି ବିଜେଡିରୁ ପ୍ରାର୍ଥୀ ହୋଇ ଗତ ନିର୍ବାଚନରେ ରେକର୍ଡସଂଖ୍ୟକ ଭୋଟ ବ୍ୟବଧାନ (ଯାହା ସର୍ବକାଳୀନ ବ୍ୟବଧାନ)ରେ ବିଜୟୀ ହୋଇଥିବା ଯୁବନେତା ସଞ୍ଜୀବକୁମାର ମଲ୍ଲିକଙ୍କୁ ବିଜେଡି ଭଣ୍ଡାରିପୋଖରୀ ଆସନରୁ ପ୍ରାର୍ଥୀ କରିଛି। ଟିକଟ ଘୋଷଣା ପରେ ପ୍ରାର୍ଥୀ ଶ୍ରୀ ମଲ୍ଲିକ ବିଜେଡିର ସୁସଂଗଠନ ଥିବା ପ୍ରଫୁଲ୍ଲ ସାମଲ ଓ ତାଙ୍କ ସହକର୍ମୀଙ୍କ ନେଇ ଏକାଧିକ କର୍ମୀ ସମ୍ମିଳନୀ କରି ଭଣ୍ଡାରିପୋଖରୀ ଆସନରେ ପୁଣି 'ଶଙ୍ଖନାଦ' କରିବାକୁ ପୁରା ଦମ୍‌ରେ ଅଗ୍ରସର ହୋଇଛନ୍ତି। ତେବେ ଅଦ୍ୟାବଧି ଏହି ଆସନରେ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିନାହାନ୍ତି।

ବିଗତ ୩ଟି ନିର୍ବାଚନ ଫଳାଫଳ ଅନୁସାରେ, ଏହି ଆସନରୁ ୨୦୧୯ରେ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ୭୦ ହଜାର ୧୮୦ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ୬୧ହଜାର ୩୨୧ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲା। ବିଜେପି ପ୍ରାର୍ଥୀ ବଦ୍ରିନାରାୟଣ ଧଳ ୩୯ ହଜାର ୧୪୧ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନ ରହିଥିଲେ। ୨୦୧୪ରେ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ୭୦ହଜାର ୧୭୩ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଦାସ ୩୬ହଜାର ୭୬ଖଣ୍ଡ ଭୋଟ ପାଇ ଦ୍ୱିତୀୟ ଓ ବିଜେପି ପ୍ରାର୍ଥୀ ବଦ୍ରିନାରାୟଣ ଧଳ ୨୮ ହଜାର ୮୦୯ଭୋଟ ପାଇ ତୃତୀୟ ହୋଇଥିଲେ। ବିଜେଡି ୩୪, ୦୯୭ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। ୨୦୦୯ରେ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ବାବୁ ୬୦ହଜାର ୨୫୦ଭୋଟ ପାଇ ବିଜୟୀ ହୋଇଥିଲେ। ତାଙ୍କ ସହ କଂଗ୍ରେସ ପ୍ରାର୍ଥୀ ବଦ୍ରିନାରାୟଣ ଧଳ ପ୍ରତିଦ୍ୱନ୍ଦ୍ୱିତା କରି ୩୯, ୮୪୦ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ମନମୋହନ ସାମଲ ୨୧, ୧୬୦ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ବିଜେଡି ୨୦, ୪୧୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲା। ତେଣୁ ଭଣ୍ଡାରିପୋଖରୀ ବିଧାନସଭା ଆସନ ପୁଣି ବିଜେଡି ସପକ୍ଷରେ ଯିବା ଏକପ୍ରକାର ନିଶ୍ଚିତ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ରାଇରଙ୍ଗପୁର ନିର୍ବାଚନୀମଣ୍ଡଳୀ

# ପୁଲିସ ଅଧିକାରୀରୁ ରାଜନେତା ରାଇସେନ ମୁର୍ମୁ

**ରାଇରଙ୍ଗପୁର,୮।୪(ସମିସ):** ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ସର୍ବଦା ଚର୍ଚ୍ଚାରେ ରହିଆସିଛି। ଏହି ଆସନରୁ ଅତୀତରେ ବିଧାୟକ ହୋଇଥିବା ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ଏବେ ଦେଶର ନଜର ମଧ୍ୟ ଏହି ଆସନ ଉପରେ। ଏଭଳି ଚର୍ଚ୍ଚିତ ଆସନରେ ବିଜେଡି ପ୍ରାର୍ଥୀ କରିଛି ଜଣେ ନବାଗତ ରାଇସେନ୍ ମୁର୍ମୁଙ୍କୁ। ପୁଲିସ୍ ଅଧିକାରୀରୁ ସେ ହୋଇଛନ୍ତି ରାଜନେତା।



ତାଙ୍କ ନାମ ଘୋଷଣା ପରେ ଗାଁରୁ ସହର ଯାଏ ସବୁଠି ରାଇସେନଙ୍କୁ ନେଇ ଚର୍ଚ୍ଚା। ପ୍ରଥମ କରି ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବାରୁ ରାଇସେନ ଅତ୍ୟନ୍ତ ଉତ୍ସାହିତ ରହିଛନ୍ତି। ମୁଖ୍ୟତଃ ଅଞ୍ଚଳର ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି। ଏଥିସହ ନିଜକୁ ଅଞ୍ଚଳବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସମର୍ପିତ କରିଛନ୍ତି ବୋଲି ସେ କହିଥିଲେ।

ବିଜେଡିରୁ ପ୍ରାର୍ଥୀ ଭାବେ ଘୋଷଣା ପରେ ସେ ବିଭିନ୍ନ ଗାଁକୁ ଯାଇ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ରାଇରଙ୍ଗପୁର ବ୍ଲକ ଗୁହାଳଡାଙ୍ଗରୀ ପଞ୍ଚାୟତ ଅନ୍ତର୍ଗତ ବାଲିଆବାଦି ଗାଁର ରତନ ମୁର୍ମୁ ଓ ସ୍ୱର୍ଗତ କାର୍ମୀ ମୁର୍ମୁଙ୍କ ପୁଅ ରାଇସେନ ନିଜ ମାମୁଁଘରେ ରହି କୋରାପୁଟରେ ନବୋଦୟ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ। ପରେ ସେ ଜୟପୁର ଡିଏଭି କଲେଜରେ ଯୁକ୍ତ ଦୁଇ ଶିକ୍ଷା ଗ୍ରହଣ ପରେ ବାରିପଦା ଏମ୍‌ପିସି ସ୍ୱୟଂଶାସିତ କଲେଜରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ବାଲ୍ୟକାଳରୁ ହିଁ ରାଇସେନଙ୍କ ଲୋକଙ୍କ ପ୍ରତି ସେବା ମନୋଭାବ ରହିଥିଲା। ଏହାପରେ ଲୋକଙ୍କ ସେବା କରିବା ଉଦ୍ଦେଶ୍ୟ ରଖି ଚାକିରି ପାଇଁ ସଂଘର୍ଷ ଆରମ୍ଭ କରିଥିଲେ। ସେହି କ୍ରମରେ ୨୦୦୦ ମସିହାରେ ସେ ପୁଲିସ ବିଭାଗରେ ନିଯୁକ୍ତି ପାଇଥିଲେ। ପ୍ରଥମେ ଏସ୍‌ଆଇ ଭାବେ ଗଜପତି ଜିଲ୍ଲାରେ ନିଯୁକ୍ତି ପାଇଥିଲେ। ଏହା ପରେ ତାଙ୍କ ପଦୋନ୍ନତି ହୋଇ ଯାଜପୁର ଜିଲ୍ଲାର କାଳିଆପାଣିରେ ଆଇଆଇସି ରୂପେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ବାଲେଶ୍ୱର ସ୍ପେଶାଲ ବ୍ରାଞ୍ଚରେ ଡିଏସ୍‌ପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଶ୍ରେଷ୍ଠ ପୁଲିସ ଅଧିକାରୀ ଭାବେ ରାଜ୍ୟପାଳ ପଦକ, ମୁଖ୍ୟମନ୍ତ୍ରୀ ପଦକ ଓ ରାଷ୍ଟ୍ରପତି ପଦକ ପ୍ରାପ୍ତ କରିଛନ୍ତି। ସମସ୍ତ ପ୍ରକାର ସମ୍ମାନ ମିଳିଲା ପରେ ବି ଲୋକଙ୍କ ସେବା କରିବା ସହିତ ଆଦିବାସୀଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବାର ଚିନ୍ତାଧାରା ରହିଥିଲା। ଏହାପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ। ୨୦୨୩ ମସିହାରେ ପୁଲିସ ବିଭାଗ ଚାକିରିରୁ ସ୍ୱେଚ୍ଛାକୃତ ଭାବେ ଅବସର ନେଇଥିଲେ। ପରବର୍ତ୍ତୀ ସମୟରେ ବିଜେଡି ଶଙ୍ଖଭବନରେ ବିଧିବଦ୍ଧ ଭାବେ ଦଳରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଜନସାଧାରଣ ସହ ଯୋଡ଼ି ହୋଇ ବିକାଶଧାରାରେ ସହଯୋଗ କରିବେ ବୋଲି ଆଶା ରଖିଛନ୍ତି।

## କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ

# ରେକର୍ଡସଂଖ୍ୟକ ଭୋଟ୍ ବିଜୟ ଲକ୍ଷ୍ୟରେ ବିଜେଡି

**ବ୍ରହ୍ମପୁର, ୮।୪ (ସମିସ):** ଗଞ୍ଜାମ ଜିଲ୍ଲାର ଅନ୍ୟ ଏକ ଚର୍ଚ୍ଚିତ ବିଧାନସଭା ଆସନ କବିସୂର୍ଯ୍ୟନଗରର ଇତିହାସ ଯେତିକି ଋଦ୍ଧିମନ୍ତ ରାଜନୀତି ଗଣିତ ବି ସେତିକି ରୋଚକ। ଏହି ନିର୍ବାଚନମଣ୍ଡଳୀ ଗତ କିଛି ବର୍ଷ ଧରି ବିଜୁ ଜନତା ଦଳର ଗଡ଼ ଭାବେ ପରିଗଣିତ ହୋଇଛି। ଖଲ୍ଲିକୋଟ ରାଣୀ ମା' ଭି.ସୁଜ୍ଞାନ କୁମାରୀ ଦେଓଙ୍କ ଏହା ଅନ୍ୟତମ ପ୍ରମୁଖ ଅଭେଦ୍ୟ ଗଡ଼ ଭାବେ ମଧ୍ୟ ପରିଚିତ। ଚଳିତ ନିର୍ବାଚନରେ କବିସୂର୍ଯ୍ୟନଗର ରାଜ୍ୟକୁ ଦୃଢ଼ ନେତୃତ୍ୱ ଦେବାକୁ ଯାଉଛି। ଏଠାରେ ବିରୋଧୀଙ୍କ ଦୁର୍ବଳତାର ଫାଇଦା ନେଇ ବିଜେଡି ଏକତରଫା ବିଜୟ ଲକ୍ଷ୍ୟରେ ରହିଛି ବୋଲି ରାଜନୈତିକ ଗଣିତଜ୍ଞମହଲରେ ଚର୍ଚ୍ଚା ହେଉଛି।

ସାଧାରଣ ନିର୍ବାଚନ ବିଗୁଲ୍ ବାଜିବା ପରେ ଖଲ୍ଲିକୋଟରେ ବିଜେଡିର ବିଧାୟକ ପ୍ରାର୍ଥୀ କିଏ ହେବ, ସେନେଇ ନାନା କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା। ହେଲେ ବିଜୁ ଜନତା ଦଳ ଏଠାରେ ମାଷ୍ଟରଷ୍ଟ୍ରୋକ୍ ଖେଳି ବିରୋଧୀଙ୍କୁ ଚକିତ କରି ଦେଇଥିଲା। ବିଧାୟିକା ଥିବା ଲତିକା ପ୍ରଧାନଙ୍କୁ ଦଳ ଏଠାରୁ ପୁନଃ ଲଢ଼ିବାର ସୁଯୋଗ ଦେଇଛି। ଶ୍ରୀମତୀ ପ୍ରଧାନ ଏଠାରେ ଦଳୀୟ ସଂଗଠନକୁ ସୁଦୃଢ଼ ରଖିଥିବା ବେଳେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାରେ ସକ୍ଷମ ମଧ୍ୟ ହୋଇଛନ୍ତି। ଅପରପକ୍ଷେ, କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ବିଜେଡିର ଅନ୍ୟତମ ଦୃଢ଼ ସଂଗଠକ ହରପ୍ରସାଦ ସାହୁଙ୍କ ଝିଅ ରଞ୍ଜିତା ସାହୁଙ୍କୁ ଆସିକା ଲୋକସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ କରିଛି ବିଜେଡି। ସେ ମଧ୍ୟ ଜଣେ ଉଚ୍ଚଶିକ୍ଷିତା ଓ ଯୁବ ଚେହେରା ଭାବେ ମଇଦାନକୁ ଓହ୍ଲାଇଛନ୍ତି। ସେହିଭଳି ଏଠାରେ ବିଜେପିରୁ ଗତଥର ନିର୍ବାଚନ ଲଢ଼ିଥିବା ରଞ୍ଜନ ପଲେଇ ମଧ୍ୟ ସମ୍ପ୍ରତି ବିଜୁ ଜନତା ଦଳରେ ରହିଛନ୍ତି। ଫଳରେ କବିସୂର୍ଯ୍ୟନଗରରେ ବିଜେଡିର ସଂଗଠନ ଅଧିକ ଶକ୍ତିଶାଳୀ ହୋଇଛି।



କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଗୁନିଆପଡ଼ା ବ୍ଲକର ୨୩ଟି ପଞ୍ଚାୟତ, କବିସୂର୍ଯ୍ୟନଗର ବ୍ଲକର ୯ ପଞ୍ଚାୟତ ଓ ପୁରୁଷୋତ୍ତମପୁର ବ୍ଲକ ୧୧ଟି ପଞ୍ଚାୟତକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି। ଏଠାରେ ବିଜୁ ଜନତା ଦଳ ପକ୍ଷରୁ ଲତିକା ପ୍ରଧାନ, ବିଜେପିରୁ ପ୍ରତାପ ନାୟକ ଓ କଂଗ୍ରେସରୁ ଚିରଞ୍ଜୀବୀ ବିଷୋୟୀ ପ୍ରାର୍ଥୀ ହୋଇଛନ୍ତି। ଭୋଟର୍‌ମହଲରେ ପ୍ରତାପ ଓ ଚିରଞ୍ଜୀବୀ ସେତେ ପରିଚିତ ନଥିବାରୁ ଲତିକାଙ୍କୁ ଏହାର ଫାଇଦା ମିଳିବ

### ବିରୋଧୀ ଦୁର୍ବଳ; ଗଡ଼ ସମ୍ଭାଳୁଛନ୍ତି ଲତିକା

ବୋଲି ଆଲୋଚନା ହେଉଛି। ତେଣୁ ଆଗାମୀ ନିର୍ବାଚନରେ ବିଜେଡି ଏଠାରୁ ରେକର୍ଡସଂଖ୍ୟକ ଭୋଟ୍ ହାତେଇବା ଯୋଜନାରେ ରହିଛି ବୋଲି ଦଳର ଅନ୍ଦରମହଲରୁ ସୂଚନା ମିଳିଛି।

କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨ଲକ୍ଷ ୩୫ହଜାର ୧୧୧ଜଣ ଭୋଟର ରହିଛନ୍ତି। ତନ୍ମଧ୍ୟରୁ ପୁରୁଷ ଭୋଟର ୧ଲକ୍ଷ ୨୩ ହଜାର ୩୦୯ ଜଣ ରହିଥିବାବେଳେ ମହିଳା ଭୋଟର ସଂଖ୍ୟା ହେଉଛି ୧ଲକ୍ଷ୧୧ହଜାର ୭୮୪। ଏଠାରେ ୫ହଜାର୨୨୦ଜଣ ନୂଆ ଓ ଯୁବ ଭୋଟର ମଧ୍ୟ ରହିଛନ୍ତି। ୨୦୦୪ରୁ ବିଜୁ ଜନତା ଦଳ ହାତରେ ଏହି ଆସନ ରହିଛି। ଦିବଂଗତ ନେତା ଲଡ୍ଡୁ କିଶୋର ସ୍ୱାଇଁ ଏଠାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତତ୍‌ପରେ ୨୦୦୯ ଓ ୨୦୧୪ରେ ହୋଇଥିବା ସାଧାରଣ ନିର୍ବାଚନରେ ଦିବଂଗତ ନାରୀନେତ୍ରୀ ଖଲ୍ଲିକୋଟ ରାଣୀ ମା' ଭି. ସୁଜ୍ଞାନ କୁମାରୀ ଦେଓ ଏଠାରେ ବିଧାୟିକା ହୋଇଥିଲେ। ସେହିଭଳି ଆସିକା ସଂସଦୀୟ କ୍ଷେତ୍ରର ଟାଣୁଆ ନେତା ନିତ୍ୟାନନ୍ଦ ପ୍ରଧାନ ମଧ୍ୟ ବିଗତ ଦିନରେ ଏଠାରେ ବିଧାୟକ ଭାବେ ନିର୍ବାଚିତ ହେବାର ସୌଭାଗ୍ୟ ପାଇଥିବା ବେଳେ ବାପାଙ୍କ ଗଡ଼କୁ ବର୍ତ୍ତମାନ ତାଙ୍କ ଝିଅ ଲତିକା ପ୍ରଧାନ ସମ୍ଭାଳି ଆସୁଛନ୍ତି।

# କାଳୁଙ୍କ ସମ୍ପର୍କ ପଦଯାତ୍ରାରେ ଅପରାଜିତା ଅଲୋଡ଼ା

**ଖୋର୍ଦ୍ଧା,୮।୪(ସମିସ):** ଖୋର୍ଦ୍ଧା ନଗରରେ ସୋମବାର ବିଜେପିର ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମୁକୁନ୍ଦପ୍ରସାଦଠାରୁ କାଳୁ ଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ ବହୁ କର୍ମୀ ପଦଯାତ୍ରାରେ ସହର ପରିକ୍ରମା କରିଥିଲେ। ତେବେ ଏହି ପଦଯାତ୍ରାରେ ବିଜେପିର ୪ ଆଶାୟୀ ବିଧାୟକ ପ୍ରାର୍ଥୀ ଏକାଠି ହେବା ଏବଂ ସାଂସଦ ଅପରାଜିତା ଷଡ଼ଙ୍ଗୀ କିମ୍ବା ବିବାଦୀୟ



ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଦେଖା ନମିଳିବା ଘଟଣା, ଆଜି ଖୋର୍ଦ୍ଧା ରାଜନୀତିରେ ଭିନ୍ନ ଚର୍ଚ୍ଚାକୁ ଜନ୍ମ ଦେଇଛି। ସାଂସଦ ଅପରାଜିତାଙ୍କ ବିରୋଧରେ ଏହା ଅସନ୍ତୁଷ୍ଟ ବିଜେପି କର୍ମୀଙ୍କ ମେଳି ଥିଲା ଏବଂ ଏମିତି କରି କାଳୁ ସାଂସଦ ଅପରାଜିତା ଓ ପ୍ରଶାନ୍ତଙ୍କୁ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି ବୋଲି କୁହାଯାଉଛି। ବିଜେପିର ଏହି ଗୋଷ୍ଠୀର କହିବା କଥା, ଆଗାମୀ ଦିନରେ କାଳୁଙ୍କ ବିନା ଖୋର୍ଦ୍ଧାରେ ନିର୍ବାଚନ ଲଢ଼ିବା ଅପରାଜିତାଙ୍କୁ ମହଙ୍ଗା ହେବ। ସାଂସଦଙ୍କ ମନମୁଖୀ କାର୍ଯ୍ୟକୁ କଡ଼ା ଜବାବ ଦେବାକୁ ଏବେ ବିଜେପି କର୍ମୀମାନେ ଏକାଠି ହେଉଛନ୍ତି ବୋଲି କିଛି ଆଗଧାଡ଼ିର କର୍ମୀ ନାମ ଗୋପନ ରଖି କହିଛନ୍ତି। ପଦଯାତ୍ରାରେ କାଳୁ ମଧ୍ୟ ଖୋଲାଖୋଲି ଭାବେ କହିଛନ୍ତି ଯେ ୮ ବର୍ଷ ଧରି ଲୋକଙ୍କ ସେବା କରିଛି। ଗତ ୨୦୧୯ ନିର୍ବାଚନରେ ୭୪ ହଜାର ଭୋଟ ପାଇଥିଲି। ମୋ ପ୍ରତି ଲୋକମାନଙ୍କ ଭଲ ପାଇବା ରହିଛି। ୨୦୨୪ ପାଇଁ ମୁଁ ଆଶାୟୀ ରହିଛି। କୌଣସି ଦଳଡିଆଁଙ୍କୁ ଯଦି ଏଠୁ ପ୍ରାର୍ଥୀ କରାଯାଏ, ତେବେ ଏହାର ତୀବ୍ର ବିରୋଧ କରାଯିବ।

ଅନ୍ୟପକ୍ଷରେ କାଳୁଙ୍କ ଏହି ସଂପର୍କ ପଦଯାତ୍ରା ଚାଲିଥିବା ବେଳେ ସାଂସଦ ଅପରାଜିତା ଗାଡ଼ିରେ ବସି ଷ୍ଟେଟ୍ ବ୍ୟାଙ୍କ ଛକ ଦେଇ ଯାଉଥିଲେ ହେଁ ପଦଯାତ୍ରାରେ ସାମିଲ ହୋଇଥିବା କର୍ମୀମାନେ ତାଙ୍କୁ ଆଡ଼ ଆଖିରେ ଚାହିଁନଥିଲେ। ସଂସଦୀୟ କ୍ଷେତ୍ରରେ ପଦଯାତ୍ରାରେ ସାଂସଦ ପ୍ରାର୍ଥୀଙ୍କୁ ଲୋଡ଼ା ନଯିବା ଘଟଣା ଗୋଷ୍ଠୀକନ୍ଦଳକୁ ଆହୁରି ତୀବ୍ର କରିଛି। ଏପରି ସ୍ଥିତିରେ ୨୦୨୪ ନିର୍ବାଚନ ଅପରାଜିତାଙ୍କ ପାଇଁ କଣ୍ଟକିତ ପଥ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଏହି ପଦଯାତ୍ରାରେ କାଳୁଙ୍କ ସମେତ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ ସମବାୟ

### ସାଂସଦଙ୍କୁ ଆଡ଼ ଆଖିରେ ଚାହିଁଲେନି କର୍ମୀ

ସେଲ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ ଶିକ୍ଷକ ସେଲ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନେ କଳାକାର ଅଖିଳ ପଟ୍ଟନାୟକ, ଅଭିମନ୍ୟୁ ଘଟୁଆଳ, ତ୍ରିଲୋଚନ ଦାସ, ତ୍ରିନାଥ ମହାପାତ୍ର, ଶୁଚିସ୍ମିତା ମିଶ୍ର ବଡଜେନା, ରଘୁନାଥ ସାହୁ, ରାମଚନ୍ଦ୍ର ପରିଡ଼ା, ଆଶିଷ ବରିସଲ, ବିପିନ ପାଲଟାସିଂହ ପ୍ରମୁଖ ସାମିଲ ଥିଲେ।

ପ୍ରକାଶଥାଉକି, ନିକଟରେ ବିବାଦୀୟ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ବିଜେପିରେ ଯୋଗଦାନ ପରଠାରୁ ଦଳରେ ଏକପ୍ରକାର ବିଦ୍ରୋହ ଆରମ୍ଭ ହୋଇଛି।

## ଗିରିଧର ଓ ଜୟରାମଙ୍କୁ 'ଅସ୍ତିତ୍ୱ ସଂକଟ'

# ଦିନେ ହେଭିୱେଟ୍ ଥିଲେ; ଏବେ ଅଲୋଡ଼ା

**କୋରାପୁଟ, ୮।୪ (ସମିସ):** ଏକଦା ରାଜ୍ୟ ରାଜନୀତିରେ ଆଧିପତ୍ୟ ବିସ୍ତାର କରିଥିବା କୋରାପୁଟର ପୂର୍ବତନ ସାଂସଦ ଗିରିଧର ଗମାଙ୍ଗ ଏବଂ ପୂର୍ବତନ ସାଂସଦ ଜୟରାମ ପାଙ୍ଗି ଆଜି ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଥିବା ନେଇ ଚର୍ଚ୍ଚା ହେଉଛି। ସେ ସମୟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ରାଜନୀତି ଏହି ଦୁଇ ନେତାଙ୍କ ଗୋଟିଚାଳନାରେ ପରିଚାଳିତ ହେଉଥିଲା। ଏଠାରେ କଂଗ୍ରେସ ଟିକଟ କିଏ ପାଇବ, ସେ ନିଷ୍ପତ୍ତି ଶ୍ରୀ ଗମାଙ୍ଗ ନେଉଥିଲେ। ସେହିପରି ଜନତା ଦଳ ଓ ପରେପରେ ବିଜୁ ଜନତା ଦଳରେ ଶ୍ରୀ ପାଙ୍ଗି ଜଣେ ଟାଣୁଆ ନେତା ଥିଲେ। ଏଠାରେ କିଏ ପ୍ରାର୍ଥୀ ହେବେ, ତାହାର ତାଲିକା ସେ ଦଳର ସୁପ୍ରିମୋଙ୍କୁ ଦେଉଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା, ରାଜ୍ୟ ରାଜନୀତିର ହେଭିୱେଟ୍ ତାଲିକାରେ ଗଣାଯାଉଥିବା ଏହି ଦୁଇ ନେତା ନିଜ ଉତ୍ତରାଧିକାରୀଙ୍କ ପାଇଁ ବି ଟିକଟ ଖଣ୍ଡେ ଯୋଗାଡ଼ କରିବାରେ ସମର୍ଥ ହୋଇପାରୁନାହାନ୍ତି।

ଶିକ୍ଷକତାରୁ ରାଜନୀତିକୁ ଆସିଥିବା ଶ୍ରୀ ଗମାଙ୍ଗ କୋରାପୁଟ ଲୋକସଭା ନିର୍ବାଚନମଣ୍ଡଳୀରୁ ୯ଥର ସାଂସଦ ହୋଇ ଭାରତବର୍ଷରେ ରେକର୍ଡ ସୃଷ୍ଟି କରିଥିଲେ। ୧୯୯୯ ମସିହାରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାର ବି ସୌଭାଗ୍ୟ ଅର୍ଜନ କରିଥିଲେ। ଶ୍ରୀ ଗମାଙ୍ଗଙ୍କୁ ଦୂରସଞ୍ଚାର, ଖାଦ୍ୟ ପ୍ରକ୍ରିୟାକରଣ, ଖଣି ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରାଳୟରେ ମନ୍ତ୍ରୀ ଥିଲେ। ୧୯୭୨-୨୦୦୯ ଯାଏଁ ସେ ଓଡ଼ିଶା ନୁହଁ, ସାରା ଦେଶରେ ଜଣେ ବିଚକ୍ଷଣ ରାଜନୀତିଜ୍ଞ ଭାବେ ପ୍ରତିଷ୍ଠା ଲାଭ କରିବା ସହ ଇନ୍ଦିରା ଗାନ୍ଧି, ରାଜୀବ ଗାନ୍ଧି ଏବଂ ପି.ଭି. ନରସିହ୍ମା ରାଓଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ହୋଇଥିଲେ। ୧୯୯୯ର ମହାବାତ୍ୟା ଗମାଙ୍ଗଙ୍କ ମୁଖ୍ୟମନ୍ତ୍ରୀ ପଦ ଛଡ଼ାଇ ନେଇଥିଲା। ଏହା ପରେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୦୯ରେ ଗମାଙ୍ଗ, ତାଙ୍କ ପତ୍ନୀ ଏବଂ ପୁଅ ଶୋଚନୀୟ ପରାଜୟବରଣ କରିବା ପରେ ତାଙ୍କ ରାଜନୀତି କ୍ୟାରିୟର୍‌ରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ି





ଯାଇଥିଲା। ପରେ ଶ୍ରୀ ଗମାଙ୍ଗ ବିଜେପି, ବିଆର୍‌ଏସ୍ ଭଳି ପାର୍ଟିରେ ସାମିଲ ହୋଇଥିଲେ ହେଁ ତାଙ୍କୁ ବିଶେଷ କିଛି ଫାଇଦା ମିଳି ନଥିଲା। ତେବେ କିଛି ଦିନ ପୂର୍ବରୁ ପୁଅ ଶିଶିର ଗମାଙ୍ଗଙ୍କ ରାଜନୀତି ଭବିଷ୍ୟତକୁ ନଜରରେ ରଖି ଗିରିଧର କଂଗ୍ରେସକୁ ଫେରିଛନ୍ତି। କିନ୍ତୁ ଏଯାଏଁ କିଛି ସଫଳତା ପାଇନାହା।

ସେହିପରି ଅବିଭକ୍ତ କୋରାପୁଟ ଜିଲ୍ଲାର ବିଶିଷ୍ଟ ଆଦିବାସୀ ନେତା ପୂର୍ବତନ ସାଂସଦ ଓ ମନ୍ତ୍ରୀ ଜୟରାମ ପାଙ୍ଗି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶିକ୍ଷକ ଚାକିରି ଛାଡ଼ି ରାଜନୀତିରେ ପାଦ ଥାପିଥିଲେ। ୧୯୭୪, ୧୯୭୭, ୨୦୦୦, ୨୦୦୪ରେ ପଟ୍ଟାଙ୍ଗି ବିଧାୟକ ଏବଂ ୨୦୦୯ ରେ କୋରାପୁଟ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୧୯୯୦-୯୫ ଯାଏଁ ଶ୍ରୀ ପାଙ୍ଗି ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳର ଜଣେ ପ୍ରଭାବଶାଳୀ ମନ୍ତ୍ରୀ ଥିଲେ। ୨୦୦୭ରେ ଜିଲ୍ଲା ପରିଷଦ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ନଥିବା ସତ୍ତ୍ୱେ ପାଙ୍ଗି ଗୋଟିଚାଳନା କରି ନିଜ ପୁଅ ଅଶୋକ କୁମାର ପାଙ୍ଗୀଙ୍କୁ ଅଧ୍ୟକ୍ଷ କରିପାରିଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ନିଜ ଶାଳକ ସ୍ୱର୍ଗତ ଡୁମୁରି ଖିଲଙ୍କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ କରା ନଯିବାରୁ ପାଙ୍ଗି ବିରୋଧ କରିଥିଲେ। ଉକ୍ତ ଘଟଣାରେ ଦଳରୁ ନିଲମ୍ବିତ ହେବା ପରେ ସେ ବିଜେପିରେ ଯୋଗ ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଶ୍ରୀ ପାଙ୍ଗି ବିଜେପି ଟିକଟରେ ସାଂସଦ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। କିଛି ଦିନ ପରେ ବିଜେପିରୁ ମୋହ ଭାଙ୍ଗି ବିଆର୍‌ଏସ୍‌ରେ ବି ଯୋଗ ଦେଇଥିଲେ। ହେଲେ ବିଆର୍‌ଏସ୍ ଓଡ଼ିଶାରେ କାମକୁ ନୁହଁ ଜାଣି ବର୍ତ୍ତମାନ କଂଗ୍ରେସରେ ଯୋଗ ଦେଇଛନ୍ତି। ତେବେ ବର୍ତ୍ତମାନ ଉଭୟେ ଶ୍ରୀ ଗମାଙ୍ଗ ଓ ପାଙ୍ଗିଙ୍କୁ କଂଗ୍ରେସ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେଇନଥିବା ବେଳେ ଉଭୟ ନେତା ସେମାନଙ୍କ ପୁଅର ରାଜନୈତିକ ଭବିଷ୍ୟତ ନେଇ ଚିନ୍ତିତ ଅଛନ୍ତି।

### କଟକ ସଂସଦୀୟ କ୍ଷେତ୍ର

# ପ୍ରଚାରରେ ସଂତୃପ୍ତ ଆଗୁଆ



**କଟକ, ୮।୪ (ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ କଟକ ଲୋକସଭା ନିର୍ବାଚନମଣ୍ଡଳୀରେ ଧୀରେଧୀରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି। ଏହି ସଂସଦୀୟ କ୍ଷେତ୍ରରେ ବିଜେଡି ସଭା, ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାର ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ସକ୍ଷମ ହୋଇଛି। ବିଜୁ ଜନତା ଦଳ ପ୍ରାର୍ଥୀ ସଂତୃପ୍ତ ମିଶ୍ର ରାଜନୀତିର ମଇଦାନରେ ନୂଆ ହୋଇଥିଲେ ମଧ୍ୟ ଖୁବ୍ କମ୍ ଦିନ ମଧ୍ୟରେ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଘନଘନ ଗସ୍ତ କରି ଲୋକଙ୍କ ନିକଟତର ହୋଇଛନ୍ତି। ତେବେ ଏ କ୍ଷେତ୍ରରେ କିନ୍ତୁ ବିଜେପି ପ୍ରାର୍ଥୀ ତଥା ୬ଥରର ସାଂସଦ ଭର୍ତ୍ତୃହରି ମହତାବ ପଛରେ ପଡ଼ିଥିବା ଚର୍ଚ୍ଚା ହେଉଛି। ବିଭିନ୍ନ ନିର୍ବାଚନମଣ୍ଡଳୀରେ ବିଜେପିର ଗୋଷ୍ଠୀକନ୍ଦଳକୁ ନେଇ ଏବେ ଅକଳରେ ପଡ଼ିଛନ୍ତି ଭର୍ତ୍ତୃହରି। ଏଥିପାଇଁ ତାଙ୍କର ପ୍ରଚାର ଅଭିଯାନ ମନ୍ଥର ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ବିଶେଷକରି ଚୌଦ୍ୱାର-ବିଧାନସଭା ପାଇଁ ବିଜେପି ପ୍ରାର୍ଥୀ ହୋଇଥିବା ନୟନ କିଶୋର ମହାନ୍ତିଙ୍କ ପ୍ରାର୍ଥିତ୍ୱକୁ ପ୍ରବଳ ବିରୋଧ ହୋଇଛି। ବିଜେପି ଟିକେଟରୁ ବଞ୍ଚିତ ପ୍ରମୋଦ କୁମାର ସାହୁ ଓ ତାଙ୍କ ଅନୁଗତମାନେ ନୟନଙ୍କୁ ବିରୋଧ କରି କଟକରୁ ଭୁବନେଶ୍ୱର ବିଜେପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଭା ଶୋଭାଯାତ୍ରା କରିଲେଣି। ସେହିପରି ବାଙ୍କୀ, ବଡ଼ମ୍ବା ଆଦି ବିଧାନସଭା କ୍ଷେତ୍ରରେ ମଧ୍ୟ ବିଜେପିର ପ୍ରାର୍ଥୀ ଚୟନକୁ ନେଇ ପ୍ରବଳ ବିରୋଧାଭାସ ରହିଛି। ବାଙ୍କୀରେ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କୁ ବିଜେପି ବିଧାୟକ ପ୍ରାର୍ଥୀ କରିଥିବା ବେଳେ ଏଠାରେ ଶୁଭ୍ରାଂଶୁ ମୋହନ ପାଢ଼ୀ ଓ ତାଙ୍କ ଅନୁଗତମାନେ ଅସନ୍ତୋଷ ଜାହିର କରିଛନ୍ତି। ଏହା ଭର୍ତ୍ତୃହରିଙ୍କ ପ୍ରଚାର ଅଭିଯାନରେ ପ୍ରତିବନ୍ଧକ ହୋଇଛି।

**ଦଳୀୟ କନ୍ଦଳ ପାଇଁ ଚିନ୍ତାରେ ଭର୍ତ୍ତୃହରି**

ଗୋଟିଏପଟେ, ବିଭିନ୍ନ ନିର୍ବାଚନମଣ୍ଡଳୀରେ ଥିବା ଏହି ଅସନ୍ତୋଷକୁ ସମାଧାନ କରାଯିବା ପରେ ସମସ୍ତଙ୍କୁ ନେଇ ପ୍ରଚାରକୁ ଓହ୍ଲାଇବା ଲକ୍ଷ୍ୟରେ ରହିଛନ୍ତି ଭର୍ତ୍ତୃହରି। ଅନ୍ୟପଟେ ବିଜେଡି ପ୍ରାର୍ଥୀ ଘୋଷଣା ହେବା ଦିନଠାରୁ ହିଁ ସଂତୃପ୍ତ ମିଶ୍ର ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି କାର୍ଯ୍ୟକ୍ରମ କରି ଲୋକଙ୍କୁ ଭୋଟ ଭିକ୍ଷା କରୁଛନ୍ତି। ଇତିମଧ୍ୟରେ କଟକ ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖଣ୍ଡପଡ଼ାକୁ ବାଦ୍ ଦେଲେ ବାକି ୬ଗୋଟି ତଥା ବଡ଼ମ୍ବା, ବାରବାଟୀ-କଟକ, କଟକ ସଦର, ଆଠଗଡ଼, ଚୌଦ୍ୱାର-କଟକ, ବାଙ୍କୀ ଆଦି ବିଧାନସଭା କ୍ଷେତ୍ର ଅଞ୍ଚଳ ଗସ୍ତ କରି ପ୍ରଚାର କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛନ୍ତି। କଟକ ସଂସଦୀୟ କ୍ଷେତ୍ର ପାଇଁ ଅଦ୍ୟାବଧି କଂଗ୍ରେସ କିନ୍ତୁ ପ୍ରାର୍ଥୀ ଘୋଷଣା କରିପାରିନାହିଁ।

### ମାହାଙ୍ଗା ବିଧାନସଭା କ୍ଷେତ୍ରରେ ରୋଚକ ସ୍ଥିତି

# ଶାରଦା ଭାଗ କରିବେ କି ବିଜେପି ଭୋଟ୍

**କଟକ, ୮।୪ (ସମିସ):** ସାରସ୍ୱତ ସାଧକ, ବୁଦ୍ଧିଜୀବୀଙ୍କ ମାଟି ହେଉଛି କଟକ ଜିଲ୍ଲାର ମାହାଙ୍ଗା ବିଧାନସଭା କ୍ଷେତ୍ର। ସେକ ମତଲୁବ ଅଲ୍ଲୀ, ଶରତ କର, ବିକ୍ରମ ବର୍ମାଙ୍କ ଭଳି ନେତା ଏହି ବିଧାନସଭାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଏପରିକି ଗତ ୨୦୦୯, ୨୦୧୪ ଓ ୨୦୧୯ରେ ବିଜୁ ଜନତା ଦଳର ପ୍ରାର୍ଥୀ ପ୍ରତାପ ଜେନା ଏହି ନିର୍ବାଚନମଣ୍ଡଳୀରେ କ୍ରମାଗତ ବିଜୟ ବାନା ଉଡ଼ାଇବାକୁ ସକ୍ଷମ ହୋଇଛନ୍ତି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ରରୁ ବିଜେଡି ଓ ବିଜେପିରୁ ନୂଆ ମୁହଁଙ୍କୁ ପ୍ରାର୍ଥୀ ଭାବେ ଚୟନ କରାଯାଇଛି। ବିଜେଡିରୁ ପ୍ରତାପ ଜେନାଙ୍କ ପୁତ୍ର ଅଙ୍କିତ ପ୍ରତାପ ଜେନା ଓ ବିଜେପିରୁ ସୁମନ୍ତ ଘଡ଼େଇ ଦୁଇ ନୂଆ ଚେହେରା ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି।

**୨୦୧୯ ଫଳାଫଳ**

ପ୍ରତାପ ଜେନା(ବିଜେଡି)-୧, ୦୬, ୦୫୪ଖଣ୍ଡ ଭୋଟ(୫୩.୧୩ପ୍ରତିଶତ)

ଶାରଦା ପ୍ରସାଦ ପ୍ରଧାନ(ବିଜେପି)-୭୬, ୪୬୯ଖଣ୍ଡ ଭୋଟ(୩୮.୩୧ପ୍ରତିଶତ)

ଦେବେନ୍ଦ୍ର କୁମାର ସାହୁ(କଂଗ୍ରେସ)-୧୪, ୯୨୨ଖଣ୍ଡ ଭୋଟ(୭.୪୭ପ୍ରତିଶତ)

**୨୦୨୪ରେ ମତ ସାବ୍ୟସ୍ତ କରିବେ**

ପୁରୁଷ(୧, ୩୯, ୨୦୩)

ମହିଳା(୧, ୨୮, ୮୨୫)

ଅନ୍ୟାନ୍ୟ(୧୬)

ମୋଟ ଭୋଟର-୨, ୬୯, ୦୪୪ଜଣ

ବିଗତ ୨୪ ବର୍ଷ ଧରି ବିଜୁ ଜନତା ଦଳର ଏକ ଅଭେଦ୍ୟ ଦୁର୍ଗ ହୋଇ ଛିଡ଼ା ହୋଇଛି ମାହାଙ୍ଗା ବିଧାନସଭା କ୍ଷେତ୍ର। ଶେଷଥର ପାଇଁ ୧୯୯୫ ନିର୍ବାଚନରେ ଏଠାରୁ କଂଗ୍ରେସ ପ୍ରାର୍ଥୀ ସେକ ମତଲୁବ ଅଲ୍ଲୀ ବିଜୟୀ ହୋଇପାରିଥିଲେ। ଏହି ବିଧାନସଭା କ୍ଷେତ୍ରରୁ ୧୯୮୫ରେ କଂଗ୍ରେସ ପ୍ରାର୍ଥୀ ସେକ ମତଲୁବ ଅଲ୍ଲୀ ଜନତା ଦଳ ପ୍ରାର୍ଥୀ ଶରତ କୁମାର କରଙ୍କୁ ହରାଇଥିଲେ। ୧୯୯୦ରେ କିନ୍ତୁ ଶରତଙ୍କଠାରୁ ପରାସ୍ତ ହୋଇଥିଲେ ମତଲୁବ ଅଲ୍ଲୀ। ୧୯୯୫ରେ ପୁଣି କଂଗ୍ରେସ ପ୍ରାର୍ଥୀ ମତଲୁବ ଅଲ୍ଲୀ ତାଙ୍କର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ବିଧାୟକ ନିର୍ବାଚିତ ହୋଇଥିଲେ। ତେବେ ୨୦୦୦ରେ ବିଜେଡି ପ୍ରାର୍ଥୀ ଶରତ କର ଓ ୨୦୦୪ ନିର୍ବାଚନରେ ବିକ୍ରମକେଶରୀ ବର୍ମା ବିଜୟୀ ହୋଇଥିଲେ। ୨୦୦୯ରେ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ପରେ ବିଜେଡି ଏଠାରେ ପ୍ରତାପ ଜେନାଙ୍କୁ ପ୍ରାର୍ଥୀ କରିଥିଲା। ସେବେଠାରୁ ପ୍ରତାପ ନିର୍ବାଚନରେ ଅପରାଜେୟ ରହିଆସିଛନ୍ତି।

ଆସନ୍ତା ନିର୍ବାଚନରେ ବିଜେଡି ପ୍ରାର୍ଥୀ ଅଙ୍କିତ ଓ ବିଜେପି ପ୍ରାର୍ଥୀ ସୁମନ୍ତଙ୍କ ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। ମାହାଙ୍ଗା ବିଧାନସଭା କ୍ଷେତ୍ରରେ ଏକ ରୋଚକ ସ୍ଥିତି ସୃଷ୍ଟି ହୋଇଛି। କାରଣ ୨୦୦୯ରୁ ଏଠାରେ ପ୍ରତାପଙ୍କୁ ଟକ୍କର୍ ଦେବାକୁ ସଂଗଠନ କରି ଆସିଥିବା ଶାରଦା ପ୍ରଧାନଙ୍କୁ ବିଜେପି ଟିକଟ ଦେଇନାହିଁ। ତେଣୁ, ତାଙ୍କର କ'ଣ ଭୂମିକା ରହିବ, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ। ସେ







**ଦୁଇ ନବାଗତଙ୍କ ମଧ୍ୟରେ ଲଢ଼େଇ**

ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିପାରନ୍ତି ବୋଲି ମଧ୍ୟ ତାଙ୍କ ଅନୁଗତଙ୍କ ମଧ୍ୟରେ ଆଲୋଚନା ହେଉଛି। ଏଣୁ ଶାରଦାଙ୍କ ମଧ୍ୟ ଏହି ନିର୍ବାଚନରେ ଏକ ନିର୍ଣ୍ଣାୟକ ଭୂମିକା ରହିଛି। ଯାହା ବିଜେପିକୁ ଅଡୁଆରେ ପକାଇବ ବୋଲି କୁହାଯାଉଛି। ୨୦୧୪ରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଶାରଦା ଏହି ନିର୍ବାଚନମଣ୍ଡଳୀରୁ ୬୧ ହଜାରରୁ ଅଧିକ ଭୋଟ ପାଇଥିବା ବେଳେ ୨୦୧୯ରେ ବିଜେପି ପ୍ରାର୍ଥୀ ହୋଇ ୭୬ ହଜାରରୁ ଅଧିକ ଭୋଟ ହାତେଇବାକୁ ସକ୍ଷମ ହୋଇଥିଲେ। ଦଳ ଏଥର ତାଙ୍କୁ ଅଣଦେଖା କରିଥିବା ବେଳେ ତାଙ୍କର ଆଗାମୀ ଭୂମିକା ଉପରେ ସମସ୍ତଙ୍କ ନଜର ରହିଛି। ସେ ସ୍ୱାଧୀନ ପ୍ରାର୍ଥୀ ହେଲେ ବିଜେପି ଭୋଟ ବିଭାଜିତ ହେବା ସ୍ପଷ୍ଟ ହୋଇଛି। ଯଦି ପ୍ରାର୍ଥୀ ନହୁଅନ୍ତି ବି ତାଙ୍କ ସମର୍ଥକମାନେ ସୁମନ୍ତଙ୍କୁ ଗ୍ରହଣ କରିବା ସ୍ଥିତିରେ ନାହାନ୍ତି। କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନଥିବା ବେଳେ ଦେବେନ୍ଦ୍ର ସାହୁ ପୁଣି କଂଗ୍ରେସ ପ୍ରାର୍ଥୀ ହେଉଥିବା ଆଲୋଚନା ହେଉଛି। ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରତାପଙ୍କ ସଂଗଠନ ସହାୟକ ହେଉଥିବା ବେଳେ ବିଜେପି କେତେଦୂର ଶାରଦାଙ୍କୁ ସନ୍ତୁଷ୍ଟ କରି ପ୍ରଚାର ମଇଦାନକୁ ଓହ୍ଲାଇବ, ତାହା ଦେଖିବାକୁ ବାକି ରହିଛି।

# ସମ୍ବିତ ପାତ୍ରଙ୍କୁ ନିଜ ଦଳରୁ ବିରୋଧ

### ସତ୍ୟବାଦୀ ବିଜେପି ବିଧାୟକ ପ୍ରାର୍ଥୀଙ୍କୁ ସମାଲୋଚନା କଲେ ଦଳର ବରିଷ୍ଠ ନେତା

**ପୁରୀ, ୮।୪ (ସମିସ):** ବିଜେପି ଦଳରେ ଗୋଷ୍ଠୀ କନ୍ଦଳ ସେତେ ତୀବ୍ର ହେବାରେ ଲାଗିଛି। ବିଶେଷକରି ପ୍ରାର୍ଥିତ୍ୱକୁ ନେଇ ପ୍ରତିଦିନ ନୂଆନୂଆ କେଁ ଉପୁଜୁଛି। ଏହି କ୍ରମରେ ନିଜ ଦଳ ଭିତରୁ ବିରୋଧର ଶିକାର ହୋଇଛନ୍ତି ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ତଥା ପୁରୀ ସଂସଦୀୟ କ୍ଷେତ୍ରର ପ୍ରାର୍ଥୀ ସମ୍ବିତ ପାତ୍ର। କେବଳ ସମ୍ବିତ ନୁହଁନ୍ତି, ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ପ୍ରାର୍ଥୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ବରିଷ୍ଠ ବିଜେପି ନେତା କୃଷ୍ଣ ଜଗଦେବ। ଏ ନେଇ ସୋମବାର ସ୍ଥାନୀୟ ଏକ ହୋଟେଲରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ବରିଷ୍ଠ ନେତା କୃଷ୍ଣ ଜଗଦେବଙ୍କ ସମେତ ଅନେକ ନେତୃବୃନ୍ଦ ସତ୍ୟବାଦୀରୁ ଓମ୍‌ପ୍ରକାଶ ମିଶ୍ରଙ୍କୁ ବିଧାୟକ ପ୍ରାର୍ଥୀ କରାଯିବା ପଛରେ ସିଧାସଳଖ ସମ୍ବିତ ପାତ୍ରଙ୍କ କାର୍ଯ୍ୟକଳାପକୁ ସନ୍ଦେହ ପ୍ରକଟ କରିଥିଲେ। ଶ୍ରୀ ଜଗଦେବ କହିଛନ୍ତି ଗୋପବନ୍ଧୁଙ୍କ ମାଟି ସତ୍ୟବାଦୀ ଆସନରୁ ବିଜେପି ସମ୍ବିତ ପାତ୍ରଙ୍କ ପ୍ରରୋଚନାରେ ଅପରାଧିକ ପୃଷ୍ଠଭୂମି, ଯୌନ ବ୍ୟଭିଚାର ଏବଂ ଅର୍ଥନୈତିକ ଅପରାଧରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି ବୋଲି ଶ୍ରୀ ଜଗଦେବ କହିଛନ୍ତି। ଅପରପକ୍ଷେ, ଯୁବନେତା କାମାକ୍ଷା ପ୍ରଧାନ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ସହ ଲୋକଙ୍କ ସୁଖଦୁଃଖରେ ଛିଡ଼ା ହେଉଥିବା ବେଳେ ତାଙ୍କୁ ଅଣଦେଖା କରାଯାଇଛି। ସତ୍ୟବାଦୀରେ ପ୍ରାର୍ଥୀ ଚୟନର ଯଦି ପୁନର୍ବିଚାର କରା ନଯାଏ, ତେବେ ବିଜେପିର ହଜାର ହଜାର କର୍ମୀ ଓ କାର୍ଯ୍ୟକର୍ତ୍ତା ସାମୂହିକ ଦଳରୁ ଇସ୍ତଫା ପ୍ରଦାନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ, କମାକ୍ଷା ମଧ୍ୟ ବିଜେପି ଦଳର ଏପରି ନିଷ୍ପତ୍ତି ଓ ଅଣଦେଖାକୁ ଖୋଲାଖୋଲି ନିନ୍ଦା କରିଛନ୍ତି।

### ବରଗଡ଼ ବିଧାନସଭା

# ବାପାଙ୍କ ସମକକ୍ଷ ହେବା ଲକ୍ଷ୍ୟରେ ପୁଅ

**ବରଗଡ଼, ୮।୪ (ସମିସ):** ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ତିନି ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ହେବା ପରେ ରାଜନୈତିକ ମାହୋଲ ସରଗରମ ହୋଇଉଠିଛି। ଇତିହାସକୁ ଦେଖିଲେ, କେବଳ ୨୦୦୯କୁ ବାଦ୍ ଦେଇ ୧୯୯୦ରୁ ଏହି ଆସନରେ ଅଣକଂଗ୍ରେସ ପ୍ରାର୍ଥୀମାନେ ନିର୍ବାଚିତ ହୋଇ ଆସିଛନ୍ତି। ୧୯୯୦ ଓ ୧୯୯୫ରେ ପ୍ରସନ୍ନ ଆଚାର୍ଯ୍ୟ ଏହି ଆସନରୁ ନିର୍ବାଚିତ ହୋଇଥିବା ବେଳେ ୧୯୯୮ ଉପନିର୍ବାଚନ, ୨୦୦୦ ଓ ୨୦୦୪ରେ ଏହି ଆସନରୁ ଆନନ୍ଦ ଆଚାର୍ଯ୍ୟ ହ୍ୟାଟ୍ରିକ ବିଜୟ କରିଥିଲେ। ବର୍ତ୍ତମାନ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ପୁତ୍ର ଦେବେଶ ଆଚାର୍ଯ୍ୟ ମଧ୍ୟ ୨୦୧୪ ଓ ୨୦୧୯ରେ ନିର୍ବାଚିତ ହେବା ସହ ଏବେ ହ୍ୟାଟ୍ରିକ ବିଜୟର ଆଶା ରଖିଛନ୍ତି। ଏହି ୩୪ ବର୍ଷର ରାଜନୀତିରେ କେବଳ ଥରୁଟିଏ ୨୦୦୯ରେ କଂଗ୍ରେସର ସାଧୁ ନେପାକ ମାତ୍ର ୨ ହଜାର ଭୋଟରେ ଆନନ୍ଦ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ। ତେବେ ପରିବର୍ତ୍ତିତ ରାଜନୀତିରେ ବର୍ତ୍ତମାନ ସାଧୁ ନେପାକ ମଧ୍ୟ ବିଜୁ ଜନତା ଦଳରେ ଯୋଗଦେଇ ଏବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଅଛନ୍ତି।

ସେହିପରି ବିଜେପିରୁ ପ୍ରାର୍ଥୀ ହୋଇଥିବା ଅଶ୍ୱିନୀ ଷଡ଼ଙ୍ଗୀ ମଧ୍ୟ ତୃତୀୟଥର ପାଇଁ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ୨୦୧୪ରେ ୨୨ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିବା ବେଳେ ୨୦୧୯ରେ ୬୬ ହଜାରରୁ ଅଧିକ ଭୋଟ ପାଇ ଦ୍ୱିତୀୟ ସ୍ଥାନକୁ ଆସିଥିଲେ। କଂଗ୍ରେସ ଦ୍ୱିତୀୟ ଥର ପାଇଁ ନିପନ ଦାଶଙ୍କ ଉପରେ ଆସ୍ଥା ସ୍ଥାପନ କରିଛି। ଗତ ନିର୍ବାଚନରେ ୧୬ ହଜାରରୁ ଅଧିକ ଭୋଟ ପାଇ ବିଜେଡି ଓ ବିଜେପି ପଛକୁ ତୃତୀୟ ସ୍ଥାନରେ ରହିଥିଲା। ତେଣୁ ଚଳିତ ନିର୍ବାଚନରେ ଗତ ନିର୍ବାଚନର ୩ ପ୍ରମୁଖ ପ୍ରାର୍ଥୀ ପୁଣି ରିପିଟ୍ ହୋଇଛନ୍ତି।



ବରଗଡ଼ ବିଧାନସଭା କ୍ଷେତ୍ରରେ ବରଗଡ଼ ମ୍ୟୁନିସିପାଲଟି ସହ ବରଗଡ଼ ବ୍ଲକ ଓ ବରପାଲି ବ୍ଲକର ସାତଟି ପଞ୍ଚାୟତ ରହିଛି। ବିଜୁ ଜନତା ଦଳର ଜନାଭିମୁଖୀ କାର୍ଯ୍ୟକୁ ପାଥେୟ କରି ଦେବେଶ ମଇଦାନକୁ ଓହ୍ଲାଇଥିବା ବେଳେ କେନ୍ଦ୍ର ସରକାରଙ୍କ ଯୋଜନାକୁ ପାଥେୟ କରି ବିଜେପି ରଣନୀତି ପ୍ରସ୍ତୁତ କରୁଛି। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ପରିବର୍ତ୍ତନ ବାର୍ତ୍ତା ଦେବାକୁ ଚେଷ୍ଟା କରୁଛି। ବରଗଡ଼ ପୌରପରିଷଦ ଏବେ ବିଜେଡି ଦଖଲରେ ଥିବା ବେଳେ ବରଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧ୍ୟ ବିଜେଡିର ଅଛନ୍ତି। ସେହିପରି ବରପାଲି ବ୍ଲକ ମଧ୍ୟ ବିଜେଡିର କବ୍‌ଜାରେ ରହିଛି। ଏପରି ପରିସ୍ଥିତିରେ ସାଂଗଠନିକ ଦୃଷ୍ଟିରୁ ଦଳର ସ୍ଥିତି ମଜଭୁତ ଜଣାପଡୁଛି। ୨୦୧୪ରେ ଦେବେଶ ଆଚାର୍ଯ୍ୟ ୫୯, ୩୫୦(୪୦.୬୭ ପ୍ରତିଶତ) ଭୋଟ ପାଇଥିବା ବେଳେ ୨୦୧୯ରେ ଏହା ୭୫୧୩୩ (୪୬.୪୮ ପ୍ରତିଶତ)କୁ ବୃଦ୍ଧି ପାଇଥିଲା। ଏଥର ଭୋଟହାର ଆହୁରି ବୃଦ୍ଧି ପାଇବ ବୋଲି ବିଜେଡି ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ କରାଯାଇଛି। ଚଳିତ ନିର୍ବାଚନରେ ବିଜୟୀ ହୋଇ ଦେବେଶ ତାଙ୍କ ପିତା ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ହ୍ୟାଟ୍ରିକ ବିଜୟର ସମକକ୍ଷ ହେବାକୁ ଆଶା ରଖିଛନ୍ତି। ତେଣୁ ଏଥରର ସଫଳତା ଦେବେଶଙ୍କୁ ଏକ ବିରଳ ରେକର୍ଡର ଅଧିକାରୀ କରିବ। ଅନ୍ୟପକ୍ଷରେ ଦୁଇଥର ପରାଜିତ ହୋଇଥିବା ବିଜେପି ପ୍ରାର୍ଥୀ ଅଶ୍ୱିନୀ ଷଡ଼ଙ୍ଗୀ ଏହି ଆସନ ଅକ୍ତିଆର ପାଇଁ ନିଜର ସମସ୍ତ ଶକ୍ତି ପ୍ରୟୋଗ କରିବେ ବୋଲି କୁହାଯାଉଛି। ସେହି ପରିପ୍ରେକ୍ଷୀରେ ବରଗଡ଼ ବିଧାନସଭା ଆସନରେ ଚଳିତ ନିର୍ବାଚନରେ ରୋଚକ ସ୍ଥିତି ଦେଖିବାକୁ ମିଳିବ।

**ହ୍ୟାଟ୍ରିକ୍ ବିଜୟ ଆଶାରେ ଦେବେଶ**

# ବିଜେପିକୁ କାଳ ପିଣ୍ଟୁଙ୍କ ବିଦ୍ରୋହ

**ବ୍ରହ୍ମପୁର,୮।୪(ସମିସ):** ବ୍ରହ୍ମପୁର ବିଧାନସଭା ଆସନରେ ବିଜେପି ନୂଆ ମୁହଁ ଭାବେ ପୂର୍ବତନ କର୍ପୋରେଟର୍ କେ. ଅନୀଲ କୁମାରଙ୍କୁ ମଇଦାନକୁ ଓହ୍ଲାଇବା ପରେ ଦଳରେ ଅନ୍ତର୍କନ୍ଦଳ ଚରମ ରୂପ ନେବାକୁ ବସିଲାଣି। ଏହାକୁ ବିରୋଧ କରି ଟିକଟ ଆଶାୟୀ ଥିବା ବ୍ରହ୍ମପୁରର ପୂର୍ବତନ ମେୟର୍ ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶ ଏବେ ରକ୍ତଚାଉଳ ଚୋବାଉଛନ୍ତି। ଦଳ ଏଠାରେ ପ୍ରାର୍ଥୀ ପରିବର୍ତ୍ତନ ନ କଲେ, ପିଣ୍ଟୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏପରି ହେଲେ, ଏଠାରେ ବିଜେପିର ଭୋଟ୍ ଏଠାରେ ଭାଗଭାଗ ହେବ ବୋଲି ରାଜନୈତିକ ପଣ୍ଡିତମାନେ ଆକଳନ କଲେଣି। ସେମାନଙ୍କ ଯୁକ୍ତି ହେଲା, ୨୦୦୮ରୁ ୨୦୧୩ ପର୍ଯ୍ୟନ୍ତ ବ୍ରହ୍ମପୁରର ମେୟର୍ ଥିଲେ ପିଣ୍ଟୁ। ୨୦୧୪ ସାଧାରଣ ନିର୍ବାଚନରେ ବିଜେପି ତାଙ୍କୁ ବ୍ରହ୍ମପୁର ବିଧାନସଭା ଅସନରୁ ପ୍ରାର୍ଥୀ କରିଥିଲା। ସେ ଏଠାରେ ୨୫ ହଜାରରୁ ଅଧିକ ଭୋଟ ହାତେଇଥିଲେ। ପରେ ବିଭିନ୍ନ ମାମଲାରେ ଛନ୍ଦି ହୋଇ ଜେଲ୍ ଯାଇଥିଲେ। ୨୦୧୯ରେ ପିଣ୍ଟୁଙ୍କ ଅନୁପସ୍ଥିତିରେ ତାଙ୍କ ଆଇନଜୀବୀ ପତ୍ନୀଙ୍କୁ ଦଳୀୟ ଟିକଟ ନ ମିଳିବାରୁ ପିଣ୍ଟୁ ବିଦ୍ରୋହ କରିଥିଲେ ଏବଂ ତାଙ୍କ ଧର୍ମପତ୍ନୀ ଆଶାଲତା ଦାଶଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ବର୍ତ୍ତମାନ ପିଣ୍ଟୁ ବିଜେପି ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଟିକଟ ପାଇଁ ଆଶାୟୀ ରହିବା ସ୍ୱାଭାବିକ ମଧ୍ୟ। କିନ୍ତୁ ଦଳ ତାଙ୍କ ପ୍ରତି ଅଣଦେଖା କରିଥିବାରୁ ଏବେ ସେ ବିଜେପିର ଭୋଟ୍ କାଟିବା ଭଳି ଆତ୍ମଘାତୀ ରୂପ ଆପଣାଇବେ। ସ୍ୱାଧୀନ ଭାବେ ଛିଡ଼ା ହେଲେ ଏଠାରେ ବିଜେପିର ଭୋଟ୍ ଭାଗ ହେବ ବୋଲି ସେମାନଙ୍କ କହିବା କଥା।

ପିଣ୍ଟୁ କହିଛନ୍ତି, ଦଳକୁ ନୂଆ କରି ଆସି ଟିକଟ ହାତେଇଥିବା ବ୍ୟକ୍ତି ଦଳରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଯାଇ ଟିକଟ ବଣ୍ଟନରେ ଗୋଳିଆ କରିଛି। ଏଭଳି ବ୍ୟକ୍ତି ଓ ପ୍ରାର୍ଥୀଙ୍କୁ ଲୋକେ କାହିଁକି ଖୋଦ୍ ଦଳୀୟ କର୍ମୀ ମଧ୍ୟ କଦାପି ଗ୍ରହଣ କରିବେ ନାହିଁ। ତେଣୁ ଏଠାରେ ଯଦି ଦଳ ତରଫରୁ ପ୍ରାର୍ଥୀ ଚୟନରେ ପରିବର୍ତ୍ତନ କରା ନଯାଏ, ତେବେ ସେ ବାଧ୍ୟ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇବେ। ପିଣ୍ଟୁ ବିଜେପିର ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ପ୍ରାର୍ଥିତ୍ୱ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଚାକିରି ଆଶାୟୀ ନିରୀହ ଯୁବକମାନଙ୍କଠାରୁ ଟଙ୍କା ହଡ଼ପ କରି ଜେଲ୍ ଯାଇଥିବା ଓ ଜନବିରୋଧୀ ଆଖ୍ୟାରେ ନିଜ ଦଳରୁ ବହିଷ୍କୃତ ହୋଇଥିବା ଗୋପାଳପୁରର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଦଳ ବ୍ରହ୍ମପୁର ଲୋକସଭା ଆସନରୁ ଟିକଟ ଦେଇ ପ୍ରାର୍ଥୀ କରିଛି। ପ୍ରଦୀପଙ୍କୁ ଟିକଟ ମିଳିବାରେ ଯଦିଓ ତାଙ୍କର କୌଣସି ଆପତ୍ତି ନାହିଁ ତେବେ ବିଧାନସଭା ଟିକଟ ବଣ୍ଟନ ଓ ପ୍ରାର୍ଥୀ ଚୟନରେ ସେ ମୁଣ୍ଡ ପୂରାଇବା ଆଦୌ ବରଦାସ୍ତଯୋଗ୍ୟ ନୁହେଁ। ନିଜ ପାଖ ଲୋକଙ୍କୁ ଖୁସି କରିବା ଓ ସେମାନଙ୍କଠାରୁ ସ୍ୱାର୍ଥ ହାସଲ କରିବା ପାଇଁ ପ୍ରଦୀପ ପ୍ରାର୍ଥୀ ଚୟନ କରିଛନ୍ତି ବୋଲି ପିଣ୍ଟୁ ଗୁରୁତର ଅଭିଯୋଗ ଆଣିଛନ୍ତି। ସେପଟେ ପ୍ରଦୀପ ପାଣିଗ୍ରାହୀ ଯେଉଁଭଳି ଭାବେ 'ଲେଖା ଛିଣ୍ଡାଇ ଦେବା' କଥା କହୁଛନ୍ତି ସେ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖିଛନ୍ତି ପିଣ୍ଟୁ। ଯାହାର ନିଜର ଲେଖା ଛିଣ୍ଡିଯାଇଛି ସେ କି ପ୍ରକାର ଓ କାହାର ଲେଖା ଛିଣ୍ଡାଇବ? ତାହା ପ୍ରଥମେ ସ୍ପଷ୍ଟ କରନ୍ତୁ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ପିଣ୍ଟୁ।

ଟିକଟରୁ ବଞ୍ଚିତ ତଥା ନିରାଶ ପିଣ୍ଟୁଙ୍କୁ ବୁଝାଇବାକୁ ଜିଲ୍ଲା ସଭାପତି ଡଃ ସୁବାସ ସାହୁଙ୍କ ସହିତ ଅନ୍ୟ ବରିଷ୍ଠ ନେତା ଓ ଦୁଇ ପ୍ରାର୍ଥୀ ଚେଷ୍ଟା କରିଥିବା ସେ କହିଛନ୍ତି। ତେବେ ପିଣ୍ଟୁ ନିଜର ତଥା କର୍ମୀଙ୍କର ଅସନ୍ତୋଷ ସମ୍ପର୍କରେ ଉଭୟ ରାଜ୍ୟ ଓ କେନ୍ଦ୍ର ନେତୃତ୍ୱଙ୍କୁ ଜଣାଇଛନ୍ତି। ପ୍ରାର୍ଥୀ ପରିବର୍ତ୍ତନ କରିବା ପାଇଁ ଅନୁରୋଧ କରିଛନ୍ତି। ଏଥିରେ ନିରାଶ ହେଲେ, ନିଜର ସମର୍ଥକ ଓ କର୍ମୀଙ୍କ ଅନୁରୋଧକୁ ରକ୍ଷା କରିବାକୁ ଯାଇ ସେ ନିଶ୍ଚିତ ଭାବେ ଆବଶ୍ୟକ ପଦକ୍ଷେପ ବା ନିଷ୍ପତ୍ତି ନେବେ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ଏହା ଦଳବିରୋଧୀ କାର୍ଯ୍ୟ ହେବ ନାହିଁ କି ବୋଲି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ସେ ଓ ତାଙ୍କ ପତ୍ନୀ ଆଶାଲତା ଦାଶ ଉଭୟେ ଦଳର ସକ୍ରିୟ ଓ ଶୃଙ୍ଖଳିତ ସଦସ୍ୟ। ଦୀର୍ଘ ବର୍ଷ ଧରି ଉଭୟେ ଦଳରେ ଅଛନ୍ତି। ଆଶାଲତାଙ୍କୁ ଦଳ ବର୍ତ୍ତମାନ ଜିଲ୍ଲା ମହିଳା ମୋର୍ଚ୍ଚାର ଉପସଭାନେତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛି। ଏଣୁ ଦଳର ନିଷ୍ପତ୍ତିକୁ ଅପେକ୍ଷା କରିଛି। ଯଦି ନିରାଶ ହେବାକୁ ପଡ଼େ, ତେବେ ଜଣେ ସ୍ୱାଧୀନ ତଥା ବିଦ୍ରୋହୀ ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିବାକୁ ପଛାଇବି ନାହିଁ ବୋଲି ମଧ୍ୟ ପିଣ୍ଟୁ ଦାଶ ପରୋକ୍ଷରେ ସୂଚନା ଦେଇଛନ୍ତି।



- ପ୍ରଦୀପ ପାଣିଗ୍ରାହୀଙ୍କୁ ଦେଲେ ଚେତାବନୀ; ଟିକଟ ବଣ୍ଟନରେ ମୁଣ୍ଡ ପୂରାଅନି
- ଟିକଟ ନ ମିଳିଲେ, ସ୍ୱାଧୀନ ଲଢ଼ିବାକୁ ଚେତାବନୀ

### ବ୍ରହ୍ମପୁର ବିଧାନସଭା

# ସ୍ୱାଧୀନ ଲଢ଼ିବେ ଆଇନଜୀବୀ ମନୋଜ ପଟ୍ଟନାୟକ

**ବ୍ରହ୍ମପୁର, ୮।୪ (ସମିସ):** ବ୍ରହ୍ମପୁରରେ ବିଜେପିକୁ ଘାରିଛି ଗୋଷ୍ଠୀକନ୍ଦଳ ଓ ବିଦ୍ରୋହୀ ପ୍ରାର୍ଥୀଙ୍କ ଚିନ୍ତା। କହିବାକୁ ଗଲେ ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ କେବଳ ଜଣଙ୍କୁ ଛାଡ଼ି ଖୋଦ୍ ସାଂସଦ ଓ ଅନ୍ୟ ସମସ୍ତ ପ୍ରାର୍ଥୀ ବିଭିନ୍ନ ଦଳରୁ ଆମଦାନୀ ହୋଇଛନ୍ତି। ଯାହାକୁ ନେଇ ଦଳରେ ଦୀର୍ଘ ବର୍ଷ ଧରି ରହି ସାଂଗଠନିକ ଦାୟିତ୍ୱ ତୁଲାଇଥିବା ବହୁ ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଦଳର ଏଭଳି ନିଷ୍ପତ୍ତିକୁ ନେଇ ବିଜେପିରୁ ବହୁ ନେତା ଦଳ ଛାଡ଼ି ସାରିଛନ୍ତି। ଅନେକେ ବିଭିନ୍ନ ଦଳରେ ସାମିଲ ହୋଇ ସାରିଥିବା ବେଳେ ଅନେକେ ନିଜେ ସ୍ୱାଧୀନ ପ୍ରାର୍ଥୀ ବା ବିଦ୍ରୋହୀ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଯାହା ବିଜେପିର ଚିନ୍ତାକୁ ଦ୍ୱିଗୁଣିତ କରିଦେଇଛି। ସେହିଭଳି ନିକଟରେ ଦଳରୁ ଇସ୍ତଫା ଦେଇଥିବା ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ ୨୦୨୪ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିବାକୁ ଘୋଷଣା କରିଛନ୍ତି। ଦୀର୍ଘବର୍ଷ ଧରି ବିଜେପିରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ ରହି କାର୍ଯ୍ୟ କରି ଆସୁଥିଲେ ମନୋଜ ପଟ୍ଟନାୟକ। ପେସାରେ ଜଣେ ଆଇନଜୀବୀ ହୋଇଥିବା ବେଳେ ୧୩୩ ଧାରା ଫୌଜଧାରୀ ଆଇନ ବଳରେ ବ୍ରହ୍ମପୁର ରାମଲିଙ୍ଗେଶ୍ୱର ପୋଖରୀର ପୁନରୁଦ୍ଧାର, ସହର ଦେଇ ଯାଇଥିବା ଜାତୀୟ ରାଜପଥକୁ ଡିଭାଇଡର ଜରିଆରେ ଦୁଇପାଖିଆ କରିବା ଓ ରେଲିଙ୍ଗ ସ୍ଥାପନ କରିବା, ଧାରଣା ମାଧ୍ୟମରେ ମଶା, ବୁଲା ଗୋରୁଗାଈ, କୁକୁର ଓ ବିଭିନ୍ନ ରାସ୍ତାଘାଟ ମରାମତି କରି ବ୍ରହ୍ମପୁରବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛନ୍ତି। ବିଜେପିରୁ ଇସ୍ତଫା ଦେବା ପରେ ବିଭିନ୍ନ ଦଳ ପକ୍ଷରୁ ତାଙ୍କୁ ମିଶ୍ରଣ ପାଇଁ ତାଙ୍କୁ ନିବେଦନ କରାଯାଉଥିବା ସେ କହିଛନ୍ତି। ସେହିଭଳି ବ୍ରହ୍ମପୁର ସହରର ବହୁ ଶୁଭେଚ୍ଛୁ ଓ ଭୋଟର ଭାଇମାନେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦେଇଛନ୍ତି। ଯାହାକୁ ପାଥେୟ କରି ଚଳିତ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିବା ଏକ ପ୍ରେସ୍ ବିବୃତି ଜରିଆରେ କହିଛନ୍ତି।




**ବିଜେପି ପାଇଁ ମୁଣ୍ଡବ୍ୟଥା**

# ଅନ୍ଧାରୀ ଗାଁ ବାଘୁଆପାଟ; ଡିବିରି ଆଲୁଅ ଭରସା








**ଅନୁଗୋଳ, ୮।୪(ସମିସ)**

ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଅନ୍ଧାରରେ ଦିନ କାଟୁଛନ୍ତି ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତ ବାଘୁଆପାଟ ଗ୍ରାମବାସୀ। ଏହି ଗାଁରେ ବିଦ୍ୟୁତ୍ ଖୁଣ୍ଟ ପୋତା ହୋଇଛି, ତାର ବି ଟଣାଯାଇଛି, ଟ୍ରାନ୍ସଫର୍ମର ମଧ୍ୟ ଲଗାଯାଇଛି। ସମସ୍ତ ଘରେ ମିଟର ବି ଲଗାଯାଇଛି। କିନ୍ତୁ ସେଥିରେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଫଳରେ ଆଜି ବି ଡିବିରି ଏବଂ ଲଣ୍ଠନ ଆଲୁଅକୁ ଏହି ଗାଁର ଲୋକେ ଭରସା କରି ଦିନ କାଟୁଛନ୍ତି। ଗାଁରେ ବିଦ୍ୟୁତ୍ ସଂଯୋଗ ଦେବାକୁ ବନବିଭାଗର କ୍ଲିଅରାନ୍ସ ନଥିବା ବିଦ୍ୟୁତ୍ ସଂଯୋଗ ଦିଆଯାଇନଥିବା ଜଣାଯାଇଛି।

ସୂଚନା ମୁତାବକ, ବଣଜଙ୍ଗଲ ଘେରା ବାଘୁଆପାଟ ଗାଁରେ ୩୦ରୁ ଅଧିକ ପରିବାର ବସବାସ କରୁଛନ୍ତି। ଜଙ୍ଗଲ ଭିତରେ ଥିବା ଏହି ଗାଁକୁ ସବୁବେଳେ ଜଙ୍ଗଲୀ ଜନ୍ତୁଙ୍କ ଭୟ ରହୁଥିବାରୁ ଏଠାକୁ ପୂର୍ବରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିଲା। 'ସୌଭାଗ୍ୟ' ଯୋଜନାରେ ସରକାରଙ୍କ ପକ୍ଷରୁ ଗାଁରେ ବିଦ୍ୟୁତ୍ ଖୁଣ୍ଟ ପୋତି ବିଦ୍ୟୁତ୍ ଯୋଗାଣ ହୋଇଥିଲା। କିନ୍ତୁ ଖୋଲା ତାରରେ ବନ୍ୟଜନ୍ତୁଙ୍କ ଶିକାର ଆଶଙ୍କା କରି ଏଥିରେ ପ୍ରତିବନ୍ଧକ ଲଗାଇଥିଲା ବନବିଭାଗ। ଫଳରେ ବିଦ୍ୟୁତ୍ ବିଭାଗ ସଂଯୋଗ କାଟି ଦେଇଥିବା ଜଣାପଡ଼ିଛି। ଇତିମଧ୍ୟରେ ୫ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ବନବିଭାଗ କ୍ଲିଅରାନ୍ସ ଦେଉ ନଥିବାରୁ ଗାଁ ଲୋକେ ବିଜୁଳି ଆଲୁଅ ପାଇ ପାରୁନାହାନ୍ତି। ବିଜୁଳି ଆଲୁଅ ପାଇଁ ବାରମ୍ବାର ଅନୁରୋଧ କରିବା ପରେ ବି କେହି ଶୁଣୁ ନଥିବା ଗାଁ ଲୋକେ କହିଛନ୍ତି। ଅନ୍ୟପଟେ ଗ୍ରାମରେ କିଛି ଜାଗାରେ ସୋଲାର ଲାଇଟ୍ ମଧ୍ୟ ଲାଗିଛି। କିନ୍ତୁ ତାହା ବି ଅଚଳ ଅବସ୍ଥାରେ ରହିଛି। ଫସଲ ଲଗାଇଲେ ହାତୀ



ଏବଂ ବନ୍ୟଜନ୍ତୁ ଆସି ନଷ୍ଟ କରି ଦେଉଛନ୍ତି, ଫଳରେ ଗାଁ ଲୋକେ ହଇରାଣ ହେଉଛନ୍ତି।

ଏ ସମ୍ପର୍କରେ ବନ୍ତଳା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ମାଧବ ସାହୁଙ୍କୁ ପଚାରିବାରୁ, ବନବିଭାଗର କ୍ଲିଅରାନ୍ସ ନଥିବା ଯୋଗୁ ବିଦ୍ୟୁତ୍ ସଂଯୋଗ ଦେଇ ହେଉନଥିବା କହିଛନ୍ତି। ବନବିଭାଗ ଅନୁମତି ଦେଲେ ବିଦ୍ୟୁତ୍ ସଂଯୋଗ ଦେବାରେ ଅସୁବିଧା ହେବନାହିଁ ବୋଲି ସେ କହିଛନ୍ତି। ସେହିଭଳି ଅନୁଗୋଳ ଡିଏଫ୍ଓ କହିଛନ୍ତି, ଏ ଘଟଣା ବିଷୟରେ ଏକ୍‌ଜିକ୍ୟୁଟିଭ ଅଫିସରଙ୍କ ସହ ଆଲୋଚନା କରିବୁ। କେଉଁଭଳି ଭାବେ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହେବ ସେ ବିଷୟରେ ଆଲୋଚନା କରିବୁ ବୋଲି କହିଛନ୍ତି।

## ବିଜେଡିର ମିଶ୍ରଣ ପର୍ବ



**ବଇଣ୍ଡା, ୮।୪(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମରେ ରବିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗଦେଇ କୃଷ୍ଣଚନ୍ଦ୍ର ସାହୁ, ବସନ୍ତ ବିଶ୍ୱାଳ, ନିରଞ୍ଜନ ସାହୁ, ଶ୍ରୀକ୍ଷେତ୍ର ବେହେରା, ଦୁର୍ଯ୍ୟୋଧନ ବେହେରା, ନରେନ୍ଦ୍ର ବେହେରା, ସୁଶାନ୍ତ ସେଠି ପ୍ରମୁଖ ଅନ୍ୟଦଳର କର୍ମୀଙ୍କୁ ଦଳୀୟ ପତକା ସହ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏଥିସହ ସେମାନଙ୍କର ବିଜେଡିରେ ଯୋଗଦାନ ଯୋଗୁଁ ଦଳ ଆହୁରି ମଜଭୂତ ହେବ ଓ ଆଗାମୀ ଦିନରେ ଦଳ କିଭଳି ଆଠମଲ୍ଲିକରେ ଭଲ ପ୍ରଦର୍ଶନ କରିବ ସେଥିପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ବିଜେଡି ନେତା ତପନ ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ସୁଦାମ ସାହୁ, ଲୋକନାଥ ଦେହୁରୀ, ପ୍ରମୁଖ ଉପସ୍ଥିତ ଥିଲେ।

## ନିଶାସକ୍ତ ଚାଳକ ଗିରଫ; ବାଇକ୍ ଜବତ

**ବଇଣ୍ଡା, ୮।୪(ସମିସ):** କିଶୋରନଗର ପୁଲିସ କିଶୋରନଗର ଅଞ୍ଚଳରୁ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ କଲିକତା ଅଞ୍ଚଳର ହନିଫ ସେକ୍‌ଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇ୍ ଜବତ କରିଛି। ସେ ମଦ୍ୟପାନ କରି ବାଇକ ଚଳାଉଥିବା ବେଳେ ପୁଲିସ ଯାଞ୍ଚରେ ଧରାପଡ଼ିଥିଲେ।

## ବିଭିନ୍ନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

**ଆଠମଲ୍ଲିକ, ୮।୪(ସମିସ):** ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଏନ୍ଏସି ଅନ୍ତର୍ଗତ ସାତ ନମ୍ବର ୱାର୍ଡ ଲିପ୍ତିଙ୍ଗାର ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୱାର୍ଡରେ ପାନୀୟ ଜଳ ସମସ୍ୟା ଦୀର୍ଘ ଦିନରୁ ରହିଛି। ହରିଜନ ସାହିରେ ପାଣି ନପାଇ ଲୋକେ ହନ୍ତସନ୍ତ ହେଉଛନ୍ତି। ମରାମତି କରିବାକୁ ଅନୁରୋଧ ସତ୍ତ୍ୱେ ଗୁରୁତ୍ୱ ଦେଉନାହାନ୍ତି ସମ୍ପୃକ୍ତ ଅଧିକାରୀ। ଗ୍ରୀଷ୍ମ ଆରମ୍ଭରୁ ଲୋକେ ଏ ସବୁ ସମସ୍ୟା ଦେଖିବାକୁ ପାଇଲେଣି। ଜଳ ନିଷ୍କାସିତ ହେଉଥିବା ସ୍ଥାନରେ ଦୁଇଟି ଜେନେରେଟର ଥାଇ ମଧ୍ୟ ଲାଇନ ଗଲା ପରେ ଲୋକେ ପାଣି ପାଇ ପାରୁନାହାନ୍ତି। ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଉନାହାନ୍ତି। ସେହିପରି ବିଦ୍ୟୁତ୍ ଖୁଣ୍ଟ ଗୁଡିକ ତଳ ଭାଗରୁ ଭାଙ୍ଗି ଗଲାଣି। କେତେବେଳେ ବି ଅଘଟଣ ଘଟିପାରେ। ଅଘଟଣ ପୂର୍ବରୁ ସମସ୍ତ ଦୁର୍ବଳ ବିଦ୍ୟୁତ ଖୁଣ୍ଟ ବଦଳାଇବାକୁ ବିଭାଗ କୁ ନିର୍ଦ୍ଦେଶ ଦିଆଯାଉ। ସାତ ନମ୍ବର ୱାର୍ଡର କାଉନ୍‌ସିଲର ନୂତନ ବେହେରା ଏବଂ ୱାର୍ଡବାସୀ ଆଜି ଉପଜିଲ୍ଲାପାଳ ଡ଼ଃ ଜିତେନ୍ଦ୍ର କୁମାର ପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।



## ଇଭିଏମ୍/ ଭିଭିପାଟ୍‌ର ପ୍ରଥମ ରାଣ୍ଡାମାଇଜେସନ୍ ପ୍ରକ୍ରିୟା

**ଅନୁଗୋଳ, ୮।୪(ସମିସ):** ଭାରତୀୟ ନିର୍ବାଚନ କମିଶନ ଓ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ଆଦେଶ କ୍ରମେ ଆଜି ପୂର୍ବାହ୍ନରେ ଇଭିଏମ ଓ ଭିଭିପାଟର ରାଣ୍ଡାମାଇଜେସନ ପ୍ରକ୍ରିୟା ଅନୁଗୋଳ ଜିଲ୍ଲାପାଳ ଆବ୍ଦାଲ ଏମ୍ ଅଖତାରଙ୍କ ଅଧ୍ୟକ୍ଷତାରେ ଓ ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକର ପ୍ରତିନିଧିମାନଙ୍କ ଉପସ୍ଥିତିରେ ସ୍ଥାନୀୟ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରଠାରେ ଶେଷ ହୋଇଯାଇଛି। ଏହି ପ୍ରକ୍ରିୟା ଅନ୍ତର୍ଗତ ପ୍ରତିଟି ଇଭିଏମ୍/ ଭିଭିପାଟ୍‌ର କ୍ରମିକ ନମ୍ବରକୁ ଏକ ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀ ସହ ଅନ୍‌ଲାଇନ ମାଧ୍ୟମରେ ସ୍ୱଚ୍ଛ, ନିରପେକ୍ଷ ଭାବରେ ସଂଯୋଗ କରାଗଲା। ଏହାପରେ ସଂଯୋଗ ହୋଇଥିବା ପ୍ରତିଟି ଇଭିଏମ୍/ ଭିଭିପାଟ୍‌କୁ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ହସ୍ତାନ୍ତର କରାଯିବ। ଏହାସହ ଜିଲ୍ଲାରେ ଥିବା ସମସ୍ତ ନିର୍ବାଚନମଣ୍ଡଳୀକୁ ଇଭିଏମ୍/ ଭିଭିପାଟ୍‌ର ଆବଣ୍ଟନ ପ୍ରକ୍ରିୟା ଚଳିତ ସାଧାରଣ ନିର୍ବାଚନ ୨୦୨୪ ପାଇଁ ଶେଷ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଅଧ୍ୟକ୍ଷ ସୁବ୍ରତ ଚାଟାର୍ଜୀ, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ, ଡେପୁଟି କଲେକ୍ଟର ମମତା ପ୍ରଧାନ, ଇ - ଗଭର୍ଣ୍ଣାନ୍ସ ପରିଚାଳକ ଦେବଦତ୍ତ ସାହୁଙ୍କ ସମେତ ଜିଲ୍ଲାର ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।




## ଗାନ୍ଧୀମାର୍ଗରୁ ପିକ୍‌ଅପ୍ ଭ୍ୟାନ୍ ଚୋରି

**ଅନୁଗୋଳ, ୮।୪(ସମିସ):** ଅନୁଗୋଳ ସହର ଗାନ୍ଧୀମାର୍ଗରେ ରହୁଥିବା ପ୍ରଶାନ୍ତ କୁମାର ବେହେରାଙ୍କ ପିକ୍‌ଅପ୍ ଭ୍ୟାନଟି ରାତିରେ ଚୋରି ହୋଇଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଶ୍ରୀ ବେହେରା ଉକ୍ତ ଦିନ ରାତିରେ ଗାଡ଼ି (ନଂ.ଓଡ଼ି୧୯ଏ-୩୭୦୬)ଟିକୁ ଘର ସମ୍ମୁଖରେ ରଖିଥିଲେ। ସକାଳୁ ଉଠି ଦେଖିଲା ବେଳକୁ ଗାଡି ନ ଥିଲା। କେହି ଦୁର୍ବୃତ୍ତ ରାତିରେ ଗାଡିଟିକୁ ଚୋରି କରିନେଇଛି। ସିସିଟିଭିରେ ଗାଡି ଚୋରି ଦୃଶ୍ୟ କଏଦ୍ ହୋଇଛି। ପୁଲିସ ଖବରପାଇ ତଦନ୍ତ ଆରମ୍ଭ କରିଛି।

## ମଦ ଜବତ; ୫ ଗିରଫ

**ବଇଣ୍ଡା, ୮।୪(ସମିସ):** ହଣ୍ଡପା ପୁଲିସ ବିଭିନ୍ନ ଗ୍ରାମରେ ଚଢଉ କରି ଚୋରାମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି। କଣ୍ଡାଳ ଗ୍ରାମରେ ଚଢଉ କରି ଏଲି ବେହେରା ଙ୍କ ଠାରୁ ୧୩ ଲିଟର ଚୋରା ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ପାପସରା ଗ୍ରାମରେ ଚଢଉ କରି ସୁଭଦ୍ରା ସାହୁଙ୍କ ଠାରୁ ୧୮ ଲିଟର, ଲୁହାମୁଣ୍ଡାର ବିପ୍ଳବ ସାହୁଙ୍କ ଠାରୁ ୧୦ ଲିଟର ବିଦେଶୀ ମଦ, ଦୟାନିଧି ସ୍ୱାଇଁଙ୍କ ଠାରୁ ୧୨ ଲିଟର ବିଦେଶୀ ମଦ ଜବତ କରାଯାଇଛି। ସେହିପରି କିଶୋରନଗର ପୁଲିସ ଧଉରାପାଲି ଗ୍ରାମର ଅନିରୁଦ୍ଧ ବିଶ୍ୱାଳଙ୍କ ଠାରୁ ୪୨ ପାଉଚ ମଦ ଜବତ କରିଛି। ସେମାନଙ୍କୁ ଗିରଫ କରାଯାଇ ମାମଲା ରୁଜୁ କରାଯାଇଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ବିକ୍ରମପୁର, ୮।୪(ସମିସ):** ଅସାବଧାନତା, ମୋବାଇଲ୍ ଏବଂ ଦ୍ରୁତଗତିରେ ଗାଡି ଚାଳନା ଯେ କେତେ ମାରାତ୍ମକ ହେଇପାରେ ତାହା ତେହେରାନପୁର୍ ଠାରେ ଘଟିଥିବା ଦୁର୍ଘଟଣାରୁ ସହଜେ ଅନୁମେୟ। ପ୍ରକାଶ ଥାଉକି ସାମାଜିକ ଅନୁଷ୍ଠାନ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେସନ୍ ସମ୍ପାଦକ ବୁଦ୍ଧଦେବ ଦାସ ତାଙ୍କ ଧର୍ମପତ୍ନୀ ମମତା ଦାସ ବାଇକ ଯୋଗେ ଅନୁଗୁଳରୁ ଆସୁଥିବା ବେଳେ ସ୍ଥାନୀୟ ବଅଁରପାଳ ବ୍ଲକ ଅନ୍ତର୍ଗତ ଭୋଗବେରେଣୀ ଗ୍ରାମର ଯୁବକ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲେ। ଫଳରେ ଉଭୟ ଗୁରୁତର ଆହତ ହେବା ସହ ଧର୍ମପତ୍ନୀଙ୍କ ମୁଣ୍ଡରେ ତଥା କାନ୍ଧରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକ ତଥା ଘର ଲୋକ ସହାୟତାରେ ଆହତଙ୍କୁ ଉଦ୍ଧାର କରି ବେସରକାରୀ କ୍ଲିନିକରେ ଚିକିତ୍ସା ପରେ ଅନୁଗୁଳ ସ୍ଥାନାନ୍ତର କରାଯାଇଛି।

## ବିଭିନ୍ନ ଦାବି ନେଇ ଜରଡ଼ା ଗ୍ରାମବାସୀଙ୍କ ଦାବିପତ୍ର

**କଣିହାଁ, ୮।୪(ସମିସ):** ଏମ୍‌ସିଏଲ୍‌ର କଣିହା କୋଇଲା ଖଣି କ୍ଷତିଗ୍ରସ୍ତ ଜରଡା ଗ୍ରାମ ବସ୍ତିଠାରୁ ୧୫ ମିଟର ଦୂରରେ କୋଇଲା ଖନନ, ଉତ୍ତୋଳନ ଓ ପରିବହନ ଦୀର୍ଘବର୍ଷ ହେବ ଜାରି ରହିଛି। ଅଦ୍ୟାବଧି ନିଯୁକ୍ତି, ଥଇଥାନ, ବିସ୍ଥାପନ ସହିତ ପୁର୍ନବସତି ସମସ୍ୟା ସମାଧାନକୁ ନେଇ ଅଧାପନ୍ତରିଆ କାର୍ଯ୍ୟ କର୍ତ୍ତୃପକ୍ଷଙ୍କ ଫାଇଲ ତଳେ ଚାପିହୋଇ ରହିଛି। ପୁର୍ନବସତି ପାଇଁ ପଥରମୁଣ୍ଡା ଏରିଆରେ ଥଇଥାନ କାର୍ଯ୍ୟ ପ୍ରହସନ ପାଲଟିଛି। ବାରମ୍ବାର ଦାବି ପରେ ୨୦୦୭ ମସିହାରୁ ଅଦ୍ୟାବଧି ସମସ୍ୟା ସମାଧାନ ହେଉ ନାହିଁ। ପୁରୁଣା ଘରେ ଗ୍ରାମବାସୀ ରହୁଥିବା ବେଳେ କୋଇଲା ଖନନ ପାଇଁ ହୋଉଥିବା ବିସ୍ଫୋରଣରୁ ଘରଗୁଡିକ ଦୁର୍ବଳ ହେଉଛି। ମୁଣ୍ଡ ଉପରେ ବିପଦ ଝୁଲି ରହିଛି। ଏହି ସମସ୍ୟା ସମାଧାନ ସହିତ ବିଭିନ୍ନ ଦାବି ନେଇ ଜରଡା ଗ୍ରାମବାସୀ ସୋମବାର ଭୋଟ ବର୍ଜନ ନିମନ୍ତେ ବିଭିନ୍ନ ଲୋକ ପ୍ରତିନିଧିଙ୍କ ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିଭାଗକୁ ଅବଗତ କରାଯାଇଥିବା ଗ୍ରାମ ସଭାପତି ସରୋଜ କୁମାର ସାହୁ, ସମ୍ପାଦକ ଭରତ ଚନ୍ଦ୍ର ବେହେରା, ପରିଚାଳନା କମିଟି ସଦସ୍ୟ ଶରତ କୁମାର ବେହେରା, ନରୋତ୍ତମ ସାହୁ, ମଛିନ୍ଦ୍ର ସାହୁ ପ୍ରମୁଖ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



■ ଟୋଲକପଶି ବସ୍ତିକୁ ବିପଦ ଭାରୀଯାନ ଚଳାଚଳ

## ପାଚେରି ଓ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା ଟ୍ରକ୍



**କଣିହାଁ, ୮।୪(ସମିସ):** କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ଅନ୍ତର୍ଗତ ବିଜିଗୋଳ ପଞ୍ଚାୟତ ଟୋଲକପଶି ରାସ୍ତାରେ ବେଧଡକ ଭାବରେ ୨୪ ଘଣ୍ଟିଆ ଟ୍ରକ୍ ଚଳାଚଳ ବସ୍ତି ପାଇଁ ବିପଦ ପାଲଟିଛି। ପୁଲିସ୍, ପ୍ରଶାସନ ସବୁ ଜାଣି ଅଜଣା। ଏହି କ୍ରମରେ ସୋମବାର ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଟୋଲକପଶି ବସ୍ତିରେ ବସବାସ କରିଆସୁଥିବା ଲକ୍ଷ୍ମୀଧର ନାଏକ(୫୦)ଙ୍କ ଘରପାଚେରିର ସମ୍ମୁଖଭାଗ ଭାଙ୍ଗିଯାଇଥିଲା। ଏଥିସହିତ ଏକ ବିଦ୍ୟୁତ୍ ପୋଲ୍ କ୍ଷୟକ୍ଷତି ହୋଇଥିଲା। ପ୍ରକାଶ ଯେ, ଟ୍ରକ୍‌ଟି ତାଳଚେର କୋଇଲା ଖଣିରୁ କୋଇଲା ଲୋଡିଂ କରି ଡେରେଙ୍ଗସ୍ଥିତ ଜେଆଇଟିପିଏଲ୍ କମ୍ପାନୀ ପରିସରରେ ଖଲାସ କରିଥିଲା। ଆଜି ଭୋର୍ ସମୟରେ ଉକ୍ତ ଟ୍ରକ୍‌ଟି ତାଳଚେର ଅଭିମୁଖେ ଯିବାବେଳେ ଭାରସାମ୍ୟ ହରାଇ ଶ୍ରୀ ନାଏକଙ୍କ ପାଚେରି ଓ ରାସ୍ତା କଡରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ଅଗ୍ନିବର୍ଷାରୁ ଆଶ୍ୱସ୍ତି ଦେଲା କାଳବୈଶାଖୀ

**ତାଳଚେର, ୮।୪(ସମିସ):** ଜଙ୍ଗଲ ବିହୀନ ଶିଳ୍ପନଗରୀ ତାଳଚେରରେ ପ୍ରଚଣ୍ଡ ଖରା ସହ ଅଗ୍ନିବର୍ଷା ଓ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଉଥିବା ବେଳେ ତତଲା ଝାଞ୍ଜି ପବନ ସହିତ ଦିନ ଓ ରାତିର ତାପମାତ୍ରା ବୃଦ୍ଧି ଯୋଗୁଁ ଲୋକେ ତ୍ରାହି ତ୍ରାହି ଡାକୁଥିଲେ। ମାତ୍ର ରବିବାର ସନ୍ଧ୍ୟା ସମୟରେ କାଳବୈଶାଖୀ ଜନିତ ବିଜୁଳି ଘଡ଼ଘଡ଼ି ସହ ଅସାରାଏ ବର୍ଷା ଓ ପବନ ଆଶ୍ୱସ୍ତି ଆଣିଦେଇଛି। କ୍ରମାଗତଭାବେ ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଉତ୍ତାପ ବୃଦ୍ଧି ପାଇ ଶୁକ୍ରବାର ଦିନ ତାପମାତ୍ରା ୪୪ ଡିଗ୍ରୀ ଛୁଇଁଥିବା ବେଳେ ଗତକାଲି ସରକାରୀ ସୂତ୍ର ଅନୁଯାୟୀ ସର୍ବନିମ୍ନ ତାପମାତ୍ରା ୨୬.୪ ରହିଥିବା ବେଳେ ସର୍ବାଧିକ ୩୭.୪ ରହିଥିଲା। ମାତ୍ର କାଳବୈଶାଖୀ ଯୋଗୁଁ ଆଜି ଏହା ଖସି ସର୍ବନିମ୍ନ ୨୨.୨ରେ ରହିଥିବାବେଳେ ସର୍ବାଧିକ ୩୦.୪ ଡିଗ୍ରୀ ରହିଛି। ଯାହା ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତି ଆଣିଦେଇଛି। ପାଗ କୋହଲା ଯୋଗୁ ସନ୍ଧ୍ୟାରେ ଶୀତ ଅନୁଭୂତ ହୋଇଥିଲା। କାଳବୈଶାଖୀ ଯୋଗୁ ତାତିରୁ ତ୍ରାହି ମିଳିଥିବାବେଳେ ଜଳସଙ୍କଟ ଓ ବିଦ୍ୟୁତ୍‌ର ଲୁଚକାଳି ଖେଳ ଲାଗି ରହିଛି।

୨୮ତମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବିଳାସ ମଞ୍ଜରୀ ଦେବୀ
ଆନନ୍ଦପୁର, କେନ୍ଦୁଝର
ଚୈତ୍ର ଶୁକ୍ଳ ପ୍ରତିପଦା

ମା' ତୋର ଭଲପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସନ୍ତାନ ବିତ୍ସଳତା, ଅତିଥି ପରାୟଣତା ଆମ ଆଖି ଆଗରେ ଅଦ୍ୟାବଧି ଜାଜ୍ୱଲ୍ୟମାନ । ୨୮ ବର୍ଷ ବିତିଯାଇଥିଲେ ମଧ୍ୟ, ଆମେ ସେହି ଆଶିଷକୁ ପାଥେୟ କରି ବଞ୍ଚି ରହିଛୁ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏବଂ ମା ତାରିଣୀଙ୍କ ପାଖରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ:
ସୋମା, ଗଗ, ଶିବାନନ୍ଦ, କଲ୍ୟାଣୀ, ବବ୍‌ଲୁ, ଟୁବୁ, ମିଲି, ସିଲୁ, ଜିଲୁ, ଶିପୁ, ଲିପୁ, ଦିପୁ, ଜିତୁ, ମାମି, ନନି, ପୁପୁ, ପାପୁ, ମାଉଁନି, ଅମିତେଶ, ବନ୍ଧୁ ଓ ପରିବାର ବର୍ଗ

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ନଳକୂପ ଖନନ



**ରେଙ୍ଗାଳି, ୮।୪(ସମିସ):** କଣିହାଁ ବ୍ଲକ ରେଙ୍ଗାଳି ଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବିକାଶ ଫାଉଣ୍ଡେସନ ପକ୍ଷରୁ ଏକ ନଳକୂପ ଖନନ କରାଯାଇଅଛି। କିଛିଦିନ ପୂର୍ବରୁ ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ପାଳନ ସମୟରେ ବିକାଶ ଫାଉଣ୍ଡେସନର ଅଧକ୍ଷ୍ୟା ମୃଦୂଳା ଠାକୁର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିବାକୁ ପ୍ରତିଶୃତି ଦେଇଥିଲେ।

ଆଜି ଶ୍ରୀମତୀ ପ୍ରଧାନଙ୍କ ଉଦ୍ୟମ କ୍ରମେ ବିଦ୍ୟାଳୟ ପରିସରରେ ନଳକୂପ ଖନନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଧ୍ରୁବ ଚରଣ ଧୀର, ଅବସରପ୍ରାପ୍ତ ଶିକ୍ଷକ କନ୍ଦର୍ପ ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ କ୍ରୀଷ୍ଣା ରାଣୀ ବେହେରା, ପରିଚାଳନା କମିଟି ସଭାପତି ଅଚ୍ୟୁତାନନ୍ଦ ସାମଲ, ତରୁଣ ସାହୁ, ଲମ୍ବୋଦର ମହାନ୍ତି, ମୀନା ସାମଲ, ଶିକ୍ଷକ ଅରୁଣ ବିଶି ପ୍ରମୁଖ ଯୋଗ ଦେଇଥିଲେ।

■ ନିର୍ବାଚନ ପାଇଁ ହାଇଆଲର୍ଟରେ ଅନୁଗୋଳ ପୁଲିସ

## ଜିଲ୍ଲାରୁ ବନ୍ଧାହେବେ ୩୮୫ ଅପରାଧୀ

**ଅନୁଗୋଳ, ୮।୪(ସମିସ)**

ଆସିଛି ନିର୍ବାଚନୀ ଋତୁ। ଅନୁଗୋଳ ଜିଲ୍ଲାରେ ମେ' ୨୫ରେ ହେବ ଭୋଟ ଗ୍ରହଣ। ଏନେଇ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ପୁଲିସ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜର ଦାୟିତ୍ୱ ଗ୍ରହଣ କରି ସାରିଛନ୍ତି। ଜିଲ୍ଲାରେ ଯେପରି କୌଣସି ବିଶୃଙ୍ଖଳା ନ ହେବ ସେଥିପାଇଁ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅନ୍ୟପଟେ ଜିଲ୍ଲାରେ ନନ୍ ବେଲେବଲ୍ ୱାରେଣ୍ଟ (ଏନବିଡବ୍ଲୁ)ଙ୍କୁ ଧରିବା ପାଇଁ ଘନଘନ ଚଢଉ କରାଯାଉଛି। ଜିଲ୍ଲାରେ ୪୯୭ ଜଣ ନନ୍ ବେଲେବଲ୍ ୱାରେଣ୍ଟର ଅପରାଧୀଙ୍କୁ ବିଭିନ୍ନ ଥାନା ପକ୍ଷରୁ ଗିରଫ କରାଯାଇଛି। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

ଇତିମଧ୍ୟରେ ଅନୁଗୋଳରୁ ୬୫, ସଦରରୁ ୮୫, ବଅଁରପାଳରୁ ୪୦, ନାଲ୍‌କୋରୁ ୧୮, ଜରପଡ଼ାରୁ ୩୬, ଇଣ୍ଡଷ୍ଟ୍ରିଆଲରୁ ୮, ଛେଣ୍ଡିପଦାରୁ ୧୭, ବାଗଡ଼ିଆରୁ ୨୮, ବନ୍ତଳାରୁ ୨୮, ପୁରୁଣାକୋଟରୁ ୧୮, ତାଳଚେରରୁ ୫୦, କୋଲିୟରିରୁ ୧୯, ଗୋପାଳ ପ୍ରସାଦରୁ ୧, ବିକ୍ରମପୁରରୁ ୫, ଏନ୍‌ଟିପିସିରୁ ୨, ସମଲରୁ ୫, ଆଠମଲ୍ଲିକରୁ ୯, କିଶୋରନଗରରୁ ୬, ଠାକୁରଗଡ଼ରୁ ୪, ହଣ୍ଡପାରୁ ୧୮, ପାଳଲହଡ଼ାରୁ ୧୧, ଖମାରରୁ ୧୨, କଣିହାଁରୁ ୬, ରେଙ୍ଗାଳି ଥାନାରୁ ୨ ଜଣ ମୋଟ ୪୯୭ ଜଣ ନନ୍‌ବେଲେବଲ ୱାରେଣ୍ଟକୁ ପୁଲିସ ଗିରଫ କରିଛି। ଜିଲ୍ଲାରେ ଆହୁରି ୩୮୫ ଅପରାଧୀ ବନ୍ଧା ହେବେ। ସେମାନେ ହେଲେ ଅନୁଗୋଳରୁ ୩୫, ସଦରରୁ ୪୦, ବଅଁରପାଳରୁ ୨୨, ନାଲକୋରୁ ୨୪, ଜରପଡ଼ାରୁ ୧୫, ଇଣ୍ଡଷ୍ଟ୍ରିଆଲରୁ ୧୮, ଛେଣ୍ଡିପଦାରୁ ୧୨, ବାଗଡ଼ିଆରୁ ୨୭, ବନ୍ତଳାରୁ ୨୪, ପୁରୁଣାକୋଟରୁ ୧୮, ତାଳଚେରରୁ ୧୯, କୋଲିୟରିରୁ ୪, ଗୋପାଳ ପ୍ରସାଦରୁ ୨, ବିକ୍ରମପୁରରୁ ୯, ଏନଟିପିସିରୁ ୨, ସମଲରୁ ୬, ଆଠମଲ୍ଲିକରୁ ୯, କିଶୋରନଗରରୁ ୧୩, ଠାକୁରଗଡ଼ରୁ ୧୧, ହଣ୍ଡପାରୁ ୨୧, କିଆକଟାରୁ ୧, ପାଳଲହଡ଼ାରୁ ୧୨, ଖମାରରୁ ୧୧, ରେଙ୍ଗାଳି ଥାନା ଅଞ୍ଚଳରୁ ୧୪ ଜଣ। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଲାଗିପଡ଼ିଛି। ଅନ୍ୟପଟେ ଜିଲ୍ଲାର ବିଭିନ୍ନ ଥାନାରେ ମୋଟ ୩୯୪ ଜଣ ଆତ୍ମସମର୍ପଣ କରିଥିବା ନେଇ ଜଣାଯାଇଛି।

### ପାନୀୟଜଳ ସଙ୍କଟ

# ଜିଲ୍ଲାପାଳଙ୍କୁ ଭେଟିଲେ ଗୋବର୍ଦ୍ଧନପୁର ୱାର୍ଡବାସୀ



ଡେରାବିଶ, ୮।୪ (ସମିସ)

ଏବେ ଗ୍ରୀଷ୍ମଋତୁ। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇ ୪୦ ଡିଗ୍ରୀ ଟପିଲାଣି। ଧିରେ ଧିରେ ଗଡ଼ିଆ ପୋଖରୀ ଇତ୍ୟାଦିରୁ ଜଳସ୍ତର ଶୁଖିବାରେ ଲାଗିଲାଣି। ଯେଉଁଥିପାଇଁ ଭୂତଳ ଜଳସ୍ତର କମିଯାଇ ପାନୀୟ ପାଣିର ଉତ୍କଟ ସମସ୍ୟା ସୃଷ୍ଟି କଲାଣି। ବହୁ ଅଞ୍ଚଳରେ ଘରୋଇ ଟ୍ୟୁବ୍‌ୱେଲରୁ ପାଣି ବାହାରୁ ନାହିଁ। ଯାହାକି ସାଧାରଣ ଲୋକଙ୍କୁ ଅତିଷ୍ଠ କରିବାରେ ଲାଗିଛି। ଏଭଳି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ ଗୋବର୍ଦ୍ଧନପୁର ୧୩ ନଂ ୱାର୍ଡ଼ରେ। ଏହି ୱାର୍ଡ଼ରେ ଉତ୍କଟ ପାନୀୟ ଜଳର ସମସ୍ୟା ସମାଧାନ ପାଇଁ ୱାର୍ଡ଼ବାସୀ ଆଜି ଜିଲ୍ଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ଏହି ୱାର୍ଡ଼ର ଲୋକମାନେ ଗ୍ରାମ ମଧ୍ୟରେ ଥିବା ଏକ ଗଭୀର ନଳକୂପ ଉପରେ ପାନୀୟ ଜଳ ପାଇଁ ନିର୍ଭର କରି ଆସୁଥିଲେ। ମାତ୍ର ଜଳସ୍ତର ଦିନକୁ ଦିନ ହ୍ରାସ ପାଉଥିବାରୁ ଏହି ନଳକୂପରୁ ପାଣି ବାହାରୁ ନାହିଁ। ଅନ୍ୟପକ୍ଷରେ ପାଇପ୍ ଯୋଗେ ଗ୍ରାମବାସୀଙ୍କୁ ପାନୀୟ ଜଳଯୋଗାଇବା ପାଇଁ ସରପଞ୍ଚ, ବିଡ଼ିଓ ଏବଂ କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରି ମଧ ଗ୍ରାମବାସୀମାନେ ବିଫଳ ହୋଇଛନ୍ତି। ବର୍ତ୍ତମାନ ତାପମାତ୍ରା ଅଧିକ ବୃଦ୍ଧି ପାଇଥିବା ବେଳେ ଏହି ୱାର୍ଡ଼ର ଲୋକମାନେ ପାନୀୟ ଜଳ ଟିକିଏ ପାଇଁ ଚିନ୍ତାରେ ପଡ଼ିଛନ୍ତି। ଆଜି ଗ୍ରାମର ଗୀତାଞ୍ଜଳି ମହାନ୍ତି, କୃଷ୍ଣପ୍ରିୟା ମହାନ୍ତି, ତେଜସ୍ୱିନୀ ମହାନ୍ତି, ଅଲିଭା ମହାନ୍ତି, ଲକ୍ଷ୍ମିପ୍ରିୟା ମହାନ୍ତି, ଶାନ୍ତିଲତା ମହାନ୍ତି, ସ୍ମୃତି ରଞ୍ଜନ ମହାନ୍ତି, ଅଭିଜିତ୍ ମହାନ୍ତି ପ୍ରମୁଖ ପୁରୁଷ ଓ ମହିଳା ଏହି ୱାର୍ଡ଼କୁ ତୁରନ୍ତ ପାନୀୟ ଜଳ ଯୋଗାଇ ଦେବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏହି ଅଭିଯୋଗ ପାଇବା ପରେ ଜିଲ୍ଲା ସୂର୍ଯ୍ୟବଂଶୀ ମୟୁର ବିକାଶ ତୁରନ୍ତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ବିଷୟରେ ଡେରାବିଶ ବ୍ଲକ ବିଭାଗୀୟ ଯନ୍ତ୍ରୀ ବିଭୁଦତ୍ତ ଦାସଙ୍କୁ ପଚାରିବାରୁ ସେ କହିଲେ ଏହି ୱାର୍ଡ଼ରେ ଥିବା ଏକ ଗଭୀର ନଳକୂପରେ ସୋଲାର ସିଷ୍ଟମ ଲଗାଯାଇ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ଏବେ ଏହି ସ୍ଥାନରେ ଭୂତଳ ଜଳସ୍ତର ହ୍ରାସ ହେବାଯୋଗୁ ଏହି ନଳକୂପରୁ ପାଣି ବାହାରୁ ନାହିଁ। ଏଥିସହିତ ଏହି ୱାର୍ଡ଼କୁ ନିକଟସ୍ଥ କେନ୍ଦ୍ରାପଡ଼ା ବ୍ଲକର ବଡ଼ଗାଁ ପାନୀୟ ଜଳ ପ୍ରକଳ୍ପରୁ ପାଇପ୍ ସଂଯୋଗ କରାଯାଇଛି। ଏହି ପ୍ରକଳ୍ପଟି ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହୋଇ ପାଇପ୍ ଯୋଗେ ପାନୀୟ ଜଳଯୋଗାଇ ଦିଆଯିବ।

### ଡେରାବିଶରେ ଲୁଟେରାଙ୍କ ଆତଙ୍କ

# ଛୁରିମୁନରେ ୪ଲକ୍ଷ ୯୦ ହଜାର ଲୁଟ୍

**ସିସିଟିଭିରେ କଏଦ ହେଲା ଫିଲ୍ମ ଷ୍ଟାଇଲରେ ଲୁଟ୍‌ର ଦୃଶ୍ୟ**

ଡେରାବିଶ, ୮।୪(ସମିସ)

ଡେରାବିଶ ବ୍ଲକ ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ବଢ଼ିଯାଇଛି। ଲୁଟେରାମାନେ ବ୍ୟାଙ୍କ ନିକଟରେ ଛିଡ଼ା ହୋଇ ବ୍ୟାଙ୍କରୁ ଅଧିକ ପରିମାଣରେ ଟଙ୍କା ଉଠାଣ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଟାର୍ଗେଟ କରି ତାଙ୍କୁ ପିଛାକରି ନିରୋଳା ସ୍ଥାନରେ ଟଙ୍କାଲୁଟ୍ କରୁଛନ୍ତି। ବାଟରେ ଯାଉଥିବା ଲୋକଙ୍କଠାରୁ ମୋବାଇଲ ଛଡ଼ାଇବା ବାଇକ୍‌ରେ ଯାଉଥିବା ମହିଳାଙ୍କ ବେକରୁ ସୁନା ଗହଣା ଇତ୍ୟାଦି ଛିଣ୍ଡାଇ ନେବା ଭଳି ଅନେକ ଘଟଣା ଘଟିବାରେ ଲାଗିଛି। ତେବେ ଆଜିର ଘଟଣାରେ ଲୁଟେରା ମରଣାନ୍ତକ ଆକ୍ରମଣ କରି ଫିଲ୍ମ ଷ୍ଟାଇଲରେ ଟଙ୍କା ଲୁଟି ନେବାକୁ ସକ୍ଷମ ହୋଇଛି।

ଘଟଣାରୁ ପ୍ରକାଶ କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଗୁଆଳସିଂ ପଞ୍ଚାୟତ ଅର୍ନ୍ତଗତ ଡେରାବିଶ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ଆଜି ଅପରାହ୍ନ ୩ଟା ୩୦ ମିନିଟ୍ ଫିଲ୍ମ ଷ୍ଟାଇଲରେ ବାଇକ୍‌ଧାରୀ ଦୁଇଜଣ ଯୁବକ ଜଣେ ବ୍ୟବସାୟୀଙ୍କୁ ଆକ୍ରମଣ କରି ଲୁଟ୍ କରିଥିବା ଘଟଣା ସ୍ଥାନୀୟ ଏକ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଲୁଟର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ଏମ୍‌ଡ଼ି ଇସଲାମ। ଇସଲାମ ଅପରାହ୍ନରେ କେନ୍ଦ୍ରାପଡ଼ାରୁ ତାଙ୍କ ଘରକୁ ଫେରୁଥିବା ବେଳେ ବ୍ଲକଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଏକ ଆମ୍ବ ତୋଟା ନିକଟରେ ତାଙ୍କୁ ପିଛା କରି ଆସୁଥିବା ଦୁଇଜଣ ଯୁବକ ଇସଲାମ୍‌ଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଇସ୍‌ଲାମ ବାଇକ୍ ସହିତ ର । ସ୍ତ । କଡ଼କୁ ଓଲଟି ପଡ଼ିଥିଲେ। ପରେ ଜଣେ ଏକ ଛୁରିରେ ଆକ୍ରମଣ କରି ଇସଲାମଙ୍କ ପାଖରେ ଥିବା ଟଙ୍କା ବ୍ୟାଗ୍‌କୁ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ହେଲେ ଇସ୍‌ଲାମ ଲୁଟେରାଙ୍କୁ ବ୍ୟାଗ ନଦେବା ପାଇଁ ବହୁ ଚେଷ୍ଟା କରିଥିଲେ। ଫଳରେ ଲୁଟେରାମାନେ ଇସ୍‌ଲାମଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ ସେ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ।

ଏହାପରେ ଲୁଟେରାଦ୍ୱୟ ତାଙ୍କ ନିକଟରୁ ୪ଲକ୍ଷ ୯୦ ହଜାର ଟଙ୍କା ରହିଥିବା ଏକ ବ୍ୟାଗ୍‌କୁ ଲୁଟି ନେଇ ଦ୍ରୁତ ଗତିରେ ୫୩ ନଂ ଜାତୀୟ ରାଜପଥ ଆଡ଼କୁ ପଳାଇ ଯାଇଥିଲେ। ଖବର ପାଇ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ ପୁଲିସ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଇସ୍‌ଲାମ୍‌ଙ୍କୁ କେନ୍ଦ୍ରାପଡ଼ା ମେଡ଼ିକାଲ୍‌କୁ ପଠାଇଥିଲେ। ଏଥିସହିତ ସିସିଟିଭି କ୍ୟାମେରାକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ରାସ୍ତାରେ ପୁଲିସ ପଇଁତରାକୁ ଜୋରଦାର କରାଯାଇଛି।

### ଔଷଧ ଦୋକାନରେ ଚାଲିଛି ନକଲି ଡାକ୍ତରଙ୍କ ରୋଗୀସେବା

# ବଙ୍ଗୀୟ ଫେରିବାଲା ଏବେ ଡାକ୍ତର

**ରାଜକନିକା, ୮।୪(ସମିସ):** ସରକାରୀ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଦୁରୁପଯୋଗ କରି ଗାଁ ଗହଳିରେ ଛତୁ ଫୁଟିବା ଭଳି ନକଲି ଡାକ୍ତର ରୋଗୀସେବା ଜାରି ରଖିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଏ ଦିଗକୁ ଆଡ଼ ନଜର କରିବା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ପାନ ଦୋକାନ, ଚା ଦୋକାନ ଭଳି ରାଜକନିକାର ପ୍ରତ୍ୟେକ ଛକ ଓ ଗଳି କନ୍ଦିରେ କ୍ୱାକ ମାନେ ସେମାନଙ୍କର ପସରା ମେଲାଇ ରୀତିମତ ରୋଗୀସେବା ନାଁ ରେ ଶୋଷଣ କରିବା ଜାରି ରଖିଛନ୍ତି।ବିଶେଷକରି ବଙ୍ଗୀୟ ସମ୍ପ୍ରଦାୟର ବ୍ୟକ୍ତି ଯେଉଁମାନେ ଏଠାକୁ ଲୁଗା କମ୍ବଳ, ପ୍ଲାଷ୍ଟିକ ଜିନିଷ ଫେରି ବେପାର କରିବା ଆଳରେ ପ୍ରଥମେ ଆସି ଏଠାରେ ଘରଭଡ଼ା ନେଇ ରହୁଛନ୍ତି। କିଛିଦିନ ପରେ ତୁଟୁକା ମୁଟୁକା ଔଷଧ ଦେଇ ରୋଗୀକୁ ସୁସ୍ଥ କରିବା ଆଳରେ ଷ୍ଟିରୟଡ଼ ଦେଇ ଚିକିତ୍ସା ଯାଦୁ ଦେଖାଇ ବହୁ ପୁରୁଣା ରୋଗକୁ ଉପଶମ କରିବାର ଦ୍ୱାହିରେ ବିଶ୍ୱାସ ଭାଜନ ହୋଇ ପରେ କୋଲକାତାରୁ ଅଲଟରନେଟିଭ ମେଡ଼ିସିନ ପ୍ରାକ୍ଟିସ ଲାଇସେନ୍ସ ଆଣି ନିଜ ବେପାର ଜମାଇବାରେ ଲାଗିଛନ୍ତି। ଅନୁସନ୍ଧାନ ମୁତାବକ ଆଳି ଓ ରାଜକନିକା ବ୍ଲକରେ ମୋଟ ୧୭ ଜଣ ବଙ୍ଗୀୟ ଫେରିବାଲା ଏବେ ଡାକ୍ତର ସାଜି ଦୈନିକ ଶହ ଶହ ସଂଖ୍ୟାରେ ରୋଗୀ ଦେଖିବା ଜାରି ରଖିଛନ୍ତି। ଏହିସବୁ ନକଲି ଡାକ୍ତରରୂପୀ କ୍ୱାକମାନେ ସ୍ଥାନୀୟ ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତି, ରାଜନେତା ଓ ବାହୁବଳୀମାନଙ୍କୁ ଖୁସ କରି ସେହି ଅଞ୍ଚଳରେ ନିଜର ଗୁପ୍ତ ବ୍ୟବସାୟ ଆରମ୍ଭ କରିଛନ୍ତି। ଏବେ ସେମାନେ ଜାଗାବାଡି କିଣି ଘରଦ୍ୱାର କରି ସ୍ଥାୟୀ ବାସିନ୍ଦା ହେବାରେ ଲାଗିଛନ୍ତି।ସେମାନଙ୍କ ମଧ୍ୟରୁ କେତେକ ବଙ୍ଗୀୟ ବ୍ୟକ୍ତି ସ୍ଥାନୀୟ ପ୍ରାଥମିକ ସମବାୟ ସମିତି ଓ ବ୍ୟାଙ୍କ ମାନଙ୍କରୁ ମଧ୍ୟ ଲକ୍ଷ ଲକ୍ଷ ଟଙ୍କାର ଋଣ ନେବାର ଧାରା ଜାରି ରଖି ନିଜକୁ ଏଠାକାର ସ୍ଥାୟୀ ବାସିନ୍ଦା କହି ନିଜର ସ୍ଥିତି ମଜଭୁତ କରି ବେପାର କରୁଛନ୍ତି।ତେବେ ନକଲି ଲାଇସେନ୍ସ, ନକଲି ଡିଗ୍ରୀ ଓ ସମ୍ପୂର୍ଣ୍ଣ ଭାବରେ ଡ୍ରଗ୍ସ କାରବାର ପାଇଁ ସେମିତି କିଛି ବୈଧ ପ୍ରମାଣପତ୍ର ନ ଥାଇ ବିବିଧ ରୋଗୀମାନଙ୍କ ଚିକିତ୍ସା କରିବା, ଅପରେସନ କରିବା, ବେଆଇନ ଭାବରେ ଗର୍ଭପାତ ଭଳି କାର୍ଯ୍ୟ ଅନାୟାସରେ କରିବା କଥା ଜାଣି ବି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଚୁପ ଥିବାରୁ ଏହି କ୍ୱାକଙ୍କ ଚିକିତ୍ସାର କୁପରିଣାମ ସ୍ଥାନୀୟ ଅଞ୍ଚଳରେ ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।ସରକାରୀ ବ୍ୟବସ୍ଥାର ଗଳା ବାଟ ଦେଇ ରାଜକନିକା ଓ ଆଳି ଅଞ୍ଚଳରେ ଦୀର୍ଘ ବର୍ଷ ଧରି ନକଲି ଡାକ୍ତର ସାଜି ଷ୍ଟିରୟଡ଼ ଔଷଧ ଦେଇ ଆଗକୁ ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିବା ସମସ୍ତ ନକଲି ଡାକ୍ତର ଓ ଔଷଧ ଦୋକାନକୁ ବନ୍ଦ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

● ଅକାଳରେ ଝଡ଼ିଗଲା ଜୀବନ

# ମୃତକଙ୍କ ପରିବାରକୁ ବିଜେଡି ପ୍ରାର୍ଥୀଙ୍କ ସମବେଦନା

**ଗରଦପୁର, ୮।୪(ସମିସ):** ଅକାଳରେ ଝଡ଼ିଗଲା ଜୀବନ। ଏହିଭଳି ଏକ ଦୁଃଖଦ ଘଟଣା କଳାବୁଦା ଗ୍ରାମର ଫେଲୁ ମହାନ୍ତିଙ୍କ ଏକମାତ୍ର ପୁଅ ସହିତ ଦେଖିବାକୁ ମିଳିଛି। ତାଙ୍କ ପୁତ୍ରର ମୃତ୍ୟୁ ଖବର ପାଇ ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ସେଠାରେ ପହଞ୍ଚି ପରିବାରକୁ ସମବେଦନା ଜଣାଇଛନ୍ତି। ଏହାଛଡ଼ା ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ରାଜେଶ ଦାସ, ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ଆମ୍ବ ଅଧ୍ୟକ୍ଷ ବାସୁଦେବ ବେହେରାଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦମାନେ ତାଙ୍କ ଘରେ ପହଞ୍ଚି ଶବ ଧାରାରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜଣାଇବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।



### ପଥର ପୂରାଇ ନଳକୂପ ଅଚଳ

# ପିଇବା ପାଣି ପାଇଁ ଡହକବିକଳ ୧୦ରୁ ଅଧିକ ପରିବାର



ରାଜକନିକା, ୮।୪(ସମିସ)

ନଳକୂପକୁ ଅକ୍ତିଆର କରିନେବା ଉଦ୍ଦେଶ୍ୟରେ କେତେଜଣ ଖଳ ପ୍ରକୃତି ଲୋକ ପଥର ଖଣ୍ଡ ପୁରାଇ ଅଚଳ କରିଦେଇଛନ୍ତି।ଯାହା ଫଳରେ ସ୍ଥାନୀୟ ବାସିନ୍ଦା ପାଣି ମୁନ୍ଦେ ପାଇଁ ସମସ୍ୟା ଭୋଗୁଛନ୍ତି। ଏ ନେଇ ବାରମ୍ବାର ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିବା ପରେ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ପିଇବା ପାଣି ପାଇଁ ଖଳ ପ୍ରକୃତି ବ୍ୟକ୍ତି ସରକାରୀ ନଳକୂପକୁ ଅକ୍ତିଆର କରି ସଚଳ ନଳକୂପରେ ଇଟା, ବାଲି ଓ ପଥର ପୁରେଇ ଜାମ କରିବା ଅଭିଯୋଗ ପାଇବା ପରେ ବି ସ୍ଥାନୀୟ ବିଭାଗୀୟ ଯନ୍ତ୍ରୀ ସେମିତି କିଛ ଠୋସ ପଦକ୍ଷେପ ନ ନେଇ ଖାଲି ମିଟିଂ ଅଛି କହି ଅଫିସରେ ଦେଖା ଦେଉନଥିବାର ଅଭିଯୋଗ ହେଉଛି। ଏହି କାରଣରୁ ମହାଦେଇଆଡ଼ିଆ ବସ୍ତିରେ ପିଇବା ପାଣିକୁ ନେଇ ୧୦ ପରିବାର ଆଜି ଡହକ ବିକଳ ହେଉଥିବା ଦେଖିବାକୁ ମିଳିଛି। ନଳକୂପ ଅଚଳ ଥିବାରୁ ବାଧ୍ୟ ହୋଇ ଏହି ପରିବାରଗୁଡ଼ିକ ନଦୀ ଜଳରେ ତୃଷା ମେଣ୍ଟାଉଛନ୍ତି। ନଦୀରେ ମାଳ ମାଳ କୁମ୍ଭୀର ଥିବାବେଳେ ବିପଦପୂର୍ଣ୍ଣ ଭାବେ ପାଣି ବୋହୁଥିବା ନଜରକୁ ଆସିଛି। କୁମ୍ଭୀର ଉତ୍ପାତରୁ ରକ୍ଷା ପାଇଁ ନଳକୂପ ବ୍ୟବସ୍ଥା ହୋଇଥିବା ବେଳେ ତାହା ଅଚଳ ଥିବାରୁ କୁମ୍ଭୀର ଦାଉରେ ମଧ୍ୟ ଜୀବନକୁ ବାଜି ଲଗାଇ ମହିଳାମାନେ ପାଣି ଆଣୁଛନ୍ତି। ସୂଚନା ମୁତାବକ ରାଜକନିକା ବ୍ଲକ ତ୍ରୈଲୋକ୍ୟପୁର ପଞ୍ଚାୟତ ଅନ୍ତର୍ଗତ ମହାଦେଇ ଆଡିଆ ଗାଁର ଶେଷ ମୁଣ୍ଡରେ ଥିବା ହରିଜନ ସାହିର ଲୋକେ ଦୀର୍ଘ ଦିନ ହେବ ନଳକୂପ ଅଚଳ ହୋଇଯିବାରୁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଆବାଳ ବୃଦ୍ଧ ବନିତା ସରପଞ୍ଚଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ହେଲେ ସେମାନଙ୍କ କଥା କେହି ଶୁଣୁ ନାହାଁନ୍ତି। ଏହି ହରିଜନ ସାହିର ଲୋକେ ବର୍ତ୍ତମାନର ଉତ୍କଟ ଗ୍ରୀଷ୍ମ ପ୍ରବାହର ଟାଣ ଖରା ସାଙ୍ଗକୁ ସାଇଁ ସାଇଁ ଝାଞ୍ଜିପବନରେ ସନ୍ତୁଳି ହେଉଥିବା ବେଳେ ପିଇବା ପାଣି କଷ୍ଟ ବୋଝ ଉପରେ ଲଳିତା ବିଡା ସଦୃଶ ହୋଇଛି। ସରକାର ଜଳକଷ୍ଟରୁ ମୁକ୍ତି ପାଇଁ ଅହରହ ସଜାଗ ରହି ତ୍ୱରିତ ପଦକ୍ଷେପରେ ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ରହିଛି। ପାନୀୟ ଜଳ ଯୋଗାଇବା ପାଇ ପ୍ରଶାସନ ସ୍ୱଜଳ ଧାରା, ବସୁଧା ଆଦି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅପ୍ରେଲ ଆରମ୍ଭରୁ ଏହି ହରିଜନ ବସ୍ତିର ଲୋକଙ୍କ ଜଳକଷ୍ଟ ସ୍ଥାନୀୟ ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପିଇବା ପାଣି ସମସ୍ୟାରେ ଉବୁଟୁବୁ ହେଉଥିବା ପରିବାର ଗୁଡିକୁ କେବେ ପାଣି ମିଳିବ ବୋଲି ଜେଇଙ୍କୁ ପଚାରିବାରୁ ମୋ ପାଖରେ ଅଭିଯୋଗ ନାହିଁ, ମୁଁ ବର୍ତ୍ତମାନ କେନ୍ଦ୍ରାପଡ଼ା ମିଟିଂ ରେ ଅଛି ବୋଲି କହିଥିଲେ। ତେବେ ବହୁ ଆଗରୁ ଏହି ବସ୍ତିର ପାନୀୟ ଜଳ ସମସ୍ୟା ନେଇ ସମ୍ପୃକ୍ତ ଜେଇଙ୍କୁ ଗାଁ ଲୋକେ ଭେଟି ଆବଶ୍ୟକୀୟ ମରାମତି ପାଇଁ ସରଞ୍ଜାମ ଆଣିଥିଲେ ବି ଜେଇଙ୍କ ଖାମଖିଆଲ ମନୋଭାବ ଯୋଗୁ ପାନୀୟ ଜଳ ସମସ୍ୟା ବଢ଼ିଚାଲିଛି। ଜିଲ୍ଲା ପ୍ରଶାସନ ଏ ବାବଦରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ପାନୀୟ ଜଳ ଅବରୋଧକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ମଦ ମାଫିଆଙ୍କଠୁ ବଟି ଆଦାୟ ଅଡିଓ ଭାଇରାଲ

# ଲାଞ୍ଚ ଖାଇ ନିଶାମାଫିଆଙ୍କୁ ସୁରକ୍ଷା ଦେଉଛି ଅବକାରୀ ବିଭାଗ !

କେନ୍ଦ୍ରାପଡ଼ା, ୮।୪(ସମିସ)

ଅବକାରୀ ବିଭାଗର ପ୍ରୋତ୍ସାହନରେ ଜିଲ୍ଲାରେ ଚୋରା ଆଉ ନକଲି କାରବାର ବଢ଼ିଛି।ମୋଟା ଅଙ୍କର ଲାଞ୍ଚ ନେଇ ମଦ ମାଫିଆଙ୍କୁ ସୁରକ୍ଷା ଦିଆଯାଉଛି। ସରକାରୀ ନିୟମ ମାନି ଦୋକାନ କରିଥିବା ବ୍ୟକ୍ତି ବିଭାଗକୁ ଲାଞ୍ଚ ନଦେଲେ କାଉଣ୍ଟର ସିଲ କରିଦେଉଥିବା ଅଭିଯୋଗ ହେଉଛି।ଏମିତିକି ତଳ ସ୍ତରର କର୍ମଚାରୀଙ୍କୁ ଲଗାଇ ଉପରିସ୍ଥ ଅଧିକାରୀ ଲାଞ୍ଚ ଆଦାୟ କରୁଥିବା ଏକ ଅଡିଓ ଭାଇରଲ ହେବା ପରେ ବିଭାଗ କେନ୍ଦ୍ରାପଡ଼ା ଜିଲ୍ଲାରେ କେମିତି କାର୍ଯ୍ୟ କରୁଛି ତାହା ପ୍ରମାଣିତ ହୋଇଛି। ଏମିତିକି ଅବକାରୀ ବିଭାଗର ମନମାନୀ ଯୋଗୁଁ ଦେଶୀ ଓ ବିଦେଶୀ ମଦ ଦୋକାନୀ ବହୁ ସମସ୍ୟାର ସମ୍ମୁଖୀନ ହୋଇ ନ୍ୟାୟ ପାଇବା ପାଇଁ ଶେଷରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ବବିତା ମହାନ୍ତି ନାମଙ୍କ ଜଣେ ବିଦେଶୀ ମଦ ଦୋକାନୀ ୨୦୨୪-୨୫ବର୍ଷ ପାଇଁ ତାଙ୍କ ଦୋକାନର ରିନ୍ୟୁଆଲ କରିବାକୁ ଅନ୍ ଲାଇନରେ ଆବଶ୍ୟକ ସରକାରୀ ଦେୟ ଓ କାଗଜାଦ ଗତ ମାର୍ଚ୍ଚମାସ ୩୧ତାରିଖରେ ଅପଲୋଡ କରିବା ପରେ ଅନ୍ ଲାଇନ ରସିଦ ଓ କାଗଜପତ୍ର ନେଇ କେନ୍ଦ୍ରାପଡ଼ା ଅବକାରୀ ବିଭାଗ କର୍ମଚାରୀଙ୍କୁ ସାକ୍ଷାତ କରିଥିଲେ। କିନ୍ତୁ କର୍ମଚାରୀ ଜଣଙ୍କ କହିଲେ ଯେ ତମର ପେମେଣ୍ଟ ଅବକାରୀ ସାଇଡରେ ଦେଖାଯାଉନଥିବାରୁ ତମ ଦୋକାନକୁ ସିଲ୍ କରାଯିବ। ଏହାପରେ ବବିତା ତାଙ୍କ ଆକାଉଣ୍ଟ ଷ୍ଟେଟମେଣ୍ଟ ସହିତ ବିଭାଗକୁ ସମସ୍ତ କାଗଜପତ୍ର ଦେଖାଇବାରେ ସେସବୁ ନଦେଖିବା ସହ ବବିତାଙ୍କ ଦୋକାନ ସିଲ କରାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟ କୌଣସି ଉପାୟ ନପାଇ ବବିତା ପୁନର୍ବାର ଚଳିତମାସ ୩ତାରିଖରେ ସରକାରୀ ଦେୟ ଅନ୍ ଲାଇନରେ ଜମା କରି ରସିଦ ସହିତ ନେଇ ବିଭାଗକୁ ଅବଗତ କରାଇଥିଲେବି ତାଙ୍କ ଦୋକାନରୁ ସିଲ ହଟାଯାଇନଥିଲା।ଏନେଇ ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାବାଦ ଦୋକାନ ପିଛା ଲାଇସେନ୍ସ ରିନ୍ୟୁଆଲ କରିବାକୁ ଏକଲକ୍ଷ ଟଙ୍କା ଦାବି କରାଯାଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହାବ୍ୟତୀତ ଆଶୀଷ ମିଶ୍ର ନାମକ ଅନ୍ୟଜଣେ ଦେଶୀ ମଦ ଦୋକାନୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ପିତା ଚିତ୍ତରଞ୍ଜନ ମିଶ୍ରଙ୍କ ନାମରେ ପଟ୍ଟାମୁଣ୍ଡାଇ ଓ ମାର୍ଶାଘାଇରେ ଦୁଇଟି ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଦୋକାନ ରହିଛି। ତାଙ୍କ ବାପାଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ଉକ୍ତ ଦୁଇଟି ଦୋକାନର ଲାଇସେନ୍ସକୁ ତାଙ୍କ ପିତା ଚିତ୍ତରଞ୍ଜନ ମିଶ୍ର ପୁତ୍ର ଆଶିଷ ମିଶ୍ରଙ୍କ ନାମକୁ ସ୍ଥାନାନ୍ତର କରିବା ନିମନ୍ତେ ଆବେଦନ କରିବା ପରେ ଅବକାରୀ କମିଶନର, କଟକ ସେହି ଦରଖାସ୍ତକୁ କେନ୍ଦ୍ରାପଡ଼ା ଅବକାରୀ ବିଭାଗକୁ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

କିନ୍ତୁ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ଦୋକାନର ସ୍ଥାନାନ୍ତର ପାଇଁ ୩ଲକ୍ଷ ଟଙ୍କା ଦାବି କରାଯାଇଥିଲା ବୋଲି ଅଭିଯୋଗ ହୋଇଛି।ଏତେଟଙ୍କା ଦେବା ତାଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ଆଶୀଷ ବିଭାଗୀୟ କର୍ମଚାରୀଙ୍କୁ କହିବାରେ ମାସିକିଆ ୩୦ହଜାର ଟଙ୍କା ପିସି ନଦେଲେ ଦୋକାନ ଖୋଲିପାରିବ ନାହିଁ ବୋଲି କୁହାଯାଇଥିଲା। ଆଶୀଷ ଅନ୍ୟ ଉପାୟ ନପାଇ ବାଧ ହୋଇ ମାସକୁ ୩୦ହଜାର ଟଙ୍କା ମଧ ଲାଞ୍ଚ ଦେଇ ଆସୁଥିଲେ। ୨୦୨୪-୨୫ବର୍ଷ ନିମନ୍ତେ ଦୋକାନର ଲାଇସେନ୍ସ ରିନ୍ୟୁଆଲ କରିବାକୁ ଚିଠି ପାଇବା ପରେ ଆଶୀଷ ଗତ ମାର୍ଚ୍ଚମାସ ୩୦ତାରିଖରେ ଅନ୍ ଲାଇନରେ ଦରଖାସ୍ତ ଓ ସରକାରୀ ଦେୟ ଦାଖଲ କରିବା ପରେ ରସିଦ ଓ ଆବେଦନ ପତ୍ର ସମେତ ସମସ୍ତ କାଗଜପତ୍ର ସହିତ ଅବକାରୀ କାର୍ଯ୍ୟାଳୟକୁ ଯାଇ ଜମା କରିଥିଲେ। କିନ୍ତୁ ତାଙ୍କୁ କୁହାଯାଇଥିଲା ଯେ ତମର ପେମେଣ୍ଟ ଅନଲାଇନରେ ଶୋ କରୁନଥିବାରୁ ତମ ଦୋକାନ ସିଲ ହେବ। ଆଶିଷ ତାଙ୍କର ଆକାଉଣ୍ଟ ଷ୍ଟେଟମେଣ୍ଟ ସହିତ ପୁନର୍ବାର ଦେଖାକରିଥିଲେ। ହେଲେ ତାଙ୍କ ଦୋକାନକୁ ଜାଣିଶୁଣି ସିଲ କରିଦିଆଗଲା। ଆଶୀଷ ପୁଣିଥରେ ଚଳିତମାସ ୨ତାରିଖରେ ଲାଇସେନ୍ସ ରିନ୍ୟୁଆଲ ପାଇଁ ସରକାରୀ ଦେୟ ପଇଠ କରି ତାଙ୍କ ଦୋକାନ ଦୁଇଟିର ସିଲ ଉଦ୍ଦେଶ୍ୟମୂଳକ ଭାବେ ଖୋଲାଯାଉନଥିବା ନେଇ ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।ଏହାଛଡ଼ା ବିଭିନ୍ନ ସମୟରେ ତାଙ୍କ ଦୋକାନ ବନ୍ଦ କରିଦେବା ଓ ମିଥ୍ୟା ମାମଲା ରୁଜୁ କରିବାର ଧମକ ଦିଆଯାଉଥିବା ନେଇ ଆଶୀଷ ଅଭିଯୋଗ କରିଛନ୍ତି। ଏହାବ୍ୟତିତ ଆଶୀଷଙ୍କ ମଦ ଦୋକାନର ସେଲସମ୍ୟାନଙ୍କୁ ଦେଖା କରିବାକୁ କହି ବିଭାଗୀୟ କର୍ମଚାରୀ ଡକାଇଥିଲେ। ତାଙ୍କୁ ଅଟକ ରଖି ଗିରଫ କରିବା ସହ ତାଙ୍କ ଦୋକାନ ମାଲିକଙ୍କ ନାମରେ ଥାନାରେ ବେଆଇନ ଅଭିଯୋଗ କରିଥିବା ଆଶୀଷ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଉଭୟ ବବିତା ଓ ଆଶୀଷ ଜିଲ୍ଲାପାଳଙ୍କ ସମେତ ଅବକାରୀ କମିଶନରଙ୍କୁ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଅବକାରୀ ବିଭାଗ କର୍ମଚାରୀଙ୍କ ଏକ ଅଡିଓ ବାର୍ତ୍ତା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ବିଭାଗର ଜଣେ ଉଚ୍ଚ ପଦସ୍ଥ ଅଧିକାରୀ ଜଣେ ଅଧସ୍ତନ କର୍ମଚାରୀଙ୍କ ସହ ଉତ୍କୋଚ ଦାବି କରୁଥିବା ଶୁଣିବାକୁ ମିଳିଛି।ଏଭଳି ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା ଉଦ୍ଦେଶ୍ୟମୂଳକ ଭାବେ ଲାଞ୍ଚ ଦାବି କରି ମଦ ଦୋକାନୀଙ୍କୁ ହଇରାଣ କରାଯିବା ଓ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଲାଞ୍ଚ ସମ୍ପର୍କିତ କଥାବାର୍ତ୍ତା ଉପରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଅନ୍ୟପଟେ ବାରମ୍ବାର ମତାମତ ପାଇଁ ଅବକାରୀ ବିଭାଗକୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରନଥିଲା।

# ଶାନ୍ତିଲତା ବାରିକଙ୍କ ପାଇଁ ଶୋକସଭା




**ରାଜନଗର, ୮।୪(ସମିସ):** ରାଜନଗର ଠାରେ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କୁ ସ୍ମୃତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଦିବଂଗତ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକଙ୍କ ଉଚ୍ଚକୋଟୀର ସଙ୍ଗୀତ ସମାଜର ସବୁବର୍ଗର ବ୍ୟକ୍ତିଙ୍କ ହୃଦୟକୁ ଛୁଇଁ ପାରିଥିଲା। ତାଙ୍କ ମୃତ୍ୟୁ ଓଡ଼ିଶା ସଙ୍ଗୀତ ଜଗତରେ ଏକ ଅପୂରଣୀୟ କ୍ଷତି ବୋଲି ଆୟୋଜିତ ସଭାରେ ଯୋଗଦେଇଥିବା ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶତ୍ରୁଘ୍ନ ତରାଇ, ସଚିନ୍ ଦାସ, ଗୌତମ ଜେନା, ବିଶ୍ୱଜିତ୍ କୁଣ୍ଡ, ତ୍ରୈଲୋଚନ ରାଉତ, ସୋନାଲି ପାତ୍ର, ଯୁଇ ଦାସଙ୍କ ସମେତ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ତାଙ୍କର ଅମ୍ଳାନ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

ସକାଳ
THE SAKALA

## ପଶ୍ଚିମ-ଏସିଆରେ ଯୁଦ୍ଧବିସ୍ତାର ଆଶଙ୍କା

# ଆରବ ଚୋରାବାଲିରେ ଇରାନ୍

ସ୍ନାୟୁଯୁଦ୍ଧ ଲଢ଼େଇର ଅଗ୍ନିସ୍ଫୁଲିଙ୍ଗ ପାଇଁ ଇନ୍ଧନ ଯୋଗାଏ; ଅହଂ ଏବଂ ସାମରିକ ସମ୍ଭାର ଏହାକୁ ବଳ ଦିଏ। ବିଶ୍ୱ ଏବେ ଦୁଇଟି ଯୁଦ୍ଧର ସମ୍ମୁଖୀନ। ରୁଷିଆ-ୟୁକ୍ରେନ ଲଢ଼େଇ ସରିବାକୁ ନାହିଁ; ତେଣେ ଇସ୍ରାଏଲ୍-ହମାସ ଯୁଦ୍ଧ ଛ'ମାସରେ ପ୍ରବେଶ କରିବାକୁ ଯାଉଛି। ଭାରତ ଆମେରିକା ସମେତ ବିଶ୍ୱର ୫୦ରୁ ଅଧିକ ଦେଶରେ ସାଧାରଣ ନିର୍ବାଚନ ପ୍ରସ୍ତୁତି ଚାଲିଥିବା ବେଳେ ପ୍ରଭାବଶାଳୀ ଦେଶମାନେ ଆପଣା ପାଇଟିରେ ବ୍ୟସ୍ତ। ବିଶ୍ୱଶାନ୍ତି ଓ କ୍ଷମତା ଭାରସାମ୍ୟ ରକ୍ଷା, ଯାହା ଏବେ ସବୁଠୁ ବଡ଼ ଆନ୍ତର୍ଜାତିକ ଆବଶ୍ୟକତା, ତା'ଉପରେ ଅବଶିଷ୍ଟ ପୃଥିବୀର ବିଶେଷ ନଜର ନାହିଁ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ କମ୍ୟୁନିଷ୍ଟ ଚୀନ୍ ତାଇୱାନକୁ ଅଧିକାର କରିନେବାକୁ ଧମକ ଦେଉଥିବା ବେଳେ ଇସ୍ରାଏଲ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଇରାନର ଧମକ ପରିସ୍ଥିତିକୁ ଅଧିକ ଜଟିଳ କରିଛି।

ଇସ୍ରାଏଲ୍-ଇରାନ ସମ୍ପର୍କ ବିଗିଡ଼ିବା ପଛରେ ରହିଛି ସିରିଆରେ ଥିବା ତେହେରାନ ଦୂତାବାସ ଉପରେ ରକେଟ ଆକ୍ରମଣ। ଇସ୍ରାଏଲର ଏହି ଆକ୍ରମଣରେ ଇରାନର ଦୁଇଜଣ ଏଲିଟ୍ ଜେନେରାଲ୍ ନିହତ ହୋଇଛନ୍ତି। ଏହି ଆକ୍ରମଣ ପଛରେ ଇସ୍ରାଏଲ୍‌ର ହାତ ଥିବା ସିରିଆ କହିବା ପରେ ପରିସ୍ଥିତି ଭିନ୍ନ ମୋଡ଼ ନେଇଛି। ତେହେରାନ୍ କହିଛି ଯେ ନିହତ ଦୁଇ ଜେନେରାଲ ତାଙ୍କ ଦେଶର ଦୂତାବାସ ସହିତ ସମ୍ପୃକ୍ତ। କୂଟନୈତିକ ଦପ୍ତର ଉପରେ ଇସ୍ରାଏଲ୍ ଯେଉଁ ଆକ୍ରମଣ କରିଛି, ତାହାର ପ୍ରତିଶୋଧ ନିଆଯିବ। ଇରାନର ସର୍ବୋଚ୍ଚ ନେତା ଆୟୋତେଲା ଅଲି ଖାମେନିଙ୍କ ମୁଖ୍ୟ ସାମରିକ ପରାମର୍ଶଦାତା ଏହି ଘୋଷଣା କରିବା ପରେ ଏଥିପାଇଁ ପ୍ରସ୍ତୁତ ଥିବା ଇସ୍ରାଏଲ କହିଛି। ଇସ୍ରାଏଲ୍ ପକ୍ଷରୁ ଆହୁରି କୁହାଯାଇଛି ଯେ ଇରାନ ତାହାର ଦୂତାବାସଗୁଡ଼ିକୁ ଗୁପ୍ତ ସାମରିକ ଶିବିରରେ ପରିଣତ କରି ହମାସକୁ ସହାୟତା ଯୋଗାଉଛି। ତେଣୁ ଏଭଳି ଦୂତାବାସ ଉପରେ ଆକ୍ରମଣ ଜାରି ରହିବ।

ଯୁଦ୍ଧଖୋର ଇରାନର ଯୁଦ୍ଧ ଧମକ ପରେ ସମଗ୍ର ଆରବ ଅଞ୍ଚଳରେ ଥିବା ବିଭିନ୍ନ ଦୂତାବାସରୁ କର୍ମଚାରୀ ହ୍ରାସ ଏବଂ ଏହାକୁ ସାମୟିକ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଭାରତ ମଧ୍ୟ ନିଜ ଦୂତାବାସର କର୍ମଚାରୀ ସଂଖ୍ୟା କମାଇ ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛି। ଥରେ ଯୁଦ୍ଧ ଆରମ୍ଭ ହେଲେ କେଉଁ ଦେଶର ଦୂତାବାସ ଉପରେ କିଏ ଆକ୍ରମଣ କରିବ ତାହାର ଠିକଣା ନାହିଁ। ଏହି ଲଢ଼େଇ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ସୃଷ୍ଟି କରୁଛି। ଇସ୍ରାଏଲ ଯୁଦ୍ଧ ପାଇଁ ପ୍ରସ୍ତୁତ ବୋଲି ଏହାର ପ୍ରଧାନମନ୍ତ୍ରୀ ଘୋଷଣା କରିବା ପରେ ପରିସ୍ଥିତି କ୍ରମଶଃ ଜଟିଳ ହେଉଛି। ଉଭୟ ଦେଶ ଗୁପ୍ତରେ ପରମାଣୁ ଅସ୍ତ୍ରର ଅଧିକାରୀ ହୋଇଥିବା ବିଶେଷଜ୍ଞ ମହଲ ମତ ଦିଅନ୍ତି। ତା'ଛଡ଼ା ସମଗ୍ର ଆରବ ଓ ମୁସଲମାନ ରାଷ୍ଟ୍ର ପାଲେଷ୍ଟାଇନ୍ ପ୍ରସଙ୍ଗ ଘେନି ଇସ୍ରାଏଲ୍ ବିରୋଧରେ ଏକଜୁଟ। ତେଣୁ ଏବେ ଯୁଦ୍ଧରେ ସାମରିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇପଡ଼ିଥିବା ଇସ୍ରାଏଲ ଉପରେ ଆକ୍ରମଣ କରିବା ଉଚିତ ହେବ ବୋଲି ଆରବ ଜଗତ ମତ ଦେଉଛି।

ତେବେ ଯୁଦ୍ଧ ପାଇଁ କେବଳ ସ୍ନାୟୁ ଲଢ଼େଇ ଯଥେଷ୍ଟ ନୁହେଁ। ଏଥିପାଇଁ ସାମରିକ ଶକ୍ତି, ବୈଷୟିକ ଜ୍ଞାନକୌଶଳ, ଯୁଦ୍ଧାସ୍ତ୍ର ଓ ପ୍ରଚୁର ଅର୍ଥ ଦରକାର। ଆହୁରି ମଧ୍ୟ ଆଜିକାଲି ଯୁଦ୍ଧ ଆଉ ଜଳ, ସ୍ଥଳ ଓ ଆକାଶରେ ସୀମିତ ନାହିଁ। ତରକାଯୁଦ୍ଧ ଲଢ଼େଇ ଅନ୍ତିମ ପରିଣତି ନିର୍ଦ୍ଧାରଣ କରୁଛି। ଇରାନ ସବୁଦୃଷ୍ଟିରୁ ଆରବର ଏକ ଆଗୁଆ ଦେଶ। ତେବେ ଇସ୍ରାଏଲ୍‌ର ବୈଷୟିକ ଜ୍ଞାନକୌଶଳ ଓ ଯୁଦ୍ଧାସ୍ତ୍ର ସହିତ ଏହା ସମକକ୍ଷ ନୁହେଁ। ସବୁଠୁ ବଡ଼ କଥା ହେଲା ଆମେରିକା ଭଳି ମହାଶକ୍ତି ଇସ୍ରାଏଲ୍‌କୁ ସହାୟତା ଦେଉଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଦେଲେଣି ଯେ ହମାସ ଉପରେ ପୂର୍ଣ୍ଣାଙ୍ଗ ବିଜୟ ଆସନ୍ନପ୍ରାୟ। ତେଣୁ ଇରାନର ଜବାବ ଦେବାକୁ ତାଙ୍କ ସେନା ଓ ଦେଶ ପ୍ରସ୍ତୁତ। ତେଣୁ ଯୁଦ୍ଧ ହେଲେ ଇସ୍ରାଏଲ ତ କ୍ଷତିଗ୍ରସ୍ତ ହେବ, ତା' ସହିତ ସମଗ୍ର ଆରବ ଜଗତ ଅଭୂତପୂର୍ବ ପରିସ୍ଥିତିର ସମ୍ମୁଖୀନ ହେବ। ବିଶେଷକରି ଇରାନର ଅର୍ଥନୀତି ଓ ବିକାଶ ନଷ୍ଟଭ୍ରଷ୍ଟ ହୋଇଯିବ।

ପୃଥିବୀରେ ଏବେ ଯୁଦ୍ଧ ଜିତିବା ପାଇଁ ଆକାଶରେ ଥିବା ସାମରିକ ଓ ଗୁଇନ୍ଦା ଉପଗ୍ରହ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଛି। ଯେଉଁ ଦେଶ ଏଥିରେ ଯେତେ ଦକ୍ଷ, ସେ ଦେଶର ସାମର୍ଥ୍ୟ ସେତେ ଅଧିକ। ୟୁକ୍ରେନ ବିରୋଧରେ ଆକ୍ରମଣ କରି ଯୁଦ୍ଧ ଜିତିବାରେ ରୁଷିଆ ବିଫଳ ହେବାର କାରଣ ହେଲା ଏହାର ଜିଓସ୍ପେସିଆଲ ଇଣ୍ଟେଲିଜେନ୍ସ ବ୍ୟବସ୍ଥାର ଦୁର୍ବଳ ସ୍ଥିତି। ଫଳରେ କ୍ଷେପଣାସ୍ତ୍ର ସବୁ ନିର୍ଦ୍ଧାରିତ ସ୍ଥାନରେ ନ ପଡ଼ି ଲକ୍ଷ୍ୟଚ୍ୟୁତ ହେଉଛି। ସେଥିପାଇଁ ରୁଷିଆକୁ ଚୀନ୍ ଜିଓସ୍ପେଶିଆଲ ଇଣ୍ଟେଲିଜେନ୍ସ ଟେକ୍‌ନୋଲୋଜି ଯୋଗାଉଛି ବୋଲି ଆମେରିକା ଅଭିଯୋଗ କରୁଛି। କହିବା ବାହୁଲ୍ୟ ଯେ ଆଧୁନିକ ଯୁଦ୍ଧବିଗ୍ରହରେ କ୍ରିଟିକାଲ ସାଟେଲାଇଟ୍ ଟେକ୍‌ନୋଲୋଜିର ଭୂମିକା ବହୁ ଅଧିକ। ଏହା ମାଧ୍ୟମରେ ଲଢୁଆ ବିମାନ, କ୍ଷେପଣାସ୍ତ୍ର, କ୍ଷେପଣାସ୍ତ୍ର ବିରୋଧୀ ବ୍ୟବସ୍ଥା ଓ ଯୁଦ୍ଧ ଜାହାଜର ଚଳାଚଳ ଓ ଗତିପଥ ନିୟନ୍ତ୍ରିତ ହୋଇଥାଏ। ତେଣୁ ଜଳ, ସ୍ଥଳ ଓ ଆକାଶ ପରେ ଉପଗ୍ରହ ଏକ କ୍ଷେତ୍ର, ଯାହା ସାମରିକ କାର୍ଯ୍ୟାନୁଷ୍ଠାନର ପରିସରଭୁକ୍ତ ହୋଇଛି। ଏହା ହିଁ ପ୍ରକୃତ ଷ୍ଟାରୱାର ବା ତାରକା ଯୁଦ୍ଧ। ଏ କ୍ଷେତ୍ରରେ ଇରାନଠାରୁ ଇସ୍ରାଏଲ ବହୁ ଆଗରେ ଏବଂ ଆମେରିକା ତାହାର ରକ୍ଷାକବଚ। ଅତଏବ କେଉଁ ସାହସ ନେଇ ଇରାନ ଯୁଦ୍ଧ ଧମକ ଦେଉଛି ତାହା ବୁଝି ହେଉନାହିଁ। ଇସ୍ରାଏଲ୍‌ର ସାମରିକ ଉପଗ୍ରହଗୁଡ଼ିକୁ ଅକାମୀ କରିବାର କ୍ଷମତା ଇରାନର ନାହିଁ। ରୁଷ ଭଳି ଆଗୁଆ ଦେଶ ୟୁକ୍ରେନର ଭିସାଟ୍ ଯୋଗାଯୋଗ ବ୍ୟବସ୍ଥାକୁ ସାଇବର ଆକ୍ରମଣ ମାଧ୍ୟମରେ ଅଚଳ କରି ସହଜରେ ଜିତିବାକୁ ଆଶା ବାନ୍ଧିଥିଲା। କିନ୍ତୁ ୟୁକ୍ରେନ ସ୍ପେସ ଏକ୍ସ ଟେକ୍‌ନୋଲୋଜିକୁ ଆପଣାଇ ଷ୍ଟାରଲିଙ୍କ ସିଷ୍ଟମରେ ରୁଷିଆ ଆକ୍ରମଣର ସଫଳ ଜବାବ ଦେଉଛି।

ଯୁଦ୍ଧ ଆଉ ପାରମ୍ପରିକ ବ୍ୟବସ୍ଥା ଓ ରଣକୌଶଳରେ ସୀମିତ ହୋଇ ରହିନାହିଁ। ଏହା ହାଇଟେକ୍ ରୂପ ନେଇଛି। ଭାରତ ଭଳି ଦେଶ ଏହା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦେଉଛନ୍ତି। ତେଣୁ ଇରାନ ଯଦି ଇସ୍ରାଏଲ ଉପରେ ଆକ୍ରମଣ କରେ ତାହେଲେ ଆରବ ମରୁଭୂମିର ଚୋରାବାଲିରେ ନିଜେ ପ୍ରଥମେ ଫସିବ। ଆମେରିକାର ସହାୟତାରେ ପରିଚାଳିତ ଇସ୍ରାଏଲକୁ ସାମରିକ ଟେକ୍‌ନୋଲୋଜି ଦୃଷ୍ଟିରୁ ହରାଇବାକୁ ଇରାନ୍ ପାଖରେ ସାମର୍ଥ୍ୟର ଅଭାବ ରହିଛି। ଆଶା କରିବା ଇରାନ ନେତା ନିଜ ବାସ୍ତବତା ବୁଝିବେ ଏବଂ ତାଙ୍କର ସଦ୍‌ବୁଦ୍ଧି ଉଦୟ ହେବ, ଯାହାଫଳରେ ବିଶ୍ୱବାସୀ ନିକଟ ଭବିଷ୍ୟତରେ ଆଉ ଏକ ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବାର ଆଶଙ୍କା ରହିବ ନାହିଁ।

# ଲୋକପ୍ରିୟ ଗଣଉତ୍ସବ: ଦଣ୍ଡ ନାଟ

ଲିଙ୍ଗରାଜ ନାହାକ
ବ୍ରହ୍ମପୁର, ମୋ: ୯୪୩୭୫୬୭୨୯୫୫

ଦଣ୍ଡ ନାଟ ଏକ ପ୍ରାଚୀନ ତଥା ବହୁଳ ପ୍ରସାରିତ ଲୋକନାଟ୍ୟ। ଚୈତ୍ର ମାସରେ ଏହା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥାଏ। ଦଣ୍ଡ ନାଟକୁ ଆଦିବାସୀ ଓ ଅଣ-ଆଦିବାସୀ ସଂସ୍କୃତିର ମିଳନ ସେତୁ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହି ନାଟରେ ଉଭୟ ଆଦିବାସୀ ଓ ଅଣ-ଆଦିବାସୀମାନେ ଭାଗ ନେଇଥା'ନ୍ତି। ଏହାର ଉପାସନା ପଦ୍ଧତିରେ ହିନ୍ଦୁ ତାନ୍ତ୍ରିକ ଧାରା ପରିଦୃଷ୍ଟ ହେଉଥିବା ବେଳେ ଅଭିନୟ ଭାଗଟି ଆଦିବାସୀ ସଂସ୍କୃତି ପ୍ରଭାବିତ ହୋଇଥିବା ଦେଖାଯାଏ। ଓଡ଼ିଶାର ବିଭିନ୍ନ ଅଞ୍ଚଳ ଯଥା ବୌଦ୍ଧ, ବଲାଙ୍ଗୀର, ସମ୍ବଲପୁର, ସୋନପୁର, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, କଳାହାଣ୍ଡିରେ ଦଣ୍ଡ ନାଟ ପ୍ରଥା ପ୍ରଚଳିତ ଥିଲେ ହେଁ ଗଞ୍ଜାମରେ ଏହାର ସ୍ୱତନ୍ତ୍ର ରୂପ ଲକ୍ଷ୍ୟ କରାଯାଏ।

ଦଣ୍ଡ ନାଟର ଉତ୍ପତ୍ତି ସମ୍ପର୍କରେ ଅଞ୍ଚଳଭେଦରେ ଅନେକ ପୌରାଣିକ ଆଖ୍ୟାନ ଓ ବିଶ୍ୱାସ ରହିଛି। ଫୁଲବାଣୀ ଓ ଗଞ୍ଜାମ ଜିଲ୍ଲାର ସୀମାନ୍ତରେ ଥିବା ଗ୍ରାମ ଏକ ପ୍ରସିଦ୍ଧ ଶୈବକ୍ଷେତ୍ର। ଏଠାରେ ଶିବ ବିରୁପାକ୍ଷ ନାମରେ ପୂଜିତ ଏବଂ ଉଭୟ ଫୁଲବାଣୀ ଓ ଗଞ୍ଜାମ ଜିଲ୍ଲାରେ ଆଦୃତ। ଏଠାରୁ ଦଣ୍ଡ ନାଟର ଉତ୍ପତ୍ତି ହୋଇ ଗଞ୍ଜାମ ଜିଲ୍ଲାକୁ ପରିବ୍ୟାପ୍ତ ହୋଇଥିବା ଜନଶ୍ରୁତି ରହିଛି। ଲୋକବିଶ୍ୱାସ ଅନୁସାରେ ଚଢ଼େୟା ଓ ତେରଭୁକ୍ତା କଳିଯୁଗରେ ଚକାପାଦରେ ଜନ୍ମଗ୍ରହଣ କରି ଚକାପାଦ ବିରୁପାକ୍ଷଙ୍କଠାରୁ ବରପ୍ରାପ୍ତ ହୋଇ ଗାଲେରୀ ଗ୍ରାମରେ ଦଣ୍ଡ ଯାତ୍ରା କରି ସ୍ୱର୍ଗପ୍ରାପ୍ତି ହୋଇଥିଲେ। ଏହିଦୃଷ୍ଟିରୁ ଗଞ୍ଜାମର ଗାଲେରୀ ଦଣ୍ଡ ସର୍ବପ୍ରାଚୀନ ଭାବରେ ସମସ୍ତ ଦଣ୍ଡଦଳ ସ୍ୱୀକାର କରନ୍ତି।

ଗ୍ରାମୀଣ ଲୋକଙ୍କର ସହଜ, ସରଳ ତଥା ପ୍ରଗାଢ଼ ବିଶ୍ୱାସ ଉପରେ ଦଣ୍ଡ ନାଟ ପ୍ରତିଷ୍ଠିତ। ମନସ୍କାମନା ପୂର୍ଣ୍ଣ ପାଇଁ, ବିପଦରୁ ଉଦ୍ଧାର ପାଇଁ ଈଶ୍ୱରପାର୍ବତୀଙ୍କୁ ନିଷ୍ଠାର ସହ ଅତ୍ୟନ୍ତ କ୍ଳେଶ ସହି ପୂଜାର୍ଚ୍ଚନା କରିବା ହେଉଛି ଏହାର ପ୍ରଧାନ ଉଦ୍ଦେଶ୍ୟ। ଦଣ୍ଡ ପୂଜାର ସମଗ୍ର ଅବଧି ଏତେ ରୀତି ଓ ନୀତିବଦ୍ଧ ଯେ ସେଥିରେ ସାମାନ୍ୟତମ ଅବହେଳା ପ୍ରତି ଲୋକଙ୍କ ମନରେ ଅତ୍ୟନ୍ତ ଭୟ ଏବଂ ଏଥିପ୍ରତି ଥିବା ବିଶ୍ୱାସକୁ ଦୃଢ଼ୀଭୂତ କରିବାରେ ସହାୟକ ହୋଇଛି। ଅଧିକନ୍ତୁ ଏ ବିଶ୍ୱାସ ଅଦ୍ୟାବଧି ଅକ୍ଷୁଣ୍ଣ ରହିଛି।

ଶିବ ଓ ପାର୍ବତୀ ହେଉଛନ୍ତି ଦଣ୍ଡ ନାଟର ଉପାସ୍ୟ ଦେବତା। ଦଦଣ୍ଡ ନାଟର 'କାମନା ଦଣ୍ଡ' ଦୁଇଟିରୁ ଗୋଟିଏ ରୁଦ୍ର ଅନ୍ୟଟି କାଳୀ। ବିଷୁବ ସଂକ୍ରାନ୍ତିର ୧୩/୨୧ ଦିନ ପୂର୍ବରୁ ଦଣ୍ଡ ନାଟ ଆରମ୍ଭ ହୋଇ ବିଷୁବ ସଂକ୍ରାନ୍ତି ବା ମେରୁ ସଂକ୍ରାନ୍ତି ଦିନ ଏହା ଉଦ୍‌ଯାପିତ ହୁଏ। ଦଣ୍ଡକୃତ ପାଇଁ ପ୍ରଭା, ନାଗ, ଫାଶ, ଦଣ୍ଡ, ଗୌରୀ ବେତ, ମୟୂର ପିଛ, ବାନା, କଷାୟ ବସ୍ତ୍ର, ଢୋଲ, ଘଣ୍ଟ, ମହୁରୀ, କାହାଳୀ ଓ ପତାକା ଆବଶ୍ୟକ। ଏଥିରେ ଜଣେ 'ପାଟ ଭୋକ୍ତା' ବା 'ପାଟ ଦଣ୍ଡୁଆ' ଓ ଅନ୍ୟ ତେର ଜଣ ଭୋକ୍ତା ଥାଆନ୍ତି। ଏହାବ୍ୟତୀତ ଅନେକ ମାନସିକ କରିଥିବା ବ୍ୟକ୍ତି ମଧ୍ୟ ଏଥିରେ ମିଶି ୧୩ ଦିନ କାଳ ସମସ୍ତେ ସମ ଭାବରେ ରୁହନ୍ତି। ମେରୁ ସଂକ୍ରାନ୍ତି ପରେ ନିଜ ନିଜ ଘରକୁ ଫେରନ୍ତି। ଦଣ୍ଡ ନାଟରେ ଯେଉଁ ବ୍ୟକ୍ତିମାନେ ମାନସିକ ବ୍ରତ ନେଇ ଅଂଶଗ୍ରହଣ କରିଥା'ନ୍ତି, ମୁଖ୍ୟତଃ ଯାତ୍ରା ଆରମ୍ଭ ପୂର୍ବ ଦିନ ମଧ୍ୟରାତ୍ରିରେ ଗେରୁଆ ବସ୍ତ୍ର ପତାକା ଫୁଲ ଚନ୍ଦନ ନେଇ ଯିବା ବେଳେ ପତ୍ନୀ ଦାଣ୍ଡଦୁଆରେ ପୂର୍ଣ୍ଣକୁମ୍ଭ ବସାଇ ପ୍ରଦୀପ ଜାଳି ଶୁଭ ମନାସି ସ୍ୱାମୀଙ୍କର ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ନିଷ୍ଠାର ସହ ମାନି ଚଳନ୍ତି। ମାନସିକ ବ୍ରତଧାରୀମାନେ 'କାମନା ଘର' ଠାରେ ଏକାଠି ହୁଅନ୍ତି। ସେଠାରେ ଦଣ୍ଡ ଯାତ୍ରାର ସମସ୍ତ ସାମଗ୍ରୀ ରଖାଯାଏ। ଦଣ୍ଡ ନାଟ ଆରମ୍ଭ ଦିନ ରାତିଅର୍ଦ୍ଧ ସମୟରେ ଭୋକ୍ତାମାନେ ପୋଖରୀକୁ ଯାଇ ପାଣି ତୋଳି ସଂକଳ୍ପ ପଇତା ଧାରଣ କରନ୍ତି। 'କାମନା ଘରେ' ପୂର୍ବ ବର୍ଷଠାରୁ ରଖା ଯାଇଥିବା 'ଚାରି ମୁଠା ଦଣ୍ଡ' ଓ 'ବେତ'କୁ ବାହାର କରାଯାଏ। ଏହି ବେତର ବିଶେଷତ୍ୱ ହେଉଛି ତିନି ହାତ ଅଧେ ଲମ୍ବ ଓ ତେର ଗଣ୍ଠି ବିଶିଷ୍ଟ। ଏହାକୁ 'ଗୌରୀ ବେତ' କୁହାଯାଏ। ଏହି ବେତ ଦେହରେ ଛିଟ ବନ୍ଧା ଯାଏ। ତମ୍ବା ବା ରୁପାରେ ତିଆରି ସର୍ପ ଏଥିସହିତ ସଂଯୁକ୍ତ କରି ପୋଖରୀରେ ମହାସ୍ନାନ କରାଯାଏ। ତା'ପରେ ଭୋକ୍ତାମାନେ ସ୍ନାନ କରି 'ସଂକଳ୍ପ ପଇତା' ଧାରଣ କରନ୍ତି। ଏହି ପ୍ରଥମ ଦିନର ପୂର୍ବ ଦିନ ଏମାନେ ଥରେ ଅରୁଆ ଅନ୍ନ ଓ ପଣା ପ୍ରସାଦ ଗ୍ରହଣ କରିଥା'ନ୍ତି। ଦିନ ଓ ରାତିରେ ଦେବାଳୟରେ ବିଶ୍ରାମ ନିଅନ୍ତି। ଦଣ୍ଡ ନାଟ ଆରମ୍ଭ ଦିନ ଶିବ ମନ୍ଦିରରେ ହୋମଯଜ୍ଞ ହୁଏ। ଦୁଇଖଣ୍ଡ ବାଉଁଶ କାଠକୁ ଘର୍ଷଣ କରି ଅଗ୍ନି ଜାତ କରାନ୍ତି। ଏହାକୁ 'ଶିବାଗ୍ନି' କୁହାଯାଏ। କୁଶ ବା ପାଳରେ ତିଆରି ଚମ୍ପା ବରରେ 'ଶିବାଗ୍ନି' ରୋପଣ କରି ତେର ଦିନ ପର୍ଯ୍ୟନ୍ତ ରଖା ଯାଇଥାଏ। କାଳୀଙ୍କ ଚିତ୍ରପଟ୍ଟ, ମହାଦେବଙ୍କ ପ୍ରତୀକ ନାଗ ମୂର୍ତ୍ତି, ମୟୂର ପୁଚ୍ଛ ପତାକା ଆଦି ପୂଜା ପରେ ଦଣ୍ଡ ଯାତ୍ରା ଆରମ୍ଭ ହୁଏ।

କାର୍ଯ୍ୟର ବାକିଥିବା କର୍ମମାନ ଗୋଟି ଗୋଟି କରି ହୋଇଥାଏ। ତା'ପରେ ଲୁଗାବୁଣା, ମନ୍ଦିର ନିର୍ମାଣ, କୂପ ଖନନ ଆଦି ସମାଜରେ ପ୍ରଚଳିତ କର୍ମମାନ ଅନୁକରଣ କରାଯାଇଥାଏ। ଏହି କର୍ମମାନ ଅନୁଷ୍ଠିତ ହେଉଥିବା ବେଳେ ମଝିରେ ମଝିରେ ଭୋକ୍ତାମାନେ ଢୋଲ, ଝାଞ୍ଜ, ମହୁରୀ ବାଜଣା ସହିତ ସମସ୍ୱରରେ କହିଥା'ନ୍ତି - ***'କପିଳାସ କନ୍ଦରୁ ଯୋଗନିଦ୍ରା ଭାଜିବାକୁ ଅବଧାନ ହେଉ ମଣିମା। କଳାରୁଦ୍ର ମଣି ଭଜ ହେ...'।*** ତା'ପରେ ଦିଅଁଙ୍କୁ ଧରି ପୋଖରୀ କୂଳକୁ 'ଜଳ ଦଣ୍ଡ' କରିବାକୁ ଚାଲନ୍ତି। ଛଅ ଆଙ୍ଗୁଳି ଲମ୍ବର ଆମ୍ବ ଡାଳରେ ଭୋକ୍ତାମାନେ ଦାନ୍ତ ଘଷି ସ୍ନାନ ସାରି ଜଳାଶୟ ମଧ୍ୟରେ ତେର ଥର ବୁଡ଼ି ତେର ଅଞ୍ଜୁଳା ବାଲି ଆଣି ଶିବଲିଙ୍ଗ ପ୍ରତିଷ୍ଠା କରନ୍ତି। ସାଙ୍ଗରେ ନେଇଥିବା ମାଟି ଘଟରେ ଜଳ ପୂର୍ଣ୍ଣ କରାଯାଏ।

'ଚାରିଦଣ୍ଡ' ହେଉଛି ମାଟିରେ ତିଆରି କରି ପୋଡ଼ା ଗଲା ପରେ ସେଥିମଧ୍ୟରେ ପାଳ, କୁଟା ଭର୍ତ୍ତି



ପ୍ରଥମ ଦିନ 'କାମନା ଘର' ନିକଟରେ ଦଣ୍ଡ ନାଟ ହୁଏ। ତା 'ପରେ ନିମନ୍ତ୍ରଣ ଅନୁସାରେ ବିଭିନ୍ନ ଗ୍ରାମ ଓ ସହରମାନଙ୍କରେ ନାଟ ହୋଇଥାଏ। ମାନସିକ ଧାରୀ ଦଣ୍ଡ ଯାତ୍ରା ଦଳକୁ ବରଣ କରିଥା'ନ୍ତି। ତା'ପରେ ଦଣ୍ଡ ଯାତ୍ରା ଦଳ ସେଠାକୁ ଯାଇ ଜଳ ରୋପଣ କରି ବୀଣାକାର ଗୀତ ଗାଆନ୍ତି। ଦଣ୍ଡ ନାଟର ବୀଣାକାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ବୀଣା ବଜାଇ ବିଭିନ୍ନ ବନ୍ଦନା ଗାନ ସହ ଦଣ୍ଡ ମହିମା ପ୍ରଚାର କରନ୍ତି। ବୀଣାକାର ଦ୍ୱାରା ଗାନ ହେଉଥିବା ସଂସ୍କୃତ ଶ୍ଳୋକର ଓଡ଼ିଆ ଗୀତାନୁବାଦ ପଞ୍ଚମୁଖ ଶିବ ବନ୍ଦନାର ଶେଷ ପଦଟି ଏହିପରି -

***ପଶ୍ଚିମ ଉତ୍ତର ପୂର୍ବ ଦକ୍ଷିଣ ଆକାଶକୁ ମିଶି ପଞ୍ଚ ବଦନ, ଏକ ଶ୍ଳୋକେ ପଞ୍ଚମୁଖ ବନ୍ଦନ / କରି ଜଣାଏ ଶିବ ସନ୍ନିଧାନ, ପାପ ମୋ କର ମୋଚନ / କୈଳାଶ ବିହାରୀ ପୟରେ ଗୁହାରି ହେ କୃପାସିନ୍ଧୁର ବଚନ।***

ଦ୍ୱିପହର ପ୍ରଚଣ୍ଡ ଖରାରେ ଆସି ଯେଉଁ 'ଧୂଳି ଦଣ୍ଡ' ଖେଳା ଯାଏ, ସେଥିରେ ଚାଷବାସ ବ୍ୟବସ୍ଥାର ସମସ୍ତ ଘଟଣାବଳୀକୁ ଭୋକ୍ତାମାନେ ଅନୁଷ୍ଠିତ କରିଥା'ନ୍ତି। ପାଟ ଭୋକ୍ତା ଡାକ ଦିଅନ୍ତି - 'ହେ ଭଗତେ! ଅନ୍ୟମାନେ ଉତ୍ତର ଦିଅନ୍ତି - ହୋ! କାହିଁ ଆସିଛ?' ମଣିମାଙ୍କ ସେବା ପାଇଁ। ଏଥିରେ ଫଳ କ'ଣ? ମନକାମନା ପୂରଣ ହେବ। ଆଚ୍ଛା ହେଉ ସେବା ଆରମ୍ଭ କର।' ସେବା ଆରମ୍ଭ ହୁଏ। ଜମି ଚାଷ କରିବା କାମ। ଭୁକ୍ତାମାନେ ଶୋଇ କରି କ୍ଷେତ ଅନୁରୂପ ତିଆରି କରନ୍ତି। ପୁଣି ଦୁଇଜଣ ହାତ ଛନ୍ଦି ଠିଆ ହେବେ। ଆଉ ଜଣେ ସେହି ଛନ୍ଦା ହାତରେ ଆଣ୍ଠୁ ଭାରା ଦେଇ ଅନ୍ୟ ଏକ ଗୋଡ଼ ତଳକୁ ଲମ୍ବାଇ ଲଙ୍ଗଳ ପରି ଧୂଳିରେ ଗାର କାଟିବେ। ଏ ହେଲା ଚାଷର ଅନୁକରଣ। ଏହାପରେ ଧାନ ବୁଣିବା। ଏହିପରି ପ୍ରତ୍ୟେକ କାମ ଶେଷରେ ପାଟ ଭୁକ୍ତା ଡାକ ଦେଉଥିବେ - 'ହୋ ଭଗତେ! ହଁ ! ଏ ସେବା ଛାଡ଼ି ଅନ୍ୟ ସେବା କର।' ଏହିପରି ଚାଷ କରି ଅଗ୍ନି ସଂଯୋଗ କରାଇ ପୋଖରୀ କୂଳରେ ପ୍ରଥମ 'ହକ' ଦିଆଯାଏ। ବିଭିନ୍ନ ଉପଚାରରେ ପୂଜାର୍ଚ୍ଚନା କରାଯାଏ। ତା'ପରେ ଖଇ, ନବାତ, କଦଳୀ ମିଶ୍ରିତ ପଣା ଠାକୁରଙ୍କ ପୂଜା ପରେ ସମସ୍ତ ଭୋକ୍ତା ପ୍ରସାଦ ସେବନ କରନ୍ତି। ଏହାପରେ ପ୍ରଚଳିତ ବିଧି ଅନୁସାରେ ଝୁଣା ମାରି ମାରି କର୍ତ୍ତାଙ୍କ ଦୁଆରକୁ ଯାଇ 'ପତନି ବନ୍ଧା' ସାରି ବିଶ୍ରାମ ସ୍ଥାନକୁ ଯାଆନ୍ତି। ବାଟରେ ଗଲାବେଳେ ପିଲାଠାରୁ ବଡ଼ଙ୍କ ଯାଏ ଗୁହାରିଆ ପଡ଼ିଥିଲେ, ସେମାନଙ୍କର ମଙ୍ଗଳ କାମନା କରାଯାଇ 'ହକ' ଦିଆଯାଏ। ସନ୍ଧ୍ୟା ସମୟରେ ବିଶ୍ରାମ ସ୍ଥାନରେ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଦଣ୍ଡ ବ୍ରତ ପାଳନରେ ଭକ୍ତମାନଙ୍କର କାହାର କ'ଣ ଦୋଷ ଥିଲେ, ତାହାକୁ ତାଙ୍କ ଦେହରେ ପ୍ରବେଶ କରି ସତ୍ୟ ଘଟଣାଗୁଡ଼ିକ ତାଙ୍କ ମୁହଁରେ ପ୍ରକାଶ କରାନ୍ତି ବୋଲି ବିଶ୍ୱାସ ରହିଛି। ଦୋଷ ସ୍ୱୀକାର ପୂର୍ବକ ଭୋକ୍ତାମାନେ ଝୁଣାଗ୍ନିରେ ଶରୀର ଶୁଦ୍ଧ କରାଇ ନୂତନ ଉପବୀତ ଧାରଣ କରନ୍ତି ଏବଂ ଦାନ୍ତରେ ତୃଣ ଧରି କ୍ଷମା ମାଗନ୍ତି।

ରାତ୍ରି ସମୟରେ ଭୋକ୍ତାମାନେ ଖାଦ୍ୟ ପ୍ରସ୍ତୁତ ପାଇଁ ସ୍ୱତନ୍ତ୍ର ଚୁଲା ନିର୍ମିତ କରାଯାଇ ଚମ୍ପା ବରର ଅଗ୍ନି ନେଇ ଚୁଲା କାଠରେ ସଂଯୋଗ କରନ୍ତି। ଗୋଡ଼ି, ମାଟି, ଧାନ ପ୍ରଭୃତି ନଥିବା ଅରୁଆ ଚାଉଳର ଅନ୍ନ ଓ ମୁଗଜାଇ, କଞ୍ଚା କଦଳୀ, ବାଇଗଣ, କଖାରୁ ପ୍ରଭୃତି ଅକଟା ପରିବା ଓ ଅବଟା ମସଲାରେ ଡାଲମା ପ୍ରସ୍ତୁତ ହୁଏ। ମଧ୍ୟରାତ୍ରିର ନିଶବ୍ଦ ପ୍ରହରରେ ଅନ୍ନ ଓ ଡାଲମା ଶିବକାଳୀଙ୍କ ପାଖରେ ଭୋଗଲାଗି ପରେ ଢୋଲ, ଘଣ୍ଟ, ମହୁରୀ ବାଦ୍ୟ ଶବ୍ଦ ମଧ୍ୟରେ ଭୋକ୍ତାମାନେ ପ୍ରସାଦ ସେବନ କରନ୍ତି। ଏହି ସମୟରେ କୌଣସି ଅନ୍ୟ ଶବ୍ଦ ଏପରିକି କାଉ କୋଇଲିର ଶବ୍ଦ ଶୁଣିଲେ ବା ପ୍ରସାଦରୁ ମାଟି ଗୋଡ଼ି ବାହାରିଲେ ଭୋକ୍ତାମାନେ ପ୍ରସାଦ ଗ୍ରହଣ କରନ୍ତି ନାହିଁ। ସାରା ଦିନରେ ଥରେମାତ୍ର ଭୋଜନ କରୁଥିବାରୁ ଶୃଙ୍ଖଳା ଓ ଶୁଦ୍ଧତା ପ୍ରତି ବିଶେଷ ଦୃଷ୍ଟି ଦିଆଯାଏ। ପ୍ରସାଦ ସେବନ କରିବା ପରେ ରାତ୍ରିର ନିକାଞ୍ଚନ ମୁହୂର୍ତ୍ତରେ ଦଣ୍ଡ ଦଳ କର୍ତ୍ତାଙ୍କ ଦାଣ୍ଡ ଅଭିମୁଖେ ଝାଞ୍ଜ, ଢୋଲ ଓ ମହୁରୀର ତାଳେ ତାଳେ ପିଞ୍ଛ ମୁଠା ଓ ବାନା ବାଡ଼ି ହଲାଇ ହଲାଇ ସମସ୍ୱରରେ 'କଳାରୁଦ୍ର ମଣିକି ଭଜ ହେ...' ଡାକି ଡାକି ଚାଲନ୍ତି। ଏହି ସମୟରେ ଦୁଇ ଜଣ ଭୁକ୍ତା ଅଗ୍ନି ଦଣ୍ଡରେ ଝୁଣା ମାରି ମାରି ବାଦ୍ୟର ତାଳେ ତାଳେ ନାଚି ନାଚି ଯାଆନ୍ତି। ଏଠାରେ କାଳିକା ନୃତ୍ୟ ପ୍ରଥମେ ଅନୁଷ୍ଠିତ ହୋଇଥାଏ। ପ୍ରଭଧାରୀ ଭୋକ୍ତାଙ୍କୁ କଳା ପୋଷାକ ପିନ୍ଧାଇ, କଳା କନା ମଣ୍ଡରେ ବାନ୍ଧି ଓ ରକ୍ତ ସିନ୍ଦୂର କପାଳରେ ଲଗାଇ କାଳୀ ପ୍ରଭା ଧାରଣ କରାନ୍ତି। ଅଗ୍ନି ଦଣ୍ଡରେ ଝୁଣା ଦ୍ୱାରା ଅଗ୍ନି ପ୍ରୟୋଗ ଓ ଢୋଲ ବାଦ୍ୟର ତାଳେ ତାଳେ ତାଣ୍ଡବ ନୃତ୍ୟରେ କାଳିକା ପ୍ରସନ୍ନ ହୁଅନ୍ତି। ତା'ପରେ ସେହି ଭୋକ୍ତା ଚେତାଶୂନ୍ୟ ହୁଅନ୍ତି। କାଳୀ ପ୍ରଭା ବାହାର କରିବାର କିଛି ସମୟ ପରେ ଚେତା ଫେରି ଆସେ। ଏହାପରେ ଚଢ଼େୟା ନାଚ କରିବାର ପରମ୍ପରା ରହିଛି।

ଦଣ୍ଡ ନାଟ ସୁଆଙ୍ଗ ଦ୍ୱାରା ପରିପୁଷ୍ଟ। ବାଦ୍ୟର ତାଳେ ତାଳେ ନୃତ୍ୟ ପରିବେଷଣ ଶୈଳୀକୁ ସୁଆଙ୍ଗ କୁହାଯାଏ। ତେବେ ପ୍ରତ୍ୟେକ ସୁଆଙ୍ଗର ମୂଳ ଚିନ୍ତାଧାରା ଶିବପାର୍ବତୀଙ୍କ ମହତ୍ତ୍ୱ ପ୍ରତିପାଦନ ଦ୍ୱାରା ସାଧାରଣ ଜନତା ମଧ୍ୟରେ ଧର୍ମୀୟ ଚେତନା ଜାଗ୍ରତ କରାଇବା। କାଳକ୍ରମେ ଏହା ଅଧିକ ମନୋରଞ୍ଜନ ପାଇଁ ବିଭିନ୍ନ ପୌରାଣିକ, ଐତିହାସିକ, ସାମାଜିକ ବିଷୟ ବସ୍ତୁ ଆଧାରରେ ଅପେରା ଯାତ୍ରା କରାଯାଉଛି। ଆଧୁନିକତାକୁ ଗ୍ରହଣ କରି ନେଇଥିଲେ ମଧ୍ୟ ଏହାର ମୌଳିକ ରୂପଟି ଏଯାବତ୍ ଅକ୍ଷୁଣ୍ଣ ରଖିଥିବାରୁ ଏହାର ଲୋକପ୍ରିୟତା ଅଧିକ। ଏହାଛଡ଼ା ସାମ୍ୟ, ମୈତ୍ରୀ ଓ ସହାବସ୍ଥାନର ସନ୍ଦେଶ ବହନକାରୀ ଏକାନ୍ତ ଭାବେ ମୌଳିକ ଏବଂ ପ୍ରାଣରେ ଅତ୍ୟନ୍ତ ଲୋକଧର୍ମୀ, ଆଧ୍ୟାତ୍ମିକ ବିଶ୍ୱାସ ଉପରେ ପ୍ରତିଷ୍ଠିତ ଏଇ ଲୋକନୃତ୍ୟଟି ଏ ଯାବତ୍ ପ୍ରଚଳିତ।

ଦଣ୍ଡ ନାଚର ଶେଷ ଦିବସକୁ 'ମେରୁ' କୁହାଯାଏ। ଏହି ମେରୁ ଶବ୍ଦ କନ୍ଧ ମାନଙ୍କର 'ମେରିଆ' ଶବ୍ଦର ରୂପାନ୍ତର ବୋଲି ଗବେଷକମାନେ ମତ ଦିଅନ୍ତି। ଦେବୀ ପୀଠର ନିର୍ଦ୍ଧାରିତ 'ମେରୁକୁଣ୍ଡ'ର ଦୁଇପାର୍ଶ୍ୱରେ ବେଲ କାଠରେ ନିର୍ମିତ ଦୁଇଟି ମେରୁ ଖୁଣ୍ଟି ପୋତା ହୁଏ। ସେହି ଦୁଇ ଖୁଣ୍ଟି ଉପର ଅଂଶକୁ ଅନ୍ୟ ଏକ କାଠରେ ସଂଯୋଗ କରା ଯାଇଥାଏ। ଦଣ୍ଡ ଯାତ୍ରାର ପରମ୍ପରା ଅନୁଯାୟୀ ମେରୁ କୁଣ୍ଡରେ ଯଜ୍ଞ ଆରମ୍ଭ ହୁଏ। କାଳୀ ପ୍ରଭାକୁ କୁଣ୍ଡର ବିପରୀତ ପାର୍ଶ୍ୱରେ ୧୩ ହାତ ଦୂରରେ ରଖା ଯାଇଥାଏ। ଷୋଡ଼ଶ ଉପଚାରରେ ପୂଜା କର୍ମ ହୁଏ। ପାଟ ଭୋକ୍ତା ପୁନଃ ସ୍ନାନ କରି ଓଦା ବସ୍ତ୍ରରେ ଆସି କାଳୀଙ୍କୁ ଦର୍ଶନ କରନ୍ତି। ତା'ପର କାଳୀ ପ୍ରସନ୍ନ ହୁଅନ୍ତି। ପାଟଭୋକ୍ତାଙ୍କୁ ମେରୁ ଖୁଣ୍ଟରେ ଝୁଲାଇ ଗୋଡ଼ ଦୁଇଟିକୁ ମେରୁ ଖୁଣ୍ଟରେ ବନ୍ଧା ଯାଏ ଏବଂ ମୁଣ୍ଡ ଠିକ୍ ମେରୁ କୁଣ୍ଡ ଉପରେ ଝୁଲି ରହେ। ମେରୁ କୁଣ୍ଡର ଅଗ୍ନିରେ ତେର ଥର ଝୁଣା ନିକ୍ଷେପ କରାଯାଏ। ଦଣ୍ଡ ନାଚର ମୂଳ ମନ୍ତ୍ର 'କଳା ରୁଦ୍ରମଣିକି ଭଜ ହେ...' ଧ୍ୱନି ଭୋକ୍ତା ଓ ଭକ୍ତମାନଙ୍କ ଦ୍ୱାରା ଢୋଲ, ଘଣ୍ଟ, ଝାଞ୍ଜ, ମହୁରୀ ବାଦ୍ୟ ମଧ୍ୟରେ ନିନାଦିତ ହୁଏ। ଶେଷରେ ମୁଖ୍ୟ ଭୋକ୍ତା ସେହି ମେରୁ ଦଣ୍ଡରେ ଅଚେତ ହୋଇ ପଡ଼ନ୍ତି। ଅନ୍ୟ ଭୋକ୍ତାମାନେ ତାଙ୍କୁ ଜଳ ଘାଟକୁ ନେଇ ଚେତା ଫେରାନ୍ତି। ଏହାକୁ ଦଣ୍ଡ ନାଚର ଅଗ୍ନିପରୀକ୍ଷା କହନ୍ତି। ଏହି ସମୟରେ ବ୍ରତଧାରୀମାନେ ବିଭିନ୍ନ ଫଳ ମେରୁ ମଣ୍ଡପରେ ସମର୍ପଣ କରନ୍ତି। କେତେକ ସ୍ଥାନରେ ଭୋକ୍ତାମାନେ ଅଗ୍ନି ଉପରେ ଚାଲିବା ଦୃଶ୍ୟ ମଧ୍ୟ ଦେଖାଯାଏ। ଏହା ହେଉଛି ଦଣ୍ଡନାଚର ଅନ୍ତିମ ଦୃଶ୍ୟ।

ଦଣ୍ଡନାଚ ଏକ ଗଣପୂଜା। ଅସ୍ପୃଶ୍ୟତା ଦୂରୀକରଣ ଏହାର ଆଦର୍ଶ। ସମସ୍ତେ ଈଶ୍ୱରଙ୍କ ସନ୍ତାନ। ଏହି ଭାବନା ସମସ୍ତଙ୍କ ପାଇଁ ସମାନ ଭାବରେ ଅନୁସୃତ। ଏହାଛଡ଼ା ପରସ୍ପର ମଧ୍ୟରେ ମିତ୍ରତା ଓ ଭ୍ରାତୃତ୍ୱ ବଜାୟ ରଖିବା, ଇନ୍ଦ୍ରିୟ ସଂଯମ ଆଦି ଚିତ୍ତ ଶୁଦ୍ଧି ପ୍ରାୟଶ୍ଚିତ, ବିଭିନ୍ନ କାର୍ଯ୍ୟ ସିଦ୍ଧି ପାଇଁ ପୁରପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ଏହି ଦଣ୍ଡ ବ୍ରତ ପାଳନ କରାଯାଇଥାଏ।

# ବ୍ୟକ୍ତିତ୍ୱର ଭୂଷଣ ନମ୍ରତା



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୦୯୦୯୭୫୨୦୬

ବ୍ୟକ୍ତିଗତ ଓ ସାମାଜିକ ଆଚରଣ ଓ ବ୍ୟବହାରରେ ଭଦ୍ରତା, ରୁଚିସମ୍ପନ୍ନତା, ପରିମାର୍ଜନ ଓ କମନୀୟତାକୁ ଆମେ ସୌଜନ୍ୟ କହୁ। ଏହା ସମ୍ମାନଜନକ, ଭଦ୍ର ଏବଂ ଶିଷ୍ଟ ବ୍ୟବହାର। ନମ୍ରତା, ଶିଷ୍ଟତା ଓ ଦୟାଶୀଳତା ସଙ୍ଗେ ସୌଜନ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଏହା ଦୟାଶୀଳତା, କ୍ଷମାଶୀଳତା ଓ ଦାନଶୀଳତା। କିନ୍ତୁ ଏଥିରେ ଦୟା, କ୍ଷମା ବା ଦାନର ବିଜ୍ଞାପନ ନଥାଏ। ଏହି ସୌଜନ୍ୟ, ବନ୍ଧୁତାକୁ ଜନ୍ମ ଦିଏ ଓ ସ୍ଥାୟୀ କରେ। ସୌଜନ୍ୟ ଓ ଶିଷ୍ଟତା ଭଦ୍ର ଲୋକମାନଙ୍କର ହୃଦୟରେ ଥାଏ ଏବଂ ଅନ୍ୟମାନଙ୍କ ସଙ୍ଗେ ଆଚରଣ ଓ ବ୍ୟବହାରରେ ଏହା ପ୍ରକାଶ ପାଏ। କେତେଜଣ ମାପିଚୁପି ସୌଜନ୍ୟ ପ୍ରଦର୍ଶନ କରନ୍ତି। ଏହା କାମଚଳା ସୌଜନ୍ୟ ହୋଇପାରେ, କିନ୍ତୁ ଏଥିରେ ଗଭୀରତା ନଥାଏ।

ସୌଜନ୍ୟ ଦୟା ଓ ନମ୍ରତାର ଏକ ଫେଣ୍ଟା ଫେଣ୍ଟି ପରିପ୍ରକାଶ। ଏଥିରେ ଅହଂକାରର ଲେଶମାତ୍ର ଚିହ୍ନବର୍ଣ୍ଣ ନଥାଏ। ଏହା ଭଦ୍ରତା ଓ ଶିଷ୍ଟତା ସଙ୍ଗେ ଦୟାଶୀଳତା, କ୍ଷମାଶୀଳତା ଓ ଦାନଶୀଳତାର ଏକ ଦିବ୍ୟ ସମ୍ମିଶ୍ରଣ। ସୌଜନ୍ୟ ପ୍ରକାଶର ଶିଷ୍ଟତା ଏପରି ହେବା ଉଚିତ ଯେପରି ଆପଣ ଯାହାକୁ ସୌଜନ୍ୟ ପ୍ରଦର୍ଶନ କରିବେ ସେ ଭାବିବେ ନାହିଁ ଯେ ଆପଣ ତାଙ୍କୁ ଦୟା ପ୍ରଦର୍ଶନ କରୁଛନ୍ତି। ବନ୍ଧୁଭାବ ଓ ଆମାୟିକତା ରୁଚିସମ୍ପନ୍ନତା ଓ କମନୀୟତା ତୁମର ସୌଜନ୍ୟରେ ଏପରି ଫୁଟି ଉଠିବା ଦରକାର ଯେପରି ତୁମର ମାର୍ଜିତ ପ୍ରତିପାଳନ ଉପରେ କାହାରି ସନ୍ଦେହ ରହିବ ନାହିଁ।

ମନରେ ସିଦ୍ଧାନ୍ତ ନିର୍ଦ୍ଧାରଣ ପ୍ରକ୍ରିୟା ଓ ନିଷ୍ପତ୍ତି ପଦ୍ଧତି ଏପରି ହେବା ଉଚିତ ଯେପରି କୌଣସି ବିଷୟରେ ସଂଶୟ ଓ ଅନିଶ୍ଚିତ ଭାବ ଥାଇ, ସନ୍ଦେହ ଓ ଅବିଶ୍ୱାସ ଥାଇ, ସମ୍ପୂର୍ଣ୍ଣ ପ୍ରମାଣ ବା ସ୍ପଷ୍ଟ ସୂଚନାର ଅଭାବ ଥାଇ ଓ ଦ୍ୱିଧା ଥାଇ ତୁମେ ନିଷ୍ପତ୍ତି ନେଇ ନଯାଅ। ଏପରି ନିଷ୍ପତ୍ତି ଅତ୍ୟନ୍ତ ଦୁର୍ବଳ ବ୍ୟକ୍ତିତ୍ୱର ପରିଚାୟକ। ମନ କୌଣସି କାରଣରୁ ଅସ୍ଥିର ଥିଲେ କୌଣସି ନିଷ୍ପତ୍ତି ନେବା ଉଚିତ ନୁହେଁ। ଅନିଶ୍ଚିତା ମଧ୍ୟରେ କୌଣସି ନିଷ୍ପତ୍ତି ନେଇ ପରେ ଅନୁତାପ କରିବାଠାରୁ ନିଷ୍ପତ୍ତି ନ ନେବା ଭଲ। ଅସ୍ଥିର ଚିତ୍ତ ବ୍ୟକ୍ତି ଅନେକ ସମୟରେ ଦ୍ୱିଧା ଓ ଦୋଦୁଲ୍ୟମାନ ଅବସ୍ଥାରେ ଥାଏ। କୌଣସି ନିଷ୍ପତ୍ତି ନେବାକୁ ସେ ଦ୍ୱିଧାଗ୍ରସ୍ତ ଓ ଅସ୍ଥିରଚିତ୍ତ ଜଣାପଡ଼େ। ଅନ୍ୟମାନେ ମଧ୍ୟ ଏଭଳି ବ୍ୟକ୍ତିମାନଙ୍କ ପ୍ରତି ସାବଧାନ ରହିବା ଆବଶ୍ୟକ। କ'ଣ କରିବା ବା ନ କରିବା ନିରୂପଣ କରିବାର ମାନସିକ ଶକ୍ତିକୁ ନିଜର ଇଚ୍ଛାଶକ୍ତି ଦ୍ୱାରା ଦୃଢ଼ ମନୋବଳ ସହିତ ବଢ଼ାଇବା ଦରକାର। ମଣିଷର କାମ ଓ ଘଟଣାବଳୀ ଇତ୍ୟାଦି ମୁକ୍ତ ବା ଇଚ୍ଛାକୃତ ନୁହେଁ ବରଂ ମଣିଷର ଇଚ୍ଛା ବାହାର ଶକ୍ତିଙ୍କ ଦ୍ୱାରା ପରିଚାଳିତ ବୋଲି ବିଶ୍ୱାସ କଲେ ତୁମେ ନିୟତିବାଦୀ ହୋଇଯିବ। ଏପରି ହେଲେ ତୁମେ କୌଣସି ନିଷ୍ପତ୍ତି କରିପାରିବ ନାହିଁ। ଦୃଢ଼ ନିର୍ଣ୍ଣୟ କରିବା ଓ ଦୃଢ଼ ପ୍ରତିଜ୍ଞ ହେବା ପାଇଁ ତୁମେ ନିୟତିବାଦ ଓ ଅବଶ୍ୟମ୍ଭାବୀ ବାଦକୁ ମନରୁ ସମୂଳେ ପରିତ୍ୟାଗ କରିବାକୁ ହେବ। ନିୟତିବାଦୀ ହେବା ଅନେକ ସମୟରେ ଅସମ୍ମାନଜନକ ହୋଇଥାଏ ଏବଂ ତୁମର ପଦମର୍ଯ୍ୟାଦା ପାଇଁ ଅନୁପଯୁକ୍ତ ହୋଇଥାଏ। ମନରୁ ଅସ୍ଥିରତା ଶିଥିଳତା ଓ ଦ୍ୱିଧାକୁ ଦୂର କରିପାରିଲେ ନିଷ୍ପତ୍ତି ନେବାରେ ଦୃଢ଼ତା ଆପେ ଆପେ ଆସିଯିବ ଏବଂ ମର୍ଯ୍ୟାଦା ହାନିର ଆଶଙ୍କା ରହିବ ନାହିଁ। ନିଜ ବିଚାର ଅନୁଯାୟୀ କାର୍ଯ୍ୟ କରିବାର ସ୍ୱାଧୀନତା ଓ ସେଥିପାଇଁ ଆବଶ୍ୟକୀୟ ସତର୍କତା ଓ ସାବଧାନତାକୁ ସବୁବେଳେ ଅକ୍ଷୁଣ୍ଣ ରଖିବା ଆବଶ୍ୟକ। ସେଥିପାଇଁ ଜଣେ ବିଜ୍ଞ ଓ ସାବଧାନ ହେବା ସଙ୍ଗେ ସଙ୍ଗେ ଯତ୍ନଶୀଳ ଓ ଦୂରଦର୍ଶୀ ହେବା ଜରୁରୀ।

ଜଣେ ବ୍ୟକ୍ତିର ସ୍ୱତନ୍ତ୍ର ବୈଶିଷ୍ଟ ଓ ଗୁଣ ସମୂହକୁ ନେଇ ତା'ର ବ୍ୟକ୍ତିତ୍ୱ ଗଢ଼ା ହୋଇଥାଏ। ତା'ର ଜ୍ଞାନ, ବୌଦ୍ଧିକତା- ଏଗୁଡ଼ିକ ହେଲା ବ୍ୟକ୍ତିର ଚରିତ୍ର, ଧୀଶକ୍ତି, ଚାତୁର୍ଯ୍ୟ, ବୋଧଶକ୍ତିର ତୀକ୍ଷ୍ଣତା ଓ ଚଞ୍ଚଳତା ଏବଂ ମାନସିକ ଶକ୍ତି। ଏସବୁ ଜଣେ ବ୍ୟକ୍ତିକୁ ଅନ୍ୟଠାରୁ ପୃଥକ କରି ଜଣାଇଦିଏ। ଚରିତ୍ର ହିଁ ଜଣେ ବ୍ୟକ୍ତିକୁ ଏକ ଦୃଢ଼ ଓ ସଫଳ ବ୍ୟକ୍ତିତ୍ୱ ଦେଇଥାଏ। ସମସ୍ତେ ଉତ୍ତମ ଚରିତ୍ରବାନ ବ୍ୟକ୍ତିଙ୍କୁ ସମ୍ମାନ ଦେଖାନ୍ତି। ଜଣେ ଚରିତ୍ରବାନ୍ ବ୍ୟକ୍ତି କମ୍ କଥାବାର୍ତ୍ତା କଲେ ମଧ୍ୟ ସେଥିରେ ଶକ୍ତି ଥାଏ ଏବଂ ତାହା ଲୋକଙ୍କୁ ଆକର୍ଷିତ କରେ। ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱ କେହି ସାଥିରେ ନେଇ ଜନ୍ମ ହୁଏ ନାହିଁ। ଉଦ୍ୟମ ବଳରେ ତାହା ନିର୍ମାଣ କରିବାକୁ ହୁଏ। ଜଣେ ଗର୍ବୀ, ଉଦ୍ଧତ, ଦାମ୍ଭିକ ଓ ଅହଂକାରୀ, ଜିଦ୍‌ଖୋର, ଅବାଧ୍ୟ ଓ ଅନମନୀୟ ବ୍ୟକ୍ତିର କେବେହେଲେ ଗ୍ରହଣୀୟ ବ୍ୟକ୍ତିତ୍ୱ ହୋଇପାରିବ ନାହିଁ। ନମ୍ରତା ଏପରି ଏକ ଗୁଣ, ଯାହା ତୁମକୁ ଅନ୍ୟମାନଙ୍କର ଗ୍ରହଣୀୟ କରିବ, କିନ୍ତୁ ଏଥିପାଇଁ ତୁମର ନିଜ ବ୍ୟକ୍ତିତ୍ୱର ଦୃଢ଼ତାକୁ କମ୍ କରିବାର ଆବଶ୍ୟକତା ନାହିଁ। କେତେଜଣ ବ୍ୟକ୍ତିତ୍ୱର ଦୃଢ଼ତା ଅର୍ଥ ଅହଂକାର ଓ ଅନମ୍ରତା ବୋଲି ବୁଝନ୍ତି। ନିଜକୁ ପ୍ରାଧାନ୍ୟଯୁକ୍ତ ଓ ଗୁରୁତ୍ୱପୂର୍ଣ୍ଣ ବୁଝିବା ଓ ସେହିପରି ଆଡ଼ମ୍ବର ପ୍ରଦର୍ଶନ କରିବା ନିଜ ଦାବିର ଦୃଢ଼ ସମର୍ଥନ କରିବା ସଙ୍ଗେ ସମାନ ନୁହେଁ। ସ୍ୱମତ ପୋଷଣ ପାଇଁ ଗର୍ବିତ ହେବାର ଆବଶ୍ୟକତା ନାହିଁ। ଏହା ହିଁ ଶିଷ୍ଟତା ଓ ସୌଜନ୍ୟ। ଏଭଳି ଗର୍ବ କୌଣସି ବ୍ୟକ୍ତି ବା ପଦାର୍ଥ ପ୍ରତି ଘୃଣା, ନିନ୍ଦା ଓ ତାଚ୍ଛଲ୍ୟଭାବକୁ ବୁଝାଇଥାଏ ଏବଂ ଅବମାନନା ହୋଇଥାଏ, ଯାହା ସୌଜନ୍ୟର ବାହାରେ। ଏଭଳି ଗର୍ବୀ ଲୋକ ସବୁବେଳେ ସମ୍ମାନ ଓ ପ୍ରଶଂସା ଖୋଜିଥାଏ, ପ୍ରଶଂସକମାନଙ୍କ ଦ୍ୱାରା ପରିବେଷ୍ଟିତ ରହିବାକୁ ଚାହେଁ ଏବଂ ପ୍ରଶଂସାର ପ୍ରଦର୍ଶନ ମଧ୍ୟ ଚାହେଁ। ଅନ୍ୟମାନଙ୍କଠାରେ ଭଲଗୁଣ ଦେଖିବା ଓ ସେମାନଙ୍କୁ ପ୍ରଶଂସା କରିବା ଏଭଳି ଲୋକଙ୍କ ସ୍ୱଭାବରେ ନଥାଏ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ଘରୋଇ ଫାଇନାନ୍ସ ସଂସ୍ଥାରୁ ସାଢ଼େ ୧୩ ଲକ୍ଷ ଚୋରି

**■ କର୍ମଚାରୀଙ୍କ ସମ୍ପୃକ୍ତି ସନ୍ଦେହ**
**■ ସଂସ୍ଥାର କିଛି କର୍ମଚାରୀ ଥାନାରେ ଅଟକ**

**ବ୍ରହ୍ମପୁର, ୮ ।୪(ସମିସ):** ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମରେ ଥିବା ଏକ ଘରୋଇ ଫାଇନାନ୍ସ ସଂସ୍ଥାରୁ ସାଢ଼େ ୧୩ଲକ୍ଷ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗତ ୭ ତାରିଖ ରାତିରେ କୌଣସି ଦୁର୍ବୃତ୍ତ କାର୍ଯ୍ୟାଳୟର କବାଟ ଭାଙ୍ଗି ଭିତରେ ଥିବା ଲକର୍‌ରୁ ଉକ୍ତ ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ସୋମବାର ସକାଳୁ ବରିଷ୍ଠ ପୁଲିସ ଅଧିକାରୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଲାଠି ଗ୍ରାମର ଶିଶୁମନ୍ଦିର ନିକଟରେ ଏକ ଭଡ଼ାଘରେ ସ୍ପନ୍ଦନା ଫାଇନାନ୍ସ ନାମକ ଘରୋଇ ସଂସ୍ଥାର କାର୍ଯ୍ୟାଳୟ ରହିଛି । ଏହି ସଂସ୍ଥା ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ପ୍ରକାର ଋଣ ପ୍ରଦାନ କରି ଆସୁଛି । ସେହିପରି ସଂସ୍ଥାର କର୍ମଚାରୀମାନେ ପ୍ରତ୍ୟେକ ଦିନ ଲୋକଙ୍କଠାରୁ ଋଣ ବାବଦ କିସ୍ତି ଆଦାୟ କରୁଛନ୍ତି । ସଂସ୍ଥାର ଏହି କାର୍ଯ୍ୟାଳୟରେ ମୋଟ ୧୩ ଜଣ କର୍ମଚାରୀ କାମ କରୁଛନ୍ତି । ରବିବାର ରାତିରେ କିଛି କର୍ମଚାରୀ କାର୍ଯ୍ୟାଳୟ ଭିତରେ ଶୋଇଥିଲେ । କାର୍ଯ୍ୟାଳୟ ଭିତରେ ଥିବା ଲକର୍‌ରେ ପ୍ରାୟ ୧୬ଲକ୍ଷ ଟଙ୍କା ଗଚ୍ଛିତ ଥିଲା । ତେବେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ କାର୍ଯ୍ୟାଳୟର କବାଟ ଭାଙ୍ଗି ଲକର୍‌ରେ ଥିବା ମୋଟ ଟଙ୍କା ମଧ୍ୟରୁ ୧୩ ଲକ୍ଷ ୨୭ ହଜାର ୧୬୬ ଟଙ୍କା ଚୋରି କରି ନେଇ ଯାଇଥିବା ସଂସ୍ଥାର କର୍ମଚାରୀ ଦୀପକ କୁମାର ପ୍ରଧାନ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଚୋରି ଅଭିଯୋଗ ପରେ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା ଓ ଥାନା ଅଧିକାରୀ ରାମ ସୁବ୍ରମଣ୍ୟମଙ୍କ ସମେତ ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ । ତେବେ ଲକରରେ ଥିବା ୧୬ଲକ୍ଷ ଟଙ୍କା ମଧ୍ୟରୁ ଦୁର୍ବୃତ୍ତମାନେ କାହିଁକି ଓ କିଭଳି ୧୩ ଲକ୍ଷ ଟଙ୍କା ଚୋରି କଲେ ଓ ଅବଶିଷ୍ଟ ଟଙ୍କା ଛାଡ଼ି ଚାଲିଗଲେ, ତାକୁ ନେଇ ସନ୍ଦେହ ଉପୁଜିଛି । ସେହିପରି କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟ କାମ କରୁନଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଛି । ସଂସ୍ଥାର କିଛି କର୍ମଚାରୀଙ୍କୁ ଅଟକ ରଖି ପୁଲିସ ପଚରାଉଚରା ଜାରି ରଖିଛି । ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି କୁହାଯାଇଛି ।

### ମୌଳିକ ଅଧିକାର ପ୍ରସଂଗ

# ମାଓନେତା ସବ୍ୟସାଚୀ ପଣ୍ଡାଙ୍କ ଆବେଦନ ହାଇକୋର୍ଟରେ ଅଗ୍ରାହ୍ୟ

**କଟକ, ୮ ।୪(ସମିସ):** ଜେଲ୍‌ରୁ ମୁକୁଳିବା ପାଇଁ ଜଣେ ଦୋଷୀ ହିବିଅସ୍-କର୍ପସ ଅନ୍ତର୍ଗତ ରିଟ୍ ଆବେଦନ କରିପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି । ଆବେଦନକାରୀ ଜଣେ ଦୋଷୀ ଓ ବିଚାରାଧୀନ ବନ୍ଦୀ ଥିବା ବେଳେ ତାଙ୍କର ମୌଳିକ ଅଧିକାର ଉଲ୍ଲଂଘନ ହେଉଥିବା କୁହାଯାଇପାରିବ ନାହିଁ ବୋଲି କହିଛନ୍ତି ହାଇକୋର୍ଟ । ମାଓନେତା ସବ୍ୟସାଚୀ ପଣ୍ଡାଙ୍କ ପକ୍ଷରୁ ଏଭଳି ଏକ ଆବେଦନକୁ ହାଇକୋର୍ଟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଗ୍ରାହ୍ୟ କରିବା ସହ ଏପରି ନିର୍ଦ୍ଦେଶ ଦେଇଛନ୍ତି ।

ମାମାଲରୁ ପ୍ରକାଶ ଯେ ଜେଲରୁ ମୁକୁଳିବା ପାଇଁ ହିବିଅସ୍-କର୍ପସର ଆବେଦନ ଅଧିକାର ପାଇଁ ମାଓନେତା ସବ୍ୟସାଚୀ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ । ୧୩୧ଟି ମାମଲାରେ ସେ ବିଚାରାଧୀନ ବନ୍ଦୀ ଭାବେ ଦୀର୍ଘ ୯ ବର୍ଷ ଧରି ଜେଲରେ ରହିଥିବା ବେଳେ ୮୯ଟି ମାମଲାରେ ଦୋଷମୁକ୍ତ ହୋଇସାରିଥିବା ଦର୍ଶାଇଥିଲେ । ଗୋଟିଏ ମାମଲାରେ ଆବେଦନକାରୀ ଆଜୀବନ ଜେଲ ଦଣ୍ଡରେ ନିମ୍ନ ଅଦାଲତରେ ଦଣ୍ଡିତ ହୋଇଥିବା ବେଳେ ଏହାକୁ ଚାଲେଞ୍ଜ କରି ରୁଜୁ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି । ତେବେ ଆଜୀବନ ଜେଲ୍ ଦଣ୍ଡ ପାଇଥିବା ହେତୁ ତାଙ୍କର ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି ।

# ନିଟ୍ ପାଇଁ ପୁଣି ଖୋଲିଲା ପୋର୍ଟାଲ

### ଦୁଇଦିନ ଆବେଦନ କରିପାରିବେ ଆଶାୟୀ

**ଭୁବନେଶ୍ୱର, ୮ ।୪ (ସମିସ):** ଜାତୀୟ ଯୋଗ୍ୟତା ଓ ପ୍ରବେଶ ପରୀକ୍ଷା(ନିଟ୍) ଆଶାୟୀ ଛାତ୍ରଛାତ୍ରୀଙ୍କୁ ଆବେଦନ କରିବା ପାଇଁ ଆଉ ଏକ ସୁଯୋଗ ଦିଆଯାଇଛି । ଛାତ୍ରଛାତ୍ରୀମାନେ ଆସନ୍ତାକାଲି ଅର୍ଥାତ ୯ ତାରିଖଠାରୁ ୧୦ ତାରିଖ ରାତି ୧୦.୫୦ ପର୍ଯ୍ୟନ୍ତ ଆବେଦନ କରିପାରିବେ । ଛାତ୍ରଛାତ୍ରୀଙ୍କଠାରୁ ବହୁ ଅନୁରୋଧ ପାଇବା ପରେ ଆବେଦନ ପୋର୍ଟାଲକୁ ଦୁଇଦିନ ପାଇଁ ପୁନଃ ଖୋଲାଯାଇଛି । ଏନେଇ ନେସ୍‌ନାଲ୍ ଟେଷ୍ଟି ଏଜେନ୍ସି ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ସର୍ବଭାରତୀୟସ୍ତରରେ ଡାକ୍ତରୀ ପଢ଼ିବା ପାଇଁ ଅନୁଷ୍ଠିତ ହେଉଥିବା ନିଟ୍ ପରୀକ୍ଷା ଆସନ୍ତା ମେ’ ୫ ତାରିଖରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ନିଟ୍ ପରୀକ୍ଷା ଦେବା ପାଇଁ ସମୁଦାୟ ୨୩, ୮୧, ୮୩୩ ଜଣ ଛାତ୍ରଛାତ୍ରୀ ଅଦ୍ୟାବଧି ନାମ ପଞ୍ଜୀକରଣ କରିଛନ୍ତି । ଓଡ଼ିଶାରୁ ପାଖାପାଖି ୬୫ହଜାର ଛାତ୍ରଛାତ୍ରୀ ନାମ ପଞ୍ଜୀକରଣ କରିଛନ୍ତି । ଓଡ଼ିଆ ସମେତ ବହୁ ଆଞ୍ଚଳିକ ଭାଷାରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇପାରିବେ ।

**ସୁନା ଶଙ୍ଖ ନାଁରେ ଠକେଇ ଅଭିଯୋଗ**

# ୱେବ୍ ସାମ୍ବାଦିକ, ସହଯୋଗୀ ଗିରଫ




୫୦ ହଜାର ଟଙ୍କା ଓ ପିତ୍ତଳ ଶଙ୍ଖ ଜବତ

**କୋରାପୁଟ, ୮ ।୪ (ସମିସ):** ସୁନାଶଙ୍ଖ କାରବାରରେ ଠକେଇ ଅଭିଯୋଗରେ କୋରାପୁଟ ସଦର ପୁଲିସ ୨ ଜଣଙ୍କୁ ଗିରଫ କରିବା ସହ ୫୦ହଜାର ଟଙ୍କା ଓ ଗୋଟିଏ ପିତ୍ତଳ ଶଙ୍ଖ ଜବତ କରିଛି । ଅଭିଯୁକ୍ତମାନେ ହେଲେ, କୋରାପୁଟ ସଦର ଥାନା ଅନ୍ତର୍ଗତ ଲିଟି ମାଳିଗୁଡ଼ାର ଚିତ୍ରସେନ ଖୋସ୍‌ଲା (୩୮) ଓ ବିସିଂପୁର ଥାନା ଅନ୍ତର୍ଗତ ଭାଲିଆଗୁଡ଼ାର ମାନସ ଖରା (୨୨) । ସଦର ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଏସ୍‌ଡିପିଓ ଡଃ ଶ୍ରାବଣୀ ନାୟକ ଆଜି ଏହି ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ନନ୍ଦପୁର ଥାନା ଖଡ଼ଗପୁଟ ଗ୍ରାମର ଧନପତି ଆରାଲ୍ୟେ ଏକ ଏନ୍‌ଜିଓରେ କାମ କରନ୍ତି । ସେ କୋରାପୁଟରେ ଏକ କାର୍ଯ୍ୟକ୍ରମ କରୁଥିବା ବେଳେ ଚିତ୍ରସେନ ଖୋସଲାଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା । ଦୁହିଁଙ୍କ ମଧ୍ୟରେ କଥାବାର୍ତ୍ତା ବଢ଼ିବାରୁ ଚିତ୍ରସେନ୍ ତାଙ୍କୁ ସୁନାଶଙ୍ଖର ଲୋଭ ଦେଖାଇଥିଲେ । ସେ କହିଥିଲେ ଯେ ତାଙ୍କ ପାଖରେ ୪ କୋଟି ଟଙ୍କା ମୂଲ୍ୟର ଏକ ସୁନା ଶଙ୍ଖ ଅଛି । କିନ୍ତୁ ସେ ତାହାକୁ ୫ଲକ୍ଷ ଟଙ୍କାରେ ତାଙ୍କୁ ବିକ୍ରି କରିପାରିବେ ବୋଲି କହିଥିଲେ । ଗତବର୍ଷ ଅଗଷ୍ଟ ୧୯ ତାରିଖରେ ଧନପତି ତାଙ୍କ ବନ୍ଧୁ ସରୋଜ ଖିଲଙ୍କ ଉପସ୍ଥିତିରେ ଚିତ୍ରସେନକୁ ୪ ଲକ୍ଷ ୩୫ ହଜାର ଟଙ୍କା ଦେଇ ସୁନା ଶଙ୍ଖଟିକୁ ନେଇଥିଲେ । କିନ୍ତୁ ଭୁବନେଶ୍ୱରଠାରେ ସୁନା କାରିଗରଙ୍କ ପାଖରେ ଶଙ୍ଖଟିକୁ ଯାଞ୍ଚ କରିବା ପରେ ତାହା ପିତ୍ତଳ ବୋଲି ଜଣାପଡ଼ିଥିଲା । ଧନପତି ଠକାମିର ଶିକାର ହୋଇଥିବା ଜାଣିବା ପରେ ଚିତ୍ରସେନଙ୍କ ଟଙ୍କା ଫେରସ୍ତ ମାଗିଥିଲେ । ମାତ୍ର ଚିତ୍ରସେନ ଟଙ୍କା ଫେରାଇବେ ନାହିଁ ବୋଲି ରୋକଠୋକ୍ ମନା କରିବା ସହ ଟଙ୍କା ମାଗିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଏହି ପ୍ରସଙ୍ଗରେ ଧନପତି କୋରାପୁଟ ସଦର ଥାନାରେ ଅଭିଯୋଗ କରିବାରୁ ପୁଲିସ ଚିତ୍ରସେନ୍ ଖୋସଲା ଓ ମାନସ ଖରାଙ୍କୁ ଗିରଫ କରିଥିବା କୋରାପୁଟ ଏସଡିପିଓ ଡଃ ଶ୍ରାବଣୀ ନାୟକ କହିଛନ୍ତି । ତଦନ୍ତ ସମୟରେ ଚିତ୍ରସେନ ଜଣେ ୱେବ୍ ସାମ୍ବାଦିକ ବୋଲି ଜଣାପଡ଼ିଛି । ଏହି ରାକେଟରେ ଅନ୍ୟମାନଙ୍କ ସଂପୃକ୍ତ ଥିବା ସନ୍ଦେହ କରି ପୁଲିସ ତଦନ୍ତ ଜାରି ରଖିଛି । ସାମ୍ବାଦିକ ସମ୍ମିଳନୀରେ ସଦର ଥାନା ଆଇଆଇସି ରୁନୁ ମାଝୀ ଓ ତଦନ୍ତ ଅଧିକାରୀ ଏଫ୍‌ଏମ ଖରା ପ୍ରମୁଖ ଉପସ୍ଥିତ ଥିଲେ ।

### ୟଙ୍ଗ୍ ଟିଙ୍କର୍ ସ୍ପେସ୍ ୨୧୮୩ କନସାଟ୍ ଇଣ୍ଡିଆ ପ୍ରତିଯୋଗିତା

# ଫାଇନାଲରେ ଭିସୁଟ୍ ଏସ୍‌ଆଇସିର ଛାତ୍ରଛାତ୍ରୀ




**ସମ୍ବଲପୁର, ୮ ।୪ (ସମିସ):** ଭାରତୀୟ ମହାକାଶ ଗବେଷଣା ସଂସ୍ଥାନ (ଇସ୍ରୋ) ପକ୍ଷରୁ ଆୟୋଜିତ କନ୍‌ସାଟ୍ ଇଣ୍ଡିଆ ପ୍ରତିଯୋଗିତାର ଫାଇନାଲରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ସ୍ପେସ୍ ଇନୋଭେସନ ସେଣ୍ଟରର (ଏସ୍‌ଆଇସି) ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ଏହା ବିଶ୍ୱବିଦ୍ୟାଳୟ ପାଇଁ ଗୌରବର ବିଷୟ । କେବଳ ଭିସୁଟ୍ ଛାତ୍ରଛାତ୍ରୀଙ୍କ ସଫଳତା ନୁହେଁ, ବରଂ ଏହି ସଫଳତା ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତାକୁ ପ୍ରମାଣିତ କରିଛି ବୋଲି କୁଳପତି ପ୍ରଫେସର ବଂଶୀଧର ମାଝି କହିଛନ୍ତି ।

ପ୍ରଫେସର ହରୀଶ କୁମାର ସାହୁଙ୍କ ନେତୃତ୍ୱରେ ଆୟୁଷ୍ମାନ ଜେନା, ଶୁଭ୍ରାଂଶୁ ରଞ୍ଜନ ଦାଶ, ପଲ୍ଲବୀ ପରମିତା ନାୟକ, ଦେବଙ୍କର ଶୁଭରାମ, ଶୁଭଶଙ୍କର ନାୟକ, ଫୈଜୁର ରହମନ ପ୍ରମୁଖ ୟଙ୍ଗ୍ ଟିଙ୍କର୍ ସ୍ପେସ୍ ୨୧୮୩ କନସାଟ୍ ଇଣ୍ଡିଆ ପ୍ରତିଯୋଗିତାର ଫାଇନାଲ କ୍ୟାନ୍‌ସାଟ୍ ଇଣ୍ଡିଆରେ ପ୍ରବେଶ କରିଥିଲେ । ସେମାନେ ତାଙ୍କ ଅଧ୍ୟବସାୟ ବଳରେ ଫାଇନାଲକୁ ପ୍ରବେଶ କରିପାରିଛନ୍ତି । କନ୍‌ସାଟ୍ ଇଣ୍ଡିଆ ପ୍ରତିଯୋଗିତାରେ ସମଗ୍ର ଭାରତବର୍ଷରୁ ମୋଟ ୮୭ଟି ଦଳ ଭାଗ ନେଇଥିଲେ । ସେଥିମଧ୍ୟରୁ ବୁର୍ଲା ଭିସୁଟ୍ ଏସ୍‌ଆଇସି ସହିତ ସର୍ବଭାରତୀୟ ସ୍ତରରେ ମୋଟ୍ ୨୭ଟି ଦଳ ଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ଅହମଦାବାଦଠାରେ ଆସନ୍ତା ଏପ୍ରିଲ୍ ୧୬ ଓ ୧୭ ଦୁଇଦିନ ଧରି କନ୍‌ସାଟ୍ ଇଣ୍ଡିଆ ପ୍ରତିଯୋଗିତାର ଫାଇନାଲରେ ଭିସୁଟ୍ ଛାତ୍ରଛାତ୍ରୀ ଯୋଗଦେବେ । ଭିସୁଟ୍ କୁଳପତି ପ୍ରଫେସର ଶ୍ରୀ ମାଝି ଏଥିପାଇଁ ଏସ୍‌ଆଇସିର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଦୁଇ ଦୁଷ୍କର୍ମକାରୀକୁ ୨୦ ବର୍ଷ ଲେଖାଏଁ ଜେଲ୍

**କେନ୍ଦୁଝର,ବାଲେଶ୍ୱର ୮ ।୪(ସମିସ):** ସୋମବାର କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ସଦର ଥାନା ଅଞ୍ଚଳର ମନ୍ତ୍ରୀ ସର୍ଦ୍ଦାରକୁ ୨୦ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ଏଥିସହ ପୀଡ଼ିତାକୁ ୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ସୁପାରିସ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ଗତ ୨୦୨୧ ଅଗଷ୍ଟ ୨୭ ତାରିଖରେ ମନ୍ତ୍ରୀ ସର୍ଦ୍ଦାର(୨୫) ଜଣେ ନାବାଳିକାକୁ ତା’ ଘରୁ ଅପହରଣ କରିନେଇ ତା’ ସହ ବାରମ୍ବାର ଦୁଷ୍କର୍ମ କରିଥିଲା । ଏନେଇ ପୀଡ଼ିତାର ବାପା ପଳାଶପଙ୍ଗା ଫାଣ୍ଡିରେ ଅଭିଯୋଗ କରିବାରୁ ପୁଲିସ ପୀଡ଼ିତାକୁ ଉଦ୍ଧାର କରିବା ସହ ମନ୍ତ୍ରୀକୁ ଗିରଫ କରିଥିଲା । ସୋମବାର କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ୧୫ ଜଣ ସାକ୍ଷୀଙ୍କର ବୟାନକୁ ଭିତ୍ତି କରି ଅଭିଯୁକ୍ତ ମନ୍ତ୍ରୀ ସର୍ଦ୍ଦାରକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି ।

ସେହିପରି ବାଲେଶ୍ୱର ଜିଲ୍ଲା ବିଚାର ବିଭାଗର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ବିଚାରପତି ରଞ୍ଜନ କୁମାର ସୂତାର ସୋମବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଅଭିଯୁକ୍ତ ଅଜୟ ବେହେରାକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ, ଦୋଷୀକୁ ଅଧିକ ଦୁଇବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି ।

ମାମଲାର ବିବରଣୀରୁ ପ୍ରକାଶ, ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାକୁ ଗତ ୨୦୨୩ ଜୁନ ୧୫ ତାରିଖ ଦିନ ଅଜୟ ବେହେରାଙ୍କ ଦୋକାନକୁ ଯାଇଥିଲା । ଦୋକାନରେ ଅନ୍ୟ ଗରାଖ ନଥିବାର ସୁଯୋଗରେ ଅଜୟ ସଂପୃକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିଲା । ଏହି ଘଟଣା ବାବଦରେ କାହାରିକୁ ନକହିବା ପାଇଁ ନାବାଳିକାକୁ ଅଜୟ ଧମକ ଦେଇଥିଲା । ତେବେ ନାବାଳିକାଜଣଙ୍କ ନିଜ ଜେଜେଙ୍କୁ ଏ ସଂପର୍କରେ ଜଣାଇବା ପରେ ଘଟଣା ପ୍ରଘଟ ହୋଇଥିଲା । ୨୦୨୩ ମେ’ ୩୦ ତାରିଖରେ ଏ ସଂପର୍କରେ ଖନ୍ତାପଡ଼ା ଥାନାରେ ଅଭିଯୋଗ ହେବାରୁ ପୁଲିସ ଏକ ମାମଲା ରୁଜୁ କରି ଅଜୟକୁ ଗିରଫ କରିଥିଲା । ଏହି ମାମଲାରେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିଲେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ।

### ଆକାଶମାର୍ଗରୁ ମାଓବାଦୀଙ୍କ ଉପରେ ନଜର

# ସୁରକ୍ଷା ବ୍ୟବସ୍ଥାରେ ସାମିଲ ହେଲା ୫ ଅତ୍ୟାଧୁନିକ ଡ୍ରୋନ୍



**ଭୁବନେଶ୍ୱର, ୮ ।୪(ସମିସ):** ନିର୍ବାଚନ ସମୟରେ ମାଓ ହିଂସାର ଆଶଙ୍କା ଥିବାରୁ ଓଡ଼ିଶା ପୁଲିସ ସୁରକ୍ଷା ବ୍ୟବସ୍ଥାରେ ୫ଟି ଅତ୍ୟାଧୁନିକ ଡ୍ରୋନ୍ ସାମିଲ କରିଛି । ଏହାଦ୍ୱାରା ଆକାଶମାର୍ଗରୁ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିହେବ ଏବଂ ସେମାନଙ୍କ ଅଘଟଣ ଘଟାଇବା ଯୋଜନାକୁ ଅତି ସହଜରେ ଭଣ୍ଡୁର କରିହେବ ।

ସୂଚନାଯୋଗ୍ୟ, ନିର୍ବାଚନକୁ ଆଖି ଆଗରେ ରଖି ମାଓବାଦୀମାନେ ପଡ଼ୋଶୀ ରାଜ୍ୟରେ ହିଂସା ଘଟାଉଛନ୍ତି । ହେଲେ ଓଡ଼ିଶାକୁ ସେମାନେ ପଶିବାକୁ ଚେଷ୍ଟା କଲେ ମଧ୍ୟ ସଫଳ ହୋଇପାରୁନାହାନ୍ତି । ଏହାର କାରଣ ହେଲା ସୁରକ୍ଷାକର୍ମୀଙ୍କ କଡ଼ା ପ୍ରହରା । ଏବେ ସୁରକ୍ଷା ବ୍ୟବସ୍ଥାରେ ୫ଟି ଅତ୍ୟାଧୁନିକ ଡ୍ରୋନ୍ ସାମିଲ ହେବା ପରେ ସୁରକ୍ଷା କର୍ମୀଙ୍କ ହାତମୁଠା ଆହୁରି ଟାଣ ହୋଇଛି । ଏହି ଡ୍ରୋନ୍ ମାଧ୍ୟମରେ ମାଓବାଦୀଙ୍କ ଗତିବିଧି ଜଣାପଡ଼ିଯାଉଛି । ଆକାଶ ମାର୍ଗରୁ ଓଡ଼ିଶାସୀମାରେ ଏହି ଡ୍ରୋନ କଡ଼ା ପ୍ରହରା ଦେଉଛି । ଏହି ଡ୍ରୋନ୍ ଆକାଶରେ ଉଡ଼ିବା ସମୟରେ ଏହାକୁ ଜାଣିବା କଷ୍ଟକର । ଏଥିସହ ଡ୍ରୋନ୍ ଉଡ଼ିବା ସମୟରେ ଶବ୍ଦ ହେଉନଥିବାରୁ ତାହା ଜଣାପଡୁନାହିଁ । ଯେଉଁଥି ପାଇଁ ମାଓବାଦୀଙ୍କ ଗତିବିଧି ଧରାପଡ଼ି ଯାଉଛି । କେବଳ ଡ୍ରୋନ୍ ନୁହେଁ, ଅନ୍ୟାନ୍ୟ ଅତ୍ୟାଧୁନିକ ଟେକ୍ନୋଲୋଜି ପୁଲିସ ମାଓବାଦୀଙ୍କୁ ସାବାଡ଼ କରିବାରେ ବ୍ୟବହାର କରୁଛି । ଫଳରେ ମାଓବାଦୀମାନେ ଓଡ଼ିଶା ସୀମା ଭିତରକୁ ପଶିବାକୁ ଆଉ ସାହସ ଜୁଟାଇ ପାରିବେ ନାହିଁ । ଅପରପକ୍ଷେ, ଯେଉଁ ମାଓବାଦୀମାନେ ଓଡ଼ିଶା ଭିତରେ ଅଛନ୍ତି, ସେମାନେ ମଧ୍ୟ କିଛି ଅଘଟଣ ଘଟାଇବା ପୂର୍ବରୁ ସୁରକ୍ଷା କର୍ମୀମାନେ ତାହା ଆଗୁଆ ଜାଣିପାରି ତାହାକୁ ଭଣ୍ଡୁର କରିଦେଇପାରିବେ ।

ଅପରପକ୍ଷେ, ଆଜି ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲ୍ଲାରୁ ପୁଲିସ ଏବଂ ସିଆରପିଏଫ କୋବ୍ରା ବାହିନୀର ମିଳିତ ଟିମ୍ ୬ଜଣ ଦୁର୍ଦ୍ଧାନ୍ତ ନକ୍ସଲଙ୍କୁ ଗିରଫ କରିଛି । ସେମାନେ ବହୁ ହିଂସାକାଣ୍ଡରେ ଜଡ଼ିତ ଥିବା ଜଣାଯାଇଛି । ଏହାସହ ଓ ସେମାନଙ୍କ ନାଁରେ ଅନେକ ମାମଲା ଥିବା ଜଣାପଡ଼ିଛି । ନକ୍ସଲମାନଙ୍କଠାରୁ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି । ଏହାସହ ୧୯ଟି ବିଜିଏମ୍ ବୋମା ସହ ଜିଲେଟିନ ଜବତ କରାଯାଇଛି ।

### କାଳ ହେଲା ଗଛମୂଳେ ଆଶ୍ରୟ

# ବଜ୍ରପାତରେ ଦୁଇ ମୃତ

**କୋରାପୁଟ, ୮ ।୪ (ସମିସ):** ଓଡ଼ିଶା ସୀମାନ୍ତରେ ଥିବା ବିଶାଖାପାଟଣା ଜିଲ୍ଲା ମୁଚିମ୍‌ପୁଟ ଥାନା ଅସରଡ଼ା ଗାଁରେ ସୋମବାର ଅପରାହ୍ଣରେ ବଜ୍ରପାତରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକଦ୍ୱୟଙ୍କ ମଧ୍ୟରୁ ଜଣେ ଅସରଡ଼ା ଗାଁର ପାଙ୍ଗି ସୁକଦେବ ଏବଂ ଅନ୍ୟ ଜଣେ ମାଲକାନଗିରି ଜିଲ୍ଲା ପେପ୍‌ରମେଟାଲ ଗାଁର ଖରା ସୀତାରାମ ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ଉଭୟ କୌଣସି କାମରେ ଗାଁ ବାହାରକୁ ଯାଇଥିଲେ । ଅଚାନକ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହେବା ଯୋଗୁଁ ଏକ ଗଛମୂଳେ ଆଶ୍ରୟ ନେଇଥିଲେ । ସେଠାରେ ବଜ୍ରପାତ ହେବାରୁ ୨ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । କିଛି ଦିନ ପୂର୍ବରୁ ମୃତ ଖରା ସୀତାରାମ ଅସରଡ଼ା ଗାଁକୁ ତାଙ୍କ ସମ୍ପର୍କୀୟ ଘରକୁ ବୁଲି ଆସିଥିଲେ । ମୁଚିମପୁଟ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ଅବଶିଷ୍ଟାଂଶ...

### ଆମଦାନୀ ନେତା...

ପୂର୍ବରୁ ବିଧିବଦ୍ଧ ଭାବରେ ପଦ୍ମ ଦଳରେ ଯୋଗ ଦେଇଥିଲେ । ଦଳ ତାଙ୍କୁ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ଗୁରୁ ଦାୟିତ୍ୱ ମଧ୍ୟ ପ୍ରଦାନ କରିଥିଲା । ମାତ୍ର ଦଳରେ ବର୍ଷଟିଏ ମଧ୍ୟ ତିଷ୍ଠି ପାରି ନ ଥିଲେ ଦାମୋଦର । ଦଳର ନୀତି, ଆଦର୍ଶ ସହ ସେ ଖାପ ଖୁଆଇ ପାରି ନ ଥିଲେ ଓ ତାଙ୍କୁ କୋଣଠେସା କରାଯାଉଥିବା ଅଭିଯୋଗ କରି ବିଜେପିରୁ ବିଦାୟ ନେଇଥିଲେ ।

ସେହିପରି ଏକାଧିକ ବାର ମନ୍ତ୍ରୀ ହୋଇଥିବା ବାଲେଶ୍ୱରର ଟାଣୁଆ ନେତା ରଘୁନାଥ ମହାନ୍ତି, ଦକ୍ଷିଣରେ ଜୟରାମ ପାଙ୍ଗୀଙ୍କ ପରି ଭେଟେରାନ୍ ବିଜେପିରେ ଯୋଗ ଦେଇ କିଛି ବର୍ଷ କାମ କରିବା ପରେ ନିକଟ ଅତୀତରେ ଦଳର ହାତ ଛାଡ଼ିଛନ୍ତି । ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ଟାଣୁଆ ନେତା ରବି ପାଣି ମଧ୍ୟ ସମାନ ଅବସ୍ଥା ଦେଇ ଗତି କରି ଶେଷରେ ଦଳତ୍ୟାଗ କରିଛନ୍ତି । କେବଳ ଏମାନେ ନୁହେଁ, ଅତୀତରେ ମଧ୍ୟ ରାଜ୍ୟ ରାଜନୀତିର ବହୁ ଟାଣୁଆ ନେତା ବିଜେପି ଦଳରେ ନିଜକୁ ବେଶି ଦିନ ରହିପାରି ନାହାନ୍ତି । ବିଜେପିର ଆଭ୍ୟନ୍ତରୀଣ ଗଣତନ୍ତ୍ର, କାର୍ଯ୍ୟ କରିବାର ଶୈଳୀକୁ ନେଇ ଏହି ନେତାମାନେ ନିଜର ତିକ୍ତ ଅଭିଜ୍ଞତା ବିଭିନ୍ନ ସମୟରେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ରାଜନୀତି ବିଶେଷଜ୍ଞମାନେ କହିଛନ୍ତି ଯେ ବିଗତ କିଛିବର୍ଷ ଧରି ବିଜେପିରେ ଦକ୍ଷ ନେତୃତ୍ୱର ଅଭାବ ରହି ଆସିଛି । ଦଳରେ କୋଟେରୀ ରାଜନୀତି ତୀବ୍ର ହୋଇଥିବା ବେଳେ ଗୋଷ୍ଠୀକନ୍ଦଳ ମଧ୍ୟ ସମାନ ସମୟରେ ନିୟନ୍ତ୍ରଣ ବାହାରକୁ ଯାଇଛି । ରାଜ୍ୟର ବିକାଶ ପାଇଁ ବିଜେପି ପାଖରେ ସ୍ପଷ୍ଟ ଭିଜନ ନ ଥିବା ବିଭିନ୍ନ ସମୟରେ ମୁଖ୍ୟ ପ୍ରସଙ୍ଗକୁ ଛାଡ଼ି ଦଳ ଅପ୍ରସଙ୍ଗକୁ ପ୍ରସଙ୍ଗ କରି ଆସିଛି । ରାଜ୍ୟ ବିଜେପିର ଏପରି ରାଜନୀତି ଅନ୍ୟ ଦଳରୁ ଆସିଥିବା ଭେଟେରାନଙ୍କ ପାଇଁ ଗ୍ରହଣୀୟ ହୋଇ ପାରିନାହିଁ । ଯାହାଫଳରେ ଅନ୍ୟ ଦଳରୁ ଆସିଥିବା ଏହି ବରିଷ୍ଠ ନେତାମାନେ ଆମ୍ ସ୍ୱାଭିମାନକୁ ଗୁରୁତ୍ୱ ଦେଇ ବିଜେପି ଛାଡ଼ିବାକୁ ଶ୍ରେୟସ୍କର ମଣିଛନ୍ତି ।

### ନିର୍ବାଚନ ଡ୍ୟୁଟିରେ...

ସର୍ବଦା ସର୍ବୋଚ୍ଚ ସ୍ଥାନରେ ରଖି ଆସିଛି; କିନ୍ତୁ ସବୁ ନିର୍ବାଚନ ପରି ଏଥର ମଧ୍ୟ ନିର୍ବାଚନରେ ରାଜ୍ୟ ବିଜେପିକୁ ପରାଜୟର ଭୟ ଘାରିଛି । ଓଡ଼ିଶାବାସୀ ବିଜେଡିକୁ ପୁନର୍ବାର ଆଶୀର୍ବାଦ କରିବେ ବୋଲି ସେମାନେ ଜାଣି ସାରିଛନ୍ତି । ସେହି ଭୟରେ ରାଜ୍ୟ ବିଜେପି ସବୁ ନୀତି, ଆଦର୍ଶକୁ ଜଳାଞ୍ଜଳି ଦେଇ ସରକାରୀ କର୍ମଚାରୀଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛି । ୨୦୧୯ ସାଧାରଣ ନିର୍ବାଚନ ଓ ଓଡ଼ିଶା ବିଧାନସଭା ନିର୍ବାଚନରେ ସେମାନେ ଏପରି କାର୍ଯ୍ୟ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ରାଜ୍ୟରେ ହୋଇଥିବା ଉପନିର୍ବାଚନରେ ତାହାକୁ ଦୋହରାଇଥିଲେ । ସମ୍ପ୍ରତି ଓଡ଼ିଶା ବିଜେପି ନେତାମାନେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବିଡିଓ, ତହସିଲଦାର, ପୁଲିସ ଡିଏସପି, ଇନ୍ସପେକ୍ଟରଙ୍କ ଭଳି ସରକାରୀ ଅଧିକାରୀଙ୍କୁ ଫୋନ୍ କରି ଧମକ ଦେବା ଆରମ୍ଭ କରିଛନ୍ତି । ଏହି ନିର୍ବାଚନରେ ଓଡ଼ିଶା ବିଜେପିକୁ ସମର୍ଥନ କରନ୍ତୁ; ନଚେତ ବଦଳି ଓ ଅନ୍ୟାନ୍ୟ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୁଅନ୍ତୁ ବୋଲି ଓଡ଼ିଶା ବିଜେପି ସେମାନଙ୍କୁ ଧମକ ଦେଉଥିବା ଡଃ ପାତ୍ର ଅଭିଯୋଗ କରିଛନ୍ତି ।

ଶ୍ରୀ ପାତ୍ର କହିଛନ୍ତି ଯେ ୨୦୨୪ ନିର୍ବାଚନରେ ରାଜ୍ୟ ବିଜେପି ନେତାମାନେ ଏକ ନୂଆ କୌଶଳ ଅବଲମ୍ବନ କରୁଛନ୍ତି । ୨୦୨୪ ନିର୍ବାଚନରେ ଓଡ଼ିଶା ବିଜେପି ପ୍ରାର୍ଥୀଙ୍କୁ ସମର୍ଥନ ନ କଲେ ପରିଣାମ ଭୋଗିବାକୁ ପ୍ରସ୍ତୁତ ହୋଇ ରହିଥାଅ ବୋଲି ଧମକ ଦେଉଛନ୍ତି । କିଛି ପ୍ରାର୍ଥୀ ଓ ନେତା ଭାରତୀୟ ନିର୍ବାଚନ କମିସନଙ୍କ ନାଁ ନେଇ ଖୋଲାଖୋଲି ଧମକ ଦେଉଛନ୍ତି । ସମର୍ଥନ ନ କଲେ ସେମାନଙ୍କ ବିରୋଧରେ ଜାତୀୟ ନିର୍ବାଚନ କମିସନଙ୍କ ନିକଟରେ ଅଭିଯୋଗ କରି ସେମାନଙ୍କୁ ବଦଳି କରାଇ ଦିଆଯିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ଏ ସଂକ୍ରାନ୍ତରେ ଆଜି ସକାଳେ ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟ ନିର୍ବାଚନ କମିସନର ଓ ନିର୍ବାଚନ ଆୟୋଗଙ୍କ ନିକଟରେ ଏକ ପିଟିସନ୍ ଦାଖଲ କରାଯାଇଛି । ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ଏହାର ନକଲ ପ୍ରଦାନ କରାଯାଇଛି । ଜାତୀୟ ନିର୍ବାଚନ କମିସନର ଓଡ଼ିଶାର ୬ ଜଣ ଆଇପିଏସ୍ ଓ ୨ ଜଣ ଆଇଏଏସ୍ ଅଫିସରଙ୍କୁ ବଦଳି କରିଛନ୍ତି । ଭାରତୀୟ ନିର୍ବାଚନ ଆୟୋଗଙ୍କ ପ୍ରତି ବିଜେଡିର ସମ୍ମାନ ରହିଛି । ଭାରତୀୟ ନିର୍ବାଚନ କମିସନଙ୍କ ସ୍ୱଚ୍ଛତା ଓ ଉଚ୍ଚସ୍ତରୀୟ ଦକ୍ଷତା ସହିତ ଦୃଢ଼ ଭାବରେ ଠିଆ ହୋଇଥିବା ବିଜେଡି ବିଶ୍ୱାସ ରଖିଛି । ସ୍ୱଚ୍ଛ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ କମିସନଙ୍କ ପ୍ରତ୍ୟେକ ପଦକ୍ଷେପକୁ ଦଳ ସ୍ୱାଗତ କରି ଆସିଛି । କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ହେଉଛି ଯେ ଓଡ଼ିଶା ବିଜେପିର ଏହି ପ୍ରାର୍ଥୀ ଓ ନେତାମାନେ ଏହି ଅଧିକାରୀଙ୍କ ବଦଳିକୁ ଉଦାହରଣ ଭାବେ ଉଲ୍ଲେଖ କରି ନିର୍ବାଚନ ଡ୍ୟୁଟିରେ ଥିବା ଓଡ଼ିଶା ଅଧିକାରୀଙ୍କୁ ଫୋନ୍ କରି କହୁଛନ୍ତି ଯେ ସେମାନଙ୍କ ଅଭିଯୋଗ ଆଧାରରେ ଭାରତର ନିର୍ବାଚନ ଆୟୋଗ ଏହି ବଦଳି କରିଛନ୍ତି । ଯଦି ଏହି ଅଧିକାରୀମାନେ ଓଡ଼ିଶା ବିଜେପିକୁ ସମର୍ଥନ ନ କରନ୍ତି, ତେବେ ପୂର୍ବ ଭଳି ନିର୍ବାଚନ ଆୟୋଗଙ୍କ ନିକଟରେ ମିଥ୍ୟା ଅଭିଯୋଗ କରି ସେମାନଙ୍କ ବଦଳି ସୁନିଶ୍ଚିତ କରିବେ ବୋଲି ସେମାନେ ଧମକ ଦେଉଛନ୍ତି ।

ଡଃ ପାତ୍ର ଆହୁରି କହିଛନ୍ତି, ଏହା କେବଳ ଚଳିତ ନିର୍ବାଚନ ସମୟରେ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧିର ଘୋର ଉଲ୍ଲଂଘନ ନୁହେଁ; ବରଂ ନିର୍ବାଚନ କାର୍ଯ୍ୟରେ ମୁତୟନ ଥିବା କର୍ମଚାରୀଙ୍କୁ ଧମକ ଦେବା ଏବଂ ନିର୍ବାଚନ ପ୍ରକ୍ରିୟାକୁ ବେଆଇନ ଭାବେ ପ୍ରଭାବିତ କରିବାକୁ ଚେଷ୍ଟା କରିବା ମଧ୍ୟ ଆପରାଧିକ କାର୍ଯ୍ୟ ବର୍ଗୀକୃତ । ଏପରି କରି ଓଡ଼ିଶାର ଏହି ନେତା ଓ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ କେବଳ ଆମର କଠିନ ପରିଶ୍ରମର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟ କରୁନାହାନ୍ତି; ବରଂ ଆମର ନିର୍ବାଚନ ବ୍ୟବସ୍ଥାକୁ ଖରାପ କରୁଛନ୍ତି । ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଗୁରୁତ୍ୱ ଦେବାକୁ ଆମେ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛୁ । ଓଡ଼ିଶା ବିଜେପିର ନେତା ଏବଂ ପ୍ରାର୍ଥୀମାନେ ନିର୍ବାଚନ ଡ୍ୟୁଟିରେ ଥିବା ଓଡ଼ିଶାର ସରକାରୀ ଅଧିକାରୀଙ୍କ ପ୍ରତି ଏଭଳି ଭୟଙ୍କର କାର୍ଯ୍ୟକୁ ଯେପରି ରୋକାଯାଇ ପାରିବ ଏବଂ ଭାରତୀୟ ଗଣତନ୍ତ୍ରର ବୃହତ୍ତର ମଙ୍ଗଳ ପାଇଁ ଓଡ଼ିଶାରେ ଏକ ମୁକ୍ତ, ନିରପେକ୍ଷ, ସ୍ୱଚ୍ଛ ଏବଂ ସୁସ୍ଥ ନିର୍ବାଚନ ହୋଇପାରିବ, ସେଥିପାଇଁ ନିର୍ବାଚନ କମିସନ ପଦକ୍ଷେପ ନେବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଇଥିବା ଡଃ ପାତ୍ର କହିଛନ୍ତି ।

### ପୋଲ ତଳକୁ...

ସେଠାରୁ ବିଳମ୍ବିତ ରାତିରେ ରାଇକିଆ ଫେରିବା ବେଳେ ବୁଡାମାହା ପୋଲ ଉପରେ ଚାଳକ ଭାରସାମ୍ୟ ହରାଇବାରୁ ସ୍କୁଟିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପୋଲ ଉପରୁ ପ୍ରାୟ ୨୦ ଫୁଟ ତଳକୁ ଖସି ପଡ଼ିଥିଲା ସ୍କୁଟି । ଫଳରେ ତିନି ଯୁବକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରି ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା । ରାଇକିଆ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ କରାଇବା ସହ ପରିବାରକୁ ହସ୍ତାନ୍ତର କରିଛି । ଏନେଇ ରାଇକିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଆଶୁତୋଷ ପାଇକରାୟ ସୂଚନା ଦେଇଛନ୍ତି ।

### ସାର୍ଥକ ବ୍ରହ୍ମପୁର...

ଦେଇଛନ୍ତି । ଏ ନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି । କିଛି ଦିନ ପୂର୍ବେ ଏହି ଦୁଇ ଜିଲ୍ଲାରେ କାର୍ଯ୍ୟ କରୁଥିବା ଏସ୍‌ପିଙ୍କୁ ନିର୍ବାଚନ କମିସନ ଅବ୍ୟାହତି ଦେଇଥିଲେ । ଏବେ ସେମାନଙ୍କ ବଦଳରେ ନୂତନ ଆଇପିଏସ୍‌ଙ୍କୁ ଏଠାରେ ନିଯୁକ୍ତ କରିଛନ୍ତି ।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar dated- 27th March 2024. I, Dr. N. Thirumala Naik, aged 43 years, Govt. Qtr. No. 4R-4/2, Unit-III, Kharavel Nagar, Bhubaneswar do hereby declare that, I have changed my daughter's name from **"Noonsavath Nishitha"** to **"N. Nityasri"**. Henceforth, my daughter will be called as **N. Nityasri** for all purposes.
**Dr. N. THIRUMALA NAIK**

## ଟ୍ରାଫିକ ଥାନା ପ୍ରତିଷ୍ଠା କେବେ?

# ଜଗତସିଂହପୁର ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ



ଜଗତସିଂହପୁର,୮।୪(ସମିସ)

ଜଗତସିଂହପୁର ଜିଲ୍ଲା ଗଠନକୁ ଭିତି ମଧ୍ୟରେ ୩୦ ବର୍ଷ ପୂରିଛି। ଜଗତସିଂହପୁର ସହରରେ ଜିଲ୍ଲାର ସଦର ମହକୁମା ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ କାର୍ଯ୍ୟାଳୟ, ସ୍କୁଲ, କଲେଜ, ଘରୋଇ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ମେଡିକାଲ, ହୋଟେଲ, ଲଜ୍‌ଓଆପାର୍ଟମେଣ୍ଟ ଗଢି ଉଠିବା କାରଣରୁ ସହରରେ ଲୋକସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ଘଟିଛି। ଏହା ସହିତ ପ୍ରତିଦିନ ଗ୍ରାମାଞ୍ଚଳରୁ ବିଭିନ୍ନ କାର୍ଯ୍ୟରେ ସହରକୁ ଶହ ଶହ ଲୋକ ଆସୁଥିବାରୁ ସହରର ମୁଖ୍ୟ ରାସ୍ତାରେ ଯାନବାହାନ ଚଳାଚଳର ଅସମ୍ଭବ ଭିଡ ଲାଗିରହିଥିବା ଦେଖିବାକୁ ମିଳିଛି। ସହରର ମୁଖ୍ୟ ରାସ୍ତା ଓ ଛକ ଗୁଡିକ ସ୍ଥାନାଭାବରୁ ଏପର୍ଯ୍ୟନ୍ତ ସଂକୀର୍ଣ୍ଣ ରହିଥିବାରୁ ରାସ୍ତାଜାମ୍ ଓ ଦୁର୍ଘଟଣା ସହରବାସୀଙ୍କ ପାଇଁ ଏକ ମୁଖ୍ୟ ସମସ୍ୟାରେ ପରିଣତ ହୋଇଛି। ଜଗତସିଂହପୁର ସହରରେ ଏପର୍ଯ୍ୟନ୍ତ ଟ୍ରାଫିକ ଥାନା ପ୍ରତିଷ୍ଠା ହୋଇନଥିବାରୁ ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଅଧିକାଂଶ ସମୟରେ ଏହା ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ଦେଖିବାକୁ ମିଳିଛି। ଭିଡ ସ୍ଥାନ ସମେତ କେତେକ ଛକରେ ଜଣେ ଦୁଇଜଣ ହୋମଗାର୍ଡଙ୍କୁ ମୁତୟନ କରିଦେଇ ଜିଲ୍ଲା ପୁଲିସ ପ୍ରଶାସନ କର୍ତ୍ତବ୍ୟ ସାରି ଦେଉଥିବା ବେଳେ, ବାସ୍ତବରେ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣକୁ ନେବାକୁ ବହୁ ସମୟରେଏମାନେବିଫଳହେଉଥିବାଅଭିଯୋଗହେଉଛି।

୨୦୨୨ ମାର୍ଚ୍ଚ ଜନସଂଖ୍ୟାର ତଥ୍ୟ ଅନୁସାରେ ସମଗ୍ର ଜିଲ୍ଲାରେ ମୋଟ ୧୨ ଲକ୍ଷ ୬୨ ହଜାର ୩୮ ଜଣ ଲୋକ ବସବାସ କରନ୍ତି। ସେଥିରୁ ସହରାଞ୍ଚଳରେ ମୋଟ ୧ଲକ୍ଷ ୧୫ହଜାର ୯୮୦ ଜଣ ଲୋକ ବସବାସ କରୁଥିବା ବେଳେ, କେବଳ ଜଗତସିଂହପୁର ସହରରେ ୫୦ ହଜାରରୁ ଅଧିକ ଲୋକ ବସବାସ କରୁଥିବା ଜଣାପଡିଛି। କିଛିବର୍ଷ ମଧ୍ୟରେ ସହରରେ ଯାନବାହାନର ସଂଖ୍ୟା ବହୁଗୁଣିତ ହୋଇଥିବାରୁ ସହରରେ ଅସମ୍ଭବ ଭିଡ ପରିଲକ୍ଷିତ ହେଉଛି। ବିଶେଷକରିସହରରମ୍ୟୁନିସପାଲିଟି ଛକ, ଟାଉନହଲ, ପୋଷ୍ଟ ଅଫିସ ଛକ, ପୁରୁଣା କୋର୍ଟ ଛକ, କଲେଜ ଛକ, ଗାନ୍ଧୀଛକ ଓ ମେଡିକାଲ ଛକରେ ଉକ୍ରଟ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳିଛି। ଦୀର୍ଘ ସମୟଧରି ରାସ୍ତା ଜାମ୍ ହୋଇପଡିବା ବେଳେ ଏହି ସମୟ ମଧ୍ୟରେ ସେଠାରେ ପୁଲିସ ପହଞ୍ଚିପାରୁନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଜଗତସିଂହପୁର ସହରରେ ଥିବା ଏକମାତ୍ର ଥାନାରେ ଆବଶ୍ୟକ କର୍ମଚାରୀ ଅଭାବ ସତ୍ତ୍ୱେ ଗତ ୪/୫ ବର୍ଷ ତଳୁ ପୁଲିସ ଟ୍ରାଫିକ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଜଣେ ଜଣେ କନେଷ୍ଟବଳଙ୍କ ଦାୟିତ୍ୱରେ ସହରର ଟ୍ରାଫିକ ବ୍ୟବସ୍ଥା ନ୍ୟସ୍ତ କରାଯିବା ବେଳେ, ସକାଳ ୯ଟାପରେ ସମସ୍ତ ଭାରିଯାନ ଚଳାଚଳକୁ ନିଷେଧ କରାଯିବା ସହ, ଏହି ହାତଗଣତି କର୍ମଚାରୀମାନେ ଟ୍ରାଫିକ ଡ୍ୟୁଟି କରୁଥିବା ଦେଖିବାକୁ ମିଳୁଛି। ତେବେ ମୁତୟନ କରାଯାଇଥିବା ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ସହରର ଟ୍ରାଫିକ ସମସ୍ୟା ସୁଧାରିବାରେ ବିଫଳ ହେଉଥିବାରୁ ସହରବାସୀଙ୍କ ନିମନ୍ତେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଏବେ ନୋପାର୍କିଂ ଜୋନ୍‌ରେ ଶହ ଶହ ଗାଡି ମଟର ରଖାଯାଉଥିବା ବେଳେ ବଡ ବଡ ଗାଡି ବା ମାଲବାହୀ ଯାନ ଗୁଡିକ ନିୟମ ଭାଙ୍ଗି ସହରରେ ଚଳପ୍ରଚଳ ହେବା କାରଣରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହି ସମାସ୍ୟାକୁ ନେଇ ସହରବାସୀ ଓ ବୁଦ୍ଧିଜୀବୀ ମହଲରେ ଟ୍ରାଫିକ ଥାନା ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଛି।

### ଏମାନେ କୁହନ୍ତି...

ଜିଲ୍ଲା ଗଠନ ହେବା ଦିନଠାରୁ ଟ୍ରାଫିକ ଥାନା ପ୍ରତିଷ୍ଠା ହେବା କଥା। ଓଡିଶାର ବିଭିନ୍ନ ଜିଲ୍ଲାରେ ଟ୍ରାଫିକଥାନା ରହିଥିବା ବେଳେ ଜଗତସିଂହପୁର ଜିଲ୍ଲା ଏଯାଏ ସେଥିରୁ ବାଦ ପଡିଛି। ଜୟପୁର ରାସ୍ତାର ଥାନା ଛକଠାରୁ ପୋଷ୍ଟ ଅଫିସ ଛକ ଓ ସେଠାରୁ କୋଅପରେଟିଭ ବ୍ୟାଙ୍କ ପର୍ଯ୍ୟନ୍ତ ପ୍ରତେକ ଦିନ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ରହୁଛି। ଏହି ସମସ୍ୟା ଏକ ନିୟମିତ ସମସ୍ୟା ହୋଇଥିବାରୁ ଏଥିପାଇଁ ଜନସାଧାରଣଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଟ୍ରାଫିକ ଥାନା ପ୍ରତିଷ୍ଠା କରାଗଲେ ବ୍ୟବସ୍ଥାର ଉନ୍ନତି ଘଟନ୍ତା।

**ଆଇନଜୀବୀ ଡକ୍ଟର ବାସୁଦେବ**

ଜଗତସିଂହପୁର ସହରରେ ସାମୟିକ ହେଲମେଟ ଚେକିଂରେ ପୁଲିସ ବ୍ୟବସ୍ଥା ସୀମିତ ରହିଛି। ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ପୁଲିସ କନେଷ୍ଟବଳଙ୍କୁ ଟ୍ରାଫିକକାର୍ଯ୍ୟରେନିୟୋଜିତକରାଯାଇଥିବା ବେଳେ ସେମାନଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇନାହିଁ। ଅନଭିଜ୍ଞ ତଳିଆ କର୍ମଚାରୀଙ୍କ ହାତରେ ଟ୍ରାଫିକ ବ୍ୟବସ୍ଥା ନ୍ୟସ୍ତ କରାଯିବା ଦ୍ୱାରା ଏହାର ସୁଫଳ ସହରବାସୀଙ୍କୁ ମିଳୁନାହିଁ। ତେବେ ସହରର ବିଭିନ୍ନ ଛକରେ ଜଣେ ଜଣେ ପୁଲିସ କର୍ମଚାରୀ ମୁତୟନ କରାଯାଇ କାମଚଳା ବ୍ୟବସ୍ଥା ଚାଲିଥିବା ବେଳେ ସ୍ଥାୟୀ ଟ୍ରାଫିକଥାନାପ୍ରତିଷ୍ଠାକରାଗଲେସହରରଟ୍ରାଫିକବ୍ୟବସ୍ଥାସୁଦୃଢହୋଇପାରିବ।

**ଉତ୍କଳ ରଂଜନ ମହାନ୍ତି , ପରିବେଶବିତ୍**

ସହରରେ ଜନସଂଖ୍ୟା ଓ ଯାନବାହାନ ସଂଖ୍ୟା ବଢିଥିବାରୁ ଏହି ସମସ୍ୟା ପୁଲିସର ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ତେବେ ସହରରେ ଟ୍ରାଫିକ ଥାନା ପ୍ରତିଷ୍ଠାପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଗଲେ ମଧ ଏଥିରେ ଆଜିପର୍ଯ୍ୟନ୍ତ ସୁଫଳ ମିଳିନାହିଁ। ଏ ବାବଦରେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଲିଖିତ ଭାବେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଟ୍ରାଫିକ ଥାନା ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଗଲେ ସହରବାସୀ ଉପକୃତ ହୁଅନ୍ତେ।

**-ହିମାଂଶୁ ଆଚାର୍ଯ୍ୟ, ସାରସ୍ୱତ ପରିଷଦର ସଭାପତି**

## ଜଳିଗଲା ୨ ବଖରା ଘର



**ରଘୁନାଥପୁର,୮।୪(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ପଞ୍ଚାୟତର ଗହ୍ମାପୁର ଗ୍ରାମର ନିରଞ୍ଜନ ଗୋଚ୍ଛାୟତଙ୍କର ବାସଗୃହରେ ଆଜି ସନ୍ଧ୍ୟା ୫ଟା ୩୦ମିନିଟ୍ ସମୟରେ ବିଦ୍ୟୁତ ଲାଇନରୁ ନିଆଁପଡ଼ି ଦୁଇବଖରା ଚାଳଘର ଜଳିଯାଇଛି। ଖବରପାଇ ରଘୁନାଥପୁର ଅଗ୍ନିଶ୍ରମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପରିବାର ଲୋକ ଅଳ୍ପକେ ରକ୍ଷା ପାଇ ଯାଇଥିଲେ। ଏହି ସମ୍ପର୍କରେ ଟିପିସିଓଡିଏଲ କର୍ମଚାରୀ ଲାଇନମ୍ୟାନ୍ ଖବରପାଇ ବିଦ୍ୟୁତ୍ ଲାଇନ୍ ବିଚ୍ଛିନ୍ନ କରିଥିଲେ। ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଘଟଣା ସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ସହାୟତା ଯୋଗାଇଦେବା ସହିତ ଘର ଉପରେ ଯାଇଥିବା ବିଦ୍ୟୁତ ତାରକୁ ତୁରନ୍ତ ହଟାଇବା ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏହି ଘଟଣା ସମ୍ପର୍କରେ ନିରଞ୍ଜନ ଗୋଚ୍ଛାୟତ ରଘୁନାଥପୁର ଥାନାରେ ଟିପିସିଓଡିଏଲ ବିରୁଦ୍ଧରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି କି ସେହିଘରେ ତାଙ୍କର ବୋହୂ, ତିନି ବର୍ଷର ନାତି, ଆଠବର୍ଷର ନାତୁଣୀ ସେହି ସମୟରେ ଘରେ ଥିଲେ। ଗ୍ରାମବାସୀମାନେ ଆସି ସେମାନଙ୍କୁ ଉଦ୍ଧାର କରିଥିଲେ।

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲ୍ଲାର ବଦଳିଲା ବିଦ୍ୟାଳୟ ସମୟ ନିର୍ଘଣ୍ଟ

**ଜଗତସିଂହପୁର, ୮।୪(ସମିସ):** ଚଳିତବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ଗୁଡିକର ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି। ଜଗତସିଂହପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବ ନିର୍ଘଣ୍ଟ ସକାଳ ୭ଟାରୁ ୧୧.୩୦ ପରିବର୍ତ୍ତେ ବିଦ୍ୟାଳୟ ଗୁଡିକରେ ପାଠପଢା ସକାଳ ୬.୩୦ ରୁ ୧୦.୩୦ଟା ପର୍ଯ୍ୟନ୍ତ ଚାଲିବ। ଏ ନେଇ ଜଗତସିଂହପୁର ଜିଲ୍ଲାପାଳ ଅନୁପମ ସାହା ଜିଲ୍ଲାର ସମସ୍ତ ସରକାରୀ ତଥା ବେସରକାରୀ ବିଦ୍ୟାଳୟ ଗୁଡିକରେ ଆସନ୍ତା ୯.୦୪.୨୪ ରିଖଠାରୁ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ପର୍ଯ୍ୟନ୍ତ ଶିକ୍ଷାଦାନ ସମୟ ସକାଳ ୬.୩୦ ରୁ ୧୦.୩୦ ପର୍ଯ୍ୟନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଚୋରି ସାମଗ୍ରୀ ଉଦ୍ଧାର, ୩ କୋର୍ଟ ଚାଲାଣ

**ପାରାଦୀପ, ୮।୪ (ସମିସ):** ପାରାଦୀପ ଅଭୟଚାନ୍ଦପୁର ଥାନା ଅଧିନ ତ୍ରିଲୋଚନ ପୁର ଗ୍ରାମର ଅଶୋକ ପ୍ରଧାନଙ୍କ ଘରୁ ଦୁଇ ମାସ ତଳେ ତାଙ୍କର ଏକ ଏଲଇଡି ଟିଭି ସମେତ କିଛି ଘରୋଇ ଉପକରଣ ଚୋରି ହୋଇଥିଲା।ଯେହେତୁ ସାମଗ୍ରୀ ଗୁଡିକୁ ଚୋରି କରିଥିବା ବ୍ୟକ୍ତିଙ୍କର କୌଣସି ସନ୍ଧାନ ମିଳି ନଥିଲା ତେଣୁ ସେ ଥାନାରେ କୌଣସି ଅଭିଯୋଗ କରିନଥିଲେ।ତେବେ ଗତକାଲି ଘର ମାଲିକ ଅଶୋକ ପ୍ରଧାନ ତାଙ୍କ ତ୍ରିଲୋଚନପୁର ଗ୍ରାମର କେତେ ଜଣ ଯୁବକ ତାଙ୍କ ଚୋରୀ ସାମଗ୍ରୀ ଗୁଡିକୁ ନେଇଥିବା ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୁଲିସ ତ୍ରିଲୋଚନପୁରର ସୁଶାନ୍ତ ମହାପାତ୍ର, ପ୍ରକାଶ ସାହୁ ଓ ଭ୍ରମର ରାଉତକୁ ଗିରଫ କରିଛି। ଆଜି ସେମାନଙ୍କଠାରୁ ଚୋରି ସାମଗ୍ରୀ ଗୁଡିକୁ ପୁଲିସ ଉଦ୍ଧାର କରିବା ପରେ ତିନି ଯୁବକଙ୍କୁ କୋର୍ଟ ଚାଲାଣ କରିଛି।ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜନନେତା ଡା.ଦାମୋଦର ରାଉତଙ୍କୁ ଶ୍ରଦ୍ଧାଞ୍ଜଳି



**ଏରସମା, ୮।୪(ସମିସ):** ଏରସମା ପୂଜ୍ୟପୂଜା ସଂସଦ ପକ୍ଷରୁ ଏରସମା ବାଳିକା ବିଦ୍ୟାଳୟ ପରିସରରେ ଜନନେତା ଡ଼ା.ଦାମୋଦର ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଜୟନ୍ତ କୁମାର ବିଶ୍ୱାଳ, ମଞ୍ଚାସୀନ ଅତିଥି ଦେବେନ୍ଦ୍ର କୁମାର ତ୍ରିପାଠୀ, ହିମାଂଶୁ ଶେଖର ଆଚାର୍ଯ୍ୟ, କବି ପିତାମ୍ବର ତରାଇ, କମ୍ୟୁନିଷ୍ଟ ନେତା ଶଶିଭୂଷଣ ସ୍ୱାଇଁ,ଶିକ୍ଷାବିତ ବସନ୍ତ ମଞ୍ଜରୀ ଦାଶ, ବିନୋଦ ବିହାରି ମୁଦୁଲି, ନିମାଇଁ ଚରଣ ମଲ୍ଲିକ, ଅଭୟ କୁମାର ପ୍ରଧାନ, ଚନ୍ଦ୍ରଜିତ ଦାସ, ନିରାକାର ସ୍ୱାଇଁ ପ୍ରମୁଖ ଡ଼ା.ଦାମୋଦର ରାଉତଙ୍କ ଲୋକପ୍ରିୟତା ସମ୍ପର୍କରେ ଅଭିଭାଷଣ ରଖିଥିଲେ। କବି ପିତାମ୍ବର ତରାଇ ଡ଼ା.ରାଉତଙ୍କ ସହିତ ନିବିଡ଼ତା, ମତାନ୍ତର ମନାନ୍ତର ଓ ନିଛକ ସତକଥା କହି ଦାମବାବୁଙ୍କ ମହାନତା ଗୁଣ ଗାଇଥିଲେ। ଦାମବାବୁଙ୍କ ଦ୍ୱାରା ଏରସମା ବାଳିକା ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା ହେଲେ ଆଜି ପର୍ଯ୍ୟନ୍ତ ସ୍କୁଲ ଅନୁଦାନରୁ ବଞ୍ଚିତ ଥିବାରୁ ତାଙ୍କ ବାକି କାର୍ଯ୍ୟକୁ ପରବର୍ତ୍ତୀ ନେତା ହାତକୁ ନେବାକୁ ଦେବେନ୍ଦ୍ର ତ୍ରିପାଠୀ ନିବେଦନ କରିଥିଲେ। ଆଞ୍ଚଳିକ ପୂଜ୍ୟପୂଜା ସଂସଦ ସଭାପତି ଯଯାତି ସାମନ୍ତରାୟଙ୍କ ସମ୍ପାଦନାରେ ଦାମ ବାବୁଙ୍କ ସ୍ମୃତି ଉଦ୍ଦ୍ୟେଶରେ ଏକ ଶ୍ରଦ୍ଧାଞ୍ଜଳି ପୁସ୍ତିକା "ଅନିର୍ବାପିତ ଦୀପଶିଖା ଦାମୋଦର" ଉନ୍ମୋଚିତ ହୋଇଥିଲା।

## ପ୍ରବଳ ଗ୍ରୀଷ୍ମତାପରେ ପାଣି ନ ପାଇ ହରିଣର ମୃତ୍ୟୁ

**ରଘୁନାଥପୁର, ୮।୪(ସମିସ):** ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକରେ ଥିବା ଏକମାତ୍ର ସଂରକ୍ଷଣ ଜଙ୍ଗଲ ୨୮୦ ଏକର ବିଶିଷ୍ଟ ଧଳତଙ୍ଗଗଡ ଜଙ୍ଗଲରେ ହଜାର ହଜାର ହରିଣ ରହିଛନ୍ତି। ପ୍ରବଳ ରୌଦ୍ର୍ୟତାପରେ ଜଙ୍ଗଲ ଭିତରେ ପାଣି ନଥିବାରୁ ପାଣି ପିଇବା ପାଇଁ କେତେକ ହରିଣ ବାହାରକୁ ଚାଲି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ହରିଣ କଟକ ପାରାଦୀପ ରେଳ ଧାରଣାରେ କଟି ମୃତ୍ୟୁବରଣ କରୁଥିବା ବେଳେ ଆଉ କେତେକ କୁକୁର କାମୁଡାରେ ମୃତ୍ୟୁବରଣ କରୁଛନ୍ତି। ପ୍ରତ୍ୟେକ ବର୍ଷ ଏହିପରି ହରିଣ ମାନେ ମୃତ୍ୟୁବରଣ କରୁଥିବାରୁ ଏହି ଜଙ୍ଗଲରୁ ହରିଣ ସଂଖ୍ୟା କମି କମି ଯାଉଛି। ଆଜି ଏକ ହରିଣ ପାଣି ପିଇବା ପାଇଁ ଜଙ୍ଗଲରୁ ବାହାରକୁ ପାଣି ଅନ୍ୱେଷଣରେ ଆସି ତଅାଁରା ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମର ଗୌରାଙ୍ଗ ମଲ୍ଲିକଙ୍କ ଘର ନିକଟ ଖାନାବାଡିଠାରେ ମରି ପଡିଥିବାର ସ୍ଥାନୀୟ ଲୋକ ଅପରାହ୍ନ ୫ଟାରେ ଦେଖିବାକୁ ପାଇଥିଲେ। ଲୋକମାନେ ହରିଣଟି ମରିପଡିଥିବାର ଦେଖି ଜଙ୍ଗଲ ବିଭାଗ ବିଭାଗୀୟ ଅଧିକାରୀଙ୍କୁ ଖବର ଦେଇଥିଲେ।



ଏଠାରେ ପ୍ରକାଶଥାଉକି, ଜଙ୍ଗଲ ମଧ୍ୟରେ ପୋଖରୀ ଗୁଡିକ ଶୁଖିଲା ପଡିଛି। ଜଙ୍ଗଲର ଚର୍ତୁଃପାଶ୍ୱର୍ ଖୋଲା ପଡିଛି। ଏଥିପାଇଁ ପ୍ରବଳ ରୌଦ୍ର୍ୟତାପରେ ଏହି ଜଙ୍ଗଲରେ ଥିବା ହରିଣଗୁଡିକ ପାଣି ପାଇଁ ଡହଳବିକଳ ହେଉଛନ୍ତି। ସେମାନେ ଜଙ୍ଗଲରେ ପାଣି ନପାଇ ବାମ ହୋଇ ଜଙ୍ଗଲ ବାହାରକୁ ପାଣି ଅନ୍ୱେଷଣରେ ଚାଲି ଆସୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଜଙ୍ଗଲ ମଧ୍ୟରେ ହରିଣମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

**ତିର୍ତ୍ତୋଲ, ୮।୪(ସମିସ):** ଜଗତସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଡା.ରାଜଶ୍ରୀ ମଲ୍ଲିକ ଓ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡ.ରମାକାନ୍ତ ଭୋଇଙ୍କୁ ଝଙ୍କଡ ସାରଳା ପୀଠ ଠାରେ ଦଳୀୟ କର୍ମକର୍ତ୍ତା ଓ ସମର୍ଥକ ମାନଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉଭୟ ପ୍ରାର୍ଥୀ ଏକ ଖୋ।ଲା ଜିପରେ ବିଶାଳ ଶୋଭାଯାତ୍ରରେ ରଘୁନାଥପୁର ବ୍ଲକ ଅଞ୍ଚଳ ଅତିକ୍ରମ କରି ତିର୍ତ୍ତୋଲ ବ୍ଲକ ଅଧିନ ମୁଲିସିଂ ସହର ଠାରେ ପହଞ୍ଚି ଥିଲେ। ମୁଲସିଂ ପଞ୍ଚାୟତର ବିଭିନ୍ନ ସ୍ଥାନରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଝଙ୍କଡ ଶାରଳା ପୀଠ ଠାରେ ପହଞ୍ଚି ମା ଶାରଳାଙ୍କ ଦର୍ଶନ କରିଥିଲେ। ପରେ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଓ କର୍ମୀମାନେ ଉଭୟ ପ୍ରାର୍ଥୀଙ୍କୁ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଜିଲ୍ଲା ସଭାପତି ରବିନାରାୟଣ ଜେନା, ସାଧାରଣ ସମ୍ପାଦକ ଅମରଜ୍ୟୋତି ସାହୁ, ଜିଲ୍ଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ ବେହେରା, ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଜିଲ୍ଲା ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ,ବସନ୍ତ ମହାପାତ୍ର, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ,ଜିଲ୍ଲାପରିଷଦ ସଭ୍ୟ ସୁନୀଲ ବେହେରା, ରଞ୍ଜିତା ସିଂ, ବିଜେଡି ନେତା ଅଶ୍ୱିନୀ ବିଶ୍ୱାଳ,ଅରବିନ୍ଦ ହୋତା, ସୁବ୍ରତ ଦାଶ, ନିହାର ମହାନ୍ତି, ଯଶୋବନ୍ତ ରାଉତ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର କୁଅଁର, ନିଲୁ ଜେନା, ମନୋରଞ୍ଜନ ମହାପାତ୍ର, ଭାସ୍କର ଚନ୍ଦ୍ର ନାୟକ, ପୂର୍ବତନ ଜିଲ୍ଲାପରିଷଦ ସନାତନ ଦଳାଇ, ଭବେଶ ଚୌଧୁରୀ, ରଞ୍ଜିତ ପରିଜା, ଅକ୍ଷୟ ସ୍ୱାଇଁ, ବିନୟ ମହାପାତ୍ର, ବିମଳ ମହାପାତ୍ର,ସିଦ୍ଧାର୍ଥ ରାଉଳ, ଦେବ ମହାନ୍ତି, ପ୍ରଦୀପ୍ତ ମହାପାତ୍ର, ତୁଷାର ବିଶ୍ୱାଳଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## କ୍ୟାପ୍‌ଟେନ କମଳାକାନ୍ତ ଚୌଧୁରୀଙ୍କୁ 'ସାଗର ସମ୍ମାନ'



**ରଘୁନାଥପୁର,୮।୪(ସମିସ):** ସ୍ଥାନୀୟ କୋଶଳ ଗ୍ରାମର କ୍ୟାପ୍‌ଟେନ କମଳାକାନ୍ତ ଚୌଧୁରୀଙ୍କୁ ମୁମ୍ବାଇଠାରେ ଜାତୀୟ ସାମୁଦ୍ରିକ ଦିବସ ଉତ୍ସବରେ ନୌବାଣିଜ୍ୟ ବିଭାଗ ଡାଇରେକ୍ଟର ଜେନେରାଲ ଜଗନ୍ନାଥମ ଏବଂ ଏଫଓସି ଇନ୍‌ଚାର୍ଜ ଭିଏଡିଏମ ସଞ୍ଜୟ ଭଲ 'ସାଗର ସମ୍ମାନ'ରେ ସମ୍ମାନୀତ କରିଛନ୍ତି। ଶ୍ରୀ ଚୌଧୁରୀଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଅଛି। ଏଭଳି ସମ୍ମାନ ପାଇବାରେ ଶ୍ରୀ ଚୌଧୁରୀ ହେଉଛନ୍ତି ପ୍ରଥମ ଓଡ଼ିଆ। ସେଥିପାଇଁ ଆଗାମୀ ଓଡିଶା ପକ୍ଷରୁ ସମ୍ପାଦକ ପ୍ରଫେସର ଦେବେନ୍ଦ୍ରନାଥ ବାରିକ, ଆଗାମୀ ଓଡିଶା ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ, ମାନସ ପ୍ରଫେସର ଶରତ କୁମାର ରାଉତରାୟ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ଅଧ୍ୟାପକ ଭଗବାନ ବିଶ୍ୱାଳ, ସଦାଶିବ ବିଶ୍ୱାଳ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଷଣ୍ଢକୁଦ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ପାରାଦୀପ,୮।୪(ସମିସ):** ନୋଳିଆସାହି ଷଣ୍ଢକୁଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ୨୦୨୪-୨୫ ଶିକ୍ଷା ବର୍ଷ ପାଇଁ ପ୍ରବେଶ ଉତ୍ସବ ପାଳିତ ହୋଇ ଯାଇଛି। ନୂତନ ଶିକ୍ଷାର୍ଥୀଙ୍କର ନାମ ଲେଖା କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ସାହୁ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର ପରିଚାଳନା କମିଟିର ସଭ୍ୟସଭ୍ୟାମାନଙ୍କ ପକ୍ଷରୁ ଏକ ବର୍ଣ୍ଣାଢ ପରିବେଶରେ ଆୟୋଜିତ ହୋଇଯାଇଛି।ବିଦ୍ୟାଳୟର ପରିବେଶକୁ ସୁନ୍ଦର ଭାବରେ ସଜ୍ଜା ଯାଇ ଶିକ୍ଷାର୍ଥୀମାନଙ୍କୁ ଧୂପ, ଦୀପ ,ଚନ୍ଦନ ଦେଇ ମିଷ୍ଟାନ ତଥା ନୂତନ ପୁସ୍ତକ ଦେଇ ସ୍ୱାଗତ କରାଯାଇଥିଲା।ଏହି ପ୍ରବେଶ ଉତ୍ସବ ପାଳନ କରାଯିବା ପରେ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟାମାନଙ୍କର ଏକ ବୈଠକ କମିଟିର ଚେୟାରମ୍ୟାନ ସୁଜିତ ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା।ଏହି ବୈଠକରେ ଅଭିଭାବକ ମାନେ ନିଜ ପିଲାମାନଙ୍କର ସମାପ୍ତିସୂଚକ ଆକଳନ ୨୦୨୩-୨୪ର ଫଳାଫଳ ତନଖି ଦେଖିଥିଲେ। ଏହା କିଭଳି ଆଗକୁ ଅଗ୍ରଗତି କରି ପାରିବେ ସେ ସମ୍ପର୍କରେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସୁଚିନ୍ତିତ ଉପଦେଶ ଦେଇଥିଲେ।



## ଗଲ୍ଫ କ୍ଲବ ପକ୍ଷରୁ 'ଗଲ୍ଫ ଇନ୍ ୱାନ୍' ଟୁର୍ଣ୍ଣାମେଣ୍ଟ

**ପାରାଦୀପ,୮।୪ (ସମିସ):** ପାରାଦୀପ ଗଲ୍ଫ କ୍ଲବ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ 'ଗଲ୍ଫ ଇନ ୱାନ' ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଗଲ୍ଫ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦରର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବନ୍ଦରର ପୂର୍ବତନ ଉପାଧକ୍ଷ ଆଶୀଷ କୁମାର ବୋଷ ଯୋଗ ଦେଇଥିଲେ ।ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୨୬ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ ।ଟୁର୍ଣ୍ଣାମେଣ୍ଟର ୦-୧୮ ହାଣ୍ଡିକାପ ବିଭାଗରେ ହରିହର ଦାଶ ଚମ୍ପିୟନ ହୋଇଥିବା ବେଳେ ଅସିତ କୁମାର ସାହୁ ରନର୍ସପ ହୋଇଥିଲେ । ସେହିପରି ୧୯-୨୪ ହାଣ୍ଡିକାପ ବର୍ଗରେ ଦୀପକ ଷଡଙ୍ଗୀ ଓ ମନୋଜ କୁମାର ମହନ୍ତ ଯଥାକ୍ରମେ ଚମ୍ପିୟନ ଓ ରନର୍ସପ ହୋଇଥିଲେ । ନିଅରେଷ୍ଟ ଟୁ ପିନ ବର୍ଗରେ ବବଲୁ ସିକଦାର ଓ ଲଙ୍ଗେଷ୍ଟ ଡ୍ରାଇଭରେ ସଂଜୀବ ସେଠୀ ବିଜୟୀ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ପାରାଦୀପ ଗଲ୍ଫ କ୍ଲବର ସଭାପତି ତଥା ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ.ସୋନ୍ଧି, କାର୍ଯ୍ୟକାରୀ ସଭାପତି ବବଲୁ ସିକଦାର, ଉପସଭାପତି ସୁବାଷ ଆଚାର୍ଯ୍ୟ, ସମ୍ପାଦକ ମନୋଜ କୁମାର ମହନ୍ତ, କ୍ଲବ କ୍ୟାପଟେନ ଅକ୍ଷୟ ଚନ୍ଦ୍ର ସୁତାର ପ୍ରମୁଖ ପରିଚାଳନା କରିଥିଲେ।



# ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା; ଗୋବିନ୍ଦପୁର ଚାମ୍ପିଅନ୍

**ଏରସମା,୮।୪(ସମିସ)**

ଶ୍ରୀଜଗନ୍ନାଥ ସାଂସ୍କୃତିକ ମଞ୍ଚ ଏବଂ ଏରସମା ଗ୍ରାମ୍ୟ କମିଟି ମିଳିତ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ସ୍ଥାନୀୟ ଏରସମା ଦୋଳମେଲଣ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ବରିଷ୍ଠ ନିର୍ଦ୍ଦେଶକ ଲୋକନାଥ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନାଟକ "ଅସତୀ ତୁଳସୀ ସତୀ ଚଉରା', ଦ୍ୱିତୀୟ ଦିବସରେ ନଟବର ବାରିକଙ୍କ ନିର୍ଦ୍ଦେଶିତ ନାଟକ "ମଝି ନଈରେ ମୋ ଜୀବନ ଡଙ୍ଗା', ତୃତୀୟ ରଜନୀରେ ଯୁବ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନଙ୍କ ନିର୍ଦ୍ଦେଶିତ ନାଟକ "ଆସିଛି ଏକା ଯିବି ମୁଁ ଏକା' ଏବଂ ଚତୁର୍ଥ ତଥା ଉଦ୍‌ଯାପନୀ ଦିବସରେ ନିର୍ଦ୍ଦେଶକ ଅମୂଲ୍ୟ ବିଶ୍ୱାଳଙ୍କ ନିର୍ଦ୍ଦେଶିତ ନାଟକ "କାହାଣୀ ଲାଗୁଛି ନୂଆ' ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ମା' ମଙ୍ଗଳା ପପି ୟଙ୍ଗ୍ ଷ୍ଟାର୍, ଗୋବିନ୍ଦପୁର ପକ୍ଷରୁ ମଞ୍ଚସ୍ଥ ନାଟକ "ଆସିଛି ଏକା ଯିବି ମୁଁ ଏକା' ଚାମ୍ପିଅନ୍ ହୋଇଥିବା ବେଳେ ବାବା କାର୍ତ୍ତିକେଶ୍ୱର ପୋଲାଙ୍ଗ ଭୂୟାଁପାଳ ଡ୍ରାମାଟିକ୍ କ୍ଲବ୍, ଗଡ଼କୁଜଙ୍ଗ ମଞ୍ଚସ୍ଥ ନାଟକ "ମଝି ନଈରେ ମୋ ଜୀବନ ଡଙ୍ଗା' ରନର୍ସ ଅପ୍ ହୋଇଥିଲା। ଗୋବିନ୍ଦପୁର ଲଗାତର ଦ୍ୱିତୀୟ ବର୍ଷ ପାଇଁ ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲା। ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ନାୟକ ଭାବେ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନ ସମ୍ମାନିତ ହୋଇଥିଲେ। ଗୋବିନ୍ଦପୁରର ଶ୍ରେଷ୍ଠ ଚରିତ୍ର ଅଭିନେତା କୈଳାସ ପରିଡ଼ା, ଶ୍ରେଷ୍ଠ ଚରିତ୍ର ଅଭିନେତ୍ରୀ ମମତା ମିଶ୍ର, ଶ୍ରେଷ୍ଠ ପାଶ୍ୱର୍ ଚରିତ୍ର ଅଭିନେତା ନୃସିଂହ ଦାସ, ଶ୍ରେଷ୍ଠ ନାୟିକା ବି. ମଧୁସ୍ମିତା, ଶ୍ରେଷ୍ଠ ପାଶ୍ୱର୍ ନାୟକ ପ୍ରଭଞ୍ଜନ ମାଝୀ, ଶ୍ରେଷ୍ଠ ପାଶ୍ୱର୍ ନାୟିକା ସୋନାଲି ପାତ୍ର, ଶ୍ରେଷ୍ଠ ଖଳନାୟିକା ଦୀପା ସାହୁ, ଶ୍ରେଷ୍ଠ ଯୁବ ହାସ୍ୟାଭିନେତା ସୁଶାନ୍ତ ନାୟକ, ଶ୍ରେଷ୍ଠ ସଙ୍ଗୀତ, ଶ୍ରେଷ୍ଠ କଣ୍ଠଶିଳ୍ପୀ ଭାବେ ଜିତେନ୍ଦ୍ର ପ୍ରଧାନ ଓ ରାନି,ଶ୍ରେଷ୍ଠ ନୃତ୍ୟ ପାଇଁ ସ୍ୱାଧୀନ ଡାନ୍ସ ଗ୍ରୁପ୍ କୁଜଙ୍ଗ ପୁରସ୍କୃତ ହୋଇଥିଲା। ପୋଲାଙ୍ଗ-ଭୂୟାଁପାଳ,ଗଡ଼କୁଜଙ୍ଗ ଦଳର ଶ୍ରେଷ୍ଠ ଖଳନାୟକ ସନ୍ତୋଷ ସାହୁ,ଶ୍ରେଷ୍ଠ ପାଶ୍ୱର୍ ଖଳନାୟକ ରଞ୍ଜିତ ସାର୍, ଶ୍ରେଷ୍ଠ ହାସ୍ୟ ଅଭିନେତା ନିମାଇଁ ବେହେରା ଏବଂ ଶ୍ରେଷ୍ଠ ନାରୀ ହାସ୍ୟ ଅଭିନେତ୍ରୀ ଭାବେ ପୂର୍ଣ୍ଣିମା ପୁରସ୍କୃତ ହୋଇଥିଲେ। ଉକ୍ତ ନାଟକ ପ୍ରତିଯୋଗିତାରେ ନିର୍ଦ୍ଦେଶକ ରଞ୍ଜନ ବିଶ୍ୱାଳ ଓ ପ୍ରଶାନ୍ତ ବିଚାରକ ଭାବେ ନାଟକ ଓ ଚରିତ୍ରର ମୂଲ୍ୟାଙ୍କନ କରିଥିଲେ। ନାଟକ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ପୁରସ୍କାର ବିତରଣ ସଭାରେ ଏରସମା ଗ୍ରାମ୍ୟ କମିଟିର ସଭ୍ୟଙ୍କ ଦ୍ୱାରା କୃତିଦଳ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ପୁଣି ସଡ଼କ ଦୁର୍ଘଟଣା; ଯୁବକ ମୃତ

# ୩ ଦିନରେ ଗଲାଣି ତିନି ଜୀବନ



ପାରାଦୀପ, ୮।୪ (ସମିସ) :

ପାରାଦୀପ ଅଞ୍ଚଳରେ ଟ୍ରକ ଚକା ତଳେ ଜୀବନ ଯିବା ଘଟଣା ନିତିଦିନିଆ ହୋଇ ଗଲାଣି।ଲଗାତର ତିନି ଦିନରେ ତିନୋଟି ଅମୂଲ୍ୟ ଜୀବନ ଯିବା ଘଟଣା ଏବେ ମୁଖ୍ୟ ଆଲୋଚନାର ବିଷୟ ହୋଇଛି।ପାରାଦୀପ ଆଦର୍ଶ ଥାନା ଅଧିନ ଅଠରବାଙ୍କୀ ନିକଟ ପାରାଦୀପ ଟ୍ରକ ମାଲିକ ସଙ୍ଘ ସାମ୍ନା ରାସ୍ତାରେ ଆଜି ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରଞ୍ଜିତ ପ୍ରଧାନ।ଖବର ପାଇ ଘଟଣା ସ୍ଥଳରେ ଆଦର୍ଶ ଥାନା ପୁଲିସ ପହଞ୍ଚି ଶବକୁ ଜବତ କରିଛି। ସୂଚନା ମୁତାବକ ପାରାଦୀପ ଟ୍ରକ ଆସୋସିଏସନ କାର୍ଯ୍ୟାଳୟ ସମ୍ମୁଖରେ ଏକ ଆଇରନ ବୋଝେଇ ଟ୍ରକ ବାଇକ ଉପରେ ମାଡି ଯିବାରୁ ଘଟଣାସ୍ଥଳରେ ରଞ୍ଜିତ ପ୍ରଧାନଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଯୁବକଙ୍କୁ ପ୍ରଥମେ ଅଠରବାଙ୍କି ଓ ପରେ କଟକ ସ୍ଥାନାନ୍ତର କରିଛି ପାରାଦୀପ ଆଦର୍ଶ ଥାନା ପୁଲିସ। ମୃତ ଯୁବକ ରଞ୍ଜିତ ପ୍ରଧାନଙ୍କ ଘର କଲିକତାରେ ବୋଲି ଜଣାପଡ଼ିଛି। ସେ



ଷଣ୍ଢକୁଦରେ ନିଜ ଭଉଣୀ ଓ ଭିଣୋଇଙ୍କ ସହିତ ରହି ଟ୍ରକ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଖରାବେଳେ ରଞ୍ଜିତ ଓ ତାଙ୍କ ସାଙ୍ଗ ତାରେଣୀଗଡ଼ାରୁ ପାରାଦୀପ ଅଭିମୁଖେ ଯାଉଥିବା ବେଳେ ପାରାଦୀପ ଟ୍ରକ ଆସୋସିଏସନ କାର୍ଯ୍ୟାଳୟ ନିକଟରେ ପଛପଟରୁ ଏକ ଆଇରନ ଟ୍ରକ ତାଙ୍କୁ ଧକ୍କା ଦେବା ସହିତ ଉଭୟଙ୍କ ଉପରେ ଚଢାଇ ଫେରାର ହୋଇଯାଇଥିଲା। ଏଥିରେ ରଞ୍ଜିତଙ୍କ ପେଟଠାରୁ ମୁଣ୍ଡ ପର୍ଯ୍ୟନ୍ତ ଟ୍ରକ ଚକା ଚଢି ଯାଇଥିବାବେଳେ ତାଙ୍କ ସାଙ୍ଗଙ୍କ ଗୋଡ ଉପରେ ମଧ୍ୟ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ରଞ୍ଜିତଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାଙ୍ଗଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି।

ଘଟଣାସ୍ଥଳରେ ପାରାଦୀପ ଆଦର୍ଶ ଥାନା ଆଇଆଇସି ସୁଚିତ୍ର ବୀର୍ଯ୍ୟ ଦାସ, ଲକ୍ ଥାନା ଆଇଆଇସି କୁଳମଣୀ ସେଠୀ ପହଞ୍ଚି ଶବ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ବନ୍ଦରର ଦୁଇ ନମ୍ବର ଗେଟ ନିକଟରୁ ଜବତ କରିଛି ପୁଲିସ।ସୂଚନା ଯୋଗ୍ୟ ଗତ ଶନିବାର ଜିରୋ ପଏଣ୍ଟ ନିକଟରେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଜଣେ ଇଞ୍ଜିନିୟରଙ୍କ ଉପରେ ଟ୍ରକ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

ସେହିପରି ରବିବାର ବିଳମ୍ବିତ ରାତିରେ ସହର ମଧ୍ୟରେ ଜଣେ କଲେଜ ଛାତ୍ର ମଧ୍ୟ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିଲା। କିଛି ଦିନ ହେବ ଯେଉଁଭଳି ଭାବେ ବେପରୁଆ ଟ୍ରକ ଚଳାଚଳ ଲାଗି ସଡକ ଦୁର୍ଘଟଣା ଘଟୁଛି ସେଥିରେ ରାସ୍ତାକୁ ବାହାରିବାକୁ ଲୋକଙ୍କ ଭିତରେ କୋକୁଆ ଭୟ ସୃଷ୍ଟି ହୋଇଛି।ତେବେ ଏସବୁ ଦୁର୍ଘଟଣାର ଅନ୍ତଃ କେବେ ଘଟିବ ତାକୁ ନେଇ ପୁଲିସର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ଉଠିବା ଆରମ୍ଭ ହୋଇଛି।

## ରାମ ନବମୀ ଓ ହିନ୍ଦୁ ନବବର୍ଷ ପ୍ରସ୍ତୁତି ବୈଠକ



ଓଳାଭର, ୮।୪ (ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତର ଛଦେଶ କୋଠସାହି ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ରାଜକନିକା ଧର୍ମରକ୍ଷା ସେନା ପକ୍ଷରୁ ଆଗାମୀ ରାମ ନବମୀ ଓ ହିନ୍ଦୁ ନବବର୍ଷ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଜତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଶ୍ରୀରାମ ନବମୀ ପାଳନ ଓ ହିନ୍ଦୁ ନବବର୍ଷ ସୂଚାରୁରୂପେ କିଭଳି ପାଳନ କରାଯିବ, ସେ ସମ୍ପର୍କରେ ଜନଜାଗରଣ ସୃଷ୍ଟି ପାଇଁ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧର୍ମ ଜାଗରଣ ସମିତି ପ୍ରଶାସନିକ ପ୍ରମୁଖ ଉମେଶ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ଧର୍ମ ରକ୍ଷା ସେନା ସଂଯୋଜକ ସନ୍ତୋଷ କର ଏହି ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଧର୍ମ ରକ୍ଷା ସେନା ସଦସ୍ୟ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ସୌମ୍ୟରଞ୍ଜନ ନାୟକ, ଦିଲ୍ଲୀପ ପରିଡ଼ା, ତପନ ପଣ୍ଡା, ଜଗନ୍ନାଥ ସାମଲ, ସୁରଜ କୁମାର ବେହେରା, ସୋମନାଥ କର, ବିଶ୍ୱଜିତ ନାୟକଙ୍କ ସମେତ ଧର୍ମରକ୍ଷା ସେନାର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଦିବସ ପାଳିତ



କେନ୍ଦ୍ରାପଡ଼ା, ୮।୪ (ସମିସ): କେନ୍ଦ୍ରାପଡ଼ା ଗରାପୁରସ୍ଥ ଶୋଭନୀୟ ଶିକ୍ଷାଶ୍ରମ ମୁଖ୍ୟ ଫାଟକ ନିକଟରେ ଆନ୍ତର୍ଜାତିକ ଅଶୋଭୋନୀୟତା ନିରୋଧ ଆନ୍ଦୋଳନର କେନ୍ଦ୍ରାପଡ଼ା ସଂଯୋଜିକା ମମତା ମଲ୍ଲଙ୍କ ସଂଯୋଜନାରେ ଆନ୍ତର୍ଜାତିକ ଅଶୋଭୋନୀୟତା ନିରୋଧ ଦିବସ ଓ ପୂଜ୍ୟ କୁମାର ଭାଇଙ୍କ ୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସାମାଜିକ କର୍ମୀ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ସଦସ୍ୟ ରାଜେନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ମାନବିକତାର ପତାକା ଉତ୍ତୋଳନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଟକର ଆକାଶବାଣୀ କଳାକାର ଅଭିରାମ ନାୟକ, ଉଷାରାଣୀ ଗୀତିନାଟ୍ୟ ପରିଷଦର ସଭାପତି ପ୍ରଭାତ କୁମାର ସିଂହ, ସମାଜସେବୀ ଦିଲ୍ଲୀପ କୁମାର ଦାସ, ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ଶିକ୍ଷାବିତ୍ ଇନ୍ଦ୍ରମଣି ନାୟକ, ନୃତ୍ୟଶିଳ୍ପୀ ଦେବସ୍ମିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ସମାଜର ଶାନ୍ତି, ଶୃଙ୍ଖଳା ଓ ମଙ୍ଗଳ ପାଇଁ ଯୋଗ୍ୟ ଆଦର୍ଶ କର୍ମୀ ଗଠନ ଉଦ୍ଦେଶ୍ୟରେ ଉକ୍ତ ମଣିଷ ତିଆରି କାରଖାନା ଗଢା ହୋଇଥିଲେ ହେଁ ଅନିବାର୍ଯ୍ୟ କାରଣବଶତଃ ଏହା ବର୍ତ୍ତମାନ ଚାଲୁନଥିବାରୁ ଉପସ୍ଥିତ ଅତିଥିଗଣ ଦୁଃଖ ପ୍ରକାଶ କରିବା ସହ ପୁନରାୟ ଏହା ସମାଜ ମଙ୍ଗଳ ଉଦ୍ଦେଶ୍ୟରେ ଚାଲୁ ରଖାଯିବା ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ। ନିଜେ ଭଲ ହୋଇ ସମାଜକୁ ଭଲ କରିବାର ସଂକଳ୍ପ ସଙ୍ଗୀତ ଗାଇ ଇନ୍ଦ୍ରମଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଟୁ ଦାଶ ରାଜ୍ୟ ବିଜେଡି ସମ୍ପାଦକ



ପଟ୍ଟାମୁଣ୍ଡାଇ, ୮।୪ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ପ୍ରଭାବଶାଳୀ ଯୁବନେତା ମିଟୁ ଦାଶଙ୍କ ସାଙ୍ଗଠନିକ ଦକ୍ଷତାକୁ ବିଚାରକୁ ନେଇ ରାଜ୍ୟ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବିଜେଡି ସଂଗଠନକୁ ଅଧିକ ସୁଦୃଢ ଓ କ୍ରିୟାଶୀଳ କରିବା ପାଇଁ ରାଜ୍ୟ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ଏହି ନିଯୁକ୍ତି ସମ୍ପର୍କରେ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରେସ ବିଜ୍ଞପ୍ତି ଯୋଗେ ଜଣାଇଛନ୍ତି। ଯୁବନେତା ଶ୍ରୀଦାଶ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି ଓ ତାଙ୍କର ନୂତନ ନିଯୁକ୍ତି ପାଇଁ ସେ ରାଜ୍ୟ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ, ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ, ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ରାଜ୍ୟ ବିଜେଡି ସାଧାରଣସମ୍ପାଦକ ରାଜ୍ୟ ସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ପାଇଥିବାରୁ ତାଙ୍କୁ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନମନ୍ତ୍ରୀ, ମାହାଙ୍ଗା ବିଧାୟକ ଓ କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ ଜେନା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ମାଈଁ ଏନ୍‌ସିସି ଆଲୁମିନି ଆସୋସିଏସନର ପ୍ରତିଷ୍ଠା ଦିବସ ପାଳିତ




କେନ୍ଦ୍ରାପଡ଼ା, ୮।୪ (ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପଞ୍ଜିକୃତ ମାଈଁ ଏନସିସି ଆଲୁମିନି ଆସୋସିଏସନର ସପ୍ତମ ବାର୍ଷିକ ପ୍ରତିଷ୍ଠା ଦିବସ ଏକ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ କଜଳାସ୍ଥିତ ନିମାଇଁ ଚରଣ ମାନସିକ ନ୍ୟୁନ୍ୟତା ସଂସ୍ଥାନର ଛାତ୍ରଛାତ୍ରୀମାନଙ୍କୁ ଆସୋସିଏସନ ପକ୍ଷରୁ ଶୁଖିଲା ଖାଦ୍ୟ, ଚକଲେଟ ଓ କେକ ପ୍ରଭୃତି ବଣ୍ଟନ କରାଯାଇ ପାଳନ କରାଯାଇଥିଲା। ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇ ଏକ ଆନନ୍ଦ ଉଲ୍ଲାସର ବାତାବରଣ ସୃଷ୍ଟି କରାଯାଇଥିଲା। ଏହି ନିରାଡମ୍ବର କାର୍ଯ୍ୟକ୍ରମରେ ଏନସିସି ବାଳିକା ବିଭାଗର କ୍ୟାପଟେନ ସୀମା ମହାନ୍ତି ଏବଂ ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱପ୍ନାସୁ ଦାସ, ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଏନସିସି ବାଳକ ଓ ବାଳିକା ବିଭାଗର ସମସ୍ତ କ୍ୟାଡେଟଙ୍କ ସମେତ ବହୁ ପୁରାତନ କ୍ୟାଡେଟମାନେ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ଜେନା, ଶ୍ରୀକାନ୍ତ ପୋଥାଳ, ଆଶୀଷ ଦାସ, ସାଜିଦ ଖାନ୍, ଉମେଶ ଜେନା, ହିମାଂଶୁ ପ୍ରଧାନ, ଦେବପ୍ରସନ୍ନ ସ୍ୱାଇଁ, ରାଜକିଶୋର ଖୁଣ୍ଟିଆ, ସେକ ରିଆଜୁଦିନ, ଅଭିଜିତ ଜେନା, ଦିପ୍ତୀରଞ୍ଜନ ବେହେରା, ଦେବୀ ପ୍ରସାଦ ସାହୁ, ସୁଜିତ କୁମାର ସେଠୀ ଓ ଚିନ୍ମୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ଦକ୍ଷିଣ ପ୍ରିମିୟର ଲିଗ୍ ଉଦଯାପିତ

## ନିକିରାଇକୁ ହରାଇ ସନ୍ଥପୁରା ଚାମ୍ପିଅନ୍




ଚଉଦକୁଲାଟ, ୮।୪ (ସମିସ): ବାବା ମାଣିକେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ମାଣିକେଶ୍ୱର କ୍ରିକେଟ ପଡ଼ିଆରେ ଚାଲିଥିବା ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି କ୍ରିକେଟ ପ୍ରତିଯୋଗିତାରେ ଜିଲ୍ଲା ଓ ଜିଲ୍ଲା ବାହାରର ୧୬ଟି ଖ୍ୟାତିସମ୍ପନ୍ନ କ୍ରିକେଟ୍ ଟିମ୍ ଏମସିସି ନିକିରାଇ, ଡିସିସି ସନ୍ଥପୁରା, ବାବା ଇଲେଭେନ କେନ୍ଦ୍ରାପଡ଼ା, ଗୋଲଡେନ କ୍ରିକେଟ କ୍ଲବ ପାଗା, ଏମସିସି କେନ୍ଦ୍ରାପଡ଼ା, ଲିଜେଣ୍ଡ ଇଲେଭେନ ଗମ୍ଭୁ ଆଳି ଇଲେଭେନ, ରିକି ଇଲେଭେନ ଚଉଦକୁଲାଟ, ଆଇଏସଆର ପଟ୍ଟାମୁଣ୍ଡାଇ, ଏସଏସ ସାନ ଇଲେଭେନ ଭୁବନେଶ୍ୱର, ଏନସିଟି ପିପିଲି, ତାରିଣୀ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା, ଅଟାକ ଇଲେଭେନ କେନ୍ଦ୍ରାପଡ଼ା, ଅଳଭା କ୍ରିକେଟ ଟିମ, ଟାଇଗର କ୍ରିକେଟ କ୍ଲବ, ଦିବାନା କ୍ରିକେଟ ଇଲେଭେନ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସନ୍ଥପୁରା ଓ ନିକିରାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ନିକିରାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୫୫ ରନ ସଂଗ୍ରହ କରିଥିଲା। ୫୬ ରନ୍ ବିଜୟ ଲକ୍ଷ୍ୟକୁ ସନ୍ଥପୁରା ୨.୫ ଓଭରରେ ସଂଗ୍ରହ କରି ବିଜୟୀ ହୋଇଥିଲା। ଦେବାଶିଷ ପାଟଶାଣୀ ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଓ ଚେତନ ଏଲମୀ ପ୍ଲେୟାର ଅଫ ମ୍ୟାଚ୍ ଘୋଷିତ ହୋଇଥିଲେ। ମାଣିକେଶ୍ୱର କ୍ରିକେଟ କ୍ଲବର ସଭ୍ୟ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

କେବେ ମିଳିବ କ୍ଷୀରୋଦଙ୍କୁ ଆବାସ

## ପଲିଥିନ୍ ତଳେ ବିତୁଛି ଜୀବନ



ଓଳାଭର, ୮।୪ (ସମିସ): ସରକାର ଗରିବ ଓ ନିସହାୟ ଲୋକଙ୍କ ପାଇଁ ବହୁ ଯୋଜନା କରିଛନ୍ତି। ତେବେ ପ୍ରଶାସନିକ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁଁ ଏହି ଯୋଜନା ପ୍ରକୃତ ହିତାଧିକାରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ଦେଖିବାକୁ ମିଳିଛି ଦେଉଳତରା ପଞ୍ଚାୟତ ଦେଉଳତରା (ହେତବିନ୍ଧା) ହରିଜନ ସାହିର କ୍ଷୀରୋଦ ମଳିକ(୪୩)ଙ୍କ କ୍ଷେତ୍ରରେ। ସେ ବହୁବାର ଆବାସ ପାଇଁ ଆବେଦନ କରିଥିଲେ ହେଁ ସେ ଏଥିରୁ ବଞ୍ଚିତ ଅଛନ୍ତି। ବାଧ ହୋଇ ପଲିଥିନ ଘେରା ଭଙ୍ଗାଘରେ ଜୀବନ ବିତାଉଛନ୍ତି।

କ୍ଷୀରୋଦ ଜଣେ ଦିନମଜୁରିଆ। ପର ଘରେ ମଜୁରି ଲାଗିଲେ ଚୁଲି ଜଳେ। ଇଞ୍ଚେ ବି ଜମିବାଡ଼ି ନାହିଁ। ଘରେ ତାଙ୍କ ପତ୍ନୀ ସାରଥି ମଳିକ ଓ ଝିଅ କଲ୍ୟାଣୀ, ପୁଅ ବାଦଲ। ଝିଅ ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବାବେଳେ ପୁଅ ପଢୁଛି ଚତୁର୍ଥ ଶ୍ରେଣୀରେ। ଅଭାବ ଅନଟନ ଭିତରେ ମଜୁର ଏକମାତ୍ର ଭରସା। ତାହା ବି ଆବଶ୍ୟକତା ପୂରଣ କରିପାରେନା। ରାସନ ଚାଉଳ ୨୦ କେଜି ପ୍ରତି ମାସରେ ମିଳୁଥିଲେ ବି ପିଲାଙ୍କ ପାଠପଢ଼ା, ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବା କ୍ଷୀରୋଦଙ୍କ ପକ୍ଷେ କଷ୍ଟକର। କ୍ଷୀରୋଦଙ୍କ ପରିବାର ଭଙ୍ଗା ଚାଳଘରେ ପଲିଥିନ ଘୋଡ଼ାଇ ରହୁଛନ୍ତି। ଆବାସ ପାଇଁ ପ୍ରଶାସନ ଓ ସରପଞ୍ଚଙ୍କ ନିକଟରେ ନେହୁରା ହୋଇଥିଲେ ବି ଏଯାବତ୍ ତାଙ୍କୁ ସରକାରୀ ଘର ଖଣ୍ଡେ ମିଳିବା ସାତସପନ ହୋଇଯାଇଛି। ଏଭଳି ଏକ ଦରିଦ୍ର ପରିବାରକୁ ସରକାରୀ ଆବାସ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ପଟ୍ଟାମୁଣ୍ଡାଇ କଲେଜ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ




ପଟ୍ଟାମୁଣ୍ଡାଇ, ୮।୪ (ସମିସ): ପଟ୍ଟାମୁଣ୍ଡାଇ କଲେଜ ରେଡକ୍ରସ ଓ ରେଡରିବନ କ୍ଲବ ପକ୍ଷରୁ ଦକ୍ଷତା ବିକାଶ ପାଇଁ ସାଧାରଣ ଜ୍ଞାନଠାରୁ ଆରମ୍ଭ କରି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସରୋଜ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁ, ପ୍ରାଧ୍ୟାପକ ଡ଼ ଫକୀର ଚରଣ ପ୍ରଧାନ, ଲେଫ୍ଟନାଣ୍ଟ ଆର ଏନ ମଧୁସ୍ମିତା ପରିଡ଼ା ଲେଫ୍ଟନାଣ୍ଟ ଜିତେନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରେଷ୍ଠ ପ୍ରତିଯୋଗୀ ଅନିଷା ବିଶ୍ୱାଳ, ଅଙ୍କିତା ବେହେରା, ଅନ୍ନପୂର୍ଣ୍ଣା ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଶୁଭାଶିଷ ମିଶ୍ର, ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ଅଧ୍ୟାପକ ରଞ୍ଜନ ବେହୁରା ପରିଚାଳନା କରିଥିଲେ।

## ଜମି ବିକିଦେଲେ ମାଲିକ / ଭିଟାମାଟି ହରାଇବେ ୧୦ ପରିବାର





ଡେରାବିଶ, ୮।୪(ସମିସ):

ଇଂରେଜ ସରକାରଙ୍କ ସମୟରେ ଝୋଟ ବ୍ୟବସାୟ କେନ୍ଦ୍ର ପାଇଁ ସମଗ୍ର ରାଜ୍ୟରେ ଦାନପୁର ଅଞ୍ଚଳ ବେଶ୍ ଖ୍ୟାତି ଅର୍ଜନ କରିଥିଲା। ଏହି ଅଞ୍ଚଳରେ ପାଖାପାଖି ୧୦ଟି ଝୋଟ କ୍ରୟ କେନ୍ଦ୍ର ରହିଥିଲା। ଦେଶ ସ୍ୱାଧିନ ହେବା ପୂର୍ବରୁ ଏହି ଝୋଟ କ୍ରୟ କେନ୍ଦ୍ରର ମାଲିକ ଇଂରେଜମାନେ ଥିଲେ। ହେଲେ ଦେଶ ସ୍ୱାଧୀନ ହେବାପରେ ସେମାନେ ତାଙ୍କ ଦେଶକୁ ଫେରିଯାଇଥିଲେ ଓ ସେମାନଙ୍କ ମାଲିକାନାରେ ଥିବା ଝୋଟ କ୍ରୟ କେନ୍ଦ୍ରଗୁଡିକ ରାଜ୍ୟ ବହାରର ବିଭିନ୍ନ ବ୍ୟକ୍ତି ବିଶେଷମାନଙ୍କୁ ବିକ୍ରି କରିଦେଇଥିଲେ। ଏହି ଅଞ୍ଚଳରେ ନଳିତା ଏକ ଅର୍ଥକାରୀ ଫସଲ ଭାବେ ଚାଷୀମାନେ ପ୍ରଚୁର ପରିମାଣରେ ଚାଷ କରୁଥିବାରୁ ଏହି ଝୋଟ କ୍ରୟ କେନ୍ଦ୍ରଗୁଡ଼ିକ ମଧ୍ୟ ବେଶ୍ ଭଲ ଭାବେ ଚାଲିଥିଲା। ଝୋଟକୁ ଗଣ୍ଠିଲ କରି ମେସିନ୍ ସହାୟତାରେ ବାନ୍ଧିବା, ଝୋଟକୁ ଗୋଦାମରେ ସାଇତି ରଖିବା ଓ ଝୋଟ ଚାଲାଣ କରିବା ସର୍ବୋପରି ଗୋଦାମକୁ ଜଗିବା ଇତ୍ୟାଦି କାମରେ ବହୁଲୋକ ନିୟୋଜିତ ରହୁଥିଲେ।

ତେବେ ପାଖାପାଖି ୧୫୦ ବର୍ଷ ତଳେ ବ୍ରିଟଶ ସମୟରେ ଅର୍ତ୍ତାମୂଳ ଓ ଦକ୍ଷବ୍ରହ୍ମପୁର ଗ୍ରାମ ମଧ୍ୟସ୍ଥଳୀରେ କେନ୍ଦ୍ରାପଡ଼ା କେନାଲ୍ କୂଳରେ ମେଙ୍କଲୋଡ଼ ଝୋଟ ଗୋଦାମ ନାମରେ ଏକ ଝୋଟ କ୍ରୟ କେନ୍ଦ୍ର ଇଂରେଜମାନେ ସ୍ଥାପନ କରିଥିଲେ। ଏଠାରେ ବହୁ ଲୋକ କର୍ମଚାରୀ ଭାବେ ରହି ଆସୁଥିଲେ। ସେତେବେଳେ ଇଂରେଜମାନେ ବୁଲା ନାୟକ ଓ ବିଦିୟା ନାୟକ ନାମକ ଦୁଇଜଣ ବ୍ୟକ୍ତିଙ୍କୁ ସେମାନଙ୍କ ପରିବାର ସହ ଗୋଦାମ ଜାଗାରେ ରଖାଇ ଜଗୁଆଳୀ ଭାବେ ନିଯୁକ୍ତ କରିଥିଲେ। ଏହି ଦୁଇଜଣ ସେହି ଗୋଦାମରେ ଜଗୁଆଳୀ ଭାବେ ରହି କାମ କରିବା ସହିତ ପରିବାର ସହ ରହିଆସୁଥିଲେ। ଦେଶ ସ୍ୱାଧୀନତା ପାଇବା ପରେ ଏହି ଗୋଦାମକୁ ଇଂରେଜମାନଙ୍କ ଠାରୁ କିଣିଥିବା ବ୍ୟକ୍ତି ଜଣକ ଦୀର୍ଘଦିନ ଧରି ଗୋଦାମ ଚଳାଇ ଆସୁଥିଲେ ଓ ବଂଶାନୁକ୍ରମିକ ଭାବେ ବୁଲା ଓ ବିଦିଆ ଉଭୟଙ୍କର ପରିବାର ମଧ୍ୟ ଏହି ଝୋଟ ଗୋଦାମରେ କାମ କରିବା ସହିତ ପୂର୍ବବତ୍ ସେହି ଜାଗାରେ ରହିଆସୁଛନ୍ତି। ତେବେ ଗତ କିଛିବର୍ଷ ହେବ ପ୍ଲାଷ୍ଟିକର ବହୁଳ ବ୍ୟବହାର ଓ ଝୋଟ ଚାହିଦା କମିବାରୁ ଚାଷୀମାନେ ନଳିତା ଚାଷ ବନ୍ଦ କରିଦେଲେ। ଫଳରେ ଏହି ଝୋଟକ୍ରୟ କେନ୍ଦ୍ରଟି ବନ୍ଦ ହୋଇଯାଇଥିଲା। ଫଳରେ ଇଂରେଜ ସରକାରଙ୍କ ଅମଳରୁ ଏଠାରେ ରହିଆସିଥିବା ଉପରୋକ୍ତ ପରିବାର ଝୋଟ ଗୋଦାମ ବନ୍ଦ ହୋଇଯିବା ପରେ ବାଧ୍ୟ ହୋଇ ସ୍ଥାନୀୟ ଅଞ୍ଚଳରେ ମୂଲଲାଗି ପରିବାର ଚଳାଉଛନ୍ତି।

ତେବେ ଇଂରେଜ ସରକାରଙ୍କ ପରଠାରୁ ଏହି ଗୋଦାମ ଜମି ଗୁଡ଼ିକ ଏବେ ବିକ୍ରି ପରେ ବିକ୍ରି ହୋଇ ମାଲିକ ବଦଳି ଚାଲିଛନ୍ତି। ଏବେ ଏହି ଗୋଦାମ ଜମିର ମାଲିକ ଜଣକ ଏହି ସ୍ଥାନଟିକୁ ପ୍ଲଟିଂ କରି ଆକାଶଛୁଆଁ ଦରରେ ବିକ୍ରି କରିବାକୁ ଯାଉଥିବା ବେଳେ ବିଚରା ଗରିବ ବୁଲା ଓ ବିଦିଆର ବଂଶଧର ଆଶା ଓ ଆଶଙ୍କାରେ ବଞ୍ଚିଛନ୍ତି। ଇଂରେଜମାନେ ସିନା ତାଙ୍କ ପୂର୍ବଜଙ୍କୁ ଏହି ଠାରେ ଥଇଥାନ କରିଦେଇଗଲେ ହେଲେ ଏବେକାର ମାଲିକ ତାଙ୍କୁ ଜାଗା ଛାଡ଼ି ଚାଲିଯିବାକୁ ନାଲି ଆଖି ଦେଖାଉଛି। ପ୍ରତିଦିନ ପରର ମୂଲ ଲାଗିଲେ ଏମାନେ ତାଙ୍କର ପେଟ ପୋଷନ୍ତି। ଭଙ୍ଗା ଚାଳିଆରେ ଏମାନଙ୍କ ଦିନ ବିତୁଥିବା ବେଳେ ସେମାନଙ୍କ ଅଣ୍ଟାରେ ଟଙ୍କା ନାହିଁ ତାଙ୍କର ଭିଟାମାଟିକୁ ଆକାଶଛୁଆଁ ଦର ଦେଇ ଜମିମାଲିକଙ୍କ ପାଖରୁ କିଣିବାକୁ। କେବଳ ଭଗବାନଙ୍କୁ ଭରସା କରି ରହିଛନ୍ତି ବିଦିଆ ଓ ବୁଲାର ବଂଶଧର ୧୦ରୁ ଊର୍ଦ୍ଧ୍ୱ ପରିବାର।

# ଏତଲା ରଖିଲାନି ଥାନା, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା



ପାଣିକୋଇଲି, ୮।୪(ସମିସ): ବଡ଼ଚଣା ପୁଲିସ ଏତଲା ରଖିବାକୁ ମନା କରିବାରୁ ନ୍ୟାୟ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କୁ ଗୁହାରି କରିଛନ୍ତି ପୀଡ଼ିତା। ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଘୁମୁରୀ ହାସନବାଦ ଗ୍ରାମର ରବୀନ୍ଦ୍ର ସାହୁଙ୍କ ସ୍ତ୍ରୀ ରେଖା ସାହୁ ବଡ଼ଚଣା ପୁଲିସ ତାଙ୍କ ଏତଲା ରଖିବାକୁ ମନା କରିଥିବା ଅଭିଯୋଗ ଆଣିଛନ୍ତି। ରେଖାଙ୍କ ଅଭିଯୋଗ ମୁତାବକ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୨୦୨୪ ଜାନୁଆରୀ ୨୦ ତାରିଖରେ ଅଭିଯୁକ୍ତ ତାଙ୍କ ସହଯୋଗୀଙ୍କୁ ନେଇ ତାଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଯାହାକୁ ନେଇ ସେ ବଡଚଣା ଥାନାରେ ଅଭିଯୋଗ କରିବା ପରେ ୫୨/୨୪ରେ ମାମଲା ରୁଜୁ ହୋଇଥିଲା। ଘରପୋଡ଼ିରେ ସମସ୍ତ ଆସବାବପତ୍ର, କଂସାବାସନ ଓ ଗୋଟିଏ ଲୁନା ପୋଡି ପାଉଁଶ ହୋଇଯାଇଥିଲା। ଘର ନ ଥିବାରୁ ବିଲରେ ଥିବା ଏକ ବୋଟିଂ ଘରେ ରବୀନ୍ଦ୍ରଙ୍କ ପରିବାର ରହି ଜୀବିକା ନିର୍ବାହ କରୁଥିଲେ। ପୋଡା ଲୁନା ସମତେ ସମସ୍ତ ପୋଡ଼ା ଜିନିଷ ସେହିଠାରେ ରହିଥିଲା। ମାତ୍ର ଗତ ୬ ତାରିଖ ରାତିରେ ତାଙ୍କ ଗ୍ରାମର ଅକ୍ଷୟ ବେଜ, ରାମଚନ୍ଦ୍ର ରାଉତ ଓ କାମିନୀ ରାଉତ ଉକ୍ତ ଟିଭିଏସ ଲୁନାକୁ ଚୋରି କରିନେଇଛନ୍ତି। ଏ ନେଇ ସେ ଥାନାରେ ୭ ତାରିଖ ଦିନ ଅଭିଯୋଗ କରିବାକୁ ଯାଇଥିବାବେଳେ ପୁଲିସ ଏତଲା ରଖିବାକୁ ମନା କରିଥିଲା। ଫଳରେ ରବୀନ୍ଦ୍ର ଓ ରେଖା ନ୍ୟାୟ ପାଇଁ ଆଜି ପାଣିକୋଇଲିସ୍ଥ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ନ୍ୟାୟ ଭିକ୍ଷା କରିଛନ୍ତି।

# ଚେତନା ସଂଘ କନିକାପଡ଼ା ଶାଖା ପକ୍ଷରୁ ଗାୟତ୍ରୀ ମହାଯଜ୍ଞ

ମଙ୍ଗଳପୁର, ୮।୪(ସମିସ): ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତସ୍ଥ ଚେତନା ସଂଘ କନିକାପଡ଼ା ଶାଖା ପକ୍ଷରୁ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୫ ତାରିଖରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଭଦ୍ରକ ଜିଲ୍ଲା ଅସୁରାଳୀ ଆଶ୍ରମର ପଣ୍ଡିତ ଲକ୍ଷ୍ମୀଧର ତ୍ରିପାଠୀଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ ମାନଗୋବିନ୍ଦ ସୂତାର ଓ ଚିତ୍ତରଞ୍ଜନ ରାଉତ ମୁଖ୍ୟ ଶ୍ରୋତା ହୋଇଥିଲେ। କର୍ଣ୍ଣଦାଣ୍ଡି, ନାଗାପାଟଣା, ବଜରାପାଟ, ଓଳସାହି, କନିକାପଡ଼ା, ଦିହୁଡିସାହି, ନରଣାପାଟ ଆଦି ଗ୍ରାମ ସମେତ ପାଖ ପଡୋଶୀ ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୁତି ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ଯାଜପୁରର ବରିଷ୍ଠ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ, କନିକାପଡ଼ା ପଞ୍ଚାୟତର ସରପଞ୍ଚ ପ୍ରଦୀପ କୁମାର ଜେନା ଯୋଗ ଦେଇଥିଲେ। ଯଜ୍ଞ କାର୍ଯ୍ୟ ପରିଚାଳନାରେ ଯଜ୍ଞ କମିଟି ସଭ୍ୟ ଅଭିମନ୍ୟୁ ବାଇ, ବିଜୟ କୁମାର ସୁତାର, ରାକେଶ କୁମାର ସାହୁ, ଯୁବ ସମାଜସେବୀ ପଞ୍ଜାବ କେଶରୀ ମହାପାତ୍ର, ଗୋବର୍ଦ୍ଧନ ଓଝା, ମଙ୍ଗରାଜ ଜେନା, ରାଜୀବ କୁମାର ସୂତାର, ନରେଶ ରାଉତ, ଆଶିଷ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ମହେଶ୍ୱରପୁରରେ ଇଫ୍‌ତାର ପାର୍ଟି



ବ୍ରହ୍ମବରଦା, ୮।୪(ସମିସ): ରସୁଲପୁର ବ୍ଲକ ଅଧୀନସ୍ଥ ଅବିଭକ୍ତ ବ୍ରହ୍ମବରଦା ଗ୍ରାମରେ ମହାପୁରୁଷ ମହମ୍ମଦଙ୍କ ଜନ୍ମଦିନ ଅବସର ଓ ଇଦ୍ ଉପଲକ୍ଷେ ପବିତ୍ର ରମଜାନ ମାସର ଶେଷ ସପ୍ତାହରେ ମୁସଲମାନ ସମ୍ପ୍ରଦାୟର ଲୋକେ ଭାଇଚାରା ପ୍ରତିଷ୍ଠା ପାଇଁ ବିଭିନ୍ନ ସ୍ଥାନରେ ଇଫତାର ପାର୍ଟି ଆୟୋଜନ କରିଥାଆନ୍ତି। ଏ ପରିପ୍ରେକ୍ଷୀରେ ମହେଶ୍ୱରପୁର ଗ୍ରାମ ହାଡ଼ିସାହିରେ ଆଜି ସନ୍ଧ୍ୟାରେ ଶେଖ୍ ତାରୋଙ୍କ ନେତୃତ୍ୱରେ ଏକ ଇଫତାର ପାର୍ଟି ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବରୀ ନିର୍ବାଚନ ମଣ୍ଡଳୀର ଯୁବ ନେତା ସଞ୍ଜୀବ କୁମାର ଜେନା ଯୋଗ ଦେଇଥିଲେ। ଶ୍ରୀ ଜେନା ରୋଜାଧାରୀ ମୁସଲମାନ ଭାଇଙ୍କୁ ଫଳ ଖୁଆଇ ଓଷା ଶେଷ କରାଇଥିଲେ। ଆମେ ସମସ୍ତେ ଭଗବାନଙ୍କ ସନ୍ତାନ। ତେଣୁ ମନରେ କିଛି ବାଛବିଚାର ନ ରଖି ଦୟା, କ୍ଷମା ଓ ସାହାଯ୍ୟ କରିବା ଉଚିତ୍ ବୋଲି ଶ୍ରୀ ଜେନା ମତ ରଖିଥିଲେ। ସମାଜସେବୀ ସେକ ସବିର ଅଲ୍ଲୀ ପ୍ରଥମେ ଆଲ୍ଲାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରି ସଭିଙ୍କ ପାଖରେ ନିଜକୁ ଆଲ୍ଲାଙ୍କ କୃପାରୁ ସବୁ କିଛି ମିଳିଛି ବୋଲି ଜଣାଇବା ସହିତ ସମସ୍ତ ମୁସଲମାନ ଭାଇଙ୍କୁ ଆଲ୍ଲାଙ୍କ ବରପୁତ୍ର ବୋଲି କହିଥିଲେ। ଆଜିର ଇଫତାର ପାର୍ଟିରେ ସେକ ସାଲ୍ଲାଦ୍ଦିନ, ସେକ ଅବଦୁଲ ମାସଜିଦ, ଅବଦୁଲ ଟିପା ବାବୁ, ଜୁହୁର ମହମ୍ମଦ, ଜାହିର ବକ୍ସଙ୍କ ସହିତ ଗ୍ରାମର ସମସ୍ତ ମୁସଲମାନ ଭାଇ, ଗୁରୁଜନ ମିଳିତ ଭାବେ ରୋଜା ଭଙ୍ଗ କରି ଇଫତାର ପାର୍ଟି ପାଳନ କରିଥିଲେ।

# ଅବାଧ, ମୁକ୍ତ ଓ ନିରପେକ୍ଷ କରିବାକୁ ପ୍ରଶାସନିକ ପ୍ରସ୍ତୁତି

ଯାଜପୁର, ୮।୪(ସମିସ)



ସାଧାରଣ ନିର୍ବାଚନ

ଯାଜପୁର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ପ୍ରଶାସନରୁ ପ୍ରସ୍ତୁତି ଚାଲିଛି। ଏ ନେଇ ଜିଲ୍ଲା ପ୍ରଶାସନ, ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣ ଅହରହ ଉଦ୍ୟମ ଜାରି ରଖିଛନ୍ତି।

ଯାଜପୁର ଲୋକସଭା ଆସନ (୮) ଅନ୍ତର୍ଗତ ବିଂଝାରପୁର (୪୮) ବିଧାନସଭା ନିର୍ବାଚନ ମଣ୍ଡଳୀ, ବରୀ (୪୯), ବଡ଼ଚଣା (୫୦), ଧର୍ମଶାଳା (୫୧), ଯାଜପୁର (୫୨), କୋରେଇ (୫୩) ଓ ସୁକିନ୍ଦା (୫୪) ବିଧାନସଭା ନିର୍ବଚନମଣ୍ଡଳୀରେ ଲୋକସଭା ଓ ସମ୍ପୃକ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ମତଦାନ ଆସନ୍ତା ଜୁନ୍ ୧ ତାରିଖରେ ଅନୁଷ୍ଠିତ ହେବ। ଯାଜପୁର ଲୋକସଭା ଆସନ ପାଇଁ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ରିଟର୍ଣ୍ଣିଂ ଅଫିସର ଭାବେ କାର୍ଯ୍ୟ କରିବା ସହ ବିଂଝାରପୁର (୪୮) ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ବରୀ (୪୯) ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ନିରୂପମା ଜାଲି, ବଡ଼ଚଣା (୫୦) ଓ ଧର୍ମଶାଳା (୫୧) ପାଇଁ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ନବକ୍ରିଷ୍ଣ ଜେନା, ଯାଜପୁର (୫୨) ଓ କୋରେଇ (୫୩) ପାଇଁ ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ ଏବଂ ସୁକିନ୍ଦା (୫୪) ପାଇଁ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ଲଙ୍କେଶ୍ୱର ଅମାତ ରିଟର୍ଣ୍ଣିଂ ଅଫିସର ଭାବେ କାର୍ଯ୍ୟ କରିବେ।

ଆଜି ଅପରାହ୍ନରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର, ସହକାରୀ ରିଟର୍ଣ୍ଣିଂ ଅଫିସର ଓ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଜିଲ୍ଲା କୋଷାଗାର ସନ୍ନିକଟ ଓ୍ୱାର ହାଉସ୍‌ଠାରେ ଇଭିଏମ୍‌ର ରାଣ୍ଡୋମାଇଜେସନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ଆଦର୍ଶ ଆଚରଣ ବିଧି ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ବାଚନ ପରିଚାଳନା ପ୍ରକ୍ରିୟା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶମତେ ଶାନ୍ତିଶୃଙ୍ଖଳାର ସହ ଯେପରି ସମାପନ ହେବ, ସେଥିପ୍ରତି ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଂ ଅଫିସର, ସହକାରୀ ରିଟର୍ଣ୍ଣିଂ ଅଫିସର ଯତ୍ନବାନ ହେବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣ ନିର୍ଦ୍ଦେଶ ଦେବା ସହ ନିର୍ବାଚନ ପରିଚାଳନାରେ ସମସ୍ତ ରାଜନୈତିକ ଦଳ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ।

## ନିୟମିତ ଆସୁନି ପାଣି | ବାଙ୍ଗରାରେ ଜଳକଷ୍ଟ ଭୋଗୁଛନ୍ତି ୫୦ରୁ ଅଧିକ ପରିବାର

ପ୍ରାତିପୁର, ୮।୪ (ସମିସ)

ଗ୍ରୀଷ୍ମ ଆରମ୍ଭରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ବିଭିନ୍ନ ସହରରେ ମାତ୍ରାଧିକ ତାପମାତ୍ରା ବୃଦ୍ଧି ଚିନ୍ତାର କାରଣ ପାଲଟିଥିବାବେଳେ ଗ୍ରାମାଞ୍ଚଳରେ ଜଳକଷ୍ଟ ଜନଜୀବନକୁ ଆହୁରି ଯନ୍ତ୍ରଣା ଦେଉଛି। ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତର ୫ନଂ ଓ ୯ ନଂ ୱାର୍ଡର ୫୦ରୁ ଊର୍ଦ୍ଧ୍ୱ ପରିବାର ଏବେ ଜଳକଷ୍ଟରେ ଜର୍ଜରିତ ହେଉଛନ୍ତି। ଏହି ଦୁଇଟି ୱାର୍ଡର ଲୋକେ ପାନୀୟଜଳ ପାଇଁ ସରକାରୀ ଟ୍ୟାପ ଉପରେ ନିର୍ଭର କରୁଥିବାବେଳେ ନିୟମିତ ପାଣି ଆସୁନାହିଁ। ଫଳରେ ଲୋକେ ନିର୍ଦ୍ଦିଷ୍ଟ ସମୟକୁ ଅପେକ୍ଷା କରି ରହିଥା'ନ୍ତି। ମାତ୍ର ୩ ଦିନ ହେବ ଏହି ଟ୍ୟାପରେ ପାଣି ଆସୁ ନ ଥିବାରୁ ଲୋକେ ପିଇବା ପାଣି ପାଇଁ ନାହିଁ ନ ଥିବା ହିନସ୍ତା ଭୋଗୁଛନ୍ତି।



ଗ୍ରାମଠାରୁ ଦୂରରେ ଥିବା ତାରିଣୀ ମନ୍ଦିର ପରିସରରେ ଥିବା ଏକ ନଳକୂଅ ଏବେ ୫୦ ପରିବାରର ଜଳକଷ୍ଟ ଦୂର କରୁଛି। କିନ୍ତୁ ଏଠାରୁ ପାଣି ଆଣିବାକୁ ଗ୍ରାମର ମହିଳା, ବୃଦ୍ଧା, ଛୋଟ ଛୋଟ ପିଲାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାମର ଦୁଇଟି ସରକାରୀ ନଳକୂଅ ସ୍ଥାପନ ପାଇଁ ଗ୍ରାମବାସୀ ବହୁବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଆସୁଥିଲେ ମଧ ଏଯାବତ କୌଣସି ସୁଫଳ ମିଳୁନାହିଁ। ଅନ୍ୟପକ୍ଷରେ ବିଞ୍ଝାରପୁର ବ୍ଲକର ୨୯ ପଞ୍ଚାୟତ ବାସିନ୍ଦାଙ୍କ ଜଳକଷ୍ଟ ଦୂର କରିବା ପାଇଁ ସରକାରଙ୍କ ପକ୍ଷରୁ ଶହ ଶହ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଜଳକଷ୍ଟ ଦୂର କରିବାରେ ବିଫଳ ହୋଇଛି। ଠିକା ସଂସ୍ଥା କାର୍ଯ୍ୟ କରିବାର ଅବଧି ଶେଷ ହୋଇଥିଲେ ମଧ ଏଯାବତ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଅକ୍ଷମ ହୋଇଛି। ଲୋକେ ହୀନସ୍ତା ଭୋଗୁଥିବାବେଳେ ପ୍ରଶାସନର ପ୍ରାଥମିକତା ହେଉଛି ଲୋକଙ୍କ ସମସ୍ୟାର ସମାଧାନ କରିବା। ଏଠାରେ ଚିତ୍ର ଅଲଗା। ଲୋକଙ୍କ ସମସ୍ୟାକୁ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଫଳରେ ଏହି ଗ୍ରାମର ୨ଟି ୱାର୍ଡ ବାସିନ୍ଦା ଜଳକଷ୍ଟ ଭୋଗ କରୁଛନ୍ତି। ଆଗକୁ ଗ୍ରୀଷ୍ମର ପ୍ରବାହ ବୃଦ୍ଧି ପାଇବ। ତେଣୁ ପ୍ରଶାସନ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ୱାର୍ଡ ବାସିନ୍ଦା ଦାବି କରିଛନ୍ତି।


## ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି, ୮।୪(ସମିସ): ପାଣିକୋଇଲି ବଜାରର ଏକ ଜଳଖିଆ ଦୋକାନ ସମ୍ମୁଖରୁ ବାଇକ୍ ଚୋରି ହୋଇଥିବା ନେଇ ମାଲିକ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ବ୍ୟାଙ୍କ ଅଫ୍ ବରୋଦାର ଭଦ୍ରକ ଜିଲ୍ଲା ଶାଖା ପରିଚାଳକ ଭାବେ କାର୍ଯ୍ୟରତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ନରହରି ସାହୁଙ୍କ ପୁଅ ତୁଷାରକାନ୍ତ ଯାଜପୁରରୋଡ଼ସ୍ଥ ଦଳାଠାରେ ଘରଭଡ଼ା ନେଇ ରହିବା ସହିତ ପ୍ରତିଦିନ ପାଣିକୋଇଲିର ରଞ୍ଜନ ସୁଇଟ୍ସ ଦୋକାନ ନିକଟରେ ବାଇକ ରଖି ବସ୍ ଯୋଗେ ଭଦ୍ରକ ଯିବା ଆସିବା କରନ୍ତି। ତେବେ ଗତକାଲି ସନ୍ଧ୍ୟାରେ କାର୍ଯ୍ୟାଳୟରୁ ଫେରି ସେ ରଖିଥିବା ସ୍ଥାନରେ ବାଇକ୍ ନ ଥିବା ଦେଖି ଉକ୍ତ ଜଳଖିଆ ଦୋକନରେ ଲାଗିଥିବା ସିସିଟିଭି ଫୁଟେଜକୁ ଚେକ କରିବାରୁ ତାଙ୍କର ବାଇକ୍‌କୁ ଦୁଇଜଣ ଦୁର୍ବୃତ୍ତ ୧୨.୨୫ ମିନିଟ୍ ସମୟରେ ଚୋରି କରିନେଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ବିପଦଜନକ ଅବସ୍ଥାରେ ଶୁଖିଲା ଚାକୁଣ୍ଡା ଗଛ

# ଭାଙ୍ଗିପଡ଼ିବା ଆଶଙ୍କା, ପ୍ରତିକାର ଦାବି

ବିଞ୍ଝାରପୁର, ୮।୪(ସମିସ): ବିଞ୍ଝାରପୁର ବ୍ଲକର ଚନ୍ଦ୍ରମୁଁ ପଞ୍ଚାୟତର ମଲ୍ଲୀପୁର-ଚନ୍ଦ୍ରମୁଁ ରାଜସ୍ୱ ଗ୍ରାମର ସୀମାନ୍ତବର୍ତ୍ତୀ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଉପରେ ଏକ ଶୁଖିଲା ଚାକୁଣ୍ଡା ଗଛ ରହିଛି। ଏହା ଉପୁଡ଼ି ତାର ଉପରେ ପଡ଼ି ଛିଣ୍ଡି ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଏହାର ପ୍ରତିକାର କରାଯିବାକୁ ସାଧାରଣରେ ଦାବି ହେଉଛି।



ସୂଚନା ମୁତାବକ, ଚନ୍ଦ୍ରମୁଁ ଗ୍ରାମର ଗୌରୀଦେବୀ ମନ୍ଦିର ଗଡ଼ା ରାସ୍ତାରେ ଚନ୍ଦ୍ରମୁଁ ସ୍କୁଲକୁ ଯିବା ରାସ୍ତା ଉପରେ ୧୧ କେଭି ତାର ଯାଇଛି। ଏହି ତାର ଉପରେ ଏକ ବିଶାଳ ଚାକୁଣ୍ଡା ଗଛର ଡାଳ ରହିଛି। ବିଦ୍ୟୁତ ସ୍ପର୍ଶରେ ଏହି ଚାକୁଣ୍ଡା ଗଛଟି ଶୁଷ୍କ ହୋଇଯିବା ସହିତ ସମ୍ପ୍ରତି ମୃତ ଅବସ୍ଥାରେ ଅଛି। ବିଦ୍ୟୁତ୍ ତାର ଉପରର ଏହି ବିଶାଳ ଡାଳଟି ଫାଟିଯାଇଛି। କେଉଁ ମୁହୂର୍ତ୍ତରେ ଏହା ଭାଙ୍ଗି ପଡ଼ି ତାର ଉପରେ ପଡ଼ିପାରେ ଓ ବିଦ୍ୟୁତ୍ ତାର ଛିଣ୍ଡିବା ଆଶଙ୍କା ସୃଷ୍ଟି ହୋଇଛି। ଏହି ରାସ୍ତାରେ ବିଦ୍ୟାଳୟକୁ ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ଥାନୀୟ ବାସିନ୍ଦା, ଚାଷୀ ଦୈନିକ ଯାତାୟାତ କରୁଛନ୍ତି। କେଉଁ ମୁହୂର୍ତ୍ତରେ ଶୁଖିଲା ଚାକୁଣ୍ଡା ଗଛ ବିପଦ ସୃଷ୍ଟି କରିପାରେ। ଟାଟା ପାୱାରର ସ୍ଥାନୀୟ କର୍ମଚାରୀ, କନିଷ୍ଠ ଯନ୍ତ୍ରୀଙ୍କୁ ଏ ନେଇ ଅବଗତ କରାଯିବା ସତ୍ତ୍ୱେ ସେମାନେ ନିଦାବିଷ୍ଟ ସାଜିଥିବା ଗଛଟି ଅବସ୍ଥିତ ଥିବା ଜମିର ମାଲିକ କମଳିନୀ ମଲ୍ଲିକ ଅଭିଯୋଗ କରିଛନ୍ତି। ତେବେ ଏଭଳି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ଟାଟା ପାୱାର ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସାମ୍ବାଦିକ କୈଳାସ ଚନ୍ଦ୍ର ମହାନ୍ତି ଦାବି କରିଛନ୍ତି।

# ବିରିପଟାରେ ହରଗୌରୀ ପୂଜା



କୟାଁଗୋଲା, ୮।୪(ସମିସ)

ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତର ବିରିପଟା ଛକରେ ହରଗୌରୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ଶିବ ଚର୍ତୁଦଶୀଠାରୁ ଆରମ୍ଭ ହୋଇଥିଲା। ପ୍ରାୟ ୫ଦିନ ଧରି ଚାଲିଥିଲା ପୂଜା। ବିଗତ ୨୮ ବର୍ଷ ଧରି ହେଉଥିବା ଏହି ପୂଜା ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ପୂଜକ ଭାବେ ଚୈତନ୍ୟ ଶତପଥୀ, ଚନ୍ଦ୍ରମଣି ପଣ୍ଡା ପୂଜା କରିଥିଲେ। ସଂକଳ୍ପଧାରୀ ଭାବେ ବିପିନ ବିହାରୀ ଦାସ ଉପସ୍ଥିତ ଥିଲେ। ସଭାପତି ଅମୀୟ କୁମାର କାଣ୍ଡି, ସମ୍ପାଦକ ତୁଷାର ରଞ୍ଜନ ସାମଲ, ସଭ୍ୟ ମନୋଜ ଧଳ, ମନୋଜ ରାଉତ, ବାପି ଧଳ, ପ୍ରକାଶ ଧଳ, ପ୍ରକାଶ ରାଉତ, ସର୍ବେଶ୍ୱର ସେନାପତି, ବୈକୁଣ୍ଠ ସେନାପତି, ଅଶୋକ ନାଥ ପ୍ରମୁଖଙ୍କ ସହ ଗ୍ରାମବାସୀ ଯୋଗ ଦେଇଥିଲେ।

## କପିଳା-ମଲିଆ-ବଳଭଦ୍ରପୁର ରାସ୍ତା କାମରେ ଅନିୟମିତତା ଅଭିଯୋଗ

# ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି କାମ

ବିଞ୍ଝାରପୁର, ୮।୪(ସମିସ)

ବିଞ୍ଝାରପୁର ବ୍ଲକରେ ଗମନାଗମନର ବିକାଶ କ୍ଷେତ୍ରରେ କହିବାକୁ ଗଲେ ଏକ ବିପ୍ଳବ ସୃଷ୍ଟି ହୋଇଛି। ବିଭିନ୍ନ ଅଗମ୍ୟ ଅଞ୍ଚଳକୁ ନୂଆ ନୂଆ ଯୋଜନାରେ ଗମନାଗମନର ସୁବିଧା ସୃଷ୍ଟି ହୋଇଛି। ମାତ୍ର ବିଭାଗୀୟ ଅଧିକାରୀଙ୍କୁ ହାତ କରି କେତେଲ ମୁନାଫାଖୋର ଠିକାଦାର ସରକାରୀ ଯୋଜନାର ଲକ୍ଷ୍ୟକୁ ଭଣ୍ଡୁର କରୁଥିବା ଅଭିଯୋଗ ହୋଇଛି। ଏହା କପିଳା-ମଲିଆ-ବଳଭଦ୍ରପୁର ରାସ୍ତା କ୍ଷେତ୍ରରେ ଦେଖିବାକୁ ମିଳିଛି।



ସୂଚନା ମୁତାବକ, କପିଳା ଛକରୁ ମଲିଆ ଓ ବଳଭଦ୍ରପୁର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ତଥା ବିକାଶ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା ନିର୍ମାଣ ପାଇଁ ୩୫ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଏକ ଅସମର୍ଥିତ ସୂତ୍ରରୁ ଜଣାଯାଇଛି। ତେବେ ଠିକା ସଂସ୍ଥା ପକ୍ଷରୁ ଏହି ନିର୍ମାଣର ସୂଚନା ଫଳକ ଲଗାଯାଇନାହିଁ। ଜନସାଧାରଣଙ୍କୁ ଅନ୍ଧାରରେ ରଖି ସମ୍ପୃକ୍ତ ଠିକା ସଂସ୍ଥା ମୁନାଫାଖୋର ସବଲେଟ ଲଗାଇ କାମ କରାଉଥିବା ଜଣାଯାଇଛି। କାମର ପ୍ରାରମ୍ଭିକ ପର୍ଯ୍ୟାୟରେ ମାଟି ପକାଇ ରାସ୍ତାର ପ୍ରଶସ୍ତିକରଣ କରାଯିବା କଥା। କିନ୍ତୁ ରାସ୍ତାର ଦୁଇ ପାର୍ଶ୍ୱରୁ ମାଟି ଖୋଳାଯାଇ ରାସ୍ତାକୁ ନାମକୁମାତ୍ର ପ୍ରଶସ୍ତ କରାଯାଉଥିବା ଦେଖିବାକୁ ମିଳିଛି। ନାଳ ଓ ଜୋର କଡ଼ରେ ୱାଲ ନିର୍ମାଣ କରାଯିବା କଥା। ଏଷ୍ଟିମେଟରେ ସ୍ଥାନ ପାଇଥିବାରୁ ତାଲୁକପଡ଼ା ଗ୍ରାମ ପୂର୍ବରୁ ଜେଏମ ମହିଳା କଲେଜ ସାମ୍ନାରୁ ୱାଲ ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି। ଏହି ନିର୍ମାଣ ଅତ୍ୟନ୍ତ ନିମ୍ନମାନର ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହିତ କାମ ବନ୍ଦ କରିଦେଇଥିବା ଜଣାଯାଇଛି। ଏହି ୱାଲ ନିର୍ମାଣ ପାଇଁ ଖୋଳାଯାଉଥିବା ଡ୍ରେନ୍ ପାଣି ଶୁଖା ନ ଯାଇ ପାଣି ଉପରେ ଢଳାଇ କରାଯାଉଛି। ନିମ୍ନମାନର ବାଲି, ଗୋଡି, ସିମେଣ୍ଟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏହି ନିର୍ମାଣ କାମ ଚାଲିଥିବାବେଳେ ଠିକାସଂସ୍ଥା ନିଜର ବନ୍ଧୁ ବିରାଦରଙ୍କୁ ସବଲେଟ ଦେଇ ଚୁପ୍ ବସି ରହିଥିବା ଜଣାଯାଇଛି। ବିଞ୍ଝାରପୁର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ନିର୍ମାଣ ସ୍ଥଳ ଓ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିବାବେଳେ ପଚାରିଲେ ସାଇଡ୍‌ରେ ଅଛନ୍ତି ବୋଲି କହୁଛନ୍ତି। ସାଇଡରେ ଥାଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କଣ ଏଭଳି ଅନିୟମିତତାର ପୃଷ୍ଟପୋଷକତା କରୁଛନ୍ତି କି ବୋଲି ଅଭିଯୋଗକାରୀ କହିଛନ୍ତି। ବିଞ୍ଝାରପୁର ପୂର୍ତ୍ତ ଉପବିଭାଗ ଉପନିର୍ବାହୀ ଯନ୍ତ୍ରୀ ଇଂ. ରାମଚନ୍ଦ୍ର ମଲ୍ଲିକ ଅଭିଯୋଗର ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

# ରାଇଛନ୍ଦା ବାଲିଘାଟରୁ ବେଆଇନ ବାଲି ଚାଲାଣ ଅଭିଯୋଗ

କବାଟବନ୍ଧ, ୮।୪ (ସମିସ)

ଧର୍ମଶାଳା ତହସିଲ ଅନ୍ତର୍ଗତ ବଳରାମପୁର ରାଜସ୍ୱ ନିରୀକ୍ଷକ (୨) ଅଧୀନ ରାଇଛନ୍ଦା ବାଲିଘାଟରୁ କିଛିଦିନ ହେବ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଜଣାପଡ଼ିଛି। ଲଘୁ ଖଣିଜ ସମ୍ପଦ ଦାୟିତ୍ୱ ରାଜସ୍ୱ ବିଭାଗ ଅଧୀନରୁ ଖଣି ବିଭାଗକୁ ହସ୍ତାନ୍ତର ହେବା ପରେ ଏହି ଲୁଟ୍ ବଢୁଥିବା ଅଭିଯୋଗ ହୋଇଛି।

ସୂଚନାମୁତାବକ, ପୂର୍ବରୁ ରାଜସ୍ୱ ବିଭାଗ ଅଧୀନରେ ଥିବାବେଳେ ଏହି ବାଲିଘାଟକୁ ଏସଟି ମିନେରାଲକୁ ବାଲି ଉତ୍ତୋଳନ ପାଇଁ ସରକାରୀ ଅନୁମତି ମିଳିଥିଲା। ଚୁକ୍ତି ମୁତାବକ ଲିଜଧାରୀ ଏସଟି ମିନେରାଲକୁ ୨୦୨୧-୨୨ ଆର୍ôଥକ ବର୍ଷରେ ୧୬.୮୦୦ ଘନ ମିଟର ଓ ୨୦୨୨-୨୩ ଆର୍ôଥକ ବର୍ଷରେ ୧୪.୩୬୦ ଘନ ମିଟର ବାଲି ଉତ୍ତୋଳନ ପାଇଁ ଅନୁମତି ମିଳିଥିଲା। ପରେ ଏଠାରୁ ଅନୁମତି ଅପେକ୍ଷା ଅଧିକ ପରିମାଣରେ ବାଲି ଉତ୍ତୋଳନ କରାଯାଉଥିବାରୁ ଲୋକାୟୁକ୍ତ ଓ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ତେବେ ଚଳିତବର୍ଷ ଏଠାରୁ ପୁନଃ ବାଲି ଉଠୁଥିବା ଦେଖିବାକୁ ମିଳିଛି। ପ୍ରୋକ୍ଲିନ ମେସିନ ସାହାଯ୍ୟରେ ଦୈନିକ ହାଇୱା, ଡମ୍ପର ଆଦି ଗାଡ଼ିରେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ବାଲି ପରିବହନ ହେଉଛି। ଏହି ବାଲିଘାଟକୁ କାହାକୁ ଲିଜ୍ ଦିଆଯାଇଛି ଓ କେତେ ପରିମାଣର ଲିଜ୍ ଏରିଆ ଆଦି କୌଣସି ସୂଚନା ନାହିଁ। ବାଲିଘାଟ ପାଇଁ ବିଭିନ୍ନ ମାନଦଣ୍ଡ ପୂରଣ କରିବା ତଥା ନିୟମର କଡ଼ା ସରକାରୀ ନିର୍ଦ୍ଦେଶ ରହିଛି। ସର୍ବସାଧାରଣ ଜାଣିବା ପାଇଁ ଏଠାରେ ସୂଚନା ଫଳକ ଲଗାଯାଇନାହିଁ। ଏହି ବାଲିଘାଟକୁ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ବନ୍ଧରେ ଜାଣିବା ପାଇଁ ବିଭାଗୀୟ ଅଧିକାରୀ ଶ୍ରୀ ଯଶକେତନ ସେଠୀଙ୍କୁ ଫୋନ ଯୋଗେ ପଚାରିବାରୁ ସେ କିଛି କହିବାକୁ ମନା କରି ଦେଇଥିଲେ।



## ୨୦୨୪ ଲୋକସଭା ନିର୍ବାଚନ: ସ୍ଥିତି ଓ ସମ୍ଭାବନା

## ତାମିଲନାଡୁ: ଆସନ ସଂଖ୍ୟା ୩୯

**ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ : ଡିଏମ୍‌କେ, ଏଆଇଡିଏମ୍‌କେ , କଂଗ୍ରେସ, ବିଜେପି, ସିପିଆଇ, ସିପିଆଇ(ଏମ), ଏମ୍‌ଡିଏମ୍‌କେ, ଇଣ୍ଡିଆନ ମୁସ୍‌ଲିମ୍ ଲିଗ୍**

# ତିନି ମେଣ୍ଟ ଭିତରେ ଲଢ଼େଇ




ଦକ୍ଷିଣ ଭାରତ ରାଜନୀତିରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ତାମିଲନାଡୁରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଛି। ରାଜ୍ୟର ମୋଟ ୩୯ଟି ଲୋକସଭା ଆସନ ପାଇଁ ଗୋଟିଏ ଦିନରେ ନିର୍ବାଚନ ହେବାକୁ ଥିବାରୁ ସବୁ ପ୍ରମୁଖ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ୨୦୧୯ ନିର୍ବାଚନରେ ଶାସକ ଡିଏମକେ ଓ ଏହାର ମେଣ୍ଟ ୩୯ଟି ଆସନ ମଧ୍ୟରୁ ୩୮ଟି ଆସନରେ ବିଜୟୀ ହୋଇଥିଲେ। ଡିଏମକେ କେବଳ ୨୦ଟି ଆସନରେ ବିଜୟୀ ହୋଇଥିଲା ବେଳେ କଂଗ୍ରେସ ୦୯,ସିପିଆଇ(ଏମ) ୦୨,ସିପିଆଇ ୦୨,ଭିସିକେ ୦୨,ଇଣ୍ଡିଆନ ମୁସଲିମ୍ ଲିଗ୍ ୦୧ ଏବଂ ଭାଇକୋଙ୍କ ଏମଡିଏମକେ ୦୧ ଆସନରେ ବିଜୟୀ ହୋଇଥିଲେ। କିନ୍ତୁ ୨୦୨୪ ନିର୍ବାଚନ ପାଇଁ ତାମିଲନାଡୁ ରାଜନୀତିରେ ସ୍ଥିତି ବଦଳିଯାଇଛି। ଡିଏମକେ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳ ସହ ମେଣ୍ଟ କରି ନିର୍ବାଚନ ଲଢୁଥିବା ବେଳେ ଏଆଇଏଡିଏମକେ କୌଣସି ଜାତୀୟ ଦଳ ସହ ମେଣ୍ଟ କରିନାହିଁ। ପୂର୍ବରୁ ଏଆଇଏଡିଏମକେ ବିଜେପି ସହ ମେଣ୍ଟ କରି ନିର୍ବାଚନ ଲଢୁଥିଲା। କିନ୍ତୁ ଚଳିତ ନିର୍ବାଚନରେ ଏହି ଦଳ କେବଳ କିଛି ଆଞ୍ଚଳିକ ଦଳ ସହ ବୁଝାମଣା କରି ନିର୍ବାଚନ ଲଢୁଛି। ସେହିପରି ବିଜେପି ମଧ୍ୟ ଅନ୍ୟ କିଛି ଆଞ୍ଚଳିକ ଦଳ ସହ ମେଣ୍ଟ କରି ଉଭୟ ଡିଏମକେ, ଏଆଇଡିଏମକେ ଏବଂ କଂଗ୍ରେସ ବିରୋଧରେ ନିର୍ବାଚନ ଲଢିବାକୁ ଅଣ୍ଟା ଭିଡିଛି। ଫଳରେ ତାମିଲନାଡୁରେ ଏଥର ମୁଖ୍ୟତଃ ତିନି ମେଣ୍ଟ ମଧ୍ୟରେ ଲଢେଇ ହେବାକୁ ଯାଉଥିବା ବେଳେ ପୂର୍ବ ଭଳି ଅଧିକାଂଶ ସ୍ଥାନରେ ଡିଏମକେ ଏବଂ ଏଆଇଏଡିଏମକେ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ୩୯ଟି ଆସନ ମଧ୍ୟରୁ ଡିଏମକେ ୨୨ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବାକି ଆସନ ଏହାର ମେଣ୍ଟ ସଦସ୍ୟ ଦଳଙ୍କୁ ଛାଡି ଦେଇଛି। ଅନ୍ୟ ଦଳ ମାନଙ୍କ ମଧ୍ୟରେ ଡିଏମକେ ସହ କଂଗ୍ରେସ ୯, ସିପିଆଇ(ଏମ) ୨, ସିପିଆଇ ୨, ଇଣ୍ଡିଆନ ମୁସଲିମ ଲିଗ୍ ୧, ଭିସିକେ ୨, ଏମଡିଏମକେ ୧ ଆସନରେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ହୋଇଛି। ସେହିପରି ବିଜେପି ୨୩ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବାକି ଆସନରେ ଏହାର ୯ ମେଣ୍ଟ ସଦସ୍ୟ ଦଳ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ଅନ୍ୟ ସଦସ୍ୟ ଦଳମାନଙ୍କ ମଧ୍ୟରେ ପିଏମକେ ୧୦,ତାମିଲ ମାନିଲା କଂଗ୍ରେସ(ମୁପନ୍ନର)୩, ଏଏମଏମକେ ୨ ଏବଂ ଏଆଇଏଡିଏମକେ ରୁ ଅଲଗା ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପନିରସେଲଭମ ସ୍ୱାଧୀନ ଭାବେ ଏହି ମେଣ୍ଟ ନିଶାଣରେ ଲଢିବାକୁ ନିଷ୍ପତ୍ତି ହୋଇଛି।

ରାଜ୍ୟର କେତେକ ପ୍ରମୁଖ ଆସନରେ ଶାସକ ଡିଏମକେ ଦଳକୁ ଏଆଇଏଡିଏମକେ ଏବଂ ବିଜେପି ସିଧାସଳଖ ଟକ୍କର ଦେଉଥିବାରୁ ୨୧ଟି ଆସନରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ତେବେ ଚଳିତ ନିର୍ବାଚନରେ ବିଜେପି ହିନ୍ଦୁତ୍ୱକୁ ପ୍ରସଙ୍ଗ କରି ତାମିଲନାଡୁରେ ଉନ୍ନତ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି।

### ୨୦୧୯ ନିର୍ବାଚନ ସ୍ଥିତି

| | |
|---|---|
| ଡିଏମ୍‌କେ | ୨୦ |
| କଂଗ୍ରେସ | ୦୯ |
| ସିପିଆଇ(ଏମ୍) | ୦୨ |
| ସିପିଆଇ | ୦୨ |
| ଭିସିକେ | ୦୨ |
| ମୁସ୍‌ଲିମ୍ ଲିଗ୍ | ୦୧ |
| ଏମ୍‌ଡିଏମ୍‌କେ | ୦୧ |



# ତାମିଲନାଡୁ ରାଜନୀତିର ନୂଆ ଷ୍ଟାର୍ଟଅପ୍ ଆନାମଲାଇ

ଦକ୍ଷିଣ ଭାରତର ୫ ରାଜ୍ୟ ତାମିଲନାଡୁ, କର୍ଣ୍ଣାଟକ, କେରଳ, ତେଲଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ କେବଳ କର୍ଣ୍ଣାଟକରେ ହିଁ ବିଜେପି ପୂର୍ବରୁ ସଫଳ ହୋଇଥିଲା। ୨୦୧୯ ନିର୍ବାଚନରେ ବିଜେପି ଓ ଏହାର ସହଯୋଗୀ ଦଳ ସର୍ବାଧିକ ଆସନ ଦଖଲ କରିଥିବାରୁ କର୍ଣ୍ଣାଟକକୁ ବିଜେପି ଦକ୍ଷିଣ ଭାରତର ପ୍ରବେଶ ଦ୍ୱାର ଭାବେ ବିବେଚିତ କରିଥିଲା। କର୍ଣ୍ଣାଟକରୁ ହିଁ ଅନ୍ୟ ଦକ୍ଷିଣ ରାଜ୍ୟକୁ ଦଳ ତାହାର କ୍ଷମତା ବିସ୍ତାର କରିବାକୁ ଯୋଜନା କରିଥିଲା ବେଳେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ ବିଜେପି ପାଇଁ ଶକ୍ତ ଧକ୍କା ହୋଇଥିଲା। ରାଜ୍ୟରେ କଂଗ୍ରେସ କ୍ଷମତାସୀନ ହେବା ପରେ ବିଜେପି ନିଜର ଯୋଜନାକୁ ନେଇ ପୁଣି ପଛକୁ ଫେରିବାକୁ ବାଧ୍ୟ ହୋଇଥିଲା। କର୍ଣ୍ଣାଟକ ବ୍ୟତୀତ ଅନ୍ୟ ରାଜ୍ୟମାନଙ୍କରେ ବିଜେପିର କିଛିଟା ପ୍ରଭାବ ରହିଥିଲେ ହେଁ ତାମିଲନାଡୁ ରାଜନୀତିରେ ଦଳର କୌଣସି ପ୍ରଭାବ ଦେଖିବାକୁ ମିଳିନାହିଁ। କିନ୍ତୁ ଚଳିତ ନିର୍ବାଚନରେ ବିଜେପି କିଛି ଚମକାଇବା ଭଳି ସଫଳତା ହାସଲ କରିବାକୁ ବାଟ ସଫା କରିଛି। ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ବିଜେପି ଏହି ରାଜ୍ୟ ପାଇଁ ରଣନୀତି ପ୍ରସ୍ତୁତି କରିବା ସହିତ ତାମିଲ ଅସ୍ମିତା, ସଂସ୍କୃତି , ଭାଷା ଓ ସାହିତ୍ୟକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଭଳି ଭୂମିକା ନିଭାଇ ଆସିଛନ୍ତି ତାହା ତାମିଲନାଡୁବାସୀଙ୍କ ପାଇଁ ବିଜେପି ପ୍ରତି ଆକୃଷ୍ଟ ହେବାର ବାଟ ଖୋଲିଛି। ବିଶେଷକରି ତାମିଲନାଡୁର ସେଂଗୋଲ ପରମ୍ପରାକୁ ମୋଦୀ ସଂସଦରେ ସ୍ଥାନିତ କରିବା ଏବଂ ଅଯୋଦ୍ଧାରେ ପ୍ରଭୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବେଳେ ତାମିଲନାଡୁର ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିବା ରାଜ୍ୟ ହିନ୍ଦୁ ସଂପ୍ରଦାୟଙ୍କ ସମର୍ଥନ ପାଇବାକୁ ବାଟ କଢାଇଛି। ଏହାବ୍ୟତୀତ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବହୁ ଭିତ୍ତିଭୂମି ପ୍ରକଳ୍ପ ପ୍ରତିଷ୍ଠା କରି ମୋଦୀ ରାଜ୍ୟବାସୀଙ୍କ ନିକଟରେ ନିଜର ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୋଇପାରିଛନ୍ତି। ଏସବୁ ବ୍ୟତୀତ ତାମିଲନାଡୁ ବିଜେପି ମଙ୍ଗ ଧରିଥିବା ଯୁବନେତା କୁପୁ ଆନ୍ନାମଲାଇ ବିଜେପି ପାଇଁ ଚଳିତ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ଏକ ନିଷ୍ଠାବାନ, ସଚ୍ଚୋଟ ଆଇପିଏସ୍ ଅଫିସର ଭାବେ ଆନ୍ନାମଲାଇଙ୍କ ବ୍ୟକ୍ତିତ୍ୱ ଏବଂ ଚରିତ୍ର ତାମିଲନାଡୁବାସୀଙ୍କ ନିକଟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ବେଳେ ହିନ୍ଦୁବାଦୀ ଏବଂ ଲୋକପ୍ରିୟ ଯୁବନେତା ଭାବେ ତାଙ୍କର ପ୍ରଦର୍ଶନ ବିଜେପିକୁ ବଡ଼ ସଫଳତା ଦେବ ବୋଲଲି ଏକପ୍ରକାର ନିଶ୍ଚିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗୁଡ୍‌ଲିଷ୍ଟରେ ରହିଥିବା ଏହି ନେତାଙ୍କ ଲୋକପ୍ରିୟତା ଉଭୟ ଡିଏମକେ ଏବଂ ଏଆଇଏଡିଏମକେ ପାଇଁ ମଧ୍ୟ ବଡ଼ ଆହ୍ୱାନ ସୃଷ୍ଟି କରିବ ବୋଲି କୁହାଯାଉଛି। ଏକଦା ତାମିଲନାଡୁରେ ବିଜେପିର କୌଣସି ସତ୍ତା ନଥିଲା ବେଳେ ହିନ୍ଦୁ ଏବଂ ରାଷ୍ଟ୍ରବାଦୀ ସଂଗଠନଗୁଡିକୁ ଆନ୍ନାମଲାଇ ଏକାଠି କରି ରାଜ୍ୟର ଚିରାଚରିତ ରାଜନୀତିରେ ଦ୍ରୁତ ପରିବର୍ତ୍ତନ ଆଣିବାକୁ ଯେଭଳି ଉଦ୍ୟମ ଚଳାଇଛନ୍ତି ତାହା କେବଳ ତାଙ୍କର ବ୍ୟକ୍ତିଗତ ରାଜନୀତିକ କ୍ୟାରିୟର ନୁହେଁ, ବରଂ ବିଜେପିକୁ ଭାରୀ ଶ୍ରେୟ ଦେବ ବୋଲି କୁହାଯାଉଛି। ଦକ୍ଷିଣ ଭାରତର ମୋଦୀ କୁହାଯାଉଥିବା ଆନ୍ନାମଲାଇ ତାଙ୍କର ରାଜନୀତିକ ପ୍ରଦର୍ଶନ ପାଇଁ କେବଳ ତାମିଲନାଡୁ ନୁହେଁ, ବରଂ ଜାତୀୟ ସ୍ତରରେ ମଧ୍ୟ ବେଶ ହଇଚଇ ସୃଷ୍ଟି କରିଛନ୍ତି। ତାଙ୍କ ନେତୃତ୍ୱରେ ବିଜେପି ତାମିଲନାଡୁ ରାଜନୀତିରେ ଏକ ନୂଆ ଦିଗ ସୃଷ୍ଟି କରିବା ସହିତ ସମଗ୍ର ଦକ୍ଷିଣ ଭାରତୀୟ ରାଜନୀତି ପାଇଁ ମଧ୍ୟ ସେ ଆଗକୁ ପ୍ରମୁଖ ଭୂମିକା ନିଭାଇବେ ବୋଲି କୁହାଯାଉଛି।



■ ଲୋକସଭା ନିର୍ବାଚନ ୨୦୨୪

## ଏସ୍‌ସି/ ଏସ୍‌ଟିଙ୍କ ପାଇଁ ସଂରକ୍ଷିତ ୧୩୧ ଆସନ

ଲୋକସଭା ନିର୍ବାଚନ ପାଇଁ ଜୋରସୋରରେ ପ୍ରଚାରପ୍ରସାର ଚାଲିଛି। ସମସ୍ତ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଚଳିତ ନିର୍ବାଚନରେ ୫୪୩ ଲୋକସଭା ଆସନରୁ ୧୩୧ଟି ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ଙ୍କ ପାଇଁ ସଂରକ୍ଷିତ ରହିଛି। ଏଥିରୁ ଏସ୍‌ସିଙ୍କ ପାଇଁ ୮୪ ଏବଂ ଏସ୍‌ଟିଙ୍କ ଲାଗି ୪୭ଟି ଆସନ ରହିଛି। ଏହି ସବୁ ଆସନରେ ଓବିସି ଏବଂ ସାଧାରଣ ବର୍ଗର ଲୋକ ନିର୍ବାଚନ ଲଢ଼ିପାରିବେ ନାହିଁ।

## କେଉଁମାନେ ଦେଇପାରିବେ ଭୋଟ



ଲୋକସଭା ନିର୍ବାଚନରେ ଭାରତୀୟ ନାଗରିକ ଭୋଟ ଦେଇପାରିବେ। ଏଥିପାଇଁ ୧୮ ବର୍ଷରୁ ଅଧିକ ବୟସ ହୋଇଥିବା ଆବଶ୍ୟକ। ତେବେ ସେହି ବ୍ୟକ୍ତି କୌଣସି ଆପରାଧିକ ମାମଲାରେ କୋର୍ଟ ଦୋଷୀ ସାବ୍ୟସ୍ତ ନ କରିଥିବା ଦରକାର। ସେ ମାନସିକ ଭାବେ ସୁସ୍ଥ ଥିବା ଜରୁରୀ।

## ଜୁନ୍ ୧୬ରେ ସରୁଛି ୧୭ତମ ଲୋକସଭାର କାର୍ଯ୍ୟକାଳ

ଲୋକସଭା ନିର୍ବାଚନର କାର୍ଯ୍ୟକାଳ ୫ ବର୍ଷ ହୋଇଥାଏ। ଯଦି ସବୁ କିଛି ଠିକ୍ ରୁହେ ଏବଂ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ନ ହୁଏ ତେବେ ପରବର୍ତ୍ତୀ ଅବଧି ପାଇଁ ଯଥା ସମୟରେ ନିର୍ବାଚନ ହୋଇଥାଏ। ଏବେ ୧୭ତମ ଲୋକସଭା ଚାଲିଛି। ଏହି କାର୍ଯ୍ୟକାଳ ଜୁନ୍ ୧୬ରେ ଶେଷ ହେବ। ଏହା ପୂର୍ବରୁ ନିର୍ବାଚନ କମିଶନ (ଇସି) ସାରା ଦେଶରେ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଯିବ। ବିଜୟୀ ସାଂସଦଙ୍କ ତାଲିକା ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ। ଏହାର ଆଧାରରେ ରାଷ୍ଟ୍ରପତି ନୂଆ ଲୋକସଭା ଗଠନ କରିବାକୁ ମଞ୍ଜୁରି ଦେବେ।

**ଭୋଟ ପାଇଁ ସବୁ କିଛି...**

## ଗହମ ଫସଲ କାଟିଲେ ବିଜେପି ପ୍ରାର୍ଥୀ



ଦେଶରେ ନିର୍ବାଚନ ପ୍ରଚାର ଜୋରାଦାର ହେବାରେ ଲାଗିଛି। ପ୍ରାର୍ଥୀ ଗାଁ ଗାଁ ଯାଇ ଲୋକଙ୍କୁ ଭୋଟ ଭିକ୍ଷା କରୁଛନ୍ତି। ଭୋଟ ନେତା ସବୁ କିଛି କରିବାକୁ ପ୍ରସ୍ତୁତ ଅଛନ୍ତି। ଲୋକଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ରାଜନେତା ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି, ଯାହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ରାଜସ୍ଥାନର ଦୌସା ଲୋକସଭା ଆସନରୁ ସୋମବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏଠାକାର ବିଜେପି ପ୍ରାର୍ଥୀ କନ୍ହେୟାଲାଲ ମୀନା ଏବଂ ମହୁଆ ବିଧାୟକ ରାଜେନ୍ଦ୍ର ପ୍ରଧାନଙ୍କ କିଛି ଭିଡିଓ ସାମ୍ନାକୁ ଆସିଛି। ଗ୍ରାମାଞ୍ଚଳରେ ପ୍ରଚାର କରୁଥିବା ସମୟରେ ଉଭୟେ କିଛି ମହିଳା ଏବଂ ପୁରୁଷ ଗହମ ଫସଲ କାଟୁଥିବା ଦେଖିବାକୁ ପାଇଥିଲେ। ମୀନା ଏହା ଦେଖି ଅଟକି ଯାଇଥିଲେ। ପରେ କ୍ଷେତରେ ପହଞ୍ଚି ଲୋକଙ୍କୁ ଭୋଟ ମାଗିଥିଲେ ଏବଂ ସେମାନଙ୍କ ସହ ଗହମ ଫସଲ କାଟି ଥିଲେ। ସେହିପରି ଦୌସା ଆସନର କଂଗ୍ରେସ ପ୍ରାର୍ଥୀ ମୁରାରୀଲାଲ ମୀନା ମଧ୍ୟରେ ପଛରେ ନାହାନ୍ତି। ତାଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ ଏକ କୃଷକ ପରିବାରକୁ ଭେଟୁଥିବା ଦେଖାଯାଉଛି। ପରେ ଟ୍ରାକ୍ଟର ଚଲାଇ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି।

**ଟ୍ରାକ୍ଟର ଚଲାଇଲେ କଂଗ୍ରେସ ପ୍ରାର୍ଥୀ**

## ଜଣା ଅଜଣା...

- ୧୯୫୨ରେ ଦେଶରେ ପ୍ରଥମ ନିର୍ବାଚନ ହୋଇଥିଲା। ଏଥିରେ ୫୧.୫ ପ୍ରତିଶତ ଲୋକ ମତଦାନ କରିଥିଲେ। ୧୭.୩ କୋଟିରୁ ୮.୯ କୋଟି ଲୋକ ମତାଧିକାର ସାବ୍ୟସ୍ତ କରିଥିଲେ। ମାଡ୍ରାସ ରାଜ୍ୟରେ ୨.୭ କୋଟି ଭୋଟର ଥିଲେ। ସେତେବେଳେ ଏହି ରାଜ୍ୟରେ କେରଳ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶର କିଛି ଅଂଶ ସାମିଲ ଥିଲା।
- ୧୯୫୭ରେ କେବଳ ୪୭.୫୭ ପ୍ରତିଶତ ଲୋକ ମତଦାନ କରିଥିଲେ। ୧୯.୩ କୋଟିରୁ ମାତ୍ର ୯.୨ କୋଟି ଲୋକ ଭୋଟ ଦେଇଥିଲେ।
- ୧୯୬୨ରେ ପ୍ରଥମେ ୧୯ ଦିନ ଭିତରେ ମତଦାନ କରିବାକୁ ଘୋଷଣା ହୋଇଥିଲା। ପରେ ଏହାକୁ ହ୍ରାସ କରି ଏକ ସପ୍ତାହରୁ କମ୍ କରି ଦିଆଯାଇଥିଲା। ପ୍ରତି ୯୦୦ ଭୋଟରରେ ଗୋଟିଏ ମତଦାନ କେନ୍ଦ୍ର ହିସାବରେ ଏହି ସଂଖ୍ୟା ବଢ଼ାଇ ୨.୫ ଲକ୍ଷ କରିଦିଆଯାଇଥିଲା। କୌଣସି ଭୋଟରଙ୍କୁ ଭୋଟ ଦେବା ପାଇଁ ଏକ ମାଇଲରୁ ଅଧିକ ଯିବାକୁ ନ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିଲା।
- ହାଇଦରାବାଦର କମ୍ପାନୀ ଏଲ୍‌ୱିନ ମେଟଲ ୱର୍କ୍ସ ପ୍ରଥମ ନିର୍ବାଚନ (୧୯୫୨) ପାଇଁ ନିର୍ବାଚନୀ ବାକ୍ସ ବନାଇ ଥିଲା।

# ଇତିହାସ ସୃଷ୍ଟି କରିବ ୨୦୨୪ ନିର୍ବାଚନ



ଚଳିତ ଲୋକସଭା ନିର୍ବାଚନ ଇତିହାସ ସୃଷ୍ଟି କରିବାକୁ ଯାଉଛି। ଯଦି ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ପୁଣିଥରେ କ୍ଷମତାକୁ ଫେରିବ ତେବେ ବି ନୂଆ ରେକର୍ଡ ସୃଷ୍ଟି ହେବ। ସେ ପ୍ରଥମ ଅଣ-କଂଗ୍ରେସ ନେତା ଭାବେ କ୍ରମାଗତ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହେବେ। ଯଦି ନିର୍ବାଚନ ଫଳାଫଳ ବିଜେପି ବିରୋଧରେ ଯାଏ ତାହେଲେ ବି ଇତିହାସ ପାଲଟିବ। ୨୦୨୪ ସାଧାରଣ ନିର୍ବାଚନ ନରେନ୍ଦ୍ର ମୋଦୀ ବନାମ ବିରୋଧୀ ହୋଇଯାଇଛି। ରାଜନୈତିକ ଦୃଷ୍ଟିରୁ ଶାସକ ଦଳର ମେଣ୍ଟ 'ଏନ୍‌ଡିଏ' ବନାମ ବିରୋଧୀ ମେଣ୍ଟ 'ଇଣ୍ଡି' ହୋଇଯାଇଛି। ଲୋକସଭା ନିର୍ବାଚନରେ ବିଜେପି ୩୭୦ ଏବଂ ଏନ୍‌ଡିଏ ମୋଟ ୪୦୦ରୁ ଅଧିକ ଆସନ ଜିତିବ ବୋଲି ପ୍ରଧାନମନ୍ତ୍ରୀ ଦାବି କରିଛନ୍ତି। ଏନ୍‌ଡିଏର ମୁକାବିଲା କରିବାକୁ କଂଗ୍ରେସ, ଟିଏମ୍‌ସି, ଆମ ଆଦମୀ ପାର୍ଟି, ସମାଜବାଦୀ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ, ଏନ୍‌ସିପି ଶରଦ ପାୱାର, ଶିବସେନା, ଡିଏମ୍‌କେ, ସିପିଆଇ ସମେତ ଅନେକ ଦଳ ଗୋଟିଏ ଛତା ତଳେ ଏକାଠି ହୋଇଛନ୍ତି। ସେହିପରି ଏନ୍‌ଡିଏ ସହ ବିହାରରେ ନୀତୀଶ କୁମାରଙ୍କ ଜେଡିୟୁ, ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି, ଉପେନ୍ଦ୍ର କୁଶ୍ୱାହଙ୍କ ରାଷ୍ଟ୍ରୀୟ ଲୋକ ଦଳ ଏବଂ ଜିତନଲାଲ ମାନ୍‌ଝୀଙ୍କ ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା (ହାମ) ରହିଛି। ଉତ୍ତରପ୍ରଦେଶରେ ସୁଭାସପା, ଆରଏଲଡି, ଅପନା ଦଳ (ସୋନେଲାଲ) ସହ ବିଜେପି ମେଣ୍ଟ କରିଛି। ହିନ୍ଦୀ ବେଲ୍ଟର ୪ ବଡ଼ ରାଜ୍ୟ ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ବ୍ୟତୀତ ଦିଲ୍ଲୀ, ହରିୟାଣା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଉପରେ ରାଜନୈତିକ ବିଶ୍ଳେଷକଙ୍କ ନଜର ରହିଛି। ୨୦୧୯ ସାଧାରଣ ନିର୍ବାଚନରେ ବିଜେପି ଏବଂ ଏନ୍‌ଡିଏ ଏହି ସବୁ ରାଜ୍ୟର ୯୫ ପ୍ରତିଶତ ଆସନରେ ବିଜୟୀ ହୋଇଥିଲା। ଏହା ବ୍ୟତୀତ ଗୁଜରାଟ ଏବଂ ମହାରାଷ୍ଟ୍ରରେ ବିଜେପିକୁ ଲାଭ ମିଳିଥିଲା।

ଏହି ନିର୍ବାଚନ କଂଗ୍ରେସ ପାଇଁ ଅସ୍ତିତ୍ୱର ଲଢ଼େଇ ଭଳି। ଏହା ମଧ୍ୟ ଆଞ୍ଚଳିକ ଦଳଙ୍କ ଭବିଷ୍ୟତ ସ୍ଥିର କରିବ। ଏ ପର୍ଯ୍ୟନ୍ତ ପଶ୍ଚିମବଙ୍ଗରେ ଟିଏମ୍‌ସି ଏବଂ ପଞ୍ଜାବରେ ଆପ୍ ବିଜେପିକୁ କଡ଼ା ଟକ୍କର ଦେଉଛନ୍ତି। ଶିବସେନା ଏବଂ ଏନ୍‌ସିପି ଭାଗ ଭାଗ ହେବା ପରେ ମହାରାଷ୍ଟ୍ରରେ ବିରୋଧୀଙ୍କ ସ୍ଥିତି ଦୁର୍ବଳ ହୋଇ ଯାଇଥିବା ଲାଗୁଛି। ଏବେ ସାରା ଦେଶର ନଜର ଉତ୍ତରପ୍ରଦେଶ ଉପରେ ରହିଛି। ଏହି ରାଜ୍ୟର ୮୦ ଆସନରୁ ଅଧିକାଂଶର ଫଳାଫଳ ଦେଖିବା ପାଇଁ ଲୋକେ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି। ଏହି ଆସନ ମଧ୍ୟରେ ଆମେଥି, ରାୟବରେଲି, ଗାଜିଆବାଦ, ଗୌତମବୁଦ୍ଧ ନଗର, ଲକ୍ଷ୍ନୌ, ମିରଟ, ଆଗ୍ରା, ଗୋରଖପୁର, ମୈନପୁରୀ, କନୌଜ ଆଦି ସାମିଲ ରହିଛି। ଅନେକ ବଡ଼ ମୁହଁ ୟୁପି ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ମିରଟରୁ ରାମାୟଣ ଧାରାବାହିକ ଅଭିନେତା ଅରୁଣ ଗୋଭିଲ, ଲକ୍ଷ୍ନୌରୁ ରାଜନାଥ ସିଂହ, ମଥୁରାରୁ ହେମା ମାଳିନୀ, ମୈନପୁରୀରୁ ଡିମ୍ପଲ ଯାଦବ, ଗୋରଖପୁରରୁ ରବି କିଶନ, ଆଜମଗଡ଼ରୁ ଦିନେଶ ଲାଲ ନିରହୁଆ, ବଦାୟୁଁରୁ ଶିବପାଲ ଯାଦବ, ଆମେଠିରୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ରଣାଙ୍ଗନକୁ ଅବତୀର୍ଣ୍ଣ ହୋଇଛନ୍ତି।

## ବିଜେପିର ଷ୍ଟାର ପ୍ରଚାରକ

ଲୋକସଭା ନିର୍ବାଚନ ପାଇଁ ବିଜେପିର ଷ୍ଟାର ପ୍ରଚାରକଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଗରେ ରହିଛନ୍ତି। ଏହା ପଛକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଅଭିନେତ୍ରୀ ତଥା ସାଂସଦ ହେମା ମାଳିନୀ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି, ବସୁନ୍ଧରା ରାଜେ, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଆଦି ନେତା ସାମିଲ ଅଛନ୍ତି।

# ‘ରାମାୟଣ’ର ସୁଟିଂ ଆରମ୍ଭ



ନୀତେଶ ତିୱାରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ ‘ରାମାୟଣ’କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ କ୍ରେଜ୍ ରହିଛି। ଫିଲ୍ମରେ ରଣବୀର କପୁର ପ୍ରଭୁ ରାମଙ୍କ ଭୂମିକାରେ, ସାଇ ପଲ୍ଲବୀ ସୀତା, ୟଶ୍ ରାବଣ ଓ ସନ୍ନି ଦେଓଲ ହନୁମାନଙ୍କ ଭୂମିକାରେ ନଜର ଆସିବେ। ପ୍ରଥମ ଥର ପାଇଁ ରଣବୀର ଆଧ୍ୟାତ୍ମିକ ପୃଷ୍ଠଭୂମିରେ ନିର୍ମିତ ଚଳଚ୍ଚିତ୍ରରେ ଅଭିନୟ କରୁଛନ୍ତି। ଏଥିପାଇଁ ସେ ବେଶ୍ ଜୋରସୋରରେ ପ୍ରସ୍ତୁତି ମଧ୍ୟ ଚଳାଇଛନ୍ତି। ରଣବୀର ଏଥିରେ ଡାଏଲଗ୍ ଡେଲିଭରି ପାଇଁ ସ୍ୱତନ୍ତ୍ର ତାଲିମ୍ ନେବା ସହ ତୀର ଚାଳନା ମଧ୍ୟ ଶିଖୁଛନ୍ତି। ଇତିମଧ୍ୟରେ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି। ମୁମ୍ବାଇର ଫିଲ୍ମ ସିଟିରେ ‘ରାମାୟଣ’ର ସୁଟିଂ ଆରମ୍ଭ ହୋଇଛି। ଫିଲ୍ମର ସେଟ୍ ଓ କଳାକାରମାନଙ୍କ ଫଟୋ ଲିକ୍ ନ ହେବା ପାଇଁ ଏହାର ଟିମ୍ ଚେଷ୍ଟା ଚଳାଇଛନ୍ତି। କିନ୍ତୁ ଇତିମଧ୍ୟରେ ସୁଟିଂ ସେଟ୍‌ର ଏକ ଭିଡିଓ ଭାଇରାଲ୍ ହୋଇଛି। ଭିଡିଓରେ ସୁଟିଂ ସେଟ୍ ନିକଟରେ ଗହଳି ଲାଗିଥିବାର ଦେଖାଯାଉଛି। ରାଜ ଦରବାର ଭଳି ସେଟ୍‌କୁ ପ୍ରସ୍ତୁତ କରାଯାଇଛି। କିଛି ଲୋକ ହାତରେ କ୍ୟାମେରା ଧରି ସେଟ୍‌ରେ ଠିଆ ହୋଇଥିବାର ଦେଖାଯାଇଛି। ଅଯୋଧ୍ୟା ଭଳି ସେଟ୍ ତିଆରି କରିବାକୁ ଏହାର ନିର୍ମାତା ବେଶ୍ ପରିଶ୍ରମ କରିଛନ୍ତି। ସେଟ୍‌ରେ ଥିବା ପିଲାରଗୁଡ଼ିକରେ ପାରମ୍ପରିକ ଚିତ୍ର ଖୋଦିତ ହୋଇଥିବାର ଦେଖିବାକୁ ମିଳିଛି। ଏହି ସେଟ୍‌କୁ ତିଆରି କରିବା ପାଇଁ ୧୧ କୋଟି ଖର୍ଚ୍ଚ ହୋଇଥିବା ଚର୍ଚ୍ଚା ହେଉଛି। ‘ରାମାୟଣ’କୁ ତିନୋଟି ପାର୍ଟରେ ନିର୍ମାଣ କରାଯିବାର ଯୋଜନା ରହିଛି।


**ସେଟ୍‌ର ଭିଡିଓ ଲିକ୍**

# ଲମ୍ବା ଗୋଡ଼ରେ ବିଶ୍ୱରେକର୍ଡ



ତୁର୍କୀର ସୁଲତାନ କୋସେନ ବିଶ୍ୱର ସବୁଠୁ ଡେଙ୍ଗା ବ୍ୟକ୍ତି ଭାବେ ବିଶ୍ୱ ରେକର୍ଡ କରିଛନ୍ତି। ଯାହାଙ୍କ ଉଚ୍ଚତା ୮ ଫୁଟରୁ ଅଧିକ। ସେହିପରି ବିଶ୍ୱର ସବୁଠୁ ଡେଙ୍ଗୀ ମହିଳା ଭାବେ ତୁର୍କୀର ରୁମେସା ଗେଲଗି ରେକର୍ଡ କରିଛନ୍ତି। ତାଙ୍କ ଉଚ୍ଚତା ୭ ଫୁଟ। ଏହି କ୍ରମରେ ଆମେରିକାର ଜଣେ ଯୁବତୀ ତାଙ୍କ ଉଚ୍ଚତା ପାଇଁ ନୁହେଁ ବରଂ ଲମ୍ବା ଗୋଡ଼ ପାଇଁ ଏବେ ଚର୍ଚ୍ଚାରେ। ଟେକ୍ସାସରେ ରହୁଥିବା ୨୧ ବର୍ଷୀୟା ମେକି କ୍ୟୁରିନ୍ ତାଙ୍କର ଲମ୍ବା ଗୋଡ଼ ଯୋଗୁ ସେ ଏବେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ୬ ଫୁଟ ୧୦ ଇଞ୍ଚ ଉଚ୍ଚତା ବିଶିଷ୍ଟ ମେକି ଏବେ ବିଶ୍ୱର ସବୁଠୁ ଲମ୍ବା ଗୋଡ଼ ଯୁକ୍ତ ମହିଳାଭାବେ ରେକର୍ଡ କରିଛନ୍ତି। ତାଙ୍କର ଗୋଡ଼ର ଉଚ୍ଚତା ୪ ଫୁଟ ୪ ଇଞ୍ଚ। ସେ ଲଗାତାର ୪ ବର୍ଷ ଧରି ବିଶ୍ୱର ସବୁଠୁ ଲମ୍ବା ଗୋଡ଼ ଯୁକ୍ତ ମହିଳା ଭାବେ ରେକର୍ଡ କରିଛନ୍ତି। ମେକି କୁହନ୍ତି, ସ୍କୁଲରେ ପଢ଼ିବାବେଳେ ସେ ତାଙ୍କ ଶ୍ରେଣୀରେ ସବୁଠୁ ଡେଙ୍ଗୀ ଥିଲେ। ସତେବେଳେ ସେ ତାଙ୍କ ଉଚ୍ଚତାକୁ ନେଇ ବହୁତ ରାଗୁଥିଲେ। କାରଣ ପିଲାମାନେ ତାଙ୍କୁ ଏନେଇ ଥଟ୍ଟା ପରିହାସ କରୁଥିଲେ। ସେ ବଡ଼ ହେବା ପରେ ତାଙ୍କ ଉଚ୍ଚତା ପାଇଁ ଗର୍ବ ଅନୁଭବ କଲେ। ବର୍ତ୍ତମାନ ସେ ଅନ୍ୟ ଡେଙ୍ଗୀ ମହିଳାମାନଙ୍କୁ ସେମାନଙ୍କର ଉଚ୍ଚତା ପାଇଁ ଗର୍ବ କରିବାକୁ ଶିଖାଉଛନ୍ତି। ମେକିଙ୍କର ଟିକ୍‌ଟକ୍‌ରେ ୨୦ ଲକ୍ଷରୁ ଅଧିକ ଅନୁଗାମୀ ଅଛନ୍ତି। ମେକି କୁହନ୍ତି, ‘ଅନେକ ସମୟରେ ଲୋକେ ତାଙ୍କ ଲମ୍ବା ଗୋଡ଼ ଦେଖି ଆଶ୍ଚର୍ଯ୍ୟ ହୋଇଯାନ୍ତି। ତେବେ ଅଧିକ ଡେଙ୍ଗା ହେବାରେ ମଧ୍ୟ କିଛି ଅସୁବିଧା ଅଛି। ପ୍ରତ୍ୟେକ ଦ୍ୱାର ଦେଇ ଯିବାକୁ ହେଲେ ତାଙ୍କୁ ନଇଁ କି ଯିବାକୁ ପଡ଼େ। ଏହାବାଦ୍ ଡେଟିଂ ପାଇଁ ମଧ୍ୟ ସମସ୍ୟା ହୁଏ।’ ଉଚ୍ଚତା ପାଇଁ ସେ ସପିଂ ମଲ୍‌ରୁ ତାଙ୍କ ପାଇଁ ମନଲାଖି ପୋଷାକଟିଏ ମଧ୍ୟ କିଣିପାରନ୍ତି ନାହିଁ ବୋଲି ମେକି କହିଛନ୍ତି।

# ବିରଳ ରୋଗ: ସମସ୍ତେ ଦିଶନ୍ତି କଦାକାର



ବିଶ୍ୱରେ କେତେକ ଲୋକ ବିଭିନ୍ନ ପ୍ରକାର ଅଜଣା ତଥା ବିରଳ ରୋଗରେ ପୀଡ଼ିତ ଅଛନ୍ତି। ସେଭଳି ଏକ ରୋଗ ହେଉଛି ଡେମନ୍ ଫେସ୍ ସିଣ୍ଡ୍ରୋମ୍। ଏହା ଏକ ମାନସିକ ରୋଗ, ଯେଉଁଥିରେ ରୋଗୀଙ୍କୁ ଅନ୍ୟମାନଙ୍କ ମୁହଁ କଦାକାର ଦେଖାଯାଏ। ଆମେରିକା ଟେନେସିରେ ରହୁଥିବା ଭିକ୍ଟର ଶରାହ ଏହି ରୋଗରେ ପୀଡ଼ିତ। ୫୯ ବର୍ଷୀୟ ଭିକ୍ଟର ୨୦୨୦ ନଭେମ୍ବର ୧ରେ ଏଥିରେ ପୀଡ଼ିତ ଥିବା ଜାଣିବାକୁ ପାଇଥିଲେ। ପ୍ରଥମେ ଭିକ୍ଟରଙ୍କୁ ତାଙ୍କ ଆପାର୍ଟମେଣ୍ଟରେ ରହୁଥିବା ତାଙ୍କର ଜଣେ ସାଙ୍ଗଙ୍କ ମୁହଁ ତାଙ୍କୁ ଅଜବ ଲାଗିଲା। ଏହାପରେ ଯେତେବେଳେ ବି ସେ ଘରୁ ବାହାରକୁ ବାହାରିଲେ, ଅନୁଭବ କଲେ ଯେ, ଅନ୍ୟମାନଙ୍କ ମୁହଁ ଅପେକ୍ଷାକୃତ ଲମ୍ବା ଏବଂ ଆଖି, ନାକ, କାନ ଓ ପାଟିଗୁଡ଼ିକ ବେଶ୍ ଚଉଡ଼ା ଦେଖାଗଲା। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସେ ଡେମନ୍ ଫେସ୍ ସିଣ୍ଡ୍ରୋମ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଏହି କାରଣରୁ ଲୋକଙ୍କ ମୁହଁ ତାଙ୍କୁ କଦାକାର ଦେଖାଯାଇଥାଏ। ଅନ୍ୟପଟେ ଭିକ୍ଟରଙ୍କୁ ଅନ୍ୟମାନଙ୍କ ମୁହଁ ବିକୃତ ନଜର ଆସିଲେ ମଧ୍ୟ ସେ ଲୋକମାନଙ୍କୁ ଚିହ୍ନିପାରନ୍ତି। ଏବେ ସେ ଏହି ରୋଗ ସହ ଜୀବନ ଜିଇଁବା ଶିଖିଯାଇଥିବା କଥା କହିଛନ୍ତି। ଏବେ ସୁଦ୍ଧା ସାରା ବିଶ୍ୱରେ ଏପରି ୭୫ ମାମଲା ସାମ୍ନାକୁ ଆସିଛି। ତେବେ ଭିକ୍ଟର କାହିଁକି ଏଭଳି ଏକ ରୋଗରେ ଆକ୍ରାନ୍ତ ହେଲେ ତାର କାରଣ ଏଯାବତ୍ ଜଣାପଡ଼ିନାହିଁ।

# ସବୁଠୁ ଦାମୀ ଛତୁ

ଛତୁ ଖାଇବାକୁ କାହାକୁ ଭଲ ନ ଲାଗେ ! ସେହିଭଳି ଛତୁ ନିରାମିଷ ବ୍ୟଞ୍ଜନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କହିଲେ ଭୁଲ ହେବ ନାହିଁ। ତେବେ ବିଶ୍ୱର ସବୁଠୁ ଦାମୀ ଛତୁ ବିଷୟରେ କ୍ୱଚିତ୍ ଲୋକ ଅବଗତ। ଜାପାନର ମାତ୍‌ସୁତେକ ଛତୁ ବିଶ୍ୱର ସବୁଠୁ ଦାମୀ ଛତୁ ଭାବେ ପରିଚିତ। ଏହା ଏକ ପ୍ରକାର ଜଙ୍ଗଲୀ ଛତୁ। ଏସିଆ, ୟୁରୋପ ଓ ଉତ୍ତର ଆମେରିକାର ଲାଲ୍ ଦେବଦାରୁ ଜଙ୍ଗଲରେ ଏହି ଛତୁ ଫୁଟିଥାଏ। ଜାପାନର କ୍ୟୋଟୋ ଅଞ୍ଚଳରେ ଉତ୍ପାଦନ କରାଯାଉଥିବା ଏହି ଛତୁର ତୀବ୍ର ଗନ୍ଧ ଓ ମାଂସଳ ଆକୃତି ପାଇଁ ଲୋକେ ଏହାକୁ ଅଧିକ ପସନ୍ଦ କରନ୍ତି। ଏହି ଛତୁ କେଜିଏ କିଣିବା ପାଇଁ ଭାରତୀୟ ମୁଦ୍ରାରେ ୭୫ ହଜାରରୁ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ତେବେ ଛତୁର ଦାମ୍ ଏତେ ଅଧିକା ହେବାର କାରଣ ପଛରେ ରହିଛି ଏହାର କ୍ରମାଗତ ଉତ୍ପାଦନ ହ୍ରାସ। ଜାପାନ ଓ କୋରିଆର ବ୍ୟଞ୍ଜନଗୁଡ଼ିକରେ ଏହି ଛତୁର ଅଧିକ ବ୍ୟବହାର କରାଯାଏ।



## ଆଜିର ଦିନରେ

- ୧୮୩୮ - ଲଣ୍ଡନରେ ନେସନାଲ୍ ଆର୍ଟ ଗ୍ୟାଲେରୀ ଖୋଲାଗଲା।
- ୧୮୬୦- ପ୍ରଥମ ଥର ପାଇଁ ମଣିଷର ସ୍ୱରକୁ ରେକର୍ଡ କରାଗଲା।
- ୧୯୪୫- ୟୁନାଇଟେଡ୍ ଷ୍ଟେଟ୍‌ସ ଆଟୋମିକ୍ ଏନର୍ଜି କମିଶନର ସ୍ଥାପନା।
- ୧୯୮୮ - ଆମେରିକା ପାନାମା ଉପରେ ଆର୍ଥିକ ପ୍ରତିବନ୍ଧକ ଲଗାଇଲା।
- ୧୯୯୧- ଜର୍ଜିଆ ସୋଭିଏତ୍ ସଂଘରୁ ସ୍ୱାଧୀନ ହେଲା।
- ୨୦୦୫- ବ୍ରିଟେନ ଯୁବରାଜ ଚାର୍ଲସ୍‌ଙ୍କର ବିବାହ କ୍ୟାମିଲାଙ୍କ ସହିତ ସଂପନ୍ନ ହେଲା।
- ୨୦୧୩- ଫ୍ରାନ୍ସ ସିନେଟ୍ ସମଲିଙ୍ଗୀ ବିବାହ ସମ୍ପର୍କୀୟ ଏକ ବିଧେୟକକୁ ମଞ୍ଜୁରୀ ଦେଲା।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଦୃଢ଼ ସଂକଳ୍ପ ସହ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ଷମତା ଉପରେ ଭରସା ରଖନ୍ତୁ। ଆର୍ଥିକ ସମସ୍ୟା ଦୂର ହେବ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ନିଜକୁ କମ୍‌ଜୋର ଭାବନ୍ତୁ ନାହିଁ। ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖଶାନ୍ତି ମିଳିବ।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଜୀବନସାଥୀଙ୍କ ସହଯୋଗ ଲୋଡିବେ। ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି।

**ସିଂହ:** ଭାବିଚିନ୍ତା କାମ କରନ୍ତୁ। ଧନପ୍ରାପ୍ତି ଯୋଗ ରହିଛି। ପିଲାମାନଙ୍କ ଉନ୍ନତିରେ ଅଭିଭାବକ ଖୁସି ଅନୁଭବ କରିବେ। କିଣାବିକାରେ ସମୟ ବିତିବ।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ।

**ତୁଳା:** ଅକସ୍ମାତ ଖୁସି ଖବର ପାଇବେ। ଜୀବନସାଥୀଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ଜୀବନସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି।

**ଧନୁ:** ବନ୍ଧୁମିଳନ ହେବ। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧାର୍ମିକ କାମରେ ବ୍ୟସ୍ତ ରହିବେ।

**ମକର:** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସେବା କରନ୍ତୁ।

**କୁମ୍ଭ:** ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତା କରିବେ। ପିଲାମାନଙ୍କ କାର୍ଯ୍ୟକଳାପରେ ଦିନଟି ଭଲରେ ବିତିବ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖିବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ।

# ମାଇକ୍ରୋ ଗାର୍ଡେନ

## ବିନା ମାଟିରେ ୩୨ ଗଛ



ଆପାର୍ଟମେଣ୍ଟରେ ରହୁଥିବା ଲୋକଙ୍କର ଗଛ ଲଗାଇବା ସଉକ ରହିଥିଲେ ହେଁ, ଏଥିପାଇଁ କୌଣସି ସୁବିଧା ନ ଥାଏ। ଲୋକମାନଙ୍କର ଏହି ସମସ୍ୟାକୁ ଦୂର କରିବାକୁ ଯାଇ ଲକ୍ଷ୍ନୌର ପ୍ରଖର ଅଗ୍ରୱାଲ ଏବଂ ତୟନ ତିୱାରୀ ମାତ୍ର ୪ସ୍କ୍ୱାୟାର ଫୁଟ୍ ସ୍ଥାନରେ ବିନା ମାଟିରେ ୩୨ଟି ଗଛ ଲଗାଇବାକୁ ଏକ ନୂତନ ଷ୍ଟାଣ୍ଡ ବିକଶିତ କରିଛନ୍ତି। ଏହାର ନାଁ ରହିଛି ମାଇକ୍ରୋଗାର୍ଡେନ। ଏହା ଏକ ପ୍ଲାଣ୍ଟର ଷ୍ଟାଣ୍ଡ। ଏହାକୁ ଉପଯୋଗ କରି କମ୍ ସ୍ଥାନରେ ଅଧିକ ସବୁଜ ଗଛ ଲଗାଯାଇପାରେ। ଲମ୍ବାକାର ଏହି ଷ୍ଟାଣ୍ଡଟିକୁ ଛୋଟ ସ୍ଥାନରେ ରଖାଯାଇ ଏଥିରେ ବହୁତ ଗଛ ଲଗାଯାଏ। ତେଣୁ ଘର, ବାଲକୋନି, ଛାତ ଆଦି ସ୍ୱଳ୍ପ ସ୍ଥାନରେ ଏହି ଷ୍ଟାଣ୍ଡ ବ୍ୟବହାରଯୋଗ୍ୟ। ବିନା ମାଟିରେ ବଗିଚା କରିବାକୁ ଚାହିଁ ଦୁଇ ବନ୍ଧୁ ଭିନ୍ନ ଭିନ୍ନ ପିଭିସି ପାଇପ୍ ଉପଯୋଗ କରି ହାଇଡ୍ରୋପୋନିକ ପ୍ରଣାଳୀ ଠାରୁ ସ୍ୱତନ୍ତ୍ର କରିବାକୁ ଏହାକୁ ବିକଶିତ କରିଥିଲେ। ୨୦ଟି ମଡେଲ ଉପରେ କାମ କରିବା ପରେ ଏହି ସ୍ମାର୍ଟ ଭର୍ଟିକାଲ ଗାର୍ଡେନ ଷ୍ଟାଣ୍ଡ ତିଆରି ହୋଇଥିଲା। ଏହି ଷ୍ଟାଣ୍ଡରେ ପନିପରିବା, ଛୋଟ ଗୁଳ୍ମ, ଫୁଲ ଗଛ ଲଗାଯାଇପାରିବ। ଏହି ପ୍ରଣାଳୀରେ ଗଛ ଲଗାଇବା ଦ୍ୱାରା ୯୫% ଜଳ ସଂରକ୍ଷଣ କରାଯାଇପାରେ। ପାଣି ଭୂମିରେ ନଷ୍ଟ ହୁଏ ନାହିଁ। ଏହି ଷ୍ଟାଣ୍ଡର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବିକ୍ରି ହୋଇସାରିଛି।




# ଗ୍ରୀଷ୍ମ ଲହରୀରୁ ଗଛର ସୁରକ୍ଷା

## ଡ୍ରିପ୍ ଇରିଗେସନ୍ ପ୍ରଣାଳୀରେ ଜଳସେଚନ



**ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ଯୋଗୁଁ ମୃତ୍ତିକାର ଉତ୍ତାପ ମଧ୍ୟ ବୃଦ୍ଧି ପାଉଛି। ଫଳରେ ମାଟି ଶୁଖିଯିବା ସହ ବିଭିନ୍ନ ରୋଗପୋକ ଫସଲକୁ ପ୍ରଭାବିତ କରୁଛି। ଏବେ ଫସଲକୁ ଅଧିକ ଜଳ ଆବଶ୍ୟକତା ରହିଥିଲେ ହେଁ, ଫସଲ ଆବଶ୍ୟକ କରୁଥିବା ଜଳ ଅପେକ୍ଷା ବେଶି ମାତ୍ରାରେ ଜଳ ବାଷ୍ପୀୟ ପ୍ରକ୍ରିୟାରେ ନଷ୍ଟ ହେଉଅଛି। ତେଣୁ ଚାଷୀଭାଇ ଗ୍ରୀଷ୍ମ ଲହରୀରୁ ଗଛକୁ ସୁରକ୍ଷା ଦେବା ପାଇଁ ନିର୍ଦ୍ଦିଷ୍ଟ ଦିଗପ୍ରତି ଧ୍ୟାନ ଦେବା ଉଚିତ।**

- ମୃତ୍ତିକାର ଜଳଧାରଣ କ୍ଷମତା ବଢ଼ାଇବା ପାଇଁ ମାଟିରେ ଯଥେଷ୍ଟ ପରିମାଣରେ ଶଢ଼ା ଗୋବର ଖତ/ କମ୍ପୋଷ୍ଟ ଖତ/ ଜିଆଖତ ପ୍ରୟୋଗ କରନ୍ତୁ। ଫସଲର ଦୁଇ ଧାଡ଼ି ମଝିରେ ଜୈବ ଆଚ୍ଛାଦନ କରନ୍ତୁ। ସେହିପରି ଛୋଟ ଗଛ ତଥା ଚାରା କିଆରିକୁ ସେଡ୍‌ନେଟ୍ ଦ୍ୱାରା ଆବୃତ କରନ୍ତୁ। ଫସଲରେ ଉପରଓଳି ଜଳସେଚନ କରିବା ଫଳପ୍ରଦ।
- ସ୍ପ୍ରିଙ୍କଲର ଜଳସେଚନ ବଦଳରେ ଡ୍ରିପ୍ ଇରିଗେସନ ପଦ୍ଧତିରେ ଦିନକୁ ଦୁଇଥର ଜଳସେଚନ କରିପାରିବେ। ଫସଲରେ ରାସାୟନିକ ସାର ପ୍ରୟୋଗ ନ କରି ବା କମ୍ କରି ଶତ ପ୍ରତିଶତ ଜଳ ଦ୍ରବୀଭୂତ ସାର ସିଞ୍ଚନ କରନ୍ତୁ।
- ଫସଲରେ କୌଣସି କୀଟନାଶକ ବା ତୃଣନାଶକ ସକାଳ ଓଳି ପ୍ରୟୋଗ ନ କରି ଉପରଓଳି ପ୍ରୟୋଗ କରନ୍ତୁ। ଅନୁମୋଦିତ ପରିମାଣ ଠାରୁ ଅଧିକ ତୃଣନାଶକ ବ୍ୟବହାର କରନ୍ତୁନି। କୁଣ୍ଡରେ ଲଗାଯାଇଥିବା ଗଛର ଅଧିକ ଯତ୍ନ ନିଅନ୍ତୁ। ସକାଳେ ଓ ସନ୍ଧ୍ୟାରେ ଦୁଇଥର ଜଳସେଚନ କରନ୍ତୁ। କୁଣ୍ଡଗୁଡ଼ିକୁ ସିଧା ସିମେଣ୍ଟ ଚଟାଣରେ ନ ଥୋଇ ଥର୍ମୋକୁଲ୍ ବା ତାପ ସୁପରିବାହୀ ପଦାର୍ଥ ଯଥା-ବାଉଁଶ, ତାଟି ଆଦି ଉପରେ ରଖନ୍ତୁ। ଗରମ ପବନ ଆସୁଥିବା ଦିଗରେ ଓଦା ଅଖାବସ୍ତା, ପୁରୁଣା ସୂତା କପଡାକୁ ଟାଙ୍ଗି ଦିଅନ୍ତୁ। ମାଟିର ଆର୍ଦ୍ରତା ପରଖନ୍ତୁ।

# ଏ ମାସର ଚାଷ




**ଏପ୍ରିଲ-ମଇ ମାସରେ ତାପମାତ୍ରା ଅଧିକ ରହୁଥିବାରୁ ଚାଷ କାମରେ ଅଧିକ ଯତ୍ନ ନେବାକୁ ହୁଏ। ଏମିତି ବି ଅଧିକାଂଶ ଚାଷୀଙ୍କ ପାଖେ ଜଳସେଚନର ସୁବିଧା ନ ଥିବାରୁ ଏମାନେ ଚାଷକାର୍ଯ୍ୟରୁ ବଞ୍ଚିତ ରୁହନ୍ତି। ତେଣୁ ଏହି ମାସରେ କେଉଁ ଚାଷରୁ ଅଧିକ ଲାଭ ମିଳିଥାଏ, ଜାଣି ରଖନ୍ତୁ।**

ଡାଲୁଅ ଧାନର କେଣ୍ଡା ଶତକଡ଼ା ୮୫ ଭାଗ ପାଚି ହଳଦିଆ ପଡ଼ିଯାଇଥିଲେ, ଜମିରୁ କାଟି ଆଣି ଅମଳ କରନ୍ତୁ। ମୁଗ ଓ ବିରି ଜାତୀୟ ଫସଲର ଫୁଲ ଆସିବା ଅବସ୍ଥାରେ ଜଳସେଚନ କରନ୍ତୁ। ସଅଳ ଲଗାଯାଇଥିବା ଚିନାବାଦାମ ଫସଲ ଅମଳ ଅବସ୍ଥାକୁ ଆସିଥିଲେ, ହାଲୁକା ଜଳସେଚନ କରି ଅମଳ କରନ୍ତୁ। ନଳିତା ଚାଷ ଆରମ୍ଭ ପାଇଁ ବର୍ତ୍ତମାନ ଉପଯୁକ୍ତ ସମୟ। ଅଦିନିଆ ବର୍ଷା ହେଲେ, ଖରାଟିଆ ଚାଷ କରନ୍ତୁ। ଏପ୍ରିଲ ମାସରେ ମକା, ଅଦା, ହଳଦୀ ପାଇଁ ଜମି ପ୍ରସ୍ତୁତ କରି ଲଗାନ୍ତୁ। ଫଳ ଗଛ ପାଇଁ ଗାତ ଖୋଳନ୍ତୁ। ସେହିପରି ଖରାଦିନେ କମ୍ ଅବଧିର ମୂଳା ଓ କାକୁଡ଼ି ଚାଷ କରିପାରିବେ। ବାଲିଆ ଓ ଦୋରସା ମାଟିରେ ଏହି ଚାଷ ଭଲ ହୋଇଥାଏ। ଉନ୍ନତ କିସମ ମୂଳା ଚାଷ ୩୦ରୁ ୪୦ ଦିନରେ ପ୍ରସ୍ତୁତ ହୋଇଯାଏ।



# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...



- ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଧାନ ଫସଲରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି। ଏହାର ପରିଚାଳନା ପାଇଁ ଏକରପ୍ରତି ୪୦୦ ମିଲି ଫିପ୍ରିନୋଲ ନାମକ କୀଟନାଶକ କିମ୍ବା ୬୦ ମିଲି କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ କୀଟନାକଶ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଦିନର ତାମପାତ୍ରା ଅଧିକ ଥିବାରୁ ବାଇଗଣ ଓ ଟମାଟୋରେ ଝାଉଁଳା ରୋଗର ପ୍ରାଦୁର୍ଭାବ ଦେଖାଯାଇଛି। ଏହାର ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ଏକ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ।
- ଉଚ୍ଚ ତାପମାତ୍ରା ମକା ଫସଲର ଜଳ ଆବଶ୍ୟକତାକୁ ବଢ଼ାଇ ଦେଇଥାଏ। ଫସଲକୁ ଜଳସେଚନ କରନ୍ତୁ। କ୍ଷେତରେ ଛଅ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଜଳ ସ୍ଥିର ରହିବାକୁ ଦିଅନ୍ତୁ ନାହିଁ।
- ପନିପରିବା ଚାରାକୁ ଅଧିକ ତାମାତ୍ରାରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ଲଗାନ୍ତୁ।
- ଭେଣ୍ଡି ଫସଲରେ ସାହେବୀ ରୋଗର ପରିଚାଳନା ପାଇଁ ଏହାର ବାହକ ଧଳାମାଛିର ନିୟନ୍ତ୍ରଣ ନିହାତି ଜରୁରି। ସାହେବୀ ଗଛ ଗୁଡ଼ିକୁ ଓପାଡି ଦୂରରେ ନଷ୍ଟ କରି ଦିଅନ୍ତୁ। ପ୍ରାଥମିକ ଅବସ୍ଥାରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୧୫୦୦ ପିପିଏମ୍‌କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

### ଜାତୀୟ ହକି ପ୍ରଶିକ୍ଷଣ ଶିବିର ଲାଗି ୩୩ ମହିଳା ମନୋନୀତ

# ଓଡ଼ିଶାରୁ ଆଜ୍‌ମିନା ଓ ମାଧୁରୀ ସାମିଲ

ନୂଆଦିଲ୍ଲୀ,୮ ।୪(ଏଜେନ୍ସି)

ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପ୍ରୋ ଲିଗ୍‌କୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ସୋମାବାର ଏକ ୩୩ ଜଣିଆ ସମ୍ଭାବ୍ୟ ଭାରତୀୟ ଦଳ ଘୋଷଣା କରିଛି । ଏହି ଖେଳାଳିମାନେ ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରୀଡ଼ା ପ୍ରାଧିକରଣରେ ହେବାକୁ ଥିବା ଜାତୀୟ ପ୍ରଶିକ୍ଷଣ ଶିବିରରେ ଅଭ୍ୟାସ କରିବେ । ମେ ୧୬ ପର୍ଯ୍ୟନ୍ତ ଦଳ ବେଙ୍ଗାଲୁରୁରେ ପ୍ରଶିକ୍ଷଣ ନେବ । ପ୍ରଥମେ ଏହି ଶିବିର ପାଇଁ ୬୦ ଜଣ ଖେଳାଳିଙ୍କୁ ସାମିଲ କରାଯାଇଥିଲା । କିନ୍ତୁ ଗତ ୬ ଓ ୭ ତାରିଖରେ ଅନୁଷ୍ଠିତ ହୋଇଥିବା ଚୟନ ଟ୍ରାଏଲ୍‌ରେ ଓ ଜାତୀୟ ଚାମ୍ପିଅନସିପ୍ ପରେ ଖେଳାଳିମାନଙ୍କ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଏହି ଦଳକୁ ଛୋଟ କରିଦିଆଯାଇଛି । ଏହି ସମ୍ଭାବ୍ୟ ଦଳରେ ଦୁଇଜଣ ଓଡ଼ିଆ ଖେଳାଳି ସାମିଲ ହୋଇଛନ୍ତି । ସେମାନେ ହେଲେ ମଧ୍ୟଭାଗ ଖେଳାଳି ଆଜମିନା କୁଜୁର ଓ ଗୋଲରକ୍ଷକ ମାଧୁରୀ କିଣ୍ଡୋ ।

ଆସନ୍ତା ମେ ମାସରେ ମହିଳା ହକି ପ୍ରୋ ଲିଗ୍ ଖେଳାଯିବ । ଏହି ଲିଗ୍‌ରେ ଭାରତୀୟ ଦଳ ଆର୍ଜେଣ୍ଟିନା, ବେଲଜିୟମ, ଜର୍ମାନୀ ଓ ବ୍ରିଟେନ ଭଳି ବିଶ୍ୱସ୍ତରୀୟ ଦଳ ବିପକ୍ଷରେ ମ୍ୟାଚ୍ ଖେଳିବ । ଭାରତୀୟ ଦଳ ଏଥିପାଇଁ ଲଣ୍ଡନ ଓ ଆଣ୍ଟୱେର୍ପ ଯିବ । ଏହି ସମ୍ଭାବ୍ୟ ଦଳରେ ଗୋଲରକ୍ଷକ ସବିତା ପୁନିଆ, ଅଗ୍ରଭାଗ ଖେଳାଳି ବନ୍ଦାନା କାଟାରିୟାଙ୍କ ଭଳି ଅଭିଜ୍ଞ ଖେଳିଙ୍କ ସମେତ ନୂଆ ଖେଳାଳିଙ୍କୁ ମଧ୍ୟ ସାମିଲ କରାଯାଇଛି ।





ଘୋଷିତ ଦଳ ଭବିଷ୍ୟତରେ ଭଲ ଖେଳ ପ୍ରଦର୍ଶନ କରିବ ବୋଲି ହକି ଇଣ୍ଡିଆ ପ୍ରଦର୍ଶନ ନିର୍ଦ୍ଦେଶକ ହେର୍ମାନ କ୍ରୁଇସ୍ କହିଛନ୍ତି । ନିକଟରେ ଅନୁଷ୍ଠିତ ଚତୁର୍ଦ୍ଦଶ ବରିଷ୍ଠ ଜାତୀୟ ମହିଳା ହକି ଚାମ୍ପିଅନସିପ୍‌ରେ ଦେଶରେ ଶ୍ରେଷ୍ଠ ଖେଳାଳିମାନଙ୍କ ପ୍ରଦର୍ଶନ ଭିତ୍ତିରେ ଚୟନ କରାଯାଇଥିଲା । ଦଳରେ ଏବେକାର ଅଧିନାୟିକା ସବିତା ପୁନିଆଙ୍କ ସମେତ ରକ୍ଷଣଭାଗ ଖେଳାଳି ନିକ୍କି ପ୍ରଧାନ, ମଧ୍ୟଭାଗ ଖେଳାଳି ସାଲିମା ଟେଟେ, ଅଜମିନା କୁଜୁର ଓ ନିଶାଙ୍କ ଭଳି ଖେଳାଳିଙ୍କୁ ଏହି ଦଳରେ ସାମିଲ କରାଯାଇଛି । ଏହି ଦଳରେ ମିଜୋରାମର ୨୨ ବର୍ଷୀୟ ଖେଳାଳି ମାରିନା ଲାଲରାମଙ୍ଗଘକ ଓ ୨୫ ବର୍ଷୀୟା ମଣିପୁର ଖେଳାଳି ମନୀଷା ଚୌହାନଙ୍କୁ ଦଳରେ ନିଆଯାଇଛି । ଶେଷଥର ପାଇଁ ୨୦୧୭ ୱାର୍ଲ୍ଡ ଲିଗ୍ ଫାଇନାଲ ଖେଳିଥିବା ପ୍ରୀତି ଦୁବେ ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସେହିପରି ଗୋଲରକ୍ଷକ ମାଧୁରୀ କିଣ୍ଡୋ, ରକ୍ଷଣଭାଗ ଖେଳାଳି ରୋପନୀ କୁମାରୀ ଓ ପ୍ରୀତି, ମଧ୍ୟଭାଗ ଖେଳାଳି ଏଡୁଲା ଜ୍ୟୋତି ଓ ଅଗ୍ରଭାଗ ଖେଳାଳି ଦୀପିକା ସୋରେଙ୍ଗ ଓ ଋତୁଜା ପିସାଲ କନିଷ୍ଠରୁ ବରିଷ୍ଠ ଦଳକୁ ପଦୋନ୍ନୋତି ପାଇଛନ୍ତି । ଏହି ଖେଳାଳିମାନେ ଗତବର୍ଷ କନିଷ୍ଠ ବିଶ୍ୱକପ୍ ଖେଳିଥିଲେ ।

ପ୍ୟାରିସ ଅଲିମ୍ପିକ୍ସ ପାଇଁ ଭାରତୀୟ ମହିଳା ଦଳ ଯୋଗ୍ୟତା ହାସଲ କରିବାରେ ବିଫଳ ହେବା ପରେ ହକି ଇଣ୍ଡିଆ ଏବେ ଭାରତୀୟ ହକିର ପୁନର୍ଗଠନ ଉପରେ ଧ୍ୟାନ ଦେଉଛି । ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଦଳ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା ଓ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲା ।

### ସମ୍ଭାବ୍ୟ ଦଳ

**ଗୋଲରକ୍ଷକ:** ସବିତା ପୁନିଆ, ବିଚ୍ଛୁଦେବୀ ଖରବାମ୍, ବନସାରୀ ସୋଲାଙ୍କି, ମାଧୁରୀ କିଣ୍ଡୋ ।
**ରକ୍ଷଣଭାଗ:** ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧୁରୀ, ମୋନିକା, ରେପନୀ କୁମାରୀ, ମହିମା ଚୌଧୁରୀ, ଜ୍ୟୋତି ଛତ୍ରୀ, ପ୍ରୀତି ।
**ମଧ୍ୟଭାଗ:** ସାଲିମା ଟେଟେ, ମାରିନା ଲାଲରାମଙ୍ଗଘ, ବୈଷ୍ଣବୀ ଫାଲକେ, ନେହା, ଜ୍ୟୋତି, ଏଡୁଲା ଜ୍ୟୋତୀ, ବଲଜିତ କୌର, ମନୀଷା ଚୌହାନ, ଅକ୍ଷତା ଆବାସୋ ଧେକାଲେ, ଅଜମିନା କୁଜୁର, ନିଶା ।
**ଅଗ୍ରଭାଗ:** ମୁମତାଜ ଖାନ୍, ଲାଲରେମସିଆମି, ସଂଗୀତା କୁମାରୀ, ଦୀପିକା, ଶର୍ମିଳା ଦେବୀ, ନବନୀତ କୌର, ଦୀପିକା ସୋରେଙ୍ଗ, ପ୍ରୀତି ଦୁବେ, ବନ୍ଦାନ କାଟାରିୟା ଓ ଋତୁଜା ଦଦାସୋ ପିସାଲ ।

### ଆଇପିଏଲ୍-୧୭

# ୫ ୱିକେଟ ନେବାରେ ଯଶ୍ ଠାକୁର ପ୍ରଥମ



**ନୂଆଦିଲ୍ଲୀ, ୮ ।୪(ଏଜେନ୍ସି):** ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍-୧୭)ରେ ବ୍ୟକ୍ତିଗତ ଅପେକ୍ଷା ଦଳଗତ ପ୍ରଦର୍ଶନ ଉଚ୍ଚକୋଟୀର ହୋଇଛି । ଯାହା ଫଳରେ ଆଇପିଏଲ୍ ସର୍ବୋଚ୍ଚ ସ୍କୋର, ସର୍ବାଧିକ ହାରାହାରି ସ୍କୋର ଭଳି ଘଟଣା ଦେଖିବାକୁ ମିଳିଛି । ଏହା ମଧ୍ୟରେ ଲକ୍ଷ୍ନୌ ସୁପର ଜାଏଣ୍ଟସର ଫାଷ୍ଟ ବୋଲର ମୟଙ୍କ ଯାଦବ ଖବରର ଶିରୋନାମା ପାଲଟିଛନ୍ତି । ଏହା ମଧ୍ୟରେ ୪ଟି ଯାକ ପୂର୍ବ ମୁକାବିଲାରେ ଗୁଜରାଟ ଟାଇଟନ୍ସଠାରୁ ପରାଜିତ ହୋଇଥିବା ଲକ୍ଷ୍ନୌ ସୁପର ଜାଏଣ୍ଟସ ଘରୋଇ ମାଟିରେ ଭେଟିଥିଲା । ଏହି ମ୍ୟାଚ୍‌ରେ ଦଳ ନିଶ୍ଚିତ ଜିତିବ ବୋଲି ଆଶା କରିଥିଲେ ମଧ୍ୟ ପ୍ରଥମେ ବ୍ୟାଟିଂ କରି ୧୬୩ ରନ୍ କରିବା ପରେ ଏହି ଆଶା ମଉଳିଯାଇଥିଲା । ୧୬୪ ରନ୍‌ର ଟାର୍ଗେଟକୁ ପିଛା କରି ଟାଇଟାନ୍ସ ଭଲ ଆରମ୍ଭ କରିଥିଲା । କିନ୍ତୁ ଅଧିନାୟକ ଶୁବମାନ ଗିଲ୍‌ଙ୍କୁ ୬ଷ୍ଠ ଓଭରର ଶେଷ ବଲରେ ଯଶ ଠାକୁର ଆଉଟ କରିବା ପରେ ଖେଳ ବଦଳି ଯାଇଥିଲା । ଟାଇଟାନ୍ସ ଏହା ପରେ କ୍ରମାଗତ ୱିକେଟ ହରାଇଥିଲା । ଖବରର ଶିରୋନାମାରେ ରହିଥିବା ମୟଙ୍କ ଯାଦବ ପ୍ରଥମ ଓଭରରେ ଦୁଇଟି ବାଉଣ୍ଡାରୀ ଦେବା ପରେ ମାଂସପେସୀରେ ଯନ୍ତ୍ରଣା ଅନୁଭବ କରି ପଡ଼ିଆରୁ ବିଦା ହୋଇଯାଇଥିଲେ । ଏହା ପରେ ଲକ୍ଷ୍ନୌର ଅମୋଘ ଅସ୍ତ୍ର ଅସ୍ତମିତ ହୋଇଯାଇଥିଲା । ଏହି ସମୟରେ ରାହୁଲ ସାର ମୋ ପାଖକୁ ଆସି କହିଥିଲେ, ଏ ମ୍ୟାଚଟି ତୁମର । ତୁମେ ଚାହିଁଲେ ଆମେ ଏହି ମ୍ୟାଚ୍‌କୁ ଜିତିପାରିବୁ ବୋଲି କହିଥିଲେ ବିଦର୍ଭର ଏହି ୨୫ ବର୍ଷିୟ ମିଡିୟମ୍ ପେସ୍ ବୋଲର ଯଶ ଠାକୁର । ତାଙ୍କ ମତରେ ମୟଙ୍କଙ୍କ ନିକଟରେ ଯେଉଁ ପେସ୍ ରହିଛି ତାହା ସମସ୍ତଙ୍କ ନିକଟରେ ନ ଥାଏ । ତଥାପି ରାହୁଲ ସାରଙ୍କଠାରୁ ଦାୟିତ୍ୱ ପାଇବା ପରେ ମୁଁ ମୋ ନିଜକୁ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କଲି । ମୁଁ ଜାଣିଛି ମୋ ନିକଟରେ ବେଗ ନାହିଁ । କିନ୍ତୁ ମୋର ଶକ୍ତି ଓ ଦୁର୍ବଳତା ସମ୍ପର୍କରେ ବେଶ ଅବଗତ । ଏହାକୁ ପ୍ରୟୋଗ କରିବାକୁ ନିଶ୍ଚିତ ହୋଇଥିଲା । ଏହା ପରେ ପଶା ପଲଟିଯାଇଥିଲା । ଯଶ ଠାକୁର ୫ଟି ଓ କ୍ରୁନାଲ ପାଣ୍ଡ୍ୟା ୩ଟି ୱିକେଟ ନେବା ଫଳରେ ଗୁଜରାଟକୁ ୩୩ ରନ୍‌ରେ ପରାସ୍ତ କରିବାରେ ଲକ୍ଷ୍ନୌ ସମର୍ଥ ହୋଇଥିଲା । ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଗୁଜରାଟ ବିପକ୍ଷରେ ଏହା ଥିଲା ପ୍ରଥମ ବିଜୟ । ଠାକୁର ମଧ୍ୟ ଚଳିତ ସଂସ୍କରଣରେ ପ୍ରଥମ ବୋଲର ଭାବେ ଗୋଟିଏ ମ୍ୟାଚ୍‌ରେ ୫ ୱିକେଟ ନେବାରେ ପ୍ରଥମ ବୋଲର ସାବ୍ୟସ୍ତ ହୋଇଥିଲେ । ଏହି ସଫଳତା ଯୋଗୁ ଠାକୁରଙ୍କୁ ମଧ୍ୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏବେ ଲକ୍ଷ୍ନୌର ଆଉ ଜଣେ ମ୍ୟାଚ୍ ବିଜେତା ବୋଲର ସୃଷ୍ଟି ହୋଇଛନ୍ତି ।

# ମୟଙ୍କଙ୍କ ଆଘାତ ସମସ୍ୟା ଗୁରୁତର ନୁହଁ

**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଦ୍ରୁତତମ ବଲ ବୋଲିଂ କରି ରାତାରାତି ତାରକା ବନିଯାଇଥିବା ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ଯୁବ ଦ୍ରୁତ ବୋଲର ମୟଙ୍କ ଯାଦବ ଆହତ ହୋଇଛନ୍ତି ବୋଲି ଖବର ପ୍ରକାଶ ପାଇଛି । ରବିବାର ଅନୁଷ୍ଠିତ ଗୁଜରାଟ ଜାଏଣ୍ଟସ ବିପକ୍ଷ ମୁକାବିଲାରେ ମୟଙ୍କ ମାତ୍ର ଗୋଟିଏ ଓଭର ବୋଲିଂ କରିଥିଲେ ଓ ୧୩ ରନ ଦେଇଥିଲେ । ବାକି ୩ ଓଭର ସେ ବୋଲିଂ କରି ନଥିଲେ । ଫଳରେ ପ୍ରଶଂସକଙ୍କ ମଧ୍ୟରେ ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ଓ ସେ ଆହତ ହେବା ନେଇ ଆଶଙ୍କା ପ୍ରକାଶ ପାଇଥିଲା । କିନ୍ତୁ ଲକ୍ଷ୍ନୌ ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ମ୍ୟାଚ୍ ପରେ ମୟଙ୍କ ଆଘାତ ସମସ୍ୟା ନେଇ ସୂଚନା ଦେଇଛନ୍ତି । ତାଙ୍କ ଆଘାତ ସମସ୍ୟା ଗୁରୁତର ନୁହଁ ବୋଲି ସେ କହିଛନ୍ତି । ତାଙ୍କ ସହିତ କଥା ହୋଇଛି ଓ ସେ ଠିକ୍ ଅଛନ୍ତି । ଏହା ଆମ ଦଳ ପାଇଁ ଏକ ବଡ଼ ଖବର ବୋଲି କ୍ରୁନାଲ କହିଛନ୍ତି । ଏକମାତ୍ର କ୍ରିକେଟର ଭାବେ ମୟଙ୍କ ଆଇପିଏଲର ପ୍ରଥମ ଦୁଇଟି ମ୍ୟାଚ୍ ଖେଳି କ୍ରମାଗତ ଦୁଇଥର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳି ସେ ଘଣ୍ଟା ପ୍ରତି ୧୫୦ କିମି ବେଗରେ ବୋଲିଂ କରିଥିଲେ । ସେହିପରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ସେ ଦ୍ୱିତୀୟ ମ୍ୟାଚ୍ ଖେଳିଥିଲେ ଓ ୧୪ ରନ ଦେଇ ୩ ୱିକେଟ ନେବା ସହ ୧୫୬.୭ କିମି ବେଗରେ ବୋଲିଂ କରିଥିଲେ ଓ ଏହା ଚଳିତ ସଂସ୍କରଣର ସବୁଠାରୁ ଦ୍ରୁତ ବଲ ବିବେଚିତ ହୋଇଛି । ଦୁଇଟି ମ୍ୟାଚ୍ ଖେଳି ସେ ୬ ୱିକେଟ ନେଇଛନ୍ତି ।

### ଚାର୍ଲଷ୍ଟୋନ ଡବ୍ଲ୍ୟୁଟିଏ ଓପନ୍

# ଡାନିଏଲେ କଲିନ୍ସ ଚାମ୍ପିଅନ

**ଚାର୍ଲଷ୍ଟୋନ,୮ ।୪(ଏଜେନ୍ସି):** ଏଠାରେ ଶେଷ ହେଇଥିବା ଚାର୍ଲଷ୍ଟୋନ ଡବ୍ଲ୍ୟୁଟିଏ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଆମେରିକୀୟ ଟେନିସ ସେନସେସନ ଡାନିଏଲେ କଲିନ୍ସ ଏକକ ଟାଇଟଲ ହାସଲ କରିଛନ୍ତି । ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଅଣସିଡ୍ କଲିନ୍ସ ୬-୨, ୬-୧ ସିଧାସଳଖ ସେଟ୍‌ରେ ରୁଷିଆର ଚତୁର୍ଥ ସିଡ୍ ଖେଳାଳି ଡାରିଆ କାସାତକିନାଙ୍କୁ ପରାସ୍ତ କରି ବାଜି ମାରିଛନ୍ତି । ମାତ୍ର ୭୭ ମିନିଟ୍‌ରେ କଲିନ୍ସ ଅତି ସହଜରେ ବିଜୟ ହାସଲ କରିଥିଲେ । ଏଥିସହ କଲିନ୍ସ କ୍ରମାଗତ ଦ୍ୱିତୀୟ ଟାଇଟଲ ଜିତିଛନ୍ତି । ଗତ ସପ୍ତାହରେ ସେ ମିଆମି ଓପନ୍ ୧୦୦୦ ହାର୍ଡକୋର୍ଟ ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଚାମ୍ପିଅନ ହୋଇଥିଲେ ଓ ଏହି ପ୍ରଦର୍ଶନ ବଳରେ ସେ ଡବ୍ଲୁଟିଏ ମାନ୍ୟତାର ୧୫ତମ ସ୍ଥାନ ଅଧିକାର କରିଥିଲେ । ଚଳିତ ସେସନ ପରେ ଅବସର ନେବେ ବୋଲି ୩୦ ବର୍ଷୀୟ କଲିନ୍ସ ଘୋଷଣା କରିଥିଲେ । ଏଥିସହ ସେ କ୍ରମାଗତ ୧୩ତମ ବିଜୟ ହାସଲ କରିଛନ୍ତି । ଏହି ବିଜୟ ସହ



କଲିନ୍ସ ୧୧ ବର୍ଷ ପରେ ପ୍ରଥମ ଖେଳାଳି ଭାବେ ଉଭୟ ମିଆମି ଓ ଚାର୍ଲଷ୍ଟୋନ ଟାଇଟଲ ହାସଲ କରିଛନ୍ତି । ପୂର୍ବରୁ ୨୦୧୩ରେ ଆମେରିକୀୟ କିମ୍ବଦନ୍ତୀ ମହିଳା ଖେଳାଳି ସେରେନା ୱିଲିୟମ୍ସ ଏହି ସଫଳତା ଅର୍ଜନ କରିଥିଲେ । ୨୦୧୬ରେ ପେସାଦାର ଟେନିସରେ ପାଦ ଦେଇଥିବା କଲିନ୍ସ କ୍ୟାରିୟରରେ ମୋଟ୍ ଉପରେ ୪ଟି ଟାଇଟଲ ଜିତିଛନ୍ତି । ୨୦୨୨ରେ ସେ ଅଷ୍ଟ୍ରେଲିଆନ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଥିଲେ ।

### ଅସଲିନ୍- ସ୍ଲୋଆନଙ୍କୁ ଯୁଗଳ ଟାଇଟଲ

ଚାର୍ଲଷ୍ଟୋନ ଡବ୍ଲ୍ୟୁଟିଏର ମହିଳା ଯୁଗଳ ପ୍ରତିଯୋଗିତାରେ ଆମେରିକୀୟ ଯୋଡି ଅଶଲିନ କ୍ରୁଏଗର ଓ ସ୍ଲୋଆନ ଷ୍ଟିଫେନ୍ସ ଟାଇଟଲ ଜିତିଛନ୍ତି । ଅଣସିଡ୍ ଏହି ଯୋଡି ଫାଇନାଲ ମ୍ୟାଚ୍‌ରେ ୧-୬, ୬-୩, ୧୦-୭ ସେଟ୍‌ରେ ୟୁକ୍ରେନ୍‌ର ଦୁଇ ଭଉଣୀ ଲିୟୁଡମିଲା କିଚେନୋକ ଓ ନାଦିଆ କିଚେନୋକଙ୍କୁ ପରାସ୍ତ କରି ବାଜି ମାରିଛନ୍ତି ।

# ଜୁନ୍ ୨୪ରୁ ମହାରାଷ୍ଟ୍ର ମହିଳା ପ୍ରିମିୟର ଲିଗ୍

**ପୁଣେ, ୮।୪(ଏଜେନ୍ସି):** ମହାରାଷ୍ଟ୍ର କ୍ରିକେଟ ସଂଘ ଆନୁକୂଲ୍ୟରେ ପ୍ରଥମ ମହିଳା ପ୍ରିମିୟର ଲିଗ୍ ଜୁନ୍ ୨୪ରୁ ଖେଳାଯିବ । ଏହି ପ୍ରତିଯୋଗିତାରେ ମୋଟ ୪ଟି ଦଳ ଅଂଶଗ୍ରହଣ କରିବେ । ଏହି ଦଳଗୁଡ଼ିକ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଅନ୍ୟ ଦଳ ସହ ୨ଟି ଲେଖାଏଁ ମୋଟ ୬ଟି ମ୍ୟାଚ୍ ଖେଳିବେ । ପଏଣ୍ଟ ତାଲିକାରେ ଦୁଇ ଶ୍ରେଷ୍ଠ ଦଳ ଫାଇନାଲ ଖେଳିବେ । ଭାରତୀୟ ମହିଳା କ୍ରିକେଟ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା, ଦେବୀକା ବୈଦ୍ୟ, ଅନୁଜା ପାଟିଏ, କିରଣ ନାଭଗିରେ ଓ ଶ୍ରଦ୍ଧା ପୋଖରାକରଙ୍କୁ ଆଇକନ ଖେଳାଳି ଭାବେ ନିଆଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ଲାଗି ଖେଳାଳି ନିଲାମି ମେ ୧୧ରେ କରାଯିବ । ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଗୁଡିକ ଜିଓ ସିନେମା ଆପ୍ ଓ ଟି ୧୮ ଚ୍ୟାନେଲରେ ପ୍ରସାରିତ ହେବ । ଏହା ମଧ୍ୟରେ ମହାରାଷ୍ଟ୍ର ପ୍ରିମିୟର ଲିଗ୍ (ପୁରୁଷ)ର ଦ୍ୱିତୀୟ ସଂସ୍କରଣ ଲାଗି ଖେଳାଳି ନିଲାମ ଶେଷ ହୋଇଛି । ଦଳଗୁଡ଼ିକ ଏହି ପ୍ରତିଯୋଗିତା ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ।

### ଇତିହାସ ସୃଷ୍ଟିକଲେ ସୁମିତ ନାଗଲ

# ପ୍ରଥମ ଭାରତୀୟ ଭାବେ ଜିତିଲେ ମାଷ୍ଟର୍ସ

ମଣ୍ଟେକାର୍ଲୋ,୮ ।୪(ଏଜେନ୍ସି)

ଭାରତୀୟ ଶ୍ରେଷ୍ଠ ଏକକ ଟେନିସ ତାରକା ସୁମିତ ନାଗଲ ଆଉ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି । ପ୍ରଥମ ଭାରତୀୟ ଖେଳାଳି ଭାବେ ୨୬ ବର୍ଷୀୟ ନାଗଲ କ୍ଲେ କୋର୍ଟ ଉପରେ କୌଣସି ମାଷ୍ଟର୍ସ ୧୦୦୦ ମ୍ୟାଚ୍ ଜିତି ବିରଳ ସଫଳତା ଅର୍ଜନ କରିଛନ୍ତି । ଏଠାରେ ଚାଲିଥିବା ମଣ୍ଟେକାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ମୁକାବିଲାରେ ସେ ବିଶ୍ୱର ୩୮ ନମ୍ବର ଖେଳାଳି ଇଟାଲୀର ମାଟେଓ ଅର୍ଣ୍ଣାଲ୍ଡିଙ୍କୁ ୬-୭, ୬-୨, ୬-୪ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିବା ସହ ଏହି ଉପଲବ୍ଧୀ ହାସଲ କରିଛନ୍ତି ।



ଏହାପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଦୁଇଟି ମ୍ୟାଚ୍ ଜିତି ସେ ଗତ ୪୨ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ଖେଳାଳି ଭାବେ ମଣ୍ଟେକାର୍ଲୋ ମାଷ୍ଟର୍ସ ଏକକ ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ । ପ୍ରଥମ କ୍ୱାଲିଫାୟର ମୁକାବିଲାରେ ସେ ଅଷ୍ଟମ ସିଡ୍ ମାନ୍ୟତା ପାଇଥିବା ଇଟାଲୀର ଫ୍ଲାଭିଓ କୋବୋଲିଙ୍କୁ ୬-୨, ୬-୩ ସିଧାସଳଖ ସେଟ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଆର୍ଜେଣ୍ଟିନାର ତୃତୀୟ ସିଡ୍ ଖେଳାଳି ଫାକୁଣ୍ଡୋ ଡିଆଜ ଅକୋଷ୍ଟାଙ୍କୁ ୭-୫, ୨-୬, ୬-୨ ସେଟ୍‌ରେ ହରାଇ ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ । ଏହାପୂର୍ବରୁ ୧୯୮୨ରେ ପ୍ରଥମ ଭାରତୀୟ ଟେନିସ ଖେଳାଳି ଭାବେ ରମେଶ କ୍ରିଷ୍ଣନ୍ ମଣ୍ଟେକାର୍ଲୋ ଏକକ ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ ।

### କ୍ୟାରିୟର ଶ୍ରେଷ୍ଠ ୯୩ତମ ସ୍ଥାନରେ ନାଗଲ

ମଣ୍ଟେକାର୍ଲୋ ମୁଖ୍ୟ ଡ୍ର'ରେ ସାମିଲ ହେବା ସହ ଇନ୍‌ଫର୍ମ ନାଗଲ ଏଟିପି ମାନ୍ୟତାରେ କ୍ୟାରିୟର ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି । ସେ ଏକକ ମାନ୍ୟତାରେ ଦୁଇଟି ସ୍ଥାନ ଉପରକୁ ଉଠି ୯୩ତମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ୨୯ ବର୍ଷୀୟ ଅନ୍ୟତମ ଭାରତୀୟ ଖେଳାଳି ରାମକୁମାର ରାମନାଥନ ୧୪୫ ଅଙ୍କ ସହ ୩୪୯ତମ ସ୍ଥାନରେ ରହି ଦ୍ୱିତୀୟ ଶ୍ରେଷ୍ଠ ଭାରତୀୟ ବିବେଚିତ ହୋଇଛନ୍ତି ।

### କଳାହାଣ୍ଡି କପ୍: ସୋନପୁରକୁ ହରାଇଲା ରାୟଗଡ଼ା

# ମ୍ୟାଚ୍ ଛଡ଼ାଇନେଲେ ଅବ୍‌ଦୁଲ୍-ଉମା

କଟକ,୮।୪(ସମିସ)


ପ୍ରଶାନ୍ତ ଦାସ


ଅବଦୁଲ ଖାନ


ଉମା ସାହୁ


ଶୈଳେଶ ପଟ୍ଟନାୟକ

ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ସିଲଭର ଲିଗ୍- ଏ' ଏବଂ ବି' ଗ୍ରୁପ ମ୍ୟାଚ୍ ଜାରି ରହିଛି । ରେଭେନ୍ସା ଗ୍ରାଉଣ୍ଡ-୨ରେ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ରାୟଗଡ଼ା ୪୯ ରନ୍‌ରେ ସୋନପୁରକୁ ପରାସ୍ତ କରିଛି । ଏହି ଲୋ-ସ୍କୋରିଂ ମ୍ୟାଚ୍‌ରେ ଅବଦୁଲ ଖାନ ଏବଂ ଉମା ସାହୁ ରାୟଗଡା ବିଜୟରେ ମୁଖ୍ୟ ଭୂମିକା ତୁଲାଇଥିଲେ । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ରାୟଗଡ଼ା ମାତ୍ର ୧୦୯ରନରେ ଅଲଆଉଟ ହୋଇଥିଲା । ଦୀପକ କୁମାର ସର୍ବାଧିକ ୩୨ରନ କରିଥିଲେ । ସୋନପୁର ପକ୍ଷରୁ ଶୁଭମ ବିଷ୍ଟ ୧୬ରନ ବିନିମୟରେ ୬ଟି ୱିକେଟ ଅକ୍ତିଆର କରିଥିଲେ । ୧୧୦ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ସୋନପୁର ମାତ୍ର ୬୦ରନରେ ଅଲଆଉଟ ହୋଇଥିଲା । ଅବଦୁଲ ଏବଂ ଉମା ୫ଟି ଲେଖାଏ ୱିକେଟ ବାଣ୍ଟି ନେଇଥିଲେ ।

ଏମଜିଏମ ସ୍ପୋର୍ଟସ ଗ୍ରାଉଣ୍ଡରେ ସମ୍ବଲପୁର-ବି' ବୃହତ୍ ବିଜୟ ହାସଲ କରିଥିଲା । ଦଳ ୨୬୦ରନ୍‌ରେ ଜଗତସିଂହପୁରକୁ ହରାଇଥିଲା । ପ୍ରଦୀପ ପ୍ରଧାନଙ୍କ ୧୦୩ରନ, ପ୍ରଶାନ୍ତ ଦାସଙ୍କ ୯୫ରନ ଏବଂ ଶ୍ରେୟାଂଶ ପଣ୍ଡାଙ୍କ ୭୪ରନ ବଳରେ ସମ୍ବଲପୁର-ବି ୬ ୱିକେଟ ବିନିମୟରେ ୩୬୬ରନ ସଂଗ୍ରହ କରିଥିଲା । ଜଗତସିଂହପୁର ପକ୍ଷରୁ ଦୀକ୍ଷାନ୍ତ ଦାସ ଏବଂ ପ୍ରଭାସ ମଲ୍ଲିକ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ । ଜବାବରେ ଜଗତସିଂହପୁର ୧୦୬ରନରେ ଅଲଆଉଟ ହୋଇଥିଲା । କିଶାନ ରଥ ସର୍ବାଧିକ ୨୨ରନ କରିଥିଲେ । ସମ୍ବଲପୁର-ବି ପକ୍ଷରୁ ପ୍ରଶାନ୍ତ ଠାକର ୫ଟି ୱିକେଟ ଅକ୍ତିଆର କରି ଦଳକୁ ବିଜୟୀ କରାଇଥିଲେ ।

କିଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଗଞ୍ଜାମ ୮୫ରନରେ ମାଲକାନଗିରିକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଗଞ୍ଜାମ ୪୫ ଓଭରରେ ୧୯୨ ରନ୍ କରିଥିଲା । ଜବାବରେ ମାଲକାନଗିରି ୨୦.୩ ଓଭରରେ ୧୦୭ ରନ୍ କରି ଅଲଆଉଟ ହୋଇଯାଇଥିଲା । ବୋଲରଙ୍କ କବ୍‌ଜାରେ ରହିଥିବା ଏହି ମ୍ୟାଚରେ ମାଲକାନଗିରିର ନାକା ଦୀପକ ରାଜ ସର୍ବାଧିକ ୫ଟି ୱିକେଟ ପାଇଥିଲେ । ନିମପୁର ଗ୍ରାଉଣ୍ଡରେ ନବରଙ୍ଗପୁର ୪ ୱିକେଟରେ କେନ୍ଦ୍ରାପଡାକୁ ହରାଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କେନ୍ଦ୍ରାପଡ଼ା ୧୨୩ ରନ୍ କରିଥିଲାବେଳେ ନବରଙ୍ଗପୁର ୨୨.୧ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା । ନବରଙ୍ଗପୁରର ଦିନେଶ ଶ୍ରୀବାସ୍ତବ ଓ କେନ୍ଦ୍ରାପଡ଼ାର ବିମଳ ହୀରା ୪ଟି ଲେଖାଏଁ ୱିକେଟ ପାଇଥିଲେ ।

ବାରବାଟୀ ଷ୍ଟାଡିୟମରେ ନୂଆପଡା ୧୭ରନରେ କନ୍ଧମାଳକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ନୂଆପଡ଼ା ୧୫୧ ରନ୍‌ରେ ଅଲଆଉଟ ହେବା ପରେ କନ୍ଧମାଳକୁ ୧୩୪ ରନ୍‌ରେ ଆଉଟ କରିଦେଇଥିଲା । କନ୍ଧମାଳର ଯୋଶେଫ ବେହେରା ୫ଟି, ରାଜେଶ ପାତ୍ର ୩ଟି, ନୂଆପଡ଼ାର ଆୟୁଷ୍ମାନ ଗୁପ୍ତା ଓ ଅଂଶୁମାନ ଗୁପ୍ତା ୩ଟି ଲେଖାଏଁ ୱିକେଟ ପାଇଥିଲେ ।

ରେଭେନ୍ସା ଗ୍ରାଉଣ୍ଡ-୧ରେ ଶୈଳେଶ ପଟ୍ଟନାୟକଙ୍କ ଘାତକ ବୋଲିଂ ବଳରେ ବଲାଙ୍ଗିର ୧୫୦ରନରେ ଦେବଗଡକୁ ହରାଇଥିଲା । ୨୮୩ ରନ୍‌ର ପିଛା କରୁଥିବା ଦେବଗଡର ୬ଜଣ ଖେଳାଳିଙ୍କୁ ଶୈଳେଶ ଆଉଟ କରିବା ଫଳରେ ଦଳ ମାତ୍ର ୧୩୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା । ସତ୍ୟଜିତ ସିଂଦେଓଙ୍କୁ ମଧ୍ୟ ୩ଟି ୱିକେଟ ମିଳିଥିଲା । ପୂର୍ବରୁ ଶୁଭାଶିଷ ମିର୍ଦ୍ଧା ୫୧ ଓ ଜିତେଶ ଭଗତରାୟ ୫୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ବଲାଙ୍ଗିର ୪୨.୨ ଓଭରରେ ୨୮୨ ରନ୍ କରିଥିଲା । ଦେବଗଡ଼ର ସୌମ୍ୟ ତିୱାରୀ ୩ଟି ୱିକେଟ ପାଇଥିଲେ । ଦଳର ଶୁଭମ ବିଶ୍ୱାଳ ୩ ୱିକେଟ ନେବା ସହ ୫୩ ରନ୍ କରିଥିଲେ ମଧ୍ୟ ତାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବ୍ୟର୍ଥ ହୋଇଯାଇଥିଲା ।

### ଜାଡେଜା, ଦେଶପାଣ୍ଡେଙ୍କ ଚତୁର ବୋଲିଂ, ଗାଏକ୍ୱାଡ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ

# କୋଲକାତା ବିଜୟଧାରା ଭାଙ୍ଗିଲା ଚେନ୍ନାଇ



ଚେନ୍ନଇ, ୮।୪(ଏଜେନ୍ସି)

କୋଲକାତା ନାଇଟ୍ ରାଇଡର୍ସର ବିଜୟ ଧାରାରେ ବ୍ରେକ୍ ଲଗାଇଛି ଚେନ୍ନାଇ ସୁପର କିଙ୍ଗ୍‌ସ। ଏଠାରେ ସୋମବାର ଖେଳାଯାଇଥିବା ୨୨ତମ ଲିଗ୍ ମ୍ୟାଚ୍‌ରେ ଚେନ୍ନାଇ ୭ ୱିକେଟରେ କୋଲକାତାକୁ ପରାସ୍ତ କରିଛି। ଏହା ଫଳରେ ହ୍ୟାଟ୍ରିକ୍ ବିଜୟ ପରେ କୋଲକାତା ପ୍ରଥମ ପରାଜୟ ବରଣ କରିଛି। ସେହିପରି ଚେନ୍ନାଇ ୫ମ ମୁକାବିଲାରୁ ତୃତୀୟ ବିଜୟ ହାସଲ କରିଛି। ଏହି ବିଜୟ ଚେନ୍ନାଇକୁ କେବଳ ଘରୋଇ ମାଟିରେ ମିଳିଛି। ଏହି ମ୍ୟାଚ୍‌ରେ ରବିନ୍ଦ୍ର ଜାଡେଜା ଓ ତୁଷାର ଦେଶପାଣ୍ଡେ ୩ଟି ଲେଖାଏଁ ୱିକେଟ ନେବା ଫଳରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୩୭ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ୩୪, ସୁନୀଲ ନାରିନ ୨୭ ଓ ଅଙ୍ଗକ୍ରିସ୍ ରଘୁବଂଶୀ ୨୪ ରନ୍ କରିଥିଲେ। ଜବାବରେ ଚେନ୍ନାଇ ୧୭.୪ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଗାଏକ୍ୱାଡ୍ ୫୮ ବଲ୍‌ରେ ୯ଚୌକା ସହ ଅପରାଜିତ ରହି ୬୭ ରନ୍ କରିଥିଲେ। ନଂ-୩ରେ ବ୍ୟାଟିଂ କରିଥିବା ଡାରିଲ ମିଚେଲ ୧୯ ବଲ୍‌ରେ ୨୫ ରନ୍ କରିଥିଲେ। ରାଚିନ ରବିନ୍ଦ୍ର ଏଠାରେ ଭଲ ଆରମ୍ଭ କରିଥିଲେ ମଧ୍ୟ ମାତ୍ର ୮ ବଲ୍‌ରେ ୩ ଚୌକା ସହ ୧୫ ଓ ଶିବମ ଦୁବେ ୧୮ ବଲ୍‌ରେ ୧ ଚୌକା ଓ ୩ଛକା ସହ ଦ୍ରୁତ ୨୮ ରନ୍ କରିବାକୁ ସମର୍ଥ ହୋଇଥିଲେ। କୋଲକାତାର ବୈଭବ ଅରୋରାଙ୍କୁ ୨ଟି ୱିକେଟ ମିଳିଥିଲା।

## ଚେପକ୍‌ରେ ବୋଲରଙ୍କ ପ୍ରାଧାନ୍ୟ

ଚେନ୍ନାଇ ଅଧିନାୟକ ଋତୁରାଜ ଗାଏକ୍ୱାଡ ଟସ୍ ଜିତି କୋଲକାତାକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। କୋଲକାତା ପାଳିର ପ୍ରଥମ ବଲ୍‌ରେ ଫିଲିପ୍ ସଲ୍ଟଙ୍କୁ ଆଉଟ କରି ତୁଷାର ଦେଶପାଣ୍ଡେ ଘରୋଇ ଦଳକୁ ପ୍ରଥମ ସଫଳତା ଦେଇଥିଲେ। ଏହା ପରେ ସୁନୀଲ ନାରିନ୍ ଓ ଅଙ୍ଗକ୍ରିସ୍ ରଘୁବଂଶୀ ଦ୍ୱିତୀୟ ୱିକେଟରେ ୩୬ ବଲ୍‌ରୁ ୫୬ ରନ୍ ଉଠାଇ ପାଳି ସଜାଡିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଉଭୟ ଖେଳାଳି ରବିନ୍ଦ୍ର ଜାଡେଜାଙ୍କ ପ୍ରଥମ ଓଭରରେ ଆଉଟ ହେବା ଫଳରେ କୋଲକାତାର ରନ ସଂଗ୍ରହରେ ବ୍ରେକ୍ ଲାଗିଯାଇଥିଲା। ନାରିନ୍ ୨୦ ବଲ୍‌ରେ ୩ ଚୌକା ଓ ୨ଛକା ସହ ୨୭ ଓ ଯୁବ ଖେଳାଳି ରଘୁବଂଶୀ ୧୮ ବଲ୍‌ରେ ୩ ଚୌକା ଓ ୧ ଛକା ସହ ୨୪ ରନ୍ କରିଥିଲେ। ଜାଡେଜାଙ୍କୁ ରିଭର୍ସ ସୁଇପ୍ କରିବାକୁ ଯାଇ ସେ ଲେଗ୍ ବିଫୋର ହେବା ଫଳରେ କୋଲକାତା ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଦୁଇ ବିସ୍ଫୋରକ ବ୍ୟାଟର ରିଙ୍କୁ ସିଂ ୧୪ବଲ୍‌ରେ ୯ ଓ ଆନ୍ଦ୍ରେ ରସେଲ ୧୦ ବଲ୍‌ରେ ୧୦ ରନ୍ କରିବା ଫଳରେ କୋଲକାତା ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। କେବଳ ଅଧିନାୟକ ଶ୍ରେୟସ ଆୟର ଧୈର୍ଯ୍ୟପୂର୍ଣ୍ଣ ଭାବେ ଖେଳି ୩୨ ବଲ୍‌ରୁ ସର୍ବାଧିକ ୩୪ ରନ୍ କରିଥିଲେ।

କୋଲକାତା ପକ୍ଷରୁ ଜାଡେଜାଙ୍କ ଯାଦୁକରୀ ବୋଲିଂ କୋଲକାତାକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲା। ସେ ତାଙ୍କ ୪ ଓଭରରେ ମାତ୍ର ୧୮ ରନ୍ ଦେଇ ନାରିନ୍, ରଘୁବଂଶୀ ଓ ଭେଙ୍କଟେଶଙ୍କୁ ଆଉଟ କରିଥିଲେ। ମିଡିୟମ୍ ପେସ୍‌ର ତୁଷାର ଦେଶପାଣ୍ଡେ ଫିଲିପ ସଲ୍ଟଙ୍କ ସମେ ଦୁଇ ବିସ୍ଫୋରକ ବ୍ୟାଟର ରିଙ୍କୁ ଓ ରସେଲଙ୍କୁ ଆଉଟ କରି ବଡ଼ ସଫଳତା ଦେଇଥିଲେ। ମୁସ୍ତାଫିଜୁର ପ୍ରଭାବୀ ପ୍ରଦର୍ଶନ କରି ଶ୍ରେୟସଙ୍କ ସମେତ ୨ଜଣ ଖେଳାଳିଙ୍କୁ ଆଉଟ କରିଛନ୍ତି।

## ୧୦୦ତମ କ୍ୟାଚ୍ କ୍ଲବ୍‌ରେ ଜାଡେଜା

ଏହି ମ୍ୟାଚ୍‌ରେ କୋଲକାତାର ପ୍ରଥମ ଖେଳାଳି ଫିଲିପ୍ ସଲ୍ଟଙ୍କ କ୍ୟାଚ୍ ଧରି ରବିନ୍ଦ୍ର ଜାଡେଜା ଆଇପିଏଲ୍ କ୍ୟାରିୟରରେ ୧୦୦ତମ କ୍ୟାଚ୍ ନେଇଛନ୍ତି। ସେ ୫ମ ଖେଳାଳି ଭାବେ ଆଇପିଏଲ୍‌ରେ ଏହି ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ୪ଜଣ ଖେଳାଳି ଯଥା ବିରାଟ କୋହଲି ୧୧୦ଟି, ସୁରେଶ ରାଇନା ୧୦୯ଟି, କାଇରନ ପୋଲାର୍ଡ ୧୦୩ଟି, ରୋହିତ ଶର୍ମା ୧୦୦ଟି କ୍ୟାଚ୍ ନେଇ ଏହି କ୍ଲବ୍‌ରେ ସଦସ୍ୟ ହୋଇଥିଲେ। ଏହି ମ୍ୟାଚ୍‌ରେ କୋଲକାତା ଏକଦା ୫ ଓଭରରେ ୧ ୱିକେଟ ହରାଇ ୫୦ ରନ୍ କରି ଭଲ ସ୍ଥିତିରେ ରହିଥିଲା। କିନ୍ତୁ ୬ଷ୍ଠ ଓଭରରେ ଜାଡେଜା ଦୁଇ ସେଟ୍ ଖେଳାଳିଙ୍କୁ ଆଉଟ କରି ଚେନ୍ନାଇ ସପକ୍ଷରେ ମ୍ୟାଚ୍ ନେଇଆସିଥିଲେ। ଚେନ୍ନାଇର ଏହି ସଫଳ ପ୍ରତ୍ୟାବର୍ତ୍ତନରେ ଜାଡେଜାଙ୍କର ମୁଖ୍ୟ ଭୂମିକା ରହିଥିଲା। ଏଠାରେ ମଧ୍ୟ ପ୍ରଥମ ପାଳିରେ କୋଲକାତା ଆଇପିଏଲ୍‌ରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର ସଂଗ୍ରହ କରିଛି। ୨୦୧୩ରେ ଏହା ୯ ୱିକେଟରେ ୧୧ ରନ୍ କରିଥିଲା।

**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**ପଞ୍ଜାବ- ହାଇଦ୍ରାବାଦ୍**
ସ୍ଥାନ- ମୋହାଲି, ସମୟ- ରାତି ୭.୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୪ | ୪ | ୦ | ୮ | +୧.୨୦ |
| କୋଲକାତା | ୪ | ୩ | ୧ | ୬ | +୧.୫୨୮ |
| ଲକ୍ଷ୍ନୌ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ | ୫ | ୩ | ୨ | ୬ | +୦.୬୬୬ |
| ହାଇଦ୍ରାବାଦ | ୪ | ୨ | ୨ | ୪ | +୦.୪୦୯ |
| ପଞ୍ଜାବ | ୪ | ୨ | ୨ | ୪ | -୦.୨୨୦ |
| ଗୁଜରାଟ | ୫ | ୨ | ୩ | ୪ | -୦.୭୯୭ |
| ମୁମ୍ବାଇ | ୪ | ୧ | ୩ | ୨ | -୦.୭୦୪ |
| ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ | ୫ | ୧ | ୪ | ୨ | -୧.୩୭୦ |

## ଧୋନି ସର୍ବଶ୍ରେଷ୍ଠ ଅଧିନାୟକ



**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):** ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ) ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି କୋଲକାତା ନାଇଟ ରାଇଡର୍ସ (କେକେଆରି) ମେଣ୍ଟର ଗୌତମ ଗମ୍ଭୀର। ଧୋନି ଭାରତର ସର୍ବଶ୍ରେଷ୍ଠ ଅଧିନାକୟ ବୋଲି ପୂର୍ବତନ ଭାରତୀୟ ଓପନର ଗମ୍ଭୀର କହିଛନ୍ତି। ସାମାଜିକ ଗଣମାଧ୍ୟରେ ଷ୍ଟାର ସ୍ପୋର୍ଟ୍ସ ସେୟାର କରିଥିବା ଭିଡିଓରେ ଗମ୍ଭୀର ଧୋନିଙ୍କ ବିଷୟରେ କେତୋଟି ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଅଧିନାୟକ ଭାବେ ତାଙ୍କ ସଫଳତାର ପାଖାପାଖିରେ ପହଞ୍ଚିବା ନିହାତି କଷ୍ଟକର। ଧୋନିଙ୍କ ନେତୃତ୍ୱରେ ଭାରତ ୩ଟି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟ୍ରଫି ହାସଲ କରିଛି ବୋଲି ସେ କହିଛନ୍ତି। ଭାରତ ୨୦୦୭ ଟି-୨୦ ବିଶ୍ୱକପ୍, ୨୦୧୧ ଦିନିକିଆ ବିଶ୍ୱକପ୍ ୨୦୧୩ ଚାମ୍ପିଅନ୍ସ ଟ୍ରଫି ହାସଲ କରିଥିଲା। କେବଳ ସେତିକି ନୁହଁ ଭାରତ ଟେଷ୍ଟ ମାନ୍ୟତାରେ ମଧ୍ୟ ୧ ନଂ ସ୍ଥାନ ହାସଲ କରିଥିଲା। ଅବଶ୍ୟ ଏହି ୩ଟି ଆଇସିସି ଇଭେଣ୍ଟରେ ଭାରତକୁ ଚାମ୍ପିଅନ କରାଇବାରେ ଗମ୍ଭୀରଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରତିକୂଳ ପରିସ୍ଥିତିରେ ଶାନ୍ତ ରହିବା ସହ ନିଜର ରଣନୀତିକୁ ସଫଳତାର ସହ ଲାଗୁ କରିବାର କଳା ଧୋନିଙ୍କୁ ବେଶ୍ ଭଲଭାବେ ଜଣା ବୋଲି ସେ କହିଛନ୍ତି।

## ଲିଜାଦ ୱିଲିୟମ୍ସ ଦିଲ୍ଲୀ ଦଳରେ ସାମିଲ



**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):** ଦକ୍ଷିଣ ଆଫ୍ରିକା ୩୦ ବର୍ଷୀୟ ଦ୍ରୁତ ବୋଲର ଲିଜାଦ ୱିଲିୟମ୍ସ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଯୋଗ ଦେଇଛନ୍ତି। ଇଂଲଣ୍ଡର ହ୍ୟାରୀ ବ୍ରୁକ୍‌ଙ୍କ ସ୍ଥାନରେ ସେ ଦଳରେ ସାମିଲ ହୋଇଛନ୍ତି। ବ୍ରୁକ ବ୍ୟକ୍ତିଗତ କାରଣ ଦର୍ଶାଇ ଆଇପିଏଲ ଆରମ୍ଭ ହେବା ପୂର୍ବରୁ ଓହରିଯାଇଥିଲେ। ଗତ ଖେଳାଳି ନୀଲାମିରେ ୨୫ ବର୍ଷୀୟ ବ୍ରୁକ୍‌ଙ୍କୁ ୪ କୋଟି ଟଙ୍କା ବିନିମୟରେ ଦିଲ୍ଲୀ କ୍ରୟ କରିଥିଲା। ଲିଜାସଙ୍କୁ ମୂଳଦର ୫୦ ଲକ୍ଷ ଟଙ୍କାରେ ଦଳରେ ସାମିଲ କରାଯାଇଛି। ୨୦୨୧ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ୱିଲିୟମ୍ସ ୨ ଟେଷ୍ଟ, ୪ ଦିନିକିଆ ଓ ୧୧ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ମୋଟ୍ ଉପରେ ସେ ୮୩ଟି ମ୍ୟାଚ୍ ଖେଳି ୧୦୬ଟି ୱିକେଟ ଅକ୍ତିଆର କରିଛନ୍ତି। ସେ ଦକ୍ଷିଣ ଆଫ୍ରିକା ଟି-୨୦ ଲିଗରେ ଚତୁର୍ଥ ସର୍ବାଧିକ ୱିକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ଏହି ଲିଗ୍‌ରେ ୯ଟି ମ୍ୟାଚ୍ ଖେଳି ସେ ୧୫ଟି ୱିକେଟ ନେଇଥିଲେ। ଭାରତରେ ଅନୁଷ୍ଠିତ ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ସେ ଦକ୍ଷିଣ ଆଫ୍ରିକା ଦଳର ସଦସ୍ୟ ଥିଲେ।

## ପ୍ୟାରିସ୍ ଅଲିମ୍ପିକ୍ସ ଜୁରି କମିଟିରେ ବିଲ୍‌କିସ୍ ମିର୍




ନୂଆଦିଲ୍ଲୀ, ୮।୪(ଏଜେନ୍ସି)

କାଶ୍ମୀରର ଜଳପରୀ ଭାବେ ବିବେଚିତ ବିଲକିସ ମିର ଇତିହାସ ସୃଷ୍ଟି କରିଛନ୍ତି। ତାଙ୍କ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଜଳକ୍ରୀଡ଼ା ଜୁରି କମିଟିରେ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍‌ସ ଜୁରି କମିଟିକୁ ମନୋନୀତ ହେବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ। ଏହା ଫଳରେ ସେ ଇତିହାସ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି। ଶ୍ରୀନଗରର ଡାଲ ହ୍ରଦରୁ ଯାତ୍ରା ଆରମ୍ଭ କରିଥିବା ଏହି କ୍ରୀଡ଼ାବିତ ଜଣଙ୍କ ଭାରତର ଜଳକ୍ରୀଡ଼ା ବା ବିଶେଷକରି କାୟାକିଂ ଓ କାନୋଇଂରେ ଉନ୍ନତି ଆଣିବାକୁ ଯଥେଷ୍ଟ ଉଦ୍ୟମ କରିଛନ୍ତି। ‘ସ୍ୱପ୍ନ ସତ୍ୟରେ ପରିଣତ ହୋଇଛି’ ଏହାଥିଲା ମିରଙ୍କ ପ୍ରଥମ ପ୍ରତିକ୍ରିୟା। ଏହା ମୋ ଦେଶ ଲାଗି ଏକ ବଡ଼ ସମ୍ମାନ। ସମ୍ମାନଜନକ ପ୍ୟାରିସ୍ ଅଲିମ୍ପିକ୍ସ ଜୁରି କମିଟିରେ ସଦସ୍ୟ ହେବା ନିଶ୍ଚିତ ଭାବେ ଏକ ବଡ଼ ଘଟଣା। ଏହା ନିଶ୍ଚିତଭାବେ ଆମ ଦେଶ ଓ ବିଶେଷକରି ଜମ୍ମୁ-କାଶ୍ମୀର ଜଳକ୍ରୀଡ଼ାରେ ଉନ୍ନତି ଆଣିବ ବୋଲି ମୀର ଆଶା ପ୍ରକାଶ କରିଛନ୍ତି। ମିରଙ୍କ ନିଯୁକ୍ତ ସମ୍ପର୍କରେ ଭାରତୀୟ ଅଲିମ୍ପିକ୍ ମହାସଂଘକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଜଣାଇବା ପରେ ଏହା ଜଣାଯାଇଛି। ଏହା ମଧ୍ୟ ଭାରତ ଲାଗି ଏକ ଶୁଭ ଖବର ବୋଲି ଅଲିମ୍ପିକ୍ ସଂଘ କହିଛି। ଆହୁରି ଅଧିକ ଖେଳାଳି ଅଲିମ୍ପିକ୍ ଆୟୋଜନ ସହ ଜଡିତ ହେବେ ବୋଲି ସଂଘ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

## କ୍ୟାଣ୍ଡିଡେଟ୍ସ ଚେସ୍; ଦ୍ୱିତୀୟ ସ୍ଥାନରେ ଗୁକେଶ

**ଟରଣ୍ଟୋ, ୮।୪(ଏଜେନ୍ସି):** ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ରାଉଣ୍ଡ ଶେଷରେ ଭାରତୀୟ ଗ୍ରାଣ୍ଡମାଷ୍ଟର ୨.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଟପ୍ ସିଡ ଫାବିଆନୋ କାରୁଆନା ମଧ୍ୟ ୨.୫ ପଏଣ୍ଟ ପାଇଛନ୍ତି। କିନ୍ତୁ ୭ମ ସିଡ୍ ଇଆନ ନେପୋମନିଚାଚି ୩ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ଅନ୍ୟଭାରତୀୟ ଖେଳାଳିଙ୍କ ମଧ୍ୟରେ ଯୁବ ଗ୍ରାଣ୍ଡମାଷ୍ଟର ଆର ପ୍ରଜ୍ଞାନନ୍ଦା ୨ ପଏଣ୍ଟ ସଂଗ୍ରହ କରି ଚତୁର୍ଥ ସ୍ଥାନରେ ରହିଛନ୍ତି। ଚତୁର୍ଥ ରାଉଣ୍ଡରେ ପରାଜିତ ହୋଇଥିବା ବିଦିତ ଗୁଜରାଟ ୮ମ ତଥା ଶେଷ ସ୍ଥାନକୁ ଖସିଆସିଛନ୍ତି। ଚତୁର୍ଥ ରାଉଣ୍ଡରେ ଅନ୍ୟ ୩ଟିଯାକ ମ୍ୟାଚ୍‌ର ଫଳାଫଳ ଅମିମାଂସିତ ରହିଛି।

ପୂର୍ବରୁ ଖେଳାଯାଇଥିବା ତୃତୀୟ ରାଉଣ୍ଡ ମୁକାବିଲାରେ ପ୍ରଜ୍ଞାନନ୍ଦା ନିଜ ଦେଶର ବିଦିତ ଗୁଜରାଟୀଙ୍କୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଥିଲେ। ଏହି ପ୍ରତିଯୋଗିତାର ପ୍ରଥମ ରାଉଣ୍ଡରେ ସମସ୍ତ ମ୍ୟାଚ୍ ଡ୍ର ରହିଥିଲା। ଦ୍ୱିତୀୟ ରାଉଣ୍ଡରେ ସମସ୍ତ ମ୍ୟାଚ୍‌ର ଫଳାଫଳ ମିଳିଥିଲା। କିନ୍ତୁ ତୃତୀୟ ରାଉଣ୍ଡରେ କେବଳ ପ୍ରଜ୍ଞାନନ୍ଦା ବିଜୟୀ ହୋଇଥିଲେ। ଏହି ରାଉଣ୍ଡରେ ପ୍ରଜ୍ଞାନନ୍ଦା ଆରମ୍ଭରୁ ଏକ ନୂଆ ଶୈଳୀରେ ଖେଳି ମ୍ୟାଚ୍‌କୁ ନିୟନ୍ତ୍ରଣରେ ରଖିଥିଲେ। ପ୍ରତିଦ୍ୱନ୍ଦ୍ୱୀ ବିଦିତ୍ ଏହି ଖେଳ ସମ୍ପର୍କରେ ଜାଣିଥିଲେ ମଧ୍ୟ ଏତେଟା ପ୍ରଭାବଶାଳୀ ହୋଇ ପାରି ନଥିଲେ। ଦ୍ୱିତୀୟ ରାଉଣ୍ଡରେ ହିକାରୁ ନାକାମୁରାଙ୍କୁ ପରାସ୍ତ କରିଥିବା ବିଦିତ ଏହି ମୁକାବିଲାରେ ଏତେଟା ସହଜ ହୋଇ ପାରି ନଥିଲେ। ଯାହା ଫଳରେ ପରାଜୟ ବରଣ କରିବାକୁ ବାଧ ହୋଇଥିଲେ। ଏହି ରାଉଣ୍ଡରେ ଡି ଗୁକେଶ ୭ମ ସିଡ୍ ଇଆନ ନେପୋମନିଆଚିଙ୍କ ସହ ମ୍ୟାଚ୍ ଡ୍ର ରଖିଥିଲେ।

ମହିଳା ବିଭାଗରେ ଚତୁର୍ଥ ରାଉଣ୍ଡ ଖେଳ ଶେଷସୁଦ୍ଧା ଚୀନ୍‌ର ତାନ ଝୋଙ୍ଗୟି ୩ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ଥିଲାବେଳେ ଭାରତୀୟ ଖେଳାଳି ବୈଶାଳୀ ରମେଶବାବୁ ୨ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛନ୍ତି। ପ୍ରଥମ ୩ ରାଉଣ୍ଡରେ କୋନେରୁ ହମ୍ପି ଆଦୌ ପରାଜୟ ବରଣ ନ କରି ନଥିଲେ। କିନ୍ତୁ ଚତୁର୍ଥ ରାଉଣ୍ଡରେ ସେ ପରାଜିତ ହେବା ଫଳରେ ୫ମ ସ୍ଥାନକୁ ଖସିଆସିଛନ୍ତି। ୨୪୭୫ ରେଟିଂପ୍ରାପ୍ତ ଆର ବୈଶାଳୀ ଦ୍ୱିତୀୟ ରାଉଣ୍ଡରେ ଟପ୍ ସିଡ୍ ତାନ ଝୋଙ୍ଗୟି (ରେଟିଂ-୨୫୨୧) ଙ୍କୁ ପରାସ୍ତ କରି ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ।

### ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍ ଆଜିଠାରୁ

## ସିନ୍ଧୁଙ୍କ ସମ୍ମୁଖରେ କଡ଼ା ଚ୍ୟାଲେଞ୍ଜ୍



**ନୂଆଦିଲ୍ଲୀ,୮ ।୪(ଏଜେନ୍ସି):** ଚୀନ୍‌ର ନିଙ୍ଗବୋ ସହରରେ ମଙ୍ଗଳବାରଠାରୁ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍ ଆରମ୍ଭ ହେବ। ୩ କୋଟି ୭୬ ଲକ୍ଷ ୮୬ ହଜାର ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟର ୪୧ତମ ସଂସ୍କରଣରେ ଅଭିଜ୍ଞ ମହିଳା ଖେଳାଳି ପିଭି ସିନ୍ଧୁ ଓ ଅନ୍ୟ ଭାରତୀୟ ଖେଳାଳିମାନେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ବିଶ୍ୱର ୧ ନଂ ପୁରୁଷ ଯୁଗଳ ଯୋଡି ଭାରତର ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଆଘାତ ସମସ୍ୟା କାରଣରୁ ଶେଷ ମୁହୂର୍ତ୍ତରୁ ଏହି ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା ନେଇ ଏହା ଶେଷ ଟୁର୍ଣ୍ଣାମେଣ୍ଟ ବିବେଚିତ ହେଉଛି। ଫଳରେ ଏହାର ଗୁରୁତ୍ୱ ବଢିଯାଇଛି। ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ସିନ୍ଧୁ ଏକକ ପ୍ରଥମ ରାଉଣ୍ଡ ମୁକାବିଲାରେ ବିଶ୍ୱର ୩୩ ନଂ ଖେଳାଳି ମାଲେସିଆର ଗୋ ଜିନ୍ ୱେଇ ବିପକ୍ଷରୁ ଅଭିଯାନ ଆରମ୍ଭ କରିବେ। ୱେଇଙ୍କ ବିପକ୍ଷରେ ସିନ୍ଧୁଙ୍କ ରେକର୍ଡ ୪-୧ ରହିଛି। ଫେବରାଇଟ୍ ବିବେଚିତ ହେଉଥିବା ସିନ୍ଧୁ ବିଜୟୀ ହେଲେ ଦ୍ୱିତୀୟ ରାଉଣ୍ଡରେ ଷଷ୍ଠ ସିଡ ଚୀନର ହାନ ୟୁଏଙ୍କୁ ଭେଟିବେ। ଯଦି ସେ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୁଅନ୍ତି ତେବେ ସେ ଜାପାନର ୟାମାଗୁଚି କିମ୍ବା ଥାଇଲାଣ୍ଡର ରଚାନକ ଇଣ୍ଟାନନଙ୍କୁ ଭେଟିବାର ସମ୍ଭାବନା ରହିଛି। ମହିଳା ଏକକରେ ଆକର୍ଷୀ କାଶ୍ୟପ୍ ପ୍ରଥମ ରାଉଣ୍ଡରେ ଥାଇଲାଣ୍ଡର ବୁସାନନ ଅଙ୍ଗବାମ୍ରୁଙ୍ଗଫାନ୍‌ଙ୍କୁ ଭେଟି ଅଭିଯାନ ଆରମ୍ଭ କରିବେ। ଅପରପକ୍ଷରେ ପୁରୁଷ ଏକକରେ ଯୁବ ଭାରତୀୟ ଖେଳାଳି ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡର ଶ୍ରେଷ୍ଠ ସିଡ୍ ଚୀନ୍‌ର ଶି ୟୁକିଙ୍କୁ ଭେଟିବେ। ତେଣୁ ସେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ସେ ଗତ ଫ୍ରେଞ୍ଚ୍ ଓପନ୍ ଓ ଅଲ୍ ଇଂଲଣ୍ଡ ଚାମ୍ପିଅନସିପ୍ ସେମିରେ ପ୍ରବେଶ କରି ଜବରଦସ୍ତ ଫର୍ମରେ ରହିଛନ୍ତି। ସେହିପରି ୭ମ ସିଡ୍ ଖେଳାଳି ଏଚ୍‌ଏସ୍ ପ୍ରଣୟ ପ୍ରଥମ ରାଉଣ୍ଡରେ ଚୀନର ଲୁ ଗୁଆଙ୍ଗଜୁଙ୍କୁ ଭେଟିବେ। ଅନ୍ୟପଟେ ଅଭିଜ୍ଞ କିଦାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ଇଣ୍ଡୋନେସିଆର ଆନ୍ଥୋନୀ ଜିନଟିଙ୍ଗଙ୍କୁ ଭେଟିବେ। ସେହିପରି ପ୍ରିୟାଂଶୁ ରାଜାୱତ୍ ଲି ଜି ଜିଆଙ୍କ ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବେ। ମହିଳା ଯୁଗଳ ପ୍ରତିଯୋଗିତାରେ ଭାରତ ତନୀଷା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ଇଣ୍ଡୋନେସିଆର ଏଫ୍‌ଡି କୁସୁମା ଓ ଏସି ପ୍ରତିୱିଙ୍କ ବିପକ୍ଷରୁ ଅଭିଯାନ ଆରମ୍ଭ କରିବେ। ସେହିପରି ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଚୀନର ଲିୟୁ ଶେଙ୍ଗସୁ ଓ ତାନ ନିଙ୍ଗଙ୍କ ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବେ।

**ଇଣ୍ଡିଆନ ସୁପର ଲିଗ୍**

## ମୁମ୍ବାଇଠାରୁ ହାରିଲା ଓଡ଼ିଶା ଏଫ୍‌ସି

ମୁମ୍ବଇ,୮ ।୪(ଏଜେନ୍ସି)



ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ୧୦ମ ସଂସ୍କରଣରେ ସୋମବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଓଡ଼ିଶା ଏଫ୍‌ସି ଟେବଲ ଟପ୍ପର ମୁମ୍ବାଇ ସିଟି ଏଫ୍‌ସିଠାରୁ ୧-୨ ଗୋଲରେ ପରାସ୍ତ ହୋଇଛି। ଫଳରେ ଓଡ଼ିଶାର ଲିଗ୍ ଶିଲ୍ଡ ହାସଲ ଲକ୍ଷ୍ୟକୁ ଝଟ୍‌କା ଲାଗିଛି। ସ୍ଥାନୀୟ ମୁମ୍ବାଇ ଫୁଟବଲ ଏରିନାରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୨୨ତମ ମିନିଟ୍‌ରେ ଜର୍ଜ ପେରେୟରା ଡିଆଜ୍ ଏକ ଫିଲ୍ଡ ଗୋଲ ଦେଇ ମୁମ୍ବାଇକୁ ଅଗ୍ରଣୀ କରାଇଥିଲେ। ଏହାର ୩ ମିନିଟ ପରେ ଅର୍ଥାତ ୨୫ତମ ମିନିଟ୍‌ରେ ଓଡ଼ିଶା ଷ୍ଟ୍ରାଇକର ତଥା ବ୍ରାଜିଲର ୩୨ ବର୍ଷୀୟ ଫୁଟବଲର ଡିଏଗୋ ମୌରିସିଓ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ ୬୧ତମ ମିନିଟ୍‌ରେ ଲାଲିଆନଜୁଆଲା ଚାଙ୍ଗଟେ ଏକ ଫିଲ୍ଡ ଗୋଲ ଦେଇ ମୁମ୍ବାଇକୁ ଅଗ୍ରଣୀ କରାଇଥିଲେ। ଏହାପରେ ମ୍ୟାଚ୍ ବଞ୍ଚାଇବାକୁ ଓଡ଼ିଶା ଆକ୍ରମଣ କରିଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ନଥିଲା। ଏହି ବିଜୟ ସହ ମୁମ୍ବାଇ ଲିଗ ଶିଲ୍ଡ ହାସଲ କରିବାର ନିକଟତର ହୋଇଛି। ଏହି ପରାଜୟରେ ଓଡ଼ିଶା ମୁଖ୍ୟ ପ୍ରଶିକ୍ଷକ ସର୍ଜିଓ ଲୋବେରା ନୈରାଶ୍ୟ ଜାହିର କରିଛନ୍ତି।

ଏହି ବିଜୟ ସହ ମୁମ୍ବାଇ ୨୧ଟି ମ୍ୟାଚ୍ ଖେଳି ୧୪ ବିଜୟ, ୫ ଡ୍ର ଓ ୨ ପରାଜୟ ସହ ୪୭ ଅଙ୍କ ହାସଲ କରି ସାରଣୀରେ ତା’ର ଶୀର୍ଷସ୍ଥାନକୁ ଆହୁରି ଦୃଢ଼ କରିଛି। ଅନ୍ୟପଟେ ଓଡ଼ିଶା ୨୦ ମ୍ୟାଚ୍ ଖେଳି ସାମନ ସଂଖ୍ୟକ ମ୍ୟାଚ୍ ଖେଳି ୧୧ ବିଜୟ, ୬ ଡ୍ର ଓ ୪ ପରାଜୟ ସହ ୩୯ ଅଙ୍କ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ମୁମ୍ବାଇ ଅପେକ୍ଷାକୃତ ଉନ୍ନତ ଖେଳ ପ୍ରଦର୍ଶନ କରିଥିଲା। ମୁମ୍ବାଇ ଖେଳାଳି ଅଧିକ ସମୟ ବଲକୁ ନିଜ ଅକ୍ତିଆରରେ ରଖିଥିଲେ। ପାସ୍ ଓ ପାସ୍ ଆକ୍ୟୁରେସିରେ ଓଡ଼ିଶା ସାମାନ୍ୟ ପଛରେ ରହିଥିଲା। ସେହିପରି ସଟ୍ ଓ ଗୋଲ ପୋଷ୍ଟକୁ ସଟ୍ ମାରିବାରେ ମଧ୍ୟ ମୁମ୍ବାଇ ଆଗରେ ରହିଥିଲା।

### ଲିଗ୍ ଶିଲ୍ଡର ନିକଟତର ମୁମ୍ବାଇ

ଅତିରିକ୍ତ ସମୟ ବାବଦରେ ଅଧିକ ୧୩ ମିନିଟ୍ ଖେଳ ହୋଇଥିଲେ ମଧ୍ୟ ଓଡ଼ିଶା ଗୋଲ ପରିଶୋଧ କରିପାରି ନଥିଲା। ଓଡ଼ିଶା ଏଫ୍‌ସି ଏବେ ତା’ର ଅନ୍ତିମ ଲିଗ୍ ମୁକାବିଲାରେ ୧୩ ତାରିଖ ଶନିବାର ଦିନ ଗୌହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ ଷ୍ଟାଡିୟମରେ ନର୍ଥଇଷ୍ଟ ୟୁନାଇଟେଡକୁ ଭେଟିବ। ଅନ୍ୟପଟେ ମୁମ୍ବାଇ ତା’ର ପରବର୍ତ୍ତୀ ମ୍ୟାଚ୍‌ରେ ୧୫ ତାରିଖ ସୋମବାର ଦିନ ମୋହନବାଗାନକୁ ଭେଟିବ। ଆଇଏସ୍‌ଏଲ୍‌ରେ ମଙ୍ଗଳବାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଜାମସେଦ୍‌ପୁର ଏଫସି ଓ ଏଫ୍‌ସି ଗୋଆ ଜେଆରଡି ଟାଟା ସ୍ପୋର୍ଟ୍ସ କମ୍ପଲେକ୍ସରେ ପରସ୍ପରକୁ ଭେଟିବେ। ସେହିପରି ଚେନ୍ନାଇର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚେନ୍ନାଇ ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ ମୁହାଁମୁହିଁ ହେବେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT
IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA